# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ବୁଧବାର, ମେ ୨୮/୨୦୨୫ (୧୪ ପୃଷ୍ଠା) | Bhubaneswar, Wednesday, May 28/2025 | Page 14 | ₹ 7.00 | BALASORE

୫୧ଶ ଭାଗ ୧୮୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 182 | ମୂଲ୍ୟ ₹୭/-




## ଗୁଲ୍‌ବୀରଙ୍କୁ ସ୍ୱର୍ଣ୍ଣ


ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ୧୦,୦୦୦ ମିଟର ରେସ୍‌ରେ ସ୍ୱର୍ଣ୍ଣ ଜିତିଛନ୍ତି ଭାରତର ଗୁଲ୍‌ବୀର ସିଂ।

୧୪

୦୨

## ଜୁନ୍ ୬ରେ 'ହାଉସ୍‌ଫୁଲ ୫'

ଅଭିନେତା ଅକ୍ଷୟ କୁମାରଙ୍କ କମେଡି ଥ୍ରିଲର ଫିଲ୍ମ 'ହାଉସ୍‌ଫୁଲ ୫'ର ଟ୍ରେଲରକୁ ମଙ୍ଗଳବାର ଜାରି କରାଯାଇଛି।





ସମୁଦ୍ରର ଉଚ୍ଚ ଜୁଆର ପ୍ରଭାବରେ ମୁମ୍ବାଇ ବାନ୍ଦ୍ରା ଅଞ୍ଚଳର ଏକ ବସ୍ତିକୁ ମଙ୍ଗଳବାର ପାଣି ମାଡ଼ିଆସିଛି।

# ଭୁବନେଶ୍ୱରରେ ୧୦ଲକ୍ଷରେ ମିଳିବ ଘର

ଭୁବନେଶ୍ୱର, ୨୭।୫
(ରବିନାରାୟଣ ଜେନା)

ରାଜଧାନୀ ଭୁବନେଶ୍ୱରରେ ଏବେ ଜମି ଅମୂଲ ମୂଲ। ଏଠାରେ ଜମି କିଣି ଘର ତିଆରି କରିବା ପାଇଁ ବିପୁଳ ଅର୍ଥ ଆବଶ୍ୟକ, ଯାହା ମଧ୍ୟବିତ୍ତ, ନିମ୍ନ ମଧ୍ୟବିତ୍ତ ଏବଂ ଗରିବଙ୍କ ପାଇଁ ସ୍ୱପ୍ନ ହୋଇଯାଇଛି। ସେହିପରି ଆପାର୍ଟମେଣ୍ଟର ଗୋଟିଏ ଫ୍ଲାଟ୍ ମୂଲ୍ୟ କୋଟିଏ ଛୁଇଁଲାଣି। ଏହାକୁ ଦୃଷ୍ଟିରେ ରଖି ଭୁବନେଶ୍ୱରରେ ଲୋକଙ୍କୁ କମ୍ ମୂଲ୍ୟରେ ଘର ଯୋଗାଇବା ପାଇଁ ନଗର ଉନ୍ନୟନ ବିଭାଗ ଗୁରୁତ୍ୱ ଦେଉଛି। ତଦନୁଯାୟୀ ସର୍ବନିମ୍ନ ୧୦ ଲକ୍ଷ ଟଙ୍କାରେ ଲୋକଙ୍କୁ ଘର ଖଣ୍ଡିଏ ଯୋଗାଇଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ୧ କୋଟି ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ବର୍ଗର ଘର ଉପଲବ୍ଧ ରହିବ, ଯାହାକୁ ଲୋକେ ସାମର୍ଥ୍ୟ ଅନୁଯାୟୀ କିଣିପାରିବେ। ଏନେଇ ନିକଟରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ପ୍ରାଥମିକ ପର୍ଯ୍ୟାୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୈଠକର ସୂଚନା ଅନୁଯାୟୀ, ରାଜ୍ୟର ବହୁ ଲୋକଙ୍କ ଇଚ୍ଛା ରାଜଧାନୀରେ ଘର ଖଣ୍ଡିଏ ପାଇବା। କମ୍ ମୂଲ୍ୟରେ କିଭଳି ଘର ପାଇବେ ସେଥିପାଇଁ ସରକାରଙ୍କ ପକ୍ଷରୁ



ଉତ୍କଳ ହସ୍ପିଟାଲ ନିକଟସ୍ଥ ଅଞ୍ଚଳରେ ନିଜସ୍ୱ ପ୍ରକଳ୍ପ କରାଯିବ। ଏହାସହିତ କେତେକ ଆବାସ ନିର୍ମାଣକାରୀ ସଂସ୍ଥା ସହିତ ମିଶି ସରକାରଙ୍କ ପକ୍ଷରୁ ପ୍ରକଳ୍ପ ନିର୍ମାଣ କରାଯିବାକୁ ଯୋଜନା ରହିଛି, ଯେଉଁଥିରେ ସରକାର ଘରୋଇ ସହଭାଗିତା (ପିପିପି) ମୋଡ୍‌ରେ ୬୦:୪୦ ପ୍ରତିଶତରେ ପ୍ରକଳ୍ପ ନିର୍ମାଣ କରାଯିବ। ଏହାଦ୍ୱାରା ପର୍ଯ୍ୟାୟକ୍ରମେ ରାଜଧାନୀରେ ରହିବାକୁ ଚାହୁଁଥିବା ନିମ୍ନ ଆୟକାରୀ ଲୋକଙ୍କ ଆଶା ପୂରଣ ହୋଇପାରିବ। ଏହି ପରିପ୍ରେକ୍ଷୀରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଭାଗୀୟ ଅତିରିକ୍ତ ସଚିବ ଦେବାଶିଷ ସିଂହ ଏବଂ ଅର୍ଥପରାମର୍ଶଦାତା ଶିଖା ବିଶାଳ ଫିଲିପାଇନ୍ସର ମାନିଲା ଗସ୍ତ କରିଛନ୍ତି। ସେଠାରେ 'ଆଫୋର୍ଡେବୁଲ ହାଉସ' ପ୍ରକଳ୍ପ ଉପରେ ବିସ୍ତୃତ ଆଲୋଚନା କରାଯିବାକୁ ରହିଛି। ମାନିଲାରେ ମେ ୨୭ରୁ ୩୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ସେମିନାରରେ କିଭଳି ସହରାଞ୍ଚଳବାସୀଙ୍କୁ 'ଆଫୋର୍ଡେବୁଲ ହାଉସ' ଯୋଗାଇବାରେ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି ତା' ଉପରେ ତଥ୍ୟ ଉପସ୍ଥାପନ କରାଯିବ। ଏହାସହିତ ସେଠାରେ ଯଦି କୌଣସି ଭଲ ପ୍ରକଳ୍ପ ଉପରେ ଆଲୋଚନା ହେବ ତା' ଉପରେ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟ ସରକାର ଗୁରୁତ୍ୱ ଦେବେ ବୋଲି ଦେବାଶିଷ ସିଂହ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ନଗର ଉନ୍ନୟନ ବିଭାଗ ସ୍ୱତନ୍ତ୍ର ସଚିବ ଗଙ୍ଗାଧର ନାୟକ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ପକ୍ଷରୁ ରାଜଧାନୀ ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳରେ ବିଭିନ୍ନ ସ୍ଥାନରେ କମ୍ ମୂଲ୍ୟର ଆବାସ ପ୍ରକଳ୍ପ କରିବା ପାଇଁ ଯୋଜନା ରହିଛି। ପ୍ରାଥମିକ ପର୍ଯ୍ୟାୟରେ ଉତ୍କଳ ହସ୍ପିଟାଲ ପାଖରେ ସରକାରଙ୍କ ପକ୍ଷରୁ ଏବଂ ଉତ୍କଳ ହାଇଟ୍ସ ନିକଟରେ ଏକ ଘରୋଇ ପ୍ରକଳ୍ପ ସହାୟତାରେ ୧୦ଲକ୍ଷରୁ ୧୧ଲକ୍ଷ ଟଙ୍କା ମଧ୍ୟରେ ଗରିବ ଶ୍ରେଣୀର ଲୋକଙ୍କୁ ଘର ଯୋଗାଇବାକୁ ଯୋଜନା ରହିଛି। ଏହାପରେ ଆଉ ୨ଟି ଆବାସ ପ୍ରକଳ୍ପ ନିର୍ମାଣ କରାଯିବ। ମାତ୍ର ଏହା ଉପରେ ବିଶେଷ ତଥ୍ୟ ଦେଲେ ସ୍ଥାନୀୟ ଅଞ୍ଚଳରେ ଜମିର ଦର ବୃଦ୍ଧିହେବା ସମ୍ଭାବନା ଥିବାରୁ ଏହାର ତଥ୍ୟ ସରକାରଙ୍କ ପକ୍ଷରୁ ପରେ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

**ଆଜିର ସମ୍ପାଦକୀୟ**

**ଋଣ ମୃତ୍ୟୁ**






# ବିଦେଶୀ ପାଣ୍ଠି: ଏନ୍‌ଜିଓଙ୍କୁ ଖବର ପ୍ରକାଶନ ମନା

**କେନ୍ଦ୍ର ସରକାର ଫରେନ୍ କଣ୍ଟ୍ରିବ୍ୟୁଶନ୍ ରେଗୁଲେଶନ୍ ଆକ୍ଟ (ଏଫ୍‌ସିଆର୍‌ଏ)କୁ କଡ଼ାକଡ଼ି କରିବାକୁ ଯାଇ ବେସରକାରୀ ସଙ୍ଗଠନ (ଏନ୍‌ଜିଓ)ଗୁଡ଼ିକ ଉପରେ ଲଗାମ କଷିଛନ୍ତି। ତଦନୁସାରେ ଭାରତରେ ବିଦେଶୀ ଅନୁଦାନ ଗ୍ରହଣ କରୁଥିବା ଏନ୍‌ଜିଓ କୌଣସି ପ୍ରକାର ଖବର କିମ୍ବା ନ୍ୟୁଜ୍‌ଲେଟର ପ୍ରକାଶ କରିପାରିବେ ନାହିଁ। ଏଭଳି ଏନ୍‌ଜିଓଗୁଡ଼ିକ ବିଦେଶୀ ପାଣ୍ଠି ପାଇବାକୁ ହେଲେ ନନ୍-ନ୍ୟୁଜ୍ ପବ୍ଲିକେଶନ୍ ଷ୍ଟାଟସ୍ ନେଇ (ଖବର ପ୍ରକାଶ କରୁନାହୁଁ ବୋଲି) ଲିଖିତ ଭାବେ ରେଜିଷ୍ଟ୍ରାର ଅଫ୍ ନ୍ୟୁଜ୍‌ପେପର୍ସ ଫର୍ ଇଣ୍ଡିଆ (ଆର୍‌ଏନ୍‌ଆଇ)ଙ୍କୁ ଜଣାଇବା ସହ ଏସମ୍ପର୍କିତ ପ୍ରମାଣପତ୍ର ହାସଲ କରିବା ବାଧ୍ୟତାମୂଳକ କରାଯାଇଛି। ଏଥିସହ ଫାଇନାନ୍ସିଆଲ ଆକ୍ସନ ଟାସ୍କଫୋର୍ସ (ଏଫ୍‌ଏଟିଏଫ୍) ଗାଇଡ୍‌ଲାଇନ୍ ଅନୁପାଳନ ଏବଂ ନିଜ ଆର୍ଥିକ କାରବାରର ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିବେ। ଏନ୍‌ଜିଓଗୁଡ଼ିକ ପାଇଁ ପାଣ୍ଠି ଯୋଗାଣକାରୀଙ୍କ ଅନୁଦାନପତ୍ର ଦାଖଲକୁ ମଧ୍ୟ ବାଧ୍ୟତାମୂଳକ କରାଯାଇଛି। କେବଳ ଏକ ସ୍ପଷ୍ଟ ସାଂସ୍କୃତିକ, ଶୈକ୍ଷିକ କିମ୍ବା ସାମାଜିକ ମିଶନ ହିଁ ପାଣ୍ଠି ଗ୍ରହଣ କରିପାରିବ ବୋଲି ସରକାରଙ୍କ ନୂଆ ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ କରାଯାଇଛି।**

## ଏଫ୍‌ସିଆର୍‌ଏକୁ କଡ଼ାକଡ଼ି କଲା କେନ୍ଦ୍ର

ନୂଆଦିଲ୍ଲୀ,୨୭।୫(ପି.ଟି.)

ଦେଶର ଏନ୍‌ଜିଓଗୁଡ଼ିକ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏକ ନୂଆ ବିଜ୍ଞପ୍ତି ଜାରି କରାଯାଇଛି। ତଦନୁସାରେ ଏଫ୍‌ସିଆର୍‌ଏ ଅଧୀନରେ ପଞ୍ଜୀକରଣ ଆବେଦନ କରିବାକୁ ଚାହୁଁଥିବା ଏନ୍‌ଜିଓଗୁଡ଼ିକୁ ନୂଆ ନିୟମାବଳୀ ମାନି ଚଳିବାକୁ ପଡ଼ିବ। ଉକ୍ତ ନୋଟିଫିକେଶନ୍‌ରେ ଉଲ୍ଲେଖ କରାଯାଇଛି ଯେ ଏଫ୍‌ସିଆର୍‌ଏ ନିୟମରେ ଅଣାଯାଇଥିବା ସଂଶୋଧନ ଅନୁଯାୟୀ ବିଦେଶୀ ପାଣ୍ଠି ହାସଲ ଲାଗି ଅନୁମତି ଚାହୁଁଥିବା ଏନ୍‌ଜିଓଗୁଡ଼ିକୁ ଟେରର ଫଣ୍ଡିଂ ଏବଂ ମନିଲଣ୍ଡରିଂ ସମ୍ପର୍କିତ ଜଗୁଆଲି ସଂସ୍ଥା ଏଫ୍‌ଏଟିଏଫ୍‌ର ଗୁଡ୍ ପ୍ରାକ୍ଟିସ୍ ଗାଇଡ୍‌ଲାଇନ୍ସ ମାନି ଚଳିବା ନେଇ ଲିଖିତ ଭାବେ ଏକ ଅଙ୍ଗୀକାରପତ୍ର ଦାଖଲ କରିବାକୁ ପଡ଼ିବ। ଯେଉଁ ସଂସ୍ଥା ବା ଏନ୍‌ଜିଓ ପଞ୍ଜୀକରଣ ପାଇଁ ଆବେଦନ କରିବେ, ସେଗୁଡ଼ିକ ନିଜ ଆବେଦନପତ୍ରରେ ଅନ୍ୟୂନ ୩ ବର୍ଷର ଫାଇନାନ୍ସିଆଲ ଷ୍ଟେଟ୍‌ମେଣ୍ଟ ଓ ଅଡିଟ୍ ରିପୋର୍ଟ ଦାଖଲ କରିବେ। ସେଥିରେ ସମ୍ପୃକ୍ତ ଏନ୍‌ଜିଓର ସମ୍ପତ୍ତି, ଋଣ, ଗ୍ରହଣ କରିଥିବା ପାଣ୍ଠିର ରସିଦ, ଦେୟ ବିବରଣୀ ଏବଂ ଆୟବ୍ୟୟ ଆକାଉଣ୍ଟ ତଥ୍ୟ ମଧ୍ୟ ରହିବ। ଅଡିଟ୍ ରିପୋର୍ଟ ଓ ଫାଇନାନ୍ସିଆଲ ଷ୍ଟେଟ୍‌ମେଣ୍ଟରେ କାର୍ଯ୍ୟକଳାପ ଅନୁସାରେ ଗତ ୩ ବର୍ଷର ଏକ୍ସପେଣ୍ଡିଚର ରହି ନ ଥିଲେ ଜଣେ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କଠାରୁ ପ୍ରମାଣପତ୍ର ଆଣିବାକୁ ପଡ଼ିବ। ସମ୍ପୃକ୍ତ ସଂସ୍ଥା ଦ୍ୱାରା ଖର୍ଚ୍ଚ କରାଯାଇଥିବା ଅର୍ଥ ଏହାର ଆୟବ୍ୟୟ ଅନୁରୂପ ବୋଲି ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ସେଥିରେ ଉଲ୍ଲେଖ କରିବେ।

କୌଣସି ସଂଘ କିମ୍ବା ଏନ୍‌ଜିଓ ପ୍ରକାଶନ ସମ୍ପର୍କିତ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିଲେ ଅଥବା ଏହାର ମେମୋରାଣ୍ଡମ୍ ଅଫ୍ ଆସୋସିଏଶନ୍/ଟ୍ରଷ୍ଟ ଡିଡ୍‌ରେ ଖବର ପ୍ରକାଶ କରିବା ନେଇ ଉଦ୍ଦେଶ୍ୟ ସମ୍ପର୍କରେ ଉଲ୍ଲେଖ କରାଯାଇଥିଲେ ସମ୍ପୃକ୍ତ ସଂସ୍ଥାର ମୁଖ୍ୟଙ୍କୁ ଏଫ୍‌ସିଆର୍‌ଏ-୨୦୧୦ର ଅନୁପାଳନ କରାଯିବା ନେଇ ଅଣ୍ଡରଟେକିଂ ଦେବାକୁ ପଡ଼ିବ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଆହୁରି କହିଛି ଯେ, ଯଦି ସମ୍ପୃକ୍ତ ସଂସ୍ଥା ଆର୍‌ଏନ୍‌ଆଇରେ ପଞ୍ଜୀକୃତ ହୋଇଛି ତେବେ ତାକୁ ଆର୍‌ଏନ୍‌ଆଇଠାରୁ 'ନଟ୍ ଏ ନ୍ୟୁଜ୍‌ପେପର' ସାର୍ଟିଫିକେଟ୍ ଆଣି ଦାଖଲ କରିବାକୁ ପଡ଼ିବ। ଯଦି ଏନ୍‌ଜିଓ ପୂର୍ବରୁ ଏଫ୍‌ସିଆର୍‌ଏ ଅଧୀନରେ ପଞ୍ଜୀକୃତ ହୋଇଥିଲା, ତେବେ ଏହାକୁ ରେଜିଷ୍ଟ୍ରେଶନ୍ ସାର୍ଟିଫିକେଟ୍ ଅବଧି ଶେଷ କିମ୍ବା ରଦ୍ଦ ହେବା ପରେ ମିଳିଥିବା ଓ ବିନିଯୋଗ କରାଯାଇଥିବା ବିଦେଶୀ ପାଣ୍ଠି ସମ୍ପର୍କିତ ବିବରଣୀ ନେଇ ଏକ ସତ୍ୟପାଠ ଦାଖଲ କରିବାକୁ ପଡ଼ିବ। ଯଦି ଏନ୍‌ଜିଓର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସ୍ତମ୍ଭରେ ଗତ ୩ ବର୍ଷର ବ୍ୟୟ ୧୫ ଲକ୍ଷ ଟଙ୍କାରୁ କମ୍ ରହିଥିବ, ତେବେ ପୁଞ୍ଜି ଅନ୍ତର୍ଭୁକ୍ତୀକରଣ ଉପରେ ସତ୍ୟପାଠ ଦେବାକୁ ପଡ଼ିବ ବୋଲି ଉକ୍ତ ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ କରାଯାଇଛି। ସେହିପରି ଏନ୍‌ଜିଓର ପ୍ରଶାସନିକ ଖର୍ଚ୍ଚକୁ ମଧ୍ୟ ବିଦେଶୀ ପାଣ୍ଠିର ୨୦% ଭିତରେ ସୀମିତ ରଖିବାକୁ ପଡ଼ିବ। ବିଦେଶୀ ସଂସ୍ଥା ଓ ସରକାରଠାରୁ ଅନୁଦାନ ଲାଭ କରି ଭାରତରେ ଦେଶବିରୋଧୀ କାର୍ଯ୍ୟରେ ନିୟୋଜିତ ଏନ୍‌ଜିଓଗୁଡ଼ିକ ଉପରେ ଅଙ୍କୁଶ ଲଗାଇବା ପାଇଁ ଏଫ୍‌ସିଆର୍‌ଏ ନିୟମରେ ଏପରି ସଂଶୋଧନ ଅଣାଯାଇଥିବା କୁହାଯାଉଛି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି।

# ୨୦ କୋଟିର ଋଣବୋଝ: ୭ ଜଣଙ୍କ ଆତ୍ମହତ୍ୟା

ଚଣ୍ଡିଗଡ଼,୨୭।୫

ହରିୟାଣାର ପଞ୍ଚକୁଲାରେ ରହୁଥିବା ଗୋଟିଏ ପରିବାରର ୭ ସଦସ୍ୟ ଆର୍ଥିକ ବୋଝ ସହି ନ ପାରି ଏକ କାର୍ ଭିତରେ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ୩ ପିଲାଙ୍କ ସମେତ ୬ ଜଣଙ୍କ ମୃତଦେହ କାର ଭିତରୁ ଜବତ କରାଯାଇଥିବାବେଳେ ଅନ୍ୟ ଜଣଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲକୁ ନିଆଯାଉଥିବାବେଳେ ସେ ଆଖି ବୁଜି ଦେଇଥିଲେ। ପୋଲିସ ଏହାକୁ ଏକ ଆତ୍ମହତ୍ୟା ମାମଲା ବୋଲି ସନ୍ଦେହ କରୁଥିବାବେଳେ ବିଭିନ୍ନ ଦିଗକୁ ନେଇ ତଦନ୍ତ ଚଳାଇଛି।

ପଞ୍ଚକୁଲାର ସେକ୍ଟର ୨୭ସ୍ଥିତ ଆବାସିକ ଅଞ୍ଚଳରେ ସୋମବାର ରାତିରେ ରାସ୍ତାକଡ଼ରେ ଲୋକେ ଡେରାଡୁନ୍ ନମ୍ବର ପ୍ଲେଟ୍ ଥିବା ଏକ କାର୍‌କୁ ଦେଖିଥିଲେ। ଏପରି କି ସେମାନେ ଶେଷରେ ଜୀବନ ଯାଇଥିବା ପରିବାର ସଦସ୍ୟମାନଙ୍କ ସହ ମଧ୍ୟ କଥା ହୋଇଥିଲେ।

### ଏକ କାର୍, ଏକ ପରିବାର



ପୋଲିସ ପ୍ରବୀଣ ମିତ୍ତଲ(୪୧), ତାଙ୍କ ସ୍ତ୍ରୀ, ସେମାନଙ୍କ ୩ ନାବାଳିକ ପିଲା ଓ ମା'ବାପାଙ୍କୁ ଚିହ୍ନଟ କରିଛି। ୩ ପିଲାଙ୍କ ମଧ୍ୟରେ ୨ ଜଣ ଯାଆଁଳା ଝିଅ ରହିଛନ୍ତି। ତଦନ୍ତରୁ ଜଣାପଡ଼ିଛି ଯେ, ପ୍ରବୀଣଙ୍କ ଉପରେ ପ୍ରାୟ ୨୦ କୋଟି ଟଙ୍କାର ଋଣ ଥିଲା। ପ୍ରବୀଣ ଏନେଇ ନିଜ ସମ୍ପର୍କୀୟମାନଙ୍କୁ ଜଣାଇଥିଲେ। ତେବେ ଋଣ ବୋଝ ସହି ନ ପାରି ସେମାନେ ସାମୂହିକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। କାରରୁ ଏକ ସୁଇସାଇଡ୍ ନୋଟ୍ ଜବତ ହୋଇଛି। ପ୍ରବୀଣଙ୍କ ସହ ୫ ଦିନ ତଳେ କଥା ହୋଇଥିବା ତାଙ୍କ ସମ୍ପର୍କୀୟ ଭାଇ ସନ୍ଦୀପ ଅଗରୱାଲ ସେମାନଙ୍କ ଶେଷକୃତ୍ୟ ସମ୍ପନ୍ନ କରିବେ ବୋଲି ସେଥିରେ ଉଲ୍ଲେଖ କରାଯାଇଛି।

ପ୍ରବୀଣ କିଛି ବର୍ଷ ପୂର୍ବେ ହିମାଚଳ ପ୍ରଦେଶର ବଦ୍ଦିରେ ଏକ ସ୍କ୍ରାପ୍ ଫ୍ୟାକ୍ଟ୍ରି ଖୋଲିଥିଲେ। ☞ ପୃଷ୍ଠା-୪

# ଚଳିତ ବର୍ଷ ସ୍ୱାଭାବିକଠାରୁ ଅଧିକ ବର୍ଷା: ଆଇଏମ୍‌ଡି

ନୂଆଦିଲ୍ଲୀ,୨୭।୫(ପି.ଟି.)

ଭାରତରେ ଜୁନ୍ ମାସରେ ସ୍ୱାଭାବିକଠାରୁ ଅଧିକ ବର୍ଷା ହେବା ସମ୍ଭାବନା ରହିଛି। ଏହି ଅବଧିରେ ଦୀର୍ଘକାଳୀନ ହାରାହାରି ବର୍ଷା ତୁଳନାରେ ୮% ଅଧିକ ବର୍ଷା ରେକର୍ଡ ହୋଇପାରେ ବୋଲି ଆଇଏମ୍‌ଡି କହିଛି। ସେହିପରି ଚଳିତ ବର୍ଷର ସମ୍ପୂର୍ଣ୍ଣ ମୌସୁମୀ ଋତୁରେ ସ୍ୱାଭାବିକଠାରୁ ୬% ଅଧିକ ବର୍ଷା ଅର୍ଥାତ୍ ୧୦୬% ବର୍ଷା ରେକର୍ଡ ହୋଇପାରେ ବୋଲି ଆଇଏମ୍‌ଡି ଆକଳନ କରିଛି। ମଙ୍ଗଳବାର ଆଇଏମ୍‌ଡି ପକ୍ଷରୁ ହୋଇଥିବା ଏକ ଖବରଦାତା ସମ୍ମିଳନୀରେ ଭୂ-ବିଜ୍ଞାନ ମନ୍ତ୍ରଣାଳୟର ସଚିବ ଏମ୍. ରବିଚନ୍ଦ୍ରନ କହିଛନ୍ତି, ଚଳିତ ବର୍ଷର ମୌସୁମୀ ଋତୁ ସମୟରେ ଦେଶର ମୌସୁମୀ କୋର୍ ଜୋନ୍‌ରେ ସ୍ୱାଭାବିକଠାରୁ ୬% ଅଧିକ ବର୍ଷା ହେବା ଆକଳନ କରାଯାଇଛି। ମୌସୁମୀ କୋର୍ ☞ ପୃଷ୍ଠା-୪


KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
(Established U/S 3 of UGC Act 1956), Bhubaneswar, Odisha, India

15th nirf
Among Indian Universities Ranked by NIRF, Govt. of India

A++ Grade
Accredited by NAAC

Tier 1 NBA
Re-accredited by NBA All Engineering Programs for 6 Years

KIITEE 2025 PHASE - 2
APPLY ONLINE
through KIIT Websites
www.kiitee.ac.in / www.kiit.ac.in
Last Date to Apply 4th June 2025 | No Examination Fee (Computer-Based Test)
KIITEE 2025 Online Test (Phase -2) starts from
8th June to 12th June 2025

Special Consultative Status by the UN-ECOSOC
ABET (US) Accreditation
THE 601-800 University Ranking 2024 World University Rankings
IET ACCREDITED PROGRAMME The Institute of Engineering and Technology

ACADEMIC PROGRAMMES AVAILABLE

UG (3 years/4 years)/Integrated (5 years) Programmes [All 4 years Programmes are with Honors/Research]

B.Tech Programmes
- Civil
- Construction Technology
- Electrical
- Electrical & Computer Science
- Mechanical
- Mechanical (Automobile)
- Aerospace
- Mechatronics
- Electronics & Telecommunication
- Electronics & Computer Science
- Electronics & Electrical
- Electronics (VLSI Design & Technology)
- Chemical
- Computer Science & Engineering (CSE)
- CSE (Artificial Intelligence & Machine Learning)
- CSE (Artificial Intelligence)
- CSE (Cyber Security)
- CSE (Data Science)
- CSE (Internet of Things & Cyber Security including Block Chain Technology)
- CSE (Internet of Things)
- Information Technology
- Computer Science & System
- Computer Science & Communication

UG Programmes in other Disciplines
- B.Design (Automobile/ Graphic/Product)
- B.Design (Fashion / Textile)
- B.Tech & M.Tech Biotechnology (5yrs)
- B.Tech (Lateral Entry)
- B.Arch
- BCA
- BBA
- B.Sc (Hospitality & Tourism)
- Bachelor of Film & Television Production
- Bachelor of Communication & Journalism
- Bachelor of Physical Education & Sports
- BA Economics
- BA Sociology
- BA English
- BA Psychology
- BA French
- BA Spanish
- BA Japanese
- BA German
- B.Com
- B.Sc (Economics & Data Analytics)
- B.Sc Computer Science
- B.Sc Nursing
- B.Pharma
- D.Pharma
- BA LLB/BBA LLB/B.Sc LLB (Hons) 5yrs

PG (1 year/2 years)/Integrated (5 years) Programmes
- M.Tech
- LLM (1yr)
- MCA
- M.Sc Biotechnology
- M.Sc Applied Microbiology
- M.Arch
- MBA
- MBA in Rural Management
- MBA in Agribusiness Management
- MBA-IEV (Innovation, Entrepreneurship and Venture Development)
- Master of Communication & Journalism
- Master in Urban & Regional Planning
- Master in Yoga & Naturopathy
- Master of Hospital Administration
- Master of Public Health
- MA in Fashion Management
- M. Design (Interior)
- M.Sc Computer Science
- MA Economics
- MA Sociology
- MA English
- MA Psychology
- Master in Public Policy
- M.Com
- M.Sc Physics
- M.Sc Chemistry
- M.Sc Mathematics & Data Science
- Master in Library & Information Sciences
- Master in Physical Education & Sports
- M.Sc Nursing
- Integrated M.Tech & Ph.D
- Ph.D

CAMPUS PLACEMENT 2024 HIGHLIGHTS
700+ Companies
5585+ Job Offers
₹53 LPA Highest Salary Offered
₹8.50 LPA Average CTC
1500+ Paid Internships
1000+ Students with multiple job offers

Director, Admissions : Admission Cell, Koel Campus, Po- KIIT, Bhubaneswar-751024, Odisha, India,
Ph: 8080 735 735, Fax : 0674 - 2741465, Email: admission@kiit.ac.in, Website: www.kiitee.ac.in

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.

## ସଂକ୍ଷେପରେ

### ବିସ୍ଫୋରଣରେ ବାବର ଖାଲ୍‌ସା ଆତଙ୍କବାଦୀ ନିହତ

**ଅମୃତସର, ୨୭।୫**

ପଞ୍ଜାବର ଅମୃତସରର ମଜିଠା ରୋଡ୍ ବାଇପାସ୍ ଅଞ୍ଚଳରେ ମଙ୍ଗଳବାର ଏକ ବିସ୍ଫୋରଣ ହୋଇଥିଲା। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଜଣେ ଗୁରୁତର ବ୍ୟକ୍ତି ପଡ଼ି ରହିଥିବାର ଦେଖିବାକୁ ପାଇଥିଲା। ହସ୍ପିଟାଲ ନେବା ବାଟରେ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ସେ ବାବର ଖାଲ୍‌ସା ଆତଙ୍କବାଦୀ ସଙ୍ଗଠନ ସହ ଜଡ଼ିତ ଥିଲେ ବୋଲି ଅମୃତସର ପୋଲିସ ସୂଚନା ଦେଇଛି। ବିସ୍ଫୋରକ ସାମଗ୍ରୀ ବାହାର କରିବାକୁ ଚେଷ୍ଟା କରୁଥିବାବେଳେ ବିସ୍ଫୋରଣ ଘଟିଥିଲା, ଫଳରେ ଉକ୍ତ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ମୃତ୍ୟୁ ହୋଇଯାଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ଏହି ସନ୍ଦିଗ୍ଧ ଆତଙ୍କବାଦୀଙ୍କ ପରିଚୟ ଜଣାପଡ଼ିନାହିଁ। ପାକିସ୍ତାନର ଗୋଇନ୍ଦା ଏଜେନ୍ସି ଆଇଏସ୍‌ଆଇ ଏବଂ ଭାରତରେ ପ୍ରତିବନ୍ଧିତ ସଙ୍ଗଠନ ବାବର ଖଲସା ସହ ମୃତ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ସମ୍ପର୍କକୁ ନେଇ ପୋଲିସର ତଦନ୍ତ ଜାରି ରହିଛି ବୋଲି ଡିଆଇଜି (ବର୍ଡର ରେଞ୍ଜ) ସତିନ୍ଦର ସିଂ କହିଛନ୍ତି।

### ଡିଆର୍‌ଡିଓ ଚେୟାରମ୍ୟାନଙ୍କ କାର୍ଯ୍ୟକାଳ ବର୍ଷେ ବଢ଼ିଲା

**ନୂଆଦିଲ୍ଲୀ, ୨୭।୫**

କେନ୍ଦ୍ର ସରକାର ସୋମବାର ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ)ର ଚେୟାରମ୍ୟାନ ଡ. ସମୀର


ଡ. ସମୀର ଭି. କାମତ

ଭି. କାମତଙ୍କର କାର୍ଯ୍ୟକାଳକୁ ବର୍ଷେ ବଢ଼ାଇଛନ୍ତି। ଆସନ୍ତା ୩୧ରେ ସରୁଥିବା ସମୀରଙ୍କ କାର୍ଯ୍ୟକାଳକୁ ୨୦୨୬ ମେ' ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେ ୨୦୨୨ ଅଗଷ୍ଟରୁ ଡିଆର୍‌ଡିଓ ଅଧ୍ୟକ୍ଷ ଅଛନ୍ତି। ୧୯୮୯ରେ ସେ ଡିଆର୍‌ଡିଓରେ ଯୋଗଦେଇଥିଲେ। ପୂର୍ବରୁ ସେ ନାଭାଲ ସିଷ୍ଟମ୍ସ ଆଣ୍ଡ୍ ମ୍ୟାଟେରିଆଲ୍ସରେ ମଧ୍ୟ ଡାଇରେକ୍ଟର ଜେନେରାଲ ଭାବେ କାର୍ଯ୍ୟ କରିଛନ୍ତି।

**ଆତଙ୍କବାଦ ପାକିସ୍ତାନର ଯୁଦ୍ଧ ରଣନୀତି**

# ଅନୁରୂପ ଜବାବ ଦିଆଯିବ: ମୋଦି


ଗୁଜରାଟର ଗାନ୍ଧୀନଗରରେ ସହରାଞ୍ଚଳ ବିକାଶ ଯୋଜନା ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ଓ ନେତୃବୃନ୍ଦ।


**ଗାନ୍ଧୀନଗର, ୨୭।୫**

ପାକିସ୍ତାନର ସବୁ କାର୍ଯ୍ୟକଳାପ ଛାୟାଯୁଦ୍ଧ ନୁହେଁ, ବରଂ ଯୁଦ୍ଧର ପରିକଳ୍ପିତ ରଣନୀତି। ପାକିସ୍ତାନ ଯଦି ଯୁଦ୍ଧରେ ନିୟୋଜିତ ହୁଏ, ତାକୁ ପ୍ରତିଥର 'ଅପରେଶନ୍ ସିନ୍ଦୂର' ଭାଷାରେ ହିଁ ଜବାବ ଦିଆଯିବ ବୋଲି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି।

ଗୁଜରାଟର ଗାନ୍ଧୀନଗରରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଯେତେବେଳେ ବି ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ଚାଲେ ଭାରତୀୟ ସଶସ୍ତ୍ର ବଳ ପାକିସ୍ତାନୀ ସେନାକୁ ହରାଇଥାନ୍ତି। ପଡ଼ୋଶୀ ଦେଶ ତାକୁ କେବେ ଭୁଲିବା ଅନୁଚିତ। ଭାରତ ସହ ପ୍ରତ୍ୟକ୍ଷ ଯୁଦ୍ଧରେ ପରାଜୟ ଅବଶ୍ୟମ୍ଭାବୀ ବୋଲି ଜାଣିଥିବାରୁ ପାକିସ୍ତାନ ଛାୟାଯୁଦ୍ଧ ଚଳାଇଥାଏ। ଆତଙ୍କବାଦୀଙ୍କୁ ସାମରିକ ତାଲିମ ଓ ସମର୍ଥନ ଦେଇ ଭାରତକୁ ପଠାଇଥାଏ। ପାକିସ୍ତାନ ଭବିଷ୍ୟତରେ ଏଭଳି କାର୍ଯ୍ୟ କଲେ ଏହାକୁ ମୁହଁତୋଡ଼ ଜବାବ ଦିଆଯିବ। ବିଭାଜନ ବେଳେ ଭାରତ ମାତା ଦୁଇଭାଗ ହୋଇଗଲା। ସେହି ରାତିରେ କଶ୍ମୀର ଉପରେ ମୁଜାହିଦ୍ଦିନମାନେ ପ୍ରଥମ ଥର ଆତଙ୍କବାଦୀ ଆକ୍ରମଣ କରିଥିଲେ। ସେହି ସମୟରେ ପାକିସ୍ତାନ ମୁଜାହିଦ୍ଦିନ ନାମରେ ଆତଙ୍କବାଦୀଙ୍କ ସହାୟତାରେ ଭାରତର କିଛି ଅଂଶକୁ ଜବରଦଖଲ କରିଥିଲା। ସେହିଦିନ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ପରାମର୍ଶକୁ ଗ୍ରହଣ କରି ମୁଜାହିଦ୍ଦିନମାନଙ୍କୁ ନିପାତ କରାଯାଇଥିଲେ ଗତ ୭୫ ବର୍ଷରେ ଏତେ ଆତଙ୍କବାଦୀ ଆକ୍ରମଣ ଦେଖିବାକୁ ମିଳି ନ ଥାନ୍ତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

> "କଶ୍ମୀରରେ ଆତଙ୍କବାଦ ପ୍ରତି ଭୟ ବାତାବରଣ କମିଗଲାଣି। ଉପତ୍ୟକାର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ପର୍ଯ୍ୟଟକଙ୍କ ସୁଅ ପୁଣି ଛୁଟିବାରେ ଲାଗିଛି। କେତେକ ଦେଶ ପକ୍ଷରୁ ଜାରି ନକାରାତ୍ମକ ଟ୍ରାଭେଲ ଆଡ୍‌ଭାଇଜରି ହଟାଇବା ପାଇଁ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ପଦକ୍ଷେପ ନେବା ଉଚିତ।
>
> **-ଫାରୁକ୍ ଅବ୍‌ଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଅଧ୍ୟକ୍ଷ**

## ଆତଙ୍କବାଦକୁ ଡରିବୁ ନାହିଁ: ଓମାର


ଓମାର ଅବଦୁଲ୍ଲା

**ପହଲଗାମ୍, ୨୭।୫**

ପର୍ଯ୍ୟଟନ ସଂଘର୍ଷ ନିରପେକ୍ଷ ହେବା ଉଚିତ। ଆତଙ୍କବାଦ ଭଳି ଭୀରୁ କାର୍ଯ୍ୟକୁ ନେଇ ସରକାର ଭୟଭୀତ ହେବେ ନାହିଁ ବୋଲି ମଙ୍ଗଳବାର ଜମ୍ମୁ-କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା କହିଛନ୍ତି। ଏପ୍ରିଲ ୨୨ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ପରେ ପ୍ରଥମ ଥର ପାଇଁ ଏକ ପ୍ରେସ୍ କନ୍‌ଫରେନ୍ସକୁ ସମ୍ବୋଧିତ କରି ଓମାର କହିଛନ୍ତି, ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବା ପାଇଁ ପଦକ୍ଷେପ ନିଆଯାଉଛି। କେନ୍ଦ୍ର ସରକାର ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସପ୍ତାହରେ ଅନୁଷ୍ଠିତ ନୀତି ଆୟୋଗ ବୈଠକରେ ଏନେଇ ସବୁ ପ୍ରକାର ସହାୟତାର ପ୍ରତିଶ୍ରୁତି ଦେଇଥିବା ଓମାର ପ୍ରକାଶ କରିଛନ୍ତି। ଏହି ଅବସରରେ ଓମାର ପହଲଗାମ୍ କ୍ଲବ୍‌ରେ ଆୟୋଜିତ ସମ୍ମିଳନୀର ଫଟୋ ଏକ୍ସ'ରେ ପୋଷ୍ଟ କରିବା ସହ ଆକ୍ରମଣକୁ ନିନ୍ଦା କରିଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## ୫ମ ପିଢ଼ି ଯୁଦ୍ଧ ବିମାନ କାର୍ଯ୍ୟକ୍ରମକୁ ରାଜନାଥଙ୍କ ମଞ୍ଜୁରୀ

**ନୂଆଦିଲ୍ଲୀ, ୨୭।୫**

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଙ୍ଗଳବାର ଆଡ୍‌ଭାନ୍ସଡ ମିଡିୟମ କମ୍ବାଟ ଏୟାରକ୍ରାଫ୍ଟ (ଏଏମ୍‌ସିଏ) କାର୍ଯ୍ୟକ୍ରମ ପାଇଁ ବିଶେଷ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଆତ୍ମନିର୍ଭର ଭାରତ ଅଭିଯାନକୁ ମଜଭୁତ କରିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ। ଏହି ପ୍ରୋଜେକ୍ଟ ଭାରତର ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ବଢ଼ାଇବ। ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ) ଅଧୀନ ଏରୋନଟିକାଲ ଡେଭେଲପମେଣ୍ଟ ଏଜେନ୍ସି (ଏଡିଏ) ଦ୍ୱାରା ଏହି କାର୍ଯ୍ୟକ୍ରମ ପରିଚାଳନା କରାଯିବ। ଏହି ପ୍ରକଳ୍ପରେ ଏଡିଏ ବିଭିନ୍ନ ଘରୋଇ ଏବଂ ସରକାରୀ



କମ୍ପାନୀଗୁଡ଼ିକର ସହଭାଗିତାରେ ଏଏମ୍‌ସିଏକୁ ବିକଶିତ କରିବ। ଏଏମ୍‌ସିଏ ଏକ ପଞ୍ଚମ ପିଢ଼ିର ଷ୍ଟିଲ୍‌ଥ୍ ଫାଇଟର ପ୍ଲେନ୍ ହୋଇଥିବା ବେଳେ ଏହା ଭାରତୀୟ ବାୟୁସେନାକୁ ଆହୁରି ମଜଭୁତ କରିବ। ଏଏମ୍‌ସିଏର ବିକାଶ ପାଇଁ ଏଡିଏ ଖୁବ୍‌ଶୀଘ୍ର ଏକ୍ସପ୍ରେସନ୍ ଅଫ୍ ଇଣ୍ଟ୍ରେଷ୍ଟ (ଇଓଆଇ) ଜାରି କରିବ।

## ମାଓବାଦୀ କମାଣ୍ଡର ମୃତ

**ରାଞ୍ଚି, ୨୭।୫**

ଝାଡ଼ଖଣ୍ଡର ପାଲାମୁ ଜିଲାର ସୀତାଚୁଆଁ ଅଞ୍ଚଳରେ ଥିବା ନୈୟା ଜଙ୍ଗଲରେ ସୁରକ୍ଷା ବଳ ସହ ଗୁଳି ବିନିମୟରେ ମଙ୍ଗଳବାର ଶୀର୍ଷ ମାଓବାଦୀ କମାଣ୍ଡର ତୁଳସୀ ଭୂୟାଁଙ୍କର ମୃତ୍ୟୁ ଘଟିଛି। ସେହିପରି ସୁରକ୍ଷାବଳ ଗୁଳିରେ ଆଉଜଣେ ମାଓବାଦୀ ମଧ୍ୟ ଆହତ ହୋଇଛନ୍ତି। ତୁଳସୀଙ୍କ ଉପରେ ୧୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ)ର ଟପ୍ କମାଣ୍ଡର ଥିଲେ। ତାଙ୍କ ନିକଟରୁ ଗୋଟିଏ ସେଲ୍ଫ ଲୋଡିଂ ରାଇଫଲ ସମେତ ବହୁ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ଜବତ କରାଯାଇଛି।


ୟୁକ୍ରେନୀୟ ସଶସ୍ତ୍ର ବଳର ୬୮ତମ ସେପାରେଟ୍ ଚସେଉର୍ସ ବ୍ରିଗେଡ୍‌ର ଜଣେ ସୈନ୍ୟ ଯୁଦ୍ଧଭୂମିରୁ ଫେରିବା ପରେ ଡୋନେସ୍କ ରିଜିୟନ୍‌ର ପେକ୍ରୋଭ୍‌ସ୍କ ସହରରେ ଫଟୋ ପାଇଁ ପୋଜ୍ ଦେଉଛନ୍ତି।

# ୩୧ ଥର ଏଭରେଷ୍ଟରେ ଚଢ଼ି ରେକର୍ଡ

**କାଠମାଣ୍ଡୁ, ୨୭।୫**

ନେପାଳର ଏଭରେଷ୍ଟ ମ୍ୟାନ୍ ଭାବେ ପରିଚିତ ୫୫ ବର୍ଷୀୟ ପର୍ବତାରୋହୀ କାମି ରିତା ଶେର୍‌ପା ପୁଣିଥରେ ବିଶ୍ୱର ସର୍ବୋଚ୍ଚ ଗିରିଶୃଙ୍ଗରେ ଚଢ଼ି ରେକର୍ଡ ସୃଷ୍ଟି କରିଛନ୍ତି। ମଙ୍ଗଳବାର ସେ ଏଭରେଷ୍ଟର ଶିଖରରେ ୩୧ତମ ଥର ପାଇଁ ଚଢ଼ି ନିଜ ପୁରୁଣା ରେକର୍ଡକୁ ଭାଙ୍ଗିଛନ୍ତି। ୧୯୯୨ରେ ଏକ ଏଭରେଷ୍ଟ ଅଭିଯାନରେ ଜଣେ ସହାୟକ କର୍ମଚାରୀ ଭାବେ ସେ ନିଜର ଏହି ଯାତ୍ରା ଆରମ୍ଭ କରିଥିଲେ। ୧୯୯୪ରେ ଶେର୍‌ପା ପ୍ରଥମ ଥର ପାଇଁ ଏଭରେଷ୍ଟର ଶିଖରରେ ଚଢ଼ିଥିଲେ। ଏହାପରଠାରୁ


କାମି ରିତା ଶେର୍‌ପା

ସେ ପ୍ରତିବର୍ଷ ୮,୮୪୯ ମିଟର ଉଚ୍ଚ ବିଶିଷ୍ଟ ଏଭରେଷ୍ଟ ଶିଖରରେ ଚଢୁଛନ୍ତି।

**୧୯୯୪ରେ ପ୍ରଥମ ଥର ଚଢ଼ିଥିଲେ**

ନିଜ ସଫଳତା ବିଷୟରେ ପ୍ରତିକ୍ରିୟା ରଖି ଶେର୍‌ପା କହିଛନ୍ତି, ସେ ରେକର୍ଡ ପ୍ରତି ଦୃଷ୍ଟି ଦିଅନ୍ତି ନାହିଁ। ପ୍ରତ୍ୟେକ ରେକର୍ଡ ଦିନେ ନା ଦିନେ ଭାଙ୍ଗିଥାଏ। ତେଣୁ ଏଥିପ୍ରତି ସେ ବିବ୍ରତ ହୁଅନ୍ତି ନାହିଁ କିମ୍ବା ଖୁସି ହୁଅନ୍ତି ନାହିଁ। ତେବେ ତାଙ୍କର ପର୍ବତାରୋହଣ ନେପାଳକୁ ସାରା ବିଶ୍ୱରେ ପରିଚିତ କରାଇପାରୁଥିବାରୁ ଏହା ତାଙ୍କୁ ଆନନ୍ଦ ଦେଇଥାଏ ବୋଲି ଶେର୍‌ପା କହିଛନ୍ତି।

# ଟ୍ରମ୍ପଙ୍କ ଏଆଇ ଭିଡିଓ ଦେଖାଇ ୨ କୋଟି ଠକେଇ

**ବେଙ୍ଗାଲୁରୁ, ୨୭।୫**

କର୍ଣ୍ଣାଟକରୁ ଏକ ଚାଞ୍ଚଲ୍ୟକର ଠକେଇ ମାମଲା ସାମ୍ନାକୁ ଆସିଛି। ସାଇବର ଠକମାନେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ଏଆଇ ଜେନେରେଟେଡ୍ ଭିଡିଓ ପ୍ରସ୍ତୁତ କରିବା ସହ ଏହାକୁ ବ୍ୟବହାର କରି ଗତ କିଛି ମାସ ମଧ୍ୟରେ ୨୦୦ ଲୋକଙ୍କଠାରୁ ୨ କୋଟି ଟଙ୍କା ଠକେଇ କରିଥିବା ପୋଲିସ କହିଛି। ଟ୍ରମ୍ପଙ୍କ ହୋଟେଲରେ ନିବେଶ କରି ଅଧିକ ରିଟର୍ନ ହାସଲ କରି ହେବ ବୋଲି ସାଇବର ଠକମାନେ ଟ୍ରମ୍ପଙ୍କ ଏଆଇ ଭିଡିଓକୁ ବ୍ୟବହାର କରି ଠକାମିର


ଡୋନାଲ୍ଡ ଟ୍ରମ୍ପ

ଶିକାର ହୋଇଥିବା ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସାଇବର ଠକଙ୍କ ଏହି ଦୁର୍ନୀତି କର୍ଣ୍ଣାଟକର ବେଙ୍ଗାଲୁରୁ ସମେତ ତୁମକୁରୁ, ମାଙ୍ଗାଲୋର, ହାଭେରୀ ଆଦି ସହରକୁ ବ୍ୟାପିଥିବା ପୋଲିସ କହିଛି।


ପୋଲିସ ସୂଚନା ଅନୁଯାୟୀ, ଟ୍ରମ୍ପଙ୍କ ଏଆଇ ଜେନେରେଟେଡ୍ ଭିଡିଓରେ ସେ ଏକ ନିବେଶ ଯୋଜନା ସମ୍ପର୍କରେ ପ୍ରଚାର କରୁଥିବାର କ୍ଷତିଗ୍ରସ୍ତମାନେ ଅଭିଯୋଗ କରିଛନ୍ତି। ଉକ୍ତ ଯୋଜନାରେ କମ୍ ସମୟ ମଧ୍ୟରେ ସେମାନଙ୍କ ରାଶିକୁ ଦ୍ୱିଗୁଣିତ କରାଯିବ ବୋଲି ନିବେଶକମାନଙ୍କୁ ଲୋଭନୀୟ ପ୍ରତିଶ୍ରୁତି ଦିଆଯାଇ ସେମାନଙ୍କଠାରୁ ଟଙ୍କା ହଡ଼ପ କରାଯାଇଥିଲା। ଲୋକମାନେ ଟ୍ରମ୍ପଙ୍କ ଏହି ଏଆଇ ଭିଡିଓକୁ ସତ ଭାବି ସାଇବର ଠକଙ୍କ ଜାଲରେ ଫସିଯାଇଥିଲେ। ଏହି ଠକାମିରେ ସାଇବର ଅପରାଧୀମାନେ ମୁଖ୍ୟତଃ ଛୋଟ ବ୍ୟବସାୟୀ, ଅବସରପ୍ରାପ୍ତ କର୍ମଚାରୀ ଏବଂ ଗୃହିଣୀମାନଙ୍କୁ ବେଶି ଟାର୍ଗେଟ କରୁଥିବା ପୋଲିସ କହିଛି। ଏହି ଦୁର୍ନୀତିକୁ ନେଇ ଗତ କିଛି ଦିନ ମଧ୍ୟରେ ପୀଡ଼ିତମାନେ ବେଙ୍ଗାଲୁରୁ ସମେତ କର୍ଣ୍ଣାଟକର ବିଭିନ୍ନ ସହରର ସାଇବର କ୍ରାଇମ ପୋଲିସ ଷ୍ଟେଶନରେ ଅଭିଯୋଗ କରିଛନ୍ତି। କର୍ଣ୍ଣାଟକ ପୋଲିସର ସାଇବର କ୍ରାଇମ ବ୍ରାଞ୍ଚ୍ ମାମଲାର ତଦନ୍ତ ଆରମ୍ଭ କରିଛି। ଏକ ସଙ୍ଗଠିତ ସାଇବର ଅପରାଧୀ ଗ୍ୟାଙ୍ଗ୍ ଦ୍ୱାରା ଏହି ଠକେଇ ପରିଚାଳିତ ହୋଇଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସମ୍ଭବତଃ ଏହି ଗ୍ୟାଙ୍ଗ୍ ଭାରତ ବାହାରୁ କାର୍ଯ୍ୟ କରୁଥିବା ପୋଲିସ କହିଛି।

## ଫୁରସତ୍

### ଜୁନ୍ ୬ରେ 'ହାଉସ୍‌ଫୁଲ ୫'

**ମୁମ୍ବାଇ**

ଚଳିତ ବର୍ଷର ବହୁ ପ୍ରତୀକ୍ଷିତ ଫିଲ୍ମ 'ହାଉସ୍‌ଫୁଲ ୫'ର ଟ୍ରେଲରକୁ ମଙ୍ଗଳବାର ଜାରି କରାଯାଇଛି। ଏହି ମଲ୍ଟି ଷ୍ଟାରର୍ କମେଡି ଥ୍ରିଲର ଫିଲ୍ମରେ ଅଭିନେତା ଅକ୍ଷୟ କୁମାର, ରିତେଶ ଦେଶମୁଖ, ଅଭିଷେକ ବଚ୍ଚନ, ସଞ୍ଜୟ ଦତ୍ତ, ନାନା ପାଟେକର, ଜନି ଲିବର, ଚଙ୍କି ପାଣ୍ଡେଙ୍କ ସମେତ ଅଭିନେତ୍ରୀ ଜ୍ୟାକଲିନ୍ ଫର୍ନାଡିଜ୍, ନର୍ଗିସ ଫାକ୍ରି, ସୋନମ୍ ବାଜୱା ପ୍ରମୁଖଙ୍କୁ ଦେଖିବାକୁ ମିଳିବ। ସାଜିଦ୍ ନାଡିଆଡ୍‌ୱାଲାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ତରୁଣ ମନ୍‌ଶୁଖାନି। ଆସନ୍ତା ମାସ ୬ ତାରିଖରେ ଏହି ଫିଲ୍ମ ରିଲିଜ୍ ହେବ। ଫିଲ୍ମର ଟ୍ରେଲରରେ ଅନେକ ସସ୍‌ପେନ୍ସ ଏବଂ ଏଣ୍ଟରଟେନ୍‌ମେଣ୍ଟ ଦୃଶ୍ୟ ରହିଥିବାରୁ ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ଉତ୍ସାହ ବଢ଼ିଛି। ବିଭିନ୍ନ ରଙ୍ଗିନ୍ ଲୋକେଶନରେ ଫିଲ୍ମର ଶୁଟ୍ କରାଯାଇଥିବା ନେଇ ଟ୍ରେଲରରୁ ଜଣାପଡ଼ିଛି। ୩ ମିନିଟ ୫୩ ସେକେଣ୍ଡର ଏହି ଟ୍ରେଲରର ଶେଷ ଆଡ଼କୁ ଅଭିନେତା ସଞ୍ଜୟ ଦତ୍ତଙ୍କର ଧମାକାଦାର ଏଣ୍ଟ୍ରି ହୋଇଛି। ଟ୍ରେଲରରେ ତାଙ୍କ ଦମ୍‌ଦାର ଡାଏଲଗ୍ ଏବଂ ଅନ୍ଦାଜ ଦର୍ଶକଙ୍କୁ ବିମୋହିତ କରିଛି। ସେହିପରି ଟ୍ରେଲରରେ ଅଭିନେତ୍ରୀ ଜ୍ୟାକଲିନ୍, ନର୍ଗିସ ଏବଂ ସୋନମଙ୍କ ଗ୍ଲାମରସ୍ ଅନ୍ଦାଜକୁ ଦର୍ଶକ ପସନ୍ଦ କରିଛନ୍ତି।


ଅକ୍ଷୟ କୁମାର

### ଚାଇନାରେ ପ୍ରଥମ ରୋବୋ ବକ୍ସିଂ ଟୁର୍ନାମେଣ୍ଟ



**ବେଜିଂ**

ବିଶ୍ୱର ପ୍ରଥମ ହ୍ୟୁମାନଏଡ୍ ରୋବୋ କିକ୍ ବକ୍ସିଂ ଟୁର୍ନାମେଣ୍ଟ ଗତ ୨୫ ତାରିଖରେ ପୂର୍ବ ଚାଇନାର ହାଙ୍ଗଝୌଠାରେ ଆୟୋଜିତ ହୋଇଥିଲା। ଏହି ଟୁର୍ନାମେଣ୍ଟରେ ଏକାଧିକ ମ୍ୟାଚ୍ ହୋଇଥିବା ବେଳେ ପ୍ରତ୍ୟେକ ମ୍ୟାଚ୍‌ରେ ୨ ଜଣ ଲେଖାଏ ରୋବୋ ବକ୍ସିଂ ରିଙ୍ଗ ମଧ୍ୟରେ ପରସ୍ପରକୁ ପଞ୍ଚ୍ ମାରି ମୁକାବିଲା କରୁଥିଲେ। ମ୍ୟାଚ୍ ସମୟରେ ରୋବୋମାନଙ୍କୁ ସେମାନଙ୍କ ହ୍ୟାଣ୍ଡଲର ପରିଚାଳିତ କରୁଥିଲେ। ରୋବୋଙ୍କ ମଧ୍ୟରେ ଏହି ରୋମାଞ୍ଚକର ବକ୍ସିଂ ଟୁର୍ନାମେଣ୍ଟ ଦେଖିବା ପାଇଁ ଦର୍ଶକଙ୍କ ଭିଡ଼ ଦେଖାଦେଇଥିଲା। ପ୍ରତି ବକ୍ସିଂ ମ୍ୟାଚ୍ ସମୟରେ ଜଣେ ରେଫରି ରିଙ୍ଗ ମଧ୍ୟରେ ଉଭୟ ପ୍ରତିଯୋଗୀ ରୋବୋ ଏବଂ ଖେଳକୁ ସଞ୍ଚାଳନ କରୁଥିଲେ। ହ୍ୟାଣ୍ଡଲର ଲୁ ଜିନ୍‌ଙ୍କ ଦ୍ୱାରା ପରିଚାଳିତ ରୋବୋ 'ଏଆଇ ଷ୍ଟ୍ରାଟେଜିଷ୍ଟ' ଏହି ଟୁର୍ନାମେଣ୍ଟର ଟାଇଟଲ ହାସଲ କରିଥିଲା। ଫାଇନାଲ ମ୍ୟାଚ୍‌ରେ ସେ ହ୍ୟାଣ୍ଡଲର ହୁ ୟୁଙ୍କିଆନଙ୍କ ରୋବୋ 'ଏନର୍ଜି ଗାର୍ଡିଆନ'କୁ ପରାସ୍ତ କରିଥିଲା। ଏହି ପ୍ରତିଯୋଗିତାରେ ରୋବୋମାନେ ପ୍ରଭାବଶାଳୀ ଢଙ୍ଗରେ ପରସ୍ପର ସହ ବକ୍ସିଂ ମୁକାବିଲା କରିଥିଲେ, ଯାହା ରୋବୋଟିକ୍ସ ଏବଂ ଏଆଇ କ୍ଷେତ୍ରରେ ଚାଇନା କରିଥିବା ଦ୍ରୁତ ପ୍ରଗତିକୁ ଦର୍ଶାଉଥିବା ନେଇ ବିଭିନ୍ନ ସ୍ଥାନୀୟ ଗଣମାଧ୍ୟମରେ ପ୍ରକାଶ ପାଇଛି। ଏହି ନିଆରା ବକ୍ସିଂ ଟୁର୍ନାମେଣ୍ଟର କେତେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଅନେକ ୟୁଜର୍ସ ବିଭିନ୍ନ ମଜାଳିଆ କମେଣ୍ଟ କରିଛନ୍ତି।

ତେବେ ବକ୍ସିଂ ମ୍ୟାଚ୍ ନାଁରେ ରୋବୋମାନଙ୍କୁ ପରସ୍ପର ମଧ୍ୟରେ ଲଢ଼ା ଯିବାକୁ ଏବଂ ପରସ୍ପରକୁ ଆକ୍ରମଣ ପାଇଁ ଅପରେଟ୍ କରାଯିବାକୁ ନେଇ କେତେଜଣ ୟୁଜର୍ସ ଚିନ୍ତା ପ୍ରକଟ କରିଛନ୍ତି। ନିକଟରେ ୟୁନିଟ୍ରି ରୋବୋଟିକ୍ସ ଦ୍ୱାରା ବିକଶିତ ଏକ ହ୍ୟୁମାନଏଡ୍ ରୋବୋ ନିଜ ହ୍ୟାଣ୍ଡଲରଙ୍କୁ ଆକ୍ରମଣ କରିଥିବାର ମାମଲା ସାମ୍ନାକୁ ଆସିଥିଲା, ଯାହା ଏଆଇକୁ ନେଇ ସମ୍ଭାବ୍ୟ ବିପଦ ବିଷୟରେ ଚିନ୍ତା ବଢ଼ାଇଥିଲା। ଏପରି ଦୁର୍ଘଟଣାକୁ ରୋକିବା ପାଇଁ ଏଆଇ ବିକାଶରେ କଠୋର ପରୀକ୍ଷଣ ଏବଂ ଗୁଣବତ୍ତା ନିୟନ୍ତ୍ରଣର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞମାନେ କହିଛନ୍ତି।





# ଉପକୂଳ ସୁରକ୍ଷାକୁ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

## ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସହ ଆଲୋଚନା କଲେ

**ଭୁବନେଶ୍ୱର, ୨୭।୫(ସୁନିତ୍ ମିଶ୍ର)**

ଚଳିତ ମାସ ଦ୍ୱିତୀୟ ସପ୍ତାହରେ ୪ ଦିନ ଧରି ଭାରତ-ପାକିସ୍ତାନ ମଧ୍ୟରେ ସଶସ୍ତ୍ର ସଂଘର୍ଷ ଘଟିଥିଲା। ଏହି ପରିପ୍ରେକ୍ଷୀରେ ଦେଶର ସମସ୍ତ ସୀମାବର୍ତ୍ତୀ ଅଞ୍ଚଳ ଏବଂ ଆଭ୍ୟନ୍ତର ସୁରକ୍ଷାକୁ ବିଶେଷ ଗୁରୁତ୍ୱ ଦିଆଯାଉଛି। ଏଭଳିସ୍ଥଳେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳର ସୁରକ୍ଷାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱାରୋପ କରୁଛନ୍ତି। ସେ ମଙ୍ଗଳବାର କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ସେ ଦେଶ ତଥା ରାଜ୍ୟର ସୁରକ୍ଷା ଓ ବିକାଶ ସମ୍ପର୍କିତ ବିଭିନ୍ନ ଦିଗକୁ ନେଇ ଆଲୋଚନା କରିଛନ୍ତି। ଦେଶର ପୂର୍ବସୀମାରେ ଓଡ଼ିଶାର ରଣନୀତିର ଗୁରୁତ୍ୱ ସମ୍ପର୍କରେ ଆଲୋଚନା ହୋଇଛି। ବୈଠକରେ ଜାତୀୟ ସୁରକ୍ଷା ଏବଂ ପ୍ରତିରକ୍ଷା ଭିତ୍ତିଭୂମି ଉପରେ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି।

ଓଡ଼ିଶାରେ ପ୍ରତିରକ୍ଷା କ୍ଷେତ୍ରକୁ ଅଧିକ ଶକ୍ତିଶାଳୀ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ଲୋଚନା କରିଥିବା ଜଣାପଡିଛି। ଏହାସହ ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବ ଏବଂ ରଥଯାତ୍ରାରେ ଯୋଗଦେବା ଲାଗି ମୁଖ୍ୟମନ୍ତ୍ରୀ ତାଙ୍କୁ ନିମନ୍ତ୍ରଣ କରିଥିବା ଜଣେ ଅଧିକାରୀ ସୂଚନା ଦେଇଛନ୍ତି। ଓଡ଼ିଶାର ଉପକୂଳରେ ୪୮୦ କି.ମି.ର ବେଳାଭୂମି ରହିଛି। ଏହାସହ ରାଜ୍ୟର କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ପ୍ରତିଷ୍ଠାନ ରହିଛି। ସେଥିମଧ୍ୟରେ ବାଲେଶ୍ୱର ଜିଲା ଚାନ୍ଦିପୁରଠାରେ ଇଣ୍ଟିଗ୍ରେଟେଡ ଟେଷ୍ଟ ରେଞ୍ଜ(ଆଇଟିଆର୍) ଏବଂ ଭଦ୍ରକଠାରେ ଡ. ଏପିଜେ ଅବଦୁଲ କଲାମ ଦ୍ୱୀପ ରହିଛି। ଏହି ଦୁଇ ସ୍ଥଳୀକୁ ମିଶାଇଲ୍ ଲଞ୍ଚ କରିବା କ୍ଷେତ୍ରରେ ବ୍ୟବହାର କରାଯାଉଛି। ଏଥିଲାଗି ଦେଶର ପ୍ରତିରକ୍ଷା ବ୍ୟବସ୍ଥାରେ ଓଡ଼ିଶାର ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅନ୍ୟପଟେ ଜଳପଥ ଦେଇ ଯେପରି ଆତଙ୍କବାଦୀ କାର୍ଯ୍ୟକଳାପ ନ ହେବ ସେଥିଲାଗି ରାଜ୍ୟ ସରକାର ଭାରତୀୟ ନୌସେନା, କୋଷ୍ଟ ଗାର୍ଡ ଏବଂ ମେରାଇନ ପୋଲିସ ସମନ୍ୱୟ ରକ୍ଷା କରି ସମଦ୍ର ତଟବର୍ତ୍ତୀ ଅଞ୍ଚଳର ସୁରକ୍ଷା ଉପରେ ଗୁରୁତ୍ୱ ଦେଉଛନ୍ତି।






# ୨୧ ହାଇକୋର୍ଟ ବିଚାରପତିଙ୍କ ବଦଳି ସୁପାରିସ

## ଓଡ଼ିଶା ହାଇକୋର୍ଟ ବିଚାରପତି ହେବେ ମାନସ ରଞ୍ଜନ ପାଠକ



ମାନସ ରଞ୍ଜନ ପାଠକ

**ନୂଆଦିଲ୍ଲୀ,୨୭।୫(ପି.ଟି.)**

ସୁପ୍ରିମକୋର୍ଟ କଲେଜିୟମ ଦେଶର ବିଭିନ୍ନ ହାଇକୋର୍ଟର ୨୧ଜଣ ବିଚାରପତିଙ୍କ ବଦଳି ସୁପାରିସ କରିଛନ୍ତି। ବିଚାରବିଭାଗୀୟ ପ୍ରଶାସନ ଏବଂ ସଂସ୍ଥାଗତ ସନ୍ତୁଳନ ବଜାୟ ରଖିବା ଉଦ୍ଦେଶ୍ୟରେ କଲେଜିୟମ ସୋମବାର ବସିଥିବା ବୈଠକରେ ଏହି ନିଷ୍ପତ୍ତି ନେଇଛନ୍ତି। ବିଚାରପତି ସୁଜୋୟ ପାଲ୍ଙ୍କୁ ତେଲଙ୍ଗାନା ହାଇକୋର୍ଟରୁ କଲିକତା ହାଇକୋର୍ଟ ବଦଳି ସୁପାରିସ କରାଯାଇଥିବାବେଳେ କର୍ଣ୍ଣାଟକ ହାଇକୋର୍ଟ ବିଚାରପତି ଭି. କାମେଶ୍ୱର ରାଓଙ୍କୁ ଦିଲ୍ଲୀ ହାଇକୋର୍ଟ, ଗୌହାଟି ହାଇକୋର୍ଟ ବିଚାରପତି ଲାନୁସୁଙ୍ଗକୁମ୍ ଜମିରଙ୍କୁ କଲିକତା ହାଇକୋର୍ଟ, ଗୌହାଟି ବିଚାରପତି ମାନସ ରଞ୍ଜନ ପାଠକଙ୍କୁ ଓଡ଼ିଶା ହାଇକୋର୍ଟ, ବମ୍ବେ ହାଇକୋର୍ଟ ବିଚାରପତି ନୀତିନ ବାସୁଦେଓ ସମ୍ବରେଙ୍କୁ ଦିଲ୍ଲୀ ହାଇକୋର୍ଟକୁ ବଦଳି ସୁପାରିସ କରାଯାଇଛି। ସେହିପରି ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଅଶ୍ୱିନୀ କୁମାର ମିଶ୍ରାଙ୍କୁ ପଞ୍ଜାବ-ହରିୟାଣା ହାଇକୋର୍ଟ, ଗୌହାଟି ହାଇକୋର୍ଟ ବିଚାରପତି ସୁମନ ଶ୍ୟାମଙ୍କୁ ବମ୍ବେ ହାଇକୋର୍ଟ, ପଞ୍ଜାବ- ହରିୟାଣା ହାଇକୋର୍ଟ ବିଚାରପତି ସଞ୍ଜୀବ ପ୍ରକାଶ ଶର୍ମାଙ୍କୁ ରାଜସ୍ଥାନ ହାଇକୋର୍ଟ, ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ବିବେକ ଚୌଧୁରୀଙ୍କୁ ଦିଲ୍ଲୀ ହାଇକୋର୍ଟ, କେରଳ ହାଇକୋର୍ଟ ବିଚାରପତି ଦୀନେଶ କୁମାର ସିଂଙ୍କୁ କର୍ଣ୍ଣାଟକ ହାଇକୋର୍ଟ, ମାଡ୍ରାସ୍ ହାଇକୋର୍ଟ ବିଚାରପତି ବିବେକ କୁମାର ସିଂଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟ ଏବଂ ମାଡ୍ରାସ ହାଇକୋର୍ଟ ବିଚାରପତି ବଟ୍ଟୁ ଦେବାନନ୍ଦଙ୍କୁ ଆନ୍ଧ୍ରପ୍ରଦେଶ ହାଇକୋର୍ଟକୁ ବଦଳି ସୁପାରିସ କରାଯାଇଛି। ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଓମ୍ ପ୍ରକାଶ ଶୁକ୍ଲାଙ୍କୁ ଦିଲ୍ଲୀ ହାଇକୋର୍ଟ, ରାଜସ୍ଥାନ ହାଇକୋର୍ଟ ବିଚାରପତି ଶ୍ରୀ ଚନ୍ଦ୍ରଶେଖରଙ୍କୁ ବମ୍ବେ ହାଇକୋର୍ଟ, ପଞ୍ଜାବ-ହରିୟାଣା ହାଇକୋର୍ଟ ବିଚାରପତି ସୁଧୀର ସିଂଙ୍କୁ ପାଟନା ହାଇକୋର୍ଟ, ପଞ୍ଜାବ-ହରିୟାଣା ହାଇକୋର୍ଟ ବିଚାରପତି ଅନିଲ କ୍ଷେତ୍ରପାଲ୍ଙ୍କୁ ଦିଲ୍ଲୀ ହାଇକୋର୍ଟ, ରାଜସ୍ଥାନ ହାଇକୋର୍ଟ ବିଚାରପତି ଅରୁଣ କୁମାର ମୋଙ୍ଗାଙ୍କୁ ଦିଲ୍ଲୀ ହାଇକୋର୍ଟ, ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଜୟନ୍ତ ବାନାର୍ଜୀଙ୍କୁ କର୍ଣ୍ଣାଟକ ହାଇକୋର୍ଟ, କର୍ଣ୍ଣାଟକ ହାଇକୋର୍ଟ ବିଚାରପତି ସି. ସୁମଲଥାଙ୍କୁ ତେଲଙ୍ଗାନା ହାଇକୋର୍ଟ, କର୍ଣ୍ଣାଟକ ହାଇକୋର୍ଟ ବିଚାରପତି ଲଲିଥା କାନେଗାଣ୍ଟିଙ୍କୁ ତେଲଙ୍ଗାନା ହାଇକୋର୍ଟ ଏବଂ ପାଟନା ହାଇକୋର୍ଟ ବିଚାରପତି ଆନିରେଡ୍ଡୀ ଅଭିଷେକ ରେଡ୍ଡୀଙ୍କୁ ତେଲଙ୍ଗାନା ହାଇକୋର୍ଟ ବିଚାରପତି ଭାବେ ସୁପାରିସ କରାଯାଇଛି। ସୁପ୍ରିମକୋର୍ଟ କଲେଜିୟମ୍‌ର ଏହି ସୁପାରିସ କେନ୍ଦ୍ର ସରକାରଙ୍କ ଅନୁମୋଦନ ପାଇଁ ପଠାଯିବ। କେନ୍ଦ୍ରରୁ ଅନୁମୋଦନ ମିଳିବା ପରେ ଉପରୋକ୍ତ ବିଚାରପତିମାନେ ସେମାନଙ୍କ ନୂତନ ବଦଳି ସ୍ଥାନରେ ନିୟମ ଅନୁସାରେ ଯୋଗ ଦେବେ।

## ୨ଦିନରେ ଓଡ଼ିଶା ଛୁଇଁପାରେ ମୌସୁମୀ




# ଆଜି ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ରାୟ

**ବଲାଙ୍ଗୀର/ପାଟଣାଗଡ଼,୨୭।୫ (ବୀରେନ୍ଦ୍ର କୁମାର ଝାଙ୍କର/ ସଚ୍ଚିଦାନନ୍ଦ ମହାକୁର)**

ସାରା ଦେଶରେ ହଇଚଇ ସୃଷ୍ଟି କରିଥିବା ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ରାୟ ବୁଧବାର ପ୍ରକାଶ ପାଇବ। ଦୀର୍ଘ ୭ ବର୍ଷର ଅପେକ୍ଷା ପରେ ଏହି ରାୟ ପ୍ରକାଶ ପାଇବାକୁ ଯାଉଥିବାରୁ ବିଭିନ୍ନ ମହଲରେ ଏନେଇ ଉତ୍ସୁକତା ପ୍ରକାଶ ପାଇଛି। ପାଟଣାଗଡ଼ ଏଡିଜେ କୋର୍ଟରେ ଏହି ଚର୍ଚ୍ଚିତ ମାମଲାର ରାୟ ପ୍ରକାଶ ପାଇବାକୁ ଯାଉଛି। ୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ରେ ପାର୍ସଲ ବୋମା ବିସ୍ଫୋରଣ ଘଟି ନବବିବାହିତ ସଫ୍ଟୱେର ଇଞ୍ଜିନିୟର ସୌମ୍ୟଶେଖର ସାହୁ, ତାଙ୍କ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ମୃତ ସୌମ୍ୟଶେଖରଙ୍କ ନବବିବାହିତା ସ୍ତ୍ରୀ ରିମାରାଣୀ ଗୁରୁତର ଆହତ ହୋଇଥିଲେ। ଏହି ମାମଲାରେ କ୍ରାଇମବ୍ରାଞ୍ଚ ପାଟଣାଗଡ଼ ନିକଟସ୍ଥ ଭଇଁଷା କଲେଜର ଇଂଲିଶ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଏକମାତ୍ର ଓ ମୁଖ୍ୟ ଅଭିଯୁକ୍ତ ଭାବେ ଗିରଫ କରିଥିଲା। କ୍ରାଇମବ୍ରାଞ୍ଚ ଟିମ୍ ୨୦୦୦ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିବା ପରେ ପାଟଣାଗଡ଼ ଏଡିଜେ କୋର୍ଟରେ ପ୍ରାୟ ୨ବର୍ଷ କାଳ ଏହାର ଶୁଣାଣି ଓ ନ୍ୟାୟିକ ପ୍ରକ୍ରିୟା ଚାଲିଥିଲା। ୬୨ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ ପରେ ଏଡିଜେ ୨୮ ତାରିଖରେ ଏହି ଚର୍ଚ୍ଚିତ ମାମଲାର ରାୟ ପ୍ରକାଶ କରିବେ ବୋଲି ଶୁଣାଇଥିଲେ। ଫଳରେ ନ୍ୟାୟ ଅପେକ୍ଷାରେ ଥିବା ମୃତ ସୌମ୍ୟଶେଖରଙ୍କ ମାତାପିତା ସଞ୍ଜୁକ୍ତା ସାହୁ ଓ ରବୀନ୍ଦ୍ର ସାହୁ ନ୍ୟାୟ ପାଇବେ ବୋଲି ଆଶାବାଦୀ ଥିବା ଜଣାଇଛନ୍ତି। ଅନ୍ୟପକ୍ଷରେ ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ କ'ଣ ଦଣ୍ଡ ମିଳିବ ଏବେ ତା' ଉପରେ ସମସ୍ତଙ୍କର ନଜର ରହିଛି।



ଅଭିଯୁକ୍ତ ପୁଞ୍ଜିଲାଲ ମେହେର

# ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପାଇଁ ଆବେଦନ ଆରମ୍ଭ

**କଟକ,୨୭।୫(କାର୍ତ୍ତିକ ସାହୁ)**

ବିଜୁ ପଟ୍ଟନାୟକ କ୍ରୀଡ଼ା ପୁରସ୍କାର ୨୦୨୪ ନିମନ୍ତେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ବ୍ୟକ୍ତିବିଶେଷ ବା ଅନୁଷ୍ଠାନଙ୍କଠାରୁ ମନୋନୟନ ପତ୍ର ଆହ୍ୱାନ କରାଯାଉଛି। କ୍ରୀଡ଼ା କ୍ଷେତ୍ରରେ ଆଜୀବନ ଉପଲବ୍ଧି, କ୍ରୀଡ଼ାରେ ଉଲ୍ଲେଖନୀୟ କୃତିତ୍ୱ ଲାଭ କରିଥିବା ବର୍ଷର ଶ୍ରେଷ୍ଠ କ୍ରୀଡ଼ାବିତ୍, କ୍ରୀଡ଼ା ପ୍ରଶିକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ, କ୍ରୀଡ଼ା ପ୍ରୋତ୍ସାହନ ପାଇଁ ସର୍ବୋତ୍କୃଷ୍ଟ ଅବଦାନ, କ୍ରୀଡ଼ା ସାମ୍ବାଦିକତା କ୍ଷେତ୍ରରେ ଉତ୍କର୍ଷ, ବର୍ଷର ଶ୍ରେଷ୍ଠ ଦିବ୍ୟାଙ୍ଗ କ୍ରୀଡାବିତ୍, ବର୍ଷର ଶ୍ରେଷ୍ଠ କନିଷ୍ଠ ଉଦୀୟମାନ କ୍ରୀଡ଼ାବିତ୍ ଓ ବର୍ଷର ଶ୍ରେଷ୍ଠ କ୍ରୀଡ଼ା ବୈଷୟିକ ଅଧିକାରୀ/ସହକାରୀ କର୍ମକର୍ତ୍ତା ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯିବ। ଏଥିନିମେନ୍ତ ସବିଶେଷ ମାର୍ଗଦର୍ଶିକା, ବିଭିନ୍ନ ବର୍ଗ ପାଇଁ ଉଦ୍ଦିଷ୍ଟ ପୁରସ୍କାର ରାଶି, ଆବେଦନ ଫର୍ମ ଇତ୍ୟାଦି କ୍ରୀଡ଼ା ଓ ଯୁବସେବା ବିଭାଗର ୱେବସାଇଟ http://sports.odisha.gov.inରେ ଉପଲବ୍ଧ। ମନୋନୟନ ପତ୍ର ଉଭୟ ଅନଲାଇନ ଓ ଅଫଲାଇନରେ ତା୧୬।୬।୨୦୨୫ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଗ୍ରହଣ କରାଯିବ। ଜିଲାର କୃତୀ କ୍ରୀଡ଼ାବିତ୍, କ୍ରୀଡ଼ା ପ୍ରଶିକ୍ଷକ ଓ କ୍ରୀଡ଼ା ସାମ୍ବାଦିକ ଉପଯୁକ୍ତ ଦସ୍ତାବିଜ ସହ ଆବେଦନ କରିବାକୁ ଅନୁରୋଧ କରାଯାଉଛି।

# ୪ ଜିଲାରେ ପ୍ରବଳ ବର୍ଷିବ

**ଭୁବନେଶ୍ୱର,୨୭।୫ (ଅନୁରାଧା ମହାରଣା)**

ଦକ୍ଷିଣ-ପଶ୍ଚିମ ମୌସୁମୀ ଆଗେଇବା ପାଇଁ ପାଗ ଅନୁକୂଳ ରହିଛି। ସେହିପରି ଓଡ଼ିଶା ଉପକୂଳ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ବୁଧବାର ରାଜ୍ୟର ୪ ଜିଲା କେନ୍ଦ୍ରାପଡ଼ା, କଟକ, ଯାଜପୁର, ଜଗତ୍‌ସିଂହପୁରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ବିଜୁଳି ଘଡ଼ଘଡ଼ି ସହ ଝଟ୍‌କା ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ରହିବ। ଏନେଇ ସମ୍ପୃକ୍ତ ଜିଲାଗୁଡ଼ିକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ୨୬ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ଏହିସବୁ ଜିଲାରେ ବିଶେଷକରି ମଧ୍ୟାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ଘଡ଼ଘଡ଼ି ସହ ବର୍ଷା ପବନର ଆଶଙ୍କା ରହିଛି।

## ସତର୍କ ରହିବାକୁ ଜିଲାପାଳମାନଙ୍କୁ ଏସ୍ଆର୍‌ସିଙ୍କ ନିର୍ଦ୍ଦେଶ

ଅନ୍ୟପଟେ ଲୋକଙ୍କୁ ପାଗ ଉପରେ ନଜର ରଖିବା ସହ ବଜ୍ରପାତ ସମୟରେ ରକ୍ଷା ପାଇବା ପାଇଁ ସୁରକ୍ଷିତ ଆଶ୍ରୟ ନେବାକୁ ଅନୁରୋଧ କରାଯାଇଛି। ଫସଲ ଅମଳ ଉପରେ ଧ୍ୟାନଦେବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଅନ୍ୟପଟେ ୩୧ ତାରିଖ ପର୍ଯ୍ୟନ୍ତ ଭାରି ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଏହାର ମୁକାବିଲା ଲାଗି ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍ଆର୍‌ସି) ସମସ୍ତ ଜିଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଜୁଳି ଓ ଝଡ଼ବର୍ଷାଜନିତ କ୍ଷୟକ୍ଷତି ସମ୍ପର୍କିତ ରିପୋର୍ଟ ତୁରନ୍ତ ଦାଖଲ କରିବାକୁ କୁହାଯାଇଛି। ଝଡ଼ବର୍ଷା ସମୟରେ ମତ୍ସ୍ୟଜୀବୀମାନଙ୍କୁ ଗଭୀର ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଛି।

# କାନ୍ଥ ପଡ଼ି ମହିଳା ମୃତ

**ବାସୁଦେବପୁର,୨୭।୫ (କାଳିପଦ ରାୟ)**

ଭଦ୍ରକ ଜିଲା ବାସୁଦେବପୁର ପୌରାଞ୍ଚଳରେ ମଙ୍ଗଳବାର ମଧ୍ୟାହ୍ନରେ କାନ୍ଥ ପଡ଼ି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ରାଧାନାଥପୁର ଗ୍ରାମର ବିଷ୍ଣୁପ୍ରିୟା ମହାନ୍ତି(୫୨)। ପୂର୍ବାହ୍ନରୁ ଲଘୁଚାପଜନିତ ବର୍ଷା ଲାଗି ରହିଥିଲା। ଏହି ସମୟରେ ବିଷ୍ଣୁପ୍ରିୟା ତାଙ୍କ ମାଟିଘରେ ଥିବାବେଳେ ପ୍ରବଳ ବର୍ଷାରେ କାନ୍ଥ ଭାଙ୍ଗି ତାଙ୍କ ଉପରେ ପଡ଼ିଯାଇଥିଲା। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଯଜ୍ଞେଶ୍ୱର ଦଣ୍ଡପାଟ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି

**ଭୁବନେଶ୍ୱର,୨୭।୫(ସୁଚିସ୍ମିତା ସାହୁ)**

ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟ ଉତ୍କଳ ବିଶ୍ୱବିଦ୍ୟାଳୟର ନୂଆ ଭାରପ୍ରାପ୍ତ କୁଳପତି ଭାବେ ଦାୟିତ୍ୱ ଗ୍ରହଣ କରିବେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେ ଏହି ଦାୟିତ୍ୱ ସମ୍ଭାଳିବେ। ଏ ନେଇ ମଙ୍ଗଳବାର ରାଜଭବନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବର୍ତ୍ତମାନ ପ୍ରଫେସର ଦଣ୍ଡପାଟ ଉତ୍କଳ ବିଶ୍ୱବିଦ୍ୟାଳୟ ବାୟୋଟେକ୍ନୋଲୋଜି ବିଭାଗର ମୁଖ୍ୟ ରହିଛନ୍ତି। ୨୦୦୨ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ସେ ପିଏଚ୍‌ଡି କରିଥିଲେ। ୨୦୧୦ରୁ ସେ ଏଠାରେ କାର୍ଯ୍ୟରତ ଥିବାବେଳେ ବିଭିନ୍ନ ପ୍ରଶାସନିକ କାର୍ଯ୍ୟରେ ତାଙ୍କର ଅଭିଜ୍ଞତା ଓ ଦକ୍ଷତା ରହିଛି। ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ କ୍ୟାମ୍ପସର ଓଏସ୍‌ଡି ଭାବେ ସେ କାର୍ଯ୍ୟ କରିବା ସହ ଉତ୍କର୍ଷ କେନ୍ଦ୍ର ସଂଯୋଜକ ସମେତ ଗବେଷଣା ଓ ବିକାଶର ନିର୍ଦ୍ଦେଶକ ଥିଲେ। ସୂଚନା ଅନୁଯାୟୀ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମେ ୨୩ରୁ ଦାୟିତ୍ୱରୁ ଆବ୍ୟାହତ ନେଇଛନ୍ତି।

# ଏସ୍‌ସି, ଏସ୍‌ଟିଙ୍କ ଜମି ବିକ୍ରି ଅନୁମତିରେ ଅନିୟମିତତା

## ପ୍ରାକ୍ତନ ୬ ଉପଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ

### ଏଜି ଅଡିଟ୍ ରିପୋର୍ଟରେ ଧରାପଡ଼ିଲା

**ସୋନପୁର,୨୭।୫ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାରେ ଅନୁସୂଚିତ ଜାତି(ଏସ୍‌ସି) ଓ ଅନୁସୂଚିତ ଜନଜାତି(ଏସ୍‌ଟି) ଲୋକଙ୍କ ଜମିକୁ ବିକ୍ରି ଅନୁମତି ପ୍ରଦାନରେ ଅନିୟମିତତା ହୋଇଛି। ଜିଲାର ବୀରମହାରାଜପୁର ଓ ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆଇନ ଉଲ୍ଲଂଘନ କରାଯାଇ ଜମି ବିକ୍ରି ପାଇଁ ଅନୁମତି ଦିଆଯାଇଛି। ଏହାର ଫାଇଦା ଧନୀ, ପ୍ରଭାବଶାଳୀ ଗୋଷ୍ଠୀ ନେଇଛନ୍ତି। ଏହାଦ୍ୱାରା ଏସ୍‌ସି ଓ ଏସ୍‌ଟିମାନେ କମ୍ ଦରରେ ଜମି ବିକ୍ରିକରି ଭୂମିହୀନ ହେଉଥିବା ବେଳେ ସେମାନଙ୍କ ଜମି ସାଧାରଣ ବର୍ଗର ଧନୀ ଲୋକଙ୍କ ହାତକୁ ଚାଲିଯାଉଛି। ଓଡ଼ିଶା ପ୍ରଧାନ ମହାଲେଖାଗାର(ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ)ଙ୍କ ଅଡିଟ୍ ରିପୋର୍ଟରୁ ଏହାର ପର୍ଦ୍ଦାଫାଶ ହୋଇଛି।

ରିପୋର୍ଟ ଅନୁଯାୟୀ ସମ୍ପୃକ୍ତ ଉପଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ସହ ଏସ୍‌ସି ଓ ଏସ୍‌ଟିଙ୍କ ଜମି ସେମାନଙ୍କ ଖାତାକୁ ପୁନଃ ଫେରସ୍ତ ପାଇଁ ରାଜ୍ୟ ସରକାର ଓ ଜିଲାପାଳଙ୍କୁ ପତ୍ରସଂଖ୍ୟା ୧୧୦୫/୦୨।୦୨।୨୦୨୪ରେ ସିଏଜି ସୁପାରିସ କରିଛନ୍ତି। ତେବେ ଅନିୟମିତତାରେ ସମ୍ପୃକ୍ତଙ୍କ ବିରୋଧରେ ସୁବର୍ଣ୍ଣପୁର ଜିଲା ପ୍ରଶାସନ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଜଣାପଡ଼ିଛି। ଏଥିନେଇ ଜିଲାର ଏସ୍‌ସି ଓ ଏସ୍‌ଟି ବର୍ଗର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇବା ସହ ମାମଲାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି ହେଉଛି।

ପ୍ରଧାନ ମହାଲେଖାଗାରଙ୍କ ରିପୋର୍ଟ ଅନୁଯାୟୀ ବୀରମହାରାଜପୁର ଉପଜିଲାପାଳ ଏସ୍‌ସି, ଏସ୍‌ଟିଙ୍କ ୨୧୩.୯୩୮ ଏକର ଜମି ବିକ୍ରି ପାଇଁ ୨୧୮ ଜଣଙ୍କୁ ଅନୁମତି ଦେଇଛନ୍ତି। ଓଏଲ୍‌ଆର୍ ଆକ୍ଟର ଧାରା ୨୨ର ୧୮୧ଟି ମାମଲାର କାଗଜପତ୍ରକୁ ତର୍ଜମା ପରେ ୧୩୮ଟି ମାମଲାରେ ଅନିୟମିତତା ହୋଇଥିବା ପ୍ରମାଣ ମିଳିଛି; ଯେଉଁଥିରେ ୨୦୦.୭୫୩ ଏକର ଜମି ଯାହାର ସରକାରୀ ମୂଲ୍ୟ ୬କୋଟି ୧୭ଲକ୍ଷ ୭୦ହଜାର ୬୨୯ଟଙ୍କାର ଅନିୟମିତତା ହୋଇଛି। ସେହିପରି ସୋନପୁର ଉପଜିଲାପାଳ ଏସ୍‌ସି, ଏସ୍‌ଟିଙ୍କ ୧୮୧.୩୭ ଏକର ଜମି ବିକ୍ରି ପାଇଁ ୩୨୨ଜଣଙ୍କୁ ଅନୁମତି ଦେଇଛନ୍ତି। ୧୧୫ଟି ମାମଲାର କାଗଜପତ୍ରକୁ ତର୍ଜମା କରାଯାଇଥିଲା। ଯେଉଁଥିରେ ୧୦୧.୫୯୪ଏକର ଜମିର ଅନୁମତି ପ୍ରଦାନରେ ଅନିୟମିତତା ହୋଇଛି, ଯାହାର ସରକାରୀ ମୂଲ୍ୟ ୫କୋଟି ୨୩ଲକ୍ଷ ୧୪ହଜାର ୨୦୧ଟଙ୍କା। ୨୦୧୮ରୁ ୨୦୨୩ ମସିହା ମଧ୍ୟରେ ଜିଲାର ୬ଜଣ ପ୍ରାକ୍ତନ ଉପଜିଲାପାଳ ମୋଟ ୩୨୨.୩୪୭ଏକର ଏସ୍‌ସି, ଏସ୍‌ଟି ଜମିକୁ ବିକ୍ରି ପାଇଁ ଅନୁମତି ଦେଇଛନ୍ତି। ଯାହାର ସେତେବେଳର ସରକାରୀ ମୂଲ୍ୟ ୧୧କୋଟି ୪୦ଲକ୍ଷ ୮୪ହଜାର ୮୩୦ଟଙ୍କା ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହି ସମୟରେ ବୀରମହାରାଜପୁରରେ ଗୋପୀନାଥ ସାରକା, ସୁବ୍ରତ କୁମାର ବେହେରା ଓ ଅଶୋକ କୁମାର ଭୋଇ ଉପଜିଲାପାଳ ଥିଲେ। ତେବେ ଅଶୋକଙ୍କ ସମୟରେ ଅଧିକ ଜମି ବିକ୍ରି ପାଇଁ ଅନୁମତି ଦିଆଯାଇଥିଲା। ସେହିପରି ସୋନପୁରରେ ବଳରାମ ମଲ୍ଲିକ, ନିହାର ରଞ୍ଜନ କହଁର ଓ ଡ. ଈପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର ଉପଜିଲାପାଳ ଥିଲେ। ତେବେ ବଳରାମ ଓ ଈପ୍‌ସିତାଙ୍କ ସମୟରେ ଅଧିକ ଜମି ବିକ୍ରି ପାଇଁ ଅନୁମତି ମିଳିଥିବା ରିପୋର୍ଟରେ ଉଲ୍ଲେଖ ଅଛି। ରିପୋର୍ଟ ପାଇବା ପରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ସୋନପୁର ଓ ବୀରମହାରାଜପୁରଙ୍କ କାର୍ଯ୍ୟାଳୟକୁ କେସ୍ ରେକର୍ଡ ମଗାଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଏ ସମ୍ପର୍କରେ ସୁବର୍ଣ୍ଣପୁର ଜିଲାପାଳ ଅନ୍ୟା ଦାସଙ୍କୁ ପଚାରିବାରୁ ଅଡିଟ୍ ରିପୋର୍ଟ ଅନୁଯାୟୀ ଅନିୟମିତତାର ପ୍ରମାଣ ମିଳିଛି। ତର୍ଜମାକଲା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଅଲିଆଗଦା ହଟାଅ ଓ ସୈନିକ ସ୍କୁଲ ବଞ୍ଚାଅ ଅଭିଯାନ ପକ୍ଷରୁ ପ୍ରତିବାଦ, ସ୍ଥାନ: ଗାଡ଼କଣ ଅଲିଆଗଦା ଗେଟ୍ ସମ୍ମୁଖ, ସମୟ: ସକାଳ ୯ଟା।
- ପୋଖରୀ ସଫେଇ ଓ ପୋଖରୀ ସୁରକ୍ଷା ସଚେତନତା ଶୋଭାଯାତ୍ରା, ସ୍ଥାନ: ଚନ୍ଦ୍ରଶେଖରପୁର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ 'ନୃତ୍ୟ ବିଳାସ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ସୁଭାଷ ସଙ୍ଗଠନ ପକ୍ଷରୁ ଦଶତୁଠ ଅଭିଯାନ, ସ୍ଥାନ: ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ ଟା।

## ଖୋର୍ଦ୍ଧା
- କୁଣ୍ଡଳେଶ୍ୱର ଦେବଙ୍କ ୨୧ତମ ମହାଯଜ୍ଞ ଉତ୍ସବ ଆରମ୍ଭ ଓ ଅଙ୍କୁରରୋପଣ, ସ୍ଥାନ: ମନ୍ଦିର ପରିସର, ଷଣ୍ଢପୁର, ଜଟଣୀ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର
- ଜିଲା ମୁନି ସମାଜ ପକ୍ଷରୁ ଯୋଗ କର୍ମଶାଳାର ଉଦ୍‌ଯାପନୀ ଦିବସ, ସ୍ଥାନ: ସଦ୍‌ଗୁରୁ ଶିବମୁନି ଯୋଗାଶ୍ରମ, ହଳଦୀପଦା, ସମୟ: ଦିବସବ୍ୟାପୀ।
- ମହାପ୍ରଭୁଙ୍କ ୩୨ ବେଶର ଯଜ୍ଞକୁଣ୍ଡରେ ପୂର୍ଣ୍ଣାହୂତି, ଅନ୍ନ ମହୋତ୍ସବ, ଜଗନ୍ନାଥ ସଂସ୍କୃତି ଆଧାରିତ ଛାତ୍ରୀଛାତ୍ରଙ୍କ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ, ସାଧାରଣ ସଭା, କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ ଓ ଆଧାତ୍ମିକ ପ୍ରବଚନ, ସ୍ଥାନ: ନିଶନପୁର, ଶଙ୍କରନାଥ ଜୀଉ ଓ ସରସ୍ୱତୀ ପୂଜା ମଣ୍ଡପ, ଭୋଗରାଇ, ସମୟ: ସକାଳୁ ରାତି ପର୍ଯ୍ୟନ୍ତ।
- ଭୋଗରାଇ ବ୍ଲକରେ ଚାଷୀଙ୍କ ବିକ୍ଷୋଭ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସମ୍ମୁଖ, ଭୋଗରାଇ, ସମୟ: ସକାଳ ୯ଟା।
- ଏଫ୍‌ଏମ୍‌ୟୁରେ ଖବରଦାତା ସମ୍ମିଳନୀ, ସ୍ଥାନ: ମିନି କନଫରେନ୍ସ ହଲ୍, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ନବମ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏଫ୍‌ଏମ୍‌ୟୁରେ ଇଷ୍ଟର୍ଣ୍ଣ ଇଣ୍ଡିଆ ଓରିଏଣ୍ଟାଲ କନଫରେନ୍ସର ଉଦ୍‌ଯାପନୀ ଦିବସ, ସ୍ଥାନ: ପିଜି କାଉନସିଲ କନଫରେନ୍ସ ହଲ୍, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଡ. ଜ୍ୟୋତିଷ୍ମର ମହାପାତ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ସ୍ମୃତିସଭା, ସ୍ଥାନ: ବ୍ରିଟ୍ କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ରବି ଧାନ ବିକ୍ରି ପାଇଁ ଜିଲାସ୍ତରୀୟ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ଧାମନଗର ସେବା ସମବାୟ ସମିତି, ସମୟ: ସକାଳ ୯ଟା।
- ପ୍ରେସ୍ କ୍ଲବ୍‌ର ସାଧାରଣ ପରିଷଦ ବୈଠକ, ସ୍ଥାନ: ପ୍ରେସ୍ କ୍ଲବ୍ ପରିସର, ଧାମନଗର, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ
- ଆନ୍ତଃ ବିଦ୍ୟାଳୟସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ,ସମୟ: ସକାଳ ୬ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲୁଡି ଅଫିସ ସମ୍ମୁଖ ବାରିପଦା,ସମୟ: ସକାଳ ୯ଟା।

## ବ୍ରହ୍ମପୁର
- ଜୋନାଲସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟମ,ସମୟ: ସକାଳ ୭ଟା।

## ରାୟଗଡ଼ା
- ବାଲ୍ୟ ବିବାହ ନିରାକରଣ ସଚେତନତା କର୍ମଶାଳା, ସ୍ଥାନ: ଗୁଡ଼ାରି ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ପଦ୍ମପୁର ବ୍ଲକ୍ ସଦ୍‌ଭାବନା ଗୃହ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ
- ଜିଲା ସାମାଜିକ ସୁରକ୍ଷା ବିଭାଗର ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସପ୍ତମ ରାଜ୍ୟ ବ୍ରଡ ବ୍ରାଣ୍ଡ କମିଟି ବୈଠକ, ସ୍ଥାନ: ମିଶନଶକ୍ତି ଗୃହ, କୋରାପୁଟ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଡିସିସି, ଡିଏଲଆରସି ବ୍ୟାଙ୍କର୍ସ ବୈଠକ, ସ୍ଥାନ: ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର, କୋରାପୁଟ, ସମୟ: ଅପରାହ୍ନ ୪ଟା।

## ମାଲକାନଗିରି
- ଆନ୍ତଃରାଜ୍ୟ ଟି- ୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ, ସ୍ଥାନ:ପେଡ଼ାକୋଣ୍ଡା, ସମୟ: ମଧ୍ୟାହ୍ନ ୧୨ ଟା।

## ଜଗତସିଂହପୁର
- ପାରାଦୀପ ପୌର ପରିଷଦ କାଉନସିଲର ବୈଠକ, ସ୍ଥାନ: ପୌର ସମ୍ମିଳନୀ କକ୍ଷ, ପ୍ରଶାସନିକ ଭବନ, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଗର୍ଡେଶ୍ୱର ଦେବ ପୀଠ, ବାଲିଚନ୍ଦ୍ରପୁର, ରାଜନଗର, ସମୟ: ସକାଳ ୬ଟା।

## ସମ୍ବଲପୁର
- ସାଓଲିନ କୁଙ୍ଗ୍‌ଫୁ ଉଷ୍ମ ଅନୁଷ୍ଠାନ ପକ୍ଷରୁ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ସକାଶେ ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ସମ୍ବଲପୁର ବିନାଖଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦।
- ଫାଓ ଏବଂ ସମ୍ବଲପୁର ଜିଲା କ୍ରୀଡ଼ା ସଂଘ ମିଳିତ ଆୟୋଜନରେ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା।
- ସମ୍ବଲପୁରୀ ଡେରା ବିକାଶ ଶୀର୍ଷକ ଆଲୋଚନା, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କପ୍ ଆନ୍ତଃଜିଲା ଜୋନାଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା।
- ନନ୍ଦପଡା ବମ ବରାଡ ବାଲୁଙ୍କେଶ୍ୱର ବାବାଙ୍କ ନୃସିଂହ ନିଉତା କାର୍ଯ୍ୟକ୍ରମ, ସ୍ଥାନ : ନନ୍ଦପଡା ଛକ, ସମୟ : ରାତି ୮ଟା।

## ବଲାଙ୍ଗୀର
- ଲୋଇସିଂହାର ୧୯ତମ ଜମିଦାରଙ୍କ ରାଜ ଅଭିଷେକ ସମାରୋହ, ସ୍ଥାନ: ରାଜବାଟି, ଲୋଇସିଂହା, ସମୟ: ସକାଳ ୮ଟା।

## ରାଉରକେଲା
- ବେଦବ୍ୟାସ ଗୁରୁକୁଳ ଆଶ୍ରମରେ ଆଧାତ୍ମିକ କାର୍ଯ୍ୟକ୍ରମ, ସ୍ଥାନ: ବେଦବ୍ୟାସ, ସମୟ: ପୂର୍ବାହ୍ନ ୧୦ଟା।
- ରଜ ମଉଜ-୨୦୨୫ ପାଳନ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ସେକ୍ଟର-୨ କମ୍ୟୁନିଟି ସେଣ୍ଟର, ସମୟ: ଅପରାହ୍ନ ୫ଟା।

## ବରଗଡ଼
- ସାରସ୍ୱତ ସାଧକ ଡକ୍ଟର ଗଙ୍ଗାଧର ଗୁରୁ ଜୟନ୍ତୀ, ସ୍ଥାନ:ରାଜବୋଡାସମ୍ବର ହାଇସ୍କୁଲ ପରିସର,ପଦ୍ମପୁର,ସମୟ:ସନ୍ଧ୍ୟା ୬ଟା।

## ଦେବଗଡ଼
- ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଦେବଗଡ଼ ଗସ୍ତ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୮ଟା ୩୦।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁରରେ ତ୍ରିରଙ୍ଗା ପରାକ୍ରମ ଶୋଭାଯାତ୍ରା, ସ୍ଥାନ: ସୁରେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସକାଳ ୮ଟା।
- ସୋନପୁର ପ୍ରିମିୟର ଲିଗ୍‌ର ଦ୍ୱିତୀୟ ମ୍ୟାଚ୍, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୮ଟା।
- ବାଗବର ଗୋଚର ଜମି ଜବରଦଖଲ ହଟାଇବା ପାଇଁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ, ସ୍ଥାନ: ବୀରମହାରାଜପୁର ତହସିଲ କାର୍ଯ୍ୟାଳୟ, ସମୟ: ସକାଳ ୮ଟା।
- ସୁବର୍ଣ୍ଣପୁର ଶୀତଳଷଷ୍ଠୀ ଯାତ୍ରା ପାଇଁ ଟ୍ରେଜେରୀରୁ ସୁନା ନାଗ ଓ ଅଳଙ୍କାର ବାହାରିବେ, ସ୍ଥାନ: ସୁବର୍ଣ୍ଣପୁର ଟ୍ରେଜେରୀ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।
- ଗୋ ସେବା ପାଳନ କେନ୍ଦ୍ର ଉଦ୍‌ଘାଟିତ, ସ୍ଥାନ: କୁଳପଡା ସ୍ଥିତ ଗୋଶାଳା, ସମୟ: ପୂର୍ବାହ୍ନ ୧୦ଟା।
- ବିନିକା ଶୀତଳଷଷ୍ଠୀ ମହୋତ୍ସବ ଉପଲକ୍ଷେ କନ୍ୟା ମନୋନୟନ ଓ ନିର୍ବନ୍ଧ, ସ୍ଥାନ: ବିଶ୍ୱେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ସୁବର୍ଣ୍ଣପୁର ଶୀତଳଷଷ୍ଠୀ ପାଇଁ ଦେବ ନିମନ୍ତ୍ରଣ, ସ୍ଥାନ: ଥନାପତିପଡା ସ୍ଥିତ ଚନ୍ଦ୍ରଶେଖର ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ପ୍ରତ୍ୟେକ କ୍ଷେତ୍ରରେ ନିଜକୁ ଠିକ୍ ଭାବେ ଆଡ୍‌ଜଷ୍ଟ କରିବା କଷ୍ଟକର ହେବ। ଯଦିଓ ବିଶେଷ କିଛି ଗୁରୁତର ସମସ୍ୟା ନାହିଁ ତଥାପି ଅସୁସ୍ଥତା ଅନୁଭବ କରିବେ। ସାମାଜିକ କ୍ଷେତ୍ରରେ ଅଟକିଯାଇଥିବା କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ବନ୍ଧୁ ସାହାଯ୍ୟ କରିବେ । କୃଷି, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**ବୃଷ** ସହକର୍ମୀଙ୍କ ସହାୟତାରେ କର୍ମକ୍ଷେତ୍ରର ସମସ୍ୟା ସୁଧାରିବାକୁ ପ୍ରଯତ୍ନ କରିବେ। ପରିବାରରେ ମାନସିକ ଚାପର ପ୍ରଭାବ ଲାଗିରହିବ। ଏମିତି କେତେକ କଥା ରହିଛି ଯାହାକୁ ଅନ୍ୟମାନଙ୍କୁ କହିପାରିବେ ନାହିଁ ଫଳରେ ଅନ୍ତର୍ଦ୍ୱନ୍ଦ୍ୱ ଲାଗିରହିବ। ସାମାଜିକ ସ୍ତରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବାରୁ ଖୁସି ହେବେ।

**ମିଥୁନ** ବନ୍ଧୁମାନଙ୍କ ସହାନୁଭୂତିରେ ସୁଯୋଗ ଲାଭକରି ନିଜକୁ ଧନ୍ୟ ମନେକରିବେ। ଯେଉଁ କାମଟିକୁ ଆଜି ଯାଏଁ ଆପଣ କରିପାରୁ ନ ଥିଲେ ଆଜି ତାହା ସୁବିଧାରେ ସମ୍ପନ୍ନ ହୋଇଯିବ। ମାତ୍ର ପରିବାର ସହମତିରେ କାମକଲେ ଅବଶ୍ୟ ଉପକୃତ ହେବେ। ଅଫିସରେ ଗୁରୁତ୍ୱପୂର୍ଣ୍ଣ କାମଗୁଡ଼ିକ ସମ୍ପର୍କରେ ଆଲୋଚନା ଅସମାପ୍ତ ରହିପାରେ।

**କର୍କଟ** ଆଜି ଆପଣ ପ୍ରତିବନ୍ଧକର ସାମ୍ନାକରି କାମ ହାସଲ କରିବାରେ ସମର୍ଥ ହେବେ। ଯାହା କରିବା ପାଇଁ ଚିନ୍ତା କରିଥିଲେ ସେହି କାମଗୁଡ଼ିକ ସହଜ ଓ ସୁବିଧାରେ ହୋଇଯିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଦେଖିଚାହିଁ ପଦକ୍ଷେପ ନିଅନ୍ତୁ। କେତେକ କ୍ଷେତ୍ରରେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେଇପାରନ୍ତି।

**ସିଂହ** ପରିବାରର ଅଭାବ ଓ ଅସୁବିଧାକୁ ନେଇ ସରଗରମ ଆଲୋଚନା ହୋଇପାରେ। ଶିଳ୍ପ, ବାଣିଜ୍ୟ, ସଙ୍ଗଠନ, ପ୍ରଶାସନ, ବେତାର, ଗଣ ଯୋଗାଯୋଗ ପାଇଁ ଦିନଟି ଭଲ। କର୍ମକ୍ଷେତ୍ରରେ ଉଚ୍ଚପଦାଧିକାରୀଙ୍କ କ୍ରୋଧରୁ କିଛିଟା ହଇରାଣ ହୋଇପାରନ୍ତି। ପରିବାରରେ ପୁତ୍ରକନ୍ୟା ହେତୁକ ସମସ୍ୟା ଲାଗି ରହିବାରୁ ଚିନ୍ତିତ ରହିପାରନ୍ତି ।

**କନ୍ୟା** ଆଜିର ବିଷମ ପରିସ୍ଥିତିରେ ବନ୍ଧୁଙ୍କଠାରୁ ପ୍ରତ୍ୟୁପକାର ଆଶା ନିରର୍ଥକ ହେବ। ଅନ୍ୟମାନଙ୍କ ସକାଶେ ଯେଉଁ କାମଟିକୁ ଆରମ୍ଭ କରିବାକୁ ମନ ବଳାଇଥିଲେ ତାହା କରିପାରିବେ। ସାମାଜିକ ସ୍ଥରରେ ଲୋକସମ୍ପର୍କ ବୃଦ୍ଧି ପାଇବା ସହ ପ୍ରଶଂସିତ ହୋଇପାରନ୍ତି। ସାଙ୍ଗସାଥୀଙ୍କ ସହ ଭ୍ରମଣ ସୁଯୋଗ ଲାଭକରି ଖୁସିହୋଇପାରନ୍ତି।

**ତୁଳା** ଆଜି ହାତ ଖାଲି ରହିବ ନାହିଁ, ବିଭିନ୍ନ ଦିଗରୁ ରୋଜଗାର କରିବାରେ ସମର୍ଥ ହେବେ। ସାହିତ୍ୟ, ସଙ୍ଗୀତ, ନୃତ୍ୟ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ପ୍ରଶଂସିତ ହେବେ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ। ବିବାଦୀୟ ଘଟଣାରେ ନୀରବ ରହିଲେ ସମସ୍ୟା ଆଗକୁ ବଢ଼ିପାରିବ ନାହିଁ।

**ବିଛା** ଅଯଥା ଭୟ, ଆଶଙ୍କା ଓ ଉଦ୍‌ବେଗ ମଧ୍ୟରେ ଦିନଟି କଟାଇବେ। ସ୍ୱାସ୍ଥ୍ୟଗତ ସମସ୍ୟା ମନକୁ ନିରୁତ୍ସାହିତ କରିପାରେ। ଭୁଲ୍ ବୁଝାମଣାବଶତଃ ସାଧାରଣ କଥାରେ ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ ଏବଂ ଆଜିର ବ୍ୟବସାୟ ପ୍ରାୟତଃ ଭଲ ହେବ।

**ଧନୁ** ପାରିବାରିକ ଅଶାନ୍ତି ରହିଥିଲେ ମଧ୍ୟ ପରିସ୍ଥିତିକୁ ଆଖି ଆଗରେ ରଖି କାମ କଲେ କୌଣସି ଅସୁବିଧା ହେବ ନାହିଁ। ଭାବିଚିନ୍ତି କାମ କରିବା ଭଲ ହେବ। ଅଫିସରଙ୍କ ସମ୍ମୁଖରେ ନିଜ ମନର ଭାବକୁ ପ୍ରକାଶ କରିବାରେ ପଛାଇଯାଇପାରନ୍ତି। ରୋଗପୀଡ଼ା ଭୋଗ କରୁଥିବା ବ୍ୟକ୍ତିଙ୍କ ଶାରୀରିକ ଅବସ୍ଥାରେ ଉନ୍ନତି ଘଟିବ।

**ମକର** ପରୋକ୍ଷ ଶତ୍ରୁତା, କରଜ ଏବଂ ପିଲାଙ୍କ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ। ଯେତେ ଯାହା କରନ୍ତୁ ଆଦୌ ପତୁ ନ ଥିବା ଲୋକମାନେ ନିନ୍ଦା ରଟନା କରିବେ। ସାଧାରଣ କଥାକୁ କେନ୍ଦ୍ରକରି ଗୃହରେ କିମ୍ବା ଅଫିସରେ କଳହ ସୃଷ୍ଟି ହୋଇପାରେ। ଅନ୍ୟମାନଙ୍କ ଘରୋଇ କଥାରେ କିମ୍ବା କାମରେ ମୁଣ୍ଡ ପୂରାନ୍ତୁ ନାହିଁ।

**କୁମ୍ଭ** ଆଜି ମାନ୍ଦା ବେପାର, ବନ୍ଧୁଙ୍କ ଶତ୍ରୁତା, ପୁଅ ଝିଅଙ୍କ ବାହାଘର ସମସ୍ୟା ନେଇ ବ୍ୟସ୍ତ ରହିପାରନ୍ତି। ନୂତନ ବନ୍ଧୁ ପ୍ରସ୍ତାବ ସ୍ଥିରୀକୃତ ହେବା ଦିଗରେ ଜଣେ ପୂର୍ବବନ୍ଧୁ ଖବର ନେଇ ଆସିବେ। ବନ୍ଧୁଙ୍କ ସହାୟତାରେ କର୍ମକ୍ଷେତ୍ରରେ ଅଭାବନୀୟ ସ୍ଥିତିରୁ ମୁକ୍ତି ମିଳିବ। ବହୁ ଦିନର ନୂଆ ଯୋଜନା କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱ ଦେବେ।

**ମୀନ** ପାରିବାରିକ ସ୍ଥିରତା ଓ କର୍ମକ୍ଷେତ୍ରର ସ୍ଥିତି ଅକ୍ଷୁଣ୍ଣ ରହିଥିବାରୁ ଖୁସି ହେବେ। କର୍ମକ୍ଷେତ୍ରରେ ବାରମ୍ବାର ସମସ୍ୟା ଯୋଗୁ ମନ ଭାରାକ୍ରାନ୍ତ ରହିବ। ଆର୍ଥିକ ଦୃଷ୍ଟିକୋଣରୁ ଦିନଟି ମନ୍ଦ ନ ହେଲେ ମଧ୍ୟ ବ୍ୟବସାୟ, ପରିବହନରେ ସମସ୍ୟା ଲାଗି ରହିବ। ସ୍ଥାନାନ୍ତର ସକାଶେ ରାଜନୈତିକ ଚାପର ସମ୍ମୁଖୀନ ହୋଇପାରନ୍ତି।

ଆଜି ମେ ୨୮ ତାରିଖ, ଜ୍ୟେଷ୍ଠ ଶୁକ୍ଳ ଦ୍ୱିତୀୟା ବୁଧବାର। ରାଶିନକ୍ଷତ୍ର- ମୃଗଶିରା/ବୃଷ, ଘ.୦୧।୨୭ ମି. ଗତେ ମିଥୁନ ଚନ୍ଦ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ୦୭।୪୮ ଗତେ,୦୮।୨୭ ମଧ୍ୟେ, ଘ.୧୦।୦୫ ଗତେ, ଘ.୧୧।୧୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ. ୧୧।୪୪ ଗତେ, ଘ.୦୧।୨୨ ମଧ୍ୟେ ରାହୁକାଳ।

# ଋତୁସ୍ରାବ: ବଢୁଛି ସଚେତନତା

**ଋତୁସ୍ରାବ ସ୍ୱଚ୍ଛତା ଦିବସ**

ଗାଁ ହେଉ କି ସହର ମାସିକ ଋତୁସ୍ରାବ କଥା କହିବାରେ ପ୍ରାୟ ମହିଳା ସଂକୋଚ କରନ୍ତି। ଏପରିକି ନିଜ ଘର ଲୋକଙ୍କୁ ମଧ୍ୟ ଏସମ୍ପର୍କରେ କହିବାକୁ ଉଚିତ ମନେ କରନ୍ତି ନାହିଁ। ଏ କଥା ପଡିବା ମାତ୍ରେ ଝିଅ ବୋହୂମାନେ ଲାଜ କରି ନ ହେଲେ ମୁହଁ ଘୋଡାଇ ପଳାନ୍ତି। ହେଲେ ଏବେ ସମୟ ବଦଳିଛି ଆଉ ମହିଳାଙ୍କ ଭିତରରେ ସଚେତନତା ବଢ଼ିଛି। ଅପରପକ୍ଷେ ଋତୁସ୍ରାବ ସ୍ୱଚ୍ଛତା ସମ୍ପର୍କରେ ମହିଳାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ୨୦୧୪ରୁ ମେ' ମାସ ୨୮କୁ ଋତୁସ୍ରାବ ସ୍ୱଚ୍ଛତା ଦିବସ ଭାବେ ପାଳନ କରାଯାଇଆସୁଛି। ଏ କ୍ଷେତ୍ରରେ ସଚେତନତା ସୃଷ୍ଟି ପାଇଁ ବିଦ୍ୟାଳୟଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟକ୍ରମମାନ କରାଯାଉଛି।

ରିପୋର୍ଟ: ସୁଚିସ୍ମିତା ସାହୁ, ଭୁବନେଶ୍ୱର

## ୪ରୁ ୬ ଘଣ୍ଟା ମଧ୍ୟରେ ପ୍ୟାଡ ବଦଳାନ୍ତୁ



ବର୍ତ୍ତମାନ ମହିଳା ଓ ଯୁବତୀଙ୍କ ମଧ୍ୟରେ ସଚେତନତା ବଢୁଥିବାରୁ ଋତୁସ୍ରାବ ଜନିତ ସଂକ୍ରମଣ କମିବାରେ ଲାଗିଛି। ସରକାରଙ୍କ ପକ୍ଷରୁ ବିଦ୍ୟାଳୟରେ ନବାଗତ ଛାତ୍ରୀଙ୍କୁ ଋତୁସ୍ରାବ ସମୟରେ କିପରି ନିଜକୁ ସ୍ୱଚ୍ଛ ରଖିବେ ସେ ସମ୍ପର୍କରେ ସଚେତନ କରାଯାଉଛି। ବାଳିକାମାନେ କପଡା ବ୍ୟବହାରକୁ ବନ୍ଦ କରି ପ୍ୟାଡ ପିନ୍ଧିବା ଆରମ୍ଭ କରିଛନ୍ତି। ସ୍କୁଲ ଏବଂ କଲେଜରେ ଛାତ୍ରୀଙ୍କୁ ପ୍ୟାଡ୍ ଯୋଗାଇ ଦିଆଯାଉଛି। ତେବେ ପ୍ରତି ୪ରୁ ୬ ଘଣ୍ଟା ମଧ୍ୟରେ ପ୍ୟାଡ ବଦଳାଇବାର ଆବଶ୍ୟକତା ରହିଛି। ଯଦି ଋତୁସ୍ରାବ ଅଧିକ ପରିମାଣ କିମ୍ବା କମ ଦିନ ହେଉଛି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।

– ପ୍ରଫେସର ଡା. ସୌମ୍ୟା ନନ୍ଦ, ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ

## ଖାଦ୍ୟପେୟ ଓ ଜୀବନଶୈଳୀ ପାଇଁ ଶୀଘ୍ର ଋତୁସ୍ରାବ ହେଉଛି



ଅନେକ ମହିଳା ଏବେବି ଡାକ୍ତରଙ୍କ ପାଖକୁ ଆସି ଋତୁସ୍ରାବ ସମ୍ପର୍କରେ ଠିକ୍ କଥା କହିବାକୁ ଲାଜ କରନ୍ତି। ଅବଶ୍ୟ ପୂର୍ବାପେକ୍ଷା ସଚେତନତା ବଢ଼ିଛି। ମାତ୍ର ଅନେକେ ଋତୁସ୍ରାବ ସ୍ୱଚ୍ଛତାକୁ ମାନୁନାହାନ୍ତି। ସେଥିପାଇଁ ବିଦ୍ୟାଳୟ, ବାଳିକାଙ୍କ ସହିତ ମା' ଏବଂ ପରିବାର ଲୋକଙ୍କୁ ମଧ୍ୟ ସଚେତନ କରିବାକୁ ପଡିବ। ତେବେ ଖାଦ୍ୟପେୟ ଏବଂ ଜୀବନଶୈଳୀର ପରିବର୍ତ୍ତନ ଯୋଗୁଁ ଏବେ ବହୁ ବାଳିକା ୧୦ରୁ ୧୧ ବର୍ଷ ବୟସରେ ଋତୁସ୍ରାବର ସମ୍ମୁଖୀନ ହେଉଛନ୍ତି। ଝିଅମାନଙ୍କୁ ଅଭିଭାବକମାନେ କିପରି ଏକ୍ଷେତ୍ରରେ କିପରି ସ୍ୱଚ୍ଛତା ବଢାଇ ହେବ ସେ ସମ୍ପର୍କରେ ବୁଝାଇବା ଜରୁରୀ।

–ପ୍ରଫେସର ଡା. ମାୟା ପାଢ଼ୀ, ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ

# ବିଦ୍ୟୁତ୍ ଆଘାତରେ ପ୍ରଧାନ ଶିକ୍ଷୟିତ୍ରୀଙ୍କ ମୃତ୍ୟୁ

**ବଞ୍ଚାଇବାକୁ ଯାଇ ସ୍ୱାମୀ ଗୁରୁତର**

ନାକଟିଦେଉଳ,୨୭।୫(ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ୍ ଅନ୍ତର୍ଗତ ବାଟଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଥା ସ୍ଥାନୀୟ ଭାଲୁଗାଡ଼ିଆ ଗାଁର ଅନିତା ପୁରୋହିତ(୫୨)ଙ୍କ ମଙ୍ଗଳବାର ସକାଳେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ଏଥିରେ ତାଙ୍କ ସ୍ୱାମୀ ସନ୍ତୋଷ ଶତପଥୀ ଗୁରୁତର ହୋଇଛନ୍ତି। ସକାଳ ପ୍ରାୟ ୬ଟାରେ ନିଜ ଘର ବାଡ଼ିରେ ଥିବା କୂଅରୁ ପାଣି ଉଠାଇବା ପାଇଁ ମୋଟର ପମ୍ପ ଲଗାଉଥିବାବେଳେ ଅନିତା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ତାଙ୍କୁ ବଞ୍ଚାଇବାକୁ ଉଦ୍ୟମ କଲାବେଳେ ସନ୍ତୋଷ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ତାଙ୍କ ଚିତ୍କାର ଶୁଣି ପାଖରେ ଥିବା ୨ଜଣ ଯୁବକ ସେଠାକୁ ଆସି ଏକ କାଠବାଡ଼ିରେ ବିଦ୍ୟୁତ୍ ତାରକୁ ପିଟି ଅଲଗା କରିଥିଲେ। ପରେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ନାକଟିଦେଉଳ ଡାକ୍ତରଖାନା ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ଅନିତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ନାକଟିଦେଉଳ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ରେଢ଼ାଖୋଲ ପଠାଇଥିଲା। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୬/୨୫) ରୁଜୁ ହୋଇଛି। ମୃତକଙ୍କ ପୁଅ ଆମେରିକାରେ ଚାକିରି କରୁଥିବା ବେଳେ ଝିଅ ଘରେ ରହିଛି। ଅନିତା ଗତ ୪ବର୍ଷ ହେଲା ବାଟଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଭାବେ କାର୍ଯ୍ୟ କରୁଥିଲେ। ଜଣେ ଛାତ୍ରବତ୍ସଳ ଶିକ୍ଷୟିତ୍ରୀଭାବେ ତାଙ୍କର ସୁନାମ ଥିଲା। ତାଙ୍କ ବିୟୋଗରେ ଅଞ୍ଚଳବାସୀ ତଥା ପରିଚିତ ମହଲରେ ଶୋକର ଛାୟା ଖେଳିଯାଇଛି।



ଅନିତା ପୁରୋହିତ

# ଇନ୍ଦିରା ଆବାସ ପାଇଥିବା ଅନେକ ହିତାଧିକାରୀ ପାଇବେ ପିଏମ୍‌ଏୱାଇ: ମନ୍ତ୍ରୀ

ଭୁବନେଶ୍ୱର, ୨୭।୫(ସୁନିତ୍ ମିଶ୍ର)

**୩୧ ସୁଦ୍ଧା ପିଏମ୍‌ଏୱାଇ ପାଇଁ କରିହେବ ଆବେଦନ**

ରାଜ୍ୟରେ ଏପରି ପରିବାର ରହିଛନ୍ତି ଯେଉଁମାନେ ଇନ୍ଦିରା ଆବାସ ପାଇଥିଲେ। ସେଥିଲାଗି ସେମାନେ ଆଉ ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ପିଏମ୍‌ଏୱାଇ) ପାଇବାକୁ ଯୋଗ୍ୟ ହୋଇପାରିନାହାନ୍ତି। ସେତେବେଳେ ସେମାନେ ଇନ୍ଦିରା ଆବାସ ଯୋଜନାରେ ୪୮ ହଜାର ଟଙ୍କା ପର୍ଯ୍ୟନ୍ତ ପାଇଥିଲେ। ସେହି ହିତାଧିକାରୀମାନେ ଯେଉଁ ଘର କରିଥିଲେ ସେଗୁଡିକ ମଧ୍ୟ ଭାଙ୍ଗିଗଲାଣି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ନେଇ ନିର୍ଦ୍ଦେଶ ଦେଇଛନ୍ତି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲାଗି ତଳସ୍ତରକୁ ଯାଇ ଆହୁରି ଭଲରେ ସର୍ଭେ କରିବା ଲାଗି। ଯେଉଁମାନେ ଇନ୍ଦିରା ଆବାସ ପାଇଥିଲେ ଏବଂ ସେମାନଙ୍କ ଘର ନଷ୍ଟ ହୋଇଯାଇଛି ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତାଲିକାରେ ସାମିଲ କରାଯିବ ବୋଲି ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ସୂଚନା ଦେଇଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ ନାଏକ କହିଛନ୍ତି, ରାଜ୍ୟରେ ହିତାଧିକାରୀଙ୍କୁ ୨ ପ୍ରକାର ଯୋଜନାରେ ଘର ଦିଆଯାଉଛି। ଲୋକଙ୍କୁ ମୁଖ୍ୟତଃ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପ୍ରଦାନ କରାଯାଉଛି। ହେଲେ ସରକାରକୁ ଆସିବା ବେଳେ ହିତାଧିକାରୀଙ୍କ ତାଲିକା କିଛି ନ ଥିଲା। ସରକାରକୁ ଆସିବା ପରେ ନୂତନ ସର୍ଭେ ଆରମ୍ଭ ହୋଇଛି। ଆସନ୍ତା ୩୧ ହେଉଛି ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲାଗି ଆବେଦନ କରିବାର ଶେଷ ସମୟ। ଏବେ ସୁଦ୍ଧା ୩୬ ଲକ୍ଷ ୮୧ ହଜାର ଲୋକ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଲାଗି ଆବେଦନ କରିଛନ୍ତି। ଯଦି ଆଉ କେହି ଯୋଗ୍ୟ ହିତାଧିକାରୀ ରହିଯାଇଛନ୍ତି ସେମାନେ ଆସନ୍ତା ୩ ଦିନ ମଧ୍ୟରେ ଆବେଦନ କରନ୍ତୁ । ରାଜ୍ୟ ସରକାର ଆଶା ରଖିଛନ୍ତି କେନ୍ଦ୍ରଠାରୁ ୨୨ ଲକ୍ଷ ଘର ମିଳିବ। ପରିସ୍ଥିତି ଅନୁଯାୟୀ ଯଦି ଅଧିକ ଘର ଆବଶ୍ୟକ ପଡ଼ିବ ତାହା କେନ୍ଦ୍ରକୁ ଜଣାଯିବ ଏବଂ ଲୋକଙ୍କୁ ଘର ଦିଆଯିବ ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି, ଯେଉଁମାନେ ଆବେଦନ କରିଛନ୍ତି ୨ ମାସ ମଧ୍ୟରେ ସେମାନଙ୍କ ଆବେଦନକୁ ସର୍ଭେକରି କେନ୍ଦ୍ର ସରକାରଙ୍କ ନିକଟକୁ ତାଲିକା ପଠାଇଯିବ। ଏଭଳି ନିଷ୍ପତ୍ତି ବିଭାଗ ପକ୍ଷରୁ ନିଆଯାଇଛି। ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୬୦ ହଜାର ଗୃହ ବଣ୍ଟନ କରିଛନ୍ତି। ଏବେ ୧ ଲକ୍ଷ ୭ ହଜାର ଗୃହ ଅନ୍ତ୍ୟୋଦୟ ଘର ଦେବାକୁ ଯୋଜନା ରଖାଯାଇଛି। ଏହି ଘର ମୌସୁମୀ ପରେ ଯୋଗାଇଦେବାକୁ ଲକ୍ଷ୍ୟ ରଖାଯାଇଛି।

ପ୍ରଥମ ପୃଷ୍ଠାରୁ...

## ଚଳିତ ବର୍ଷ ସ୍ୱାଭାବିକଠାରୁ...

ଜୋନ୍‌ରେ ମଧ୍ୟପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର, ଓଡ଼ିଶା ସମେତ ଏହାର ଆଖପାଖ ଅଞ୍ଚଳ ରହିଛି। ଏହି ଅଞ୍ଚଳରେ ଅଧିକାଂଶ ବର୍ଷା ଦକ୍ଷିଣ ପଶ୍ଚିମ ମୌସୁମୀ ସମୟରେ ହୋଇଥାଏ। ଫଳରେ ଉକ୍ତ ଅଞ୍ଚଳର କୃଷିକାର୍ଯ୍ୟ ମୌସୁମୀ ବର୍ଷା ଉପରେ ଅଧିକ ନିର୍ଭର ରହିଥାଏ। ଉତ୍ତର-ପଶ୍ଚିମ ଭାରତରେ ସ୍ୱାଭାବିକ ବର୍ଷା ହେବା ସମ୍ଭାବନା ଥିବାବେଳେ ଭାରତର ଉତ୍ତର-ପୂର୍ବାଞ୍ଚଳରେ ସ୍ୱାଭାବିକଠାରୁ କମ୍ ବର୍ଷା ରେକର୍ଡ ହୋଇପାରେ। ସେହିପରି ଚଳିତ ମୌସୁମୀରେ ମଧ୍ୟ ଏବଂ ଦକ୍ଷିଣ ଭାରତରେ ସ୍ୱାଭାବିକଠାରୁ ଅଧିକ ବର୍ଷା ସମ୍ଭାବନା ଥିବା ଆଇଏମ୍‌ଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।

## ୨୦ କୋଟିର ଋଣବୋଝ...

ତେବେ ଏଥିପାଇଁ ଆଣିଥିବା ଋଣ ପରିମାଣ ବଢ଼ି ଚାଲିବାରୁ ସେ ଶୁଝିପାରି ନ ଥିଲେ। ଫଳରେ ବାଧ୍ୟହୋଇ ଫ୍ୟାକ୍ଟ୍ରି ବନ୍ଦ କରିଦେଇଥିଲେ। ଆର୍ଥିକ ସ୍ଥିତି ଖରାପ ହେବାରୁ ଦିନେ ପ୍ରବୀଣଙ୍କୁ ପଞ୍ଚକୁଲା ଛାଡ଼ିବାକୁ ପଡ଼ିଲା। ସେ ଡେରାଡୁନରେ ରହିଲେ। ସେଠାରେ ରହିବା ଭିତରେ ପ୍ରବୀଣ ପରିବାରଠାରୁ ଦୀର୍ଘ ୬ ବର୍ଷ ଧରି କୌଣସି ପ୍ରକାର ଯୋଗାଯୋଗ କରି ନ ଥିଲେ। ସେ ପରବର୍ତ୍ତୀ ସମୟରେ ପଞ୍ଜାବର ଖରାର ଓ ହରିୟାଣାର ପିଞ୍ଜୋରକୁ ଗଲେ। ପିଞ୍ଜୋରରେ ପ୍ରବୀଣ ନିଜ ଶ୍ୱଶୁରଘରେ ରହିବା ପରେ ମାସକ ତଳେ ପୁଣି ପଞ୍ଚକୁଲାକୁ ଫେରିଥିଲେ। ସେଠାରେ ସେ ଏକ ଟ୍ୟାକ୍ସି ଡ୍ରାଇଭର ଭାବେ କାର୍ଯ୍ୟ କରିବାକୁ ଲାଗିଲେ। ବ୍ୟାଙ୍କ ତାଙ୍କର ଦୁଇଟି ଫ୍ଲାଟ୍ ଓ ଗାଡ଼ିଗୁଡ଼ିକୁ ମଧ୍ୟ ବାଜ୍ୟାପ୍ତ କରିଥିଲା। ଇତିମଧ୍ୟରେ ସୋମବାର ପ୍ରବୀଣ ଓ ତାଙ୍କ ପରିବାର ଲୋକେ ବାଗେଶ୍ୱର ଧାମକୁ ଏକ ଆଧାତ୍ମିକ କାର୍ଯ୍ୟକ୍ରମରେ ଯୋଗଦେଇ କାର୍‌ରେ ଫେରୁଥିଲେ। ରାସ୍ତାରେ ଯିବାବେଳେ ପ୍ରବୀଣଙ୍କ ସମେତ ପରିବାରର ସମସ୍ତ ସଦସ୍ୟ ବିଷ ପିଇଦେଇଥିବା କୁହାଯାଉଛି। ପୁନୀତ ରାଣା ନାମକ ଜଣେ ସ୍ଥାନୀୟ ବ୍ୟକ୍ତି ରାତି ୧୦ଟାରେ ସେହି ରାସ୍ତା ଦେଇ ଯାଉଥିବାବେଳେ ସେମାନଙ୍କୁ ଦେଖିଥିଲେ। ସେ ଖବର ଦେବା ପରେ ପୋଲିସ ଆସି ପହଞ୍ଚିଥିଲା। ୬ ଜଣ କାର୍ ଭିତରେ ପ୍ରାଣ ହରାଇଥିବାବେଳେ ଜଣଙ୍କୁ ହସ୍ପିଟାଲକୁ ନେବାବେଳେ ବାଟରେ ଆଖି ବୁଜି ଦେଇଥିଲେ। ୩ ପିଲାଙ୍କ ମଧ୍ୟରୁ ୨ ଝିଅଙ୍କ ବୟସ ୧୩ ବର୍ଷ ହୋଇଥିବାବେଳେ ପୁଅ ହାର୍ଦ୍ଦିକଙ୍କୁ ୧୫ ବର୍ଷ ହୋଇଥିଲା। ଅଧିକ ତଦନ୍ତ ଜାରି ରହିଥିବା ପଞ୍ଚକୁଲା ଡିସିପି ହିମାଦ୍ରୀ କୌଶିକ ସୂଚନା ଦେଇଛନ୍ତି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଭାଜ୍ ଲୋ ବୋହୂ ବରୁଗୁଡ଼ି,
ବସିଥେଲେ ବୋହୂ ସୁନ୍ଦର ଦିଶେ,
ଚାଲିଗଲେ ଦିଶେ ନଳିଗୋଡ଼ି ।**

ନୂଆ ହୋଇ ଶାଶୁଘରେ ପାଦ ଦେଇଥିବା ବୋହୂକୁ ରୋଷେଇ ଓ ଘରକରଣା କାମରେ ନିପୁଣା କରାଇବାର ଦାୟିତ୍ୱ ସାଧାରଣତଃ ଶାଶୁ ଉପରେ ନ୍ୟସ୍ତ ଥାଏ। ତେବେ ବୋହୂ ଯଦି ନିଜ ଦାୟିତ୍ୱ ପ୍ରତି ସଚେତନ ନ ହୋଇ ଅବହେଳା ଦେଖାଏ, ତାହେଲେ ସେ ନିନ୍ଦା ଶରବ୍ୟର ପାତ୍ରୀ ହେଉଥିବା ନେଇ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଭୋଜି ହୋଇଥିଲେ ବରଷେ
ଘୋଷି ହେଉଥାଇ ପୁରୁଷେ।**

ସାଧାରଣତଃ ଭୋଜି ଭାତରେ ସ୍ୱାଦିଷ୍ଟ ଖାଦ୍ୟ ଖାଇବାକୁ ମିଳିଥାଏ। ତେବେ ଏପରି ଭଲ ସୁଆଦିଆ ଖାଇବା କଥା ବହୁଦିନ ପାଇଁ ମନରେ ସ୍ମୃତି ହୋଇ ରହିଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ମଙ୍ଗଳବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଟନେଲ ଭୁଶୁଡ଼ିଥିବା ସ୍ଥାନରେ ପିସିସି ସଭାପତି



ଟନେଲ ଭୁଶୁଡିଥିବା ସ୍ଥାନରେ ପିସିସି ସଭାପତି ଓ କଂଗ୍ରେସ କାର୍ଯ୍ୟକର୍ତ୍ତା।

## ଘଟଣା ପାଇଁ ରେଳ ବିଭାଗକୁ ଦାୟୀ କଲେ

**ବୌଦ୍ଧ/ହରଭଙ୍ଗା,୨୭।୫(ଅଜିତ କୁମାର ବାରିକ/ ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ଆଡେଣିଗଡ ପଞ୍ଚାୟତରେ ଖୋର୍ଦ୍ଧା-ବଲାଙ୍ଗୀର ରେଳ ପ୍ରକଳ୍ପର ୪ଟି ଟନେଲ କାମ ଚାଲିଥିବାବେଳେ ଗତ ସୋମବାର କଖାରୁଫାଳଠାରେ ୪ ନଂ. ଟନେଲ ଭୁଶୁଡିଯିବାରୁ ୩୦ ଫୁଟ୍ ଗର୍ତ୍ତ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଟନେଲ ଭୁଶୁଡିବା ପରେ ମଙ୍ଗଳବାର ସକାଳେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଘଟଣାସ୍ଥଳ ପରିଦର୍ଶନ କରିଛନ୍ତି। ସେ ରେଳ ବିଭାଗ ଓ ଠିକା ସଂସ୍ଥା ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଏହି ଘଟଣା ପାଇଁ ସେ ରେଳ ବିଭାଗକୁ ଦାୟୀ କରିଛନ୍ତି। ରେଳ ବିଭାଗର ଅବହେଳା ଯୋଗୁ ଉକ୍ତ ଘଟଣା ଘଟିଛି। ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସମୟରେ ବାରମ୍ବାର ଏଭଳି ଘଟଣା ଘଟୁଥିବାରୁ ପିସିସି ସଭାପତି ଦାସ ତାଙ୍କ ଇସ୍ତଫା ଦାବି କରିଛନ୍ତି। ଏଥିସହ ଠିକ୍ ଭାବେ ମାଟି ପରୀକ୍ଷା କରାଯାଇ ନ ଥିବାରୁ ଏପରି ଘଟଣା ଘଟିଥିବା ସେ କହିଛନ୍ତି। ସେହିପରି ସରକାର ସିଧାସଳଖ ଜମି ଅଧିଗ୍ରହଣ ନ କରି ଦଲାଲ ମାଧ୍ୟମରେ ଜମି ହସ୍ତଗତ କରିଥିବା ଯୋଗୁ ପିସିସି ସଭାପତି ତୀବ୍ର ସମାଲୋଚନା କରିଛନ୍ତି। ଜମି ହରାଇଥିବା ପରିବାରଙ୍କୁ ଶୀଘ୍ର ଉପଯୁକ୍ତ କ୍ଷତିପୂରଣ ନ ଦେଲେ ରାଜ୍ୟ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ସମୟରେ ପିସିସି ସଭାପତିଙ୍କ ସହ ରାଜ୍ୟ କଂଗ୍ରେସ ଉପସଭାପତି ସନ୍ତୋଷ ସିଂ ସାଲୁଜା, ରାଜଗାଙ୍ଗପୁର ବିଧାୟକ ଡ. ରାଜନ ଏକ୍କା, ବୌଦ୍ଧ ଜିଲା କଂଗ୍ରେସ ସଭାପତି ନବ କୁମାର ମିଶ୍ର, ମୁଖ୍ୟ ପ୍ରବକ୍ତା ଶାନ୍ତନୁ କୁମାର ମହାପାତ୍ର, ହରଭଙ୍ଗା ବ୍ଲକ ସଭାପତି ପଙ୍କଜ କର୍ଣ୍ଣ, କଣ୍ଟାମାଳ ବ୍ଲକ ସଭାପତି ସୁଶାନ୍ତ ମଲିକ, କେଶବ କ୍ଷେତି, ସମରେନ୍ଦ୍ର ମହାକୁଲ, ପ୍ରଦୀପ ମଲିକ, ଦେବେନ୍ଦ୍ର ନାୟକ, ପ୍ରଦୀପ ଯୋଶୀ, କନ୍ଧମାଳ ଜିଲା କଂଗ୍ରେସ ସଭାପତି ଚନ୍ଦ୍ରଶେଖର ପରିଡାଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଉପସ୍ଥିତ ଥିଲେ।

# ହାର୍ଡକୋର ମାଓବାଦୀ ବିଜୟଙ୍କ ଆତ୍ମସମର୍ପଣ

**ରାୟଗଡ଼ା,୨୭।୫ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଏସ୍‌ପିଙ୍କ ନିକଟରେ ମଙ୍ଗଳବାର ଜଣେ ହାର୍ଡକୋର ମାଓବାଦୀ ବିଜୟାପୁନେମ୍ ଓରଫ୍ ବିଜୟ ଆତ୍ମସମର୍ପଣ କରିଛନ୍ତି। ବିଜୟଙ୍କ ନିଜ ଘର ଛତିଶଗଡ଼ର ବିଜାପୁର ଜିଲା ଅନ୍ତର୍ଗତ ହୁସୁର ଥାନା ବାଟିଗୁଡ଼େମ ଗ୍ରାମରେ। ବିଜୟ ବାସଧାରା-ଘୁମସୁର-ନାଗାବଳୀ ଡିଭିଜନର ଜଣେ ହାର୍ଡକୋର ମାଓବାଦୀ ଥିଲେ ବୋଲି ରାୟଗଡ଼ା ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ସ୍ୱାଥୀ ଏସ୍.କୁମାର ସୂଚନା ଦେଇଛନ୍ତି। ବିଜୟଙ୍କଠାରୁ ପୋଲିସ ଗୋଟିଏ ୯ ଏମ୍‌ଏମ୍ ପିସ୍ତଲ, ୮ ରାଉଣ୍ଡ ଗୁଳି ଏବଂ ଗୋଟିଏ ୱାକିଟାକି ଜବତ କରିଛି। ବିଜୟଙ୍କ ଉପରେ ୪ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା। ଛତିଶଗଡ଼, ମାଲକାନଗିରି, କୋରାପୁଟ, ନୂଆପଡ଼ା, କଳାହାଣ୍ଡି, ବୌଦ୍ଧ, କନ୍ଧମାଳ ଓ ରାୟଗଡ଼ା ଜିଲାରେ ଘଟିଥିବା ବିଭିନ୍ନ ମାଓବାଦୀ ହିଂସାରେ ବିଜୟ ଜଡ଼ିତ ଥିବା ରାୟଗଡ଼ା ଏସ୍‌ପି ସ୍ୱାଥୀ ସୂଚନା ଦେଇଛନ୍ତି।

ବିଜୟ ୨୦୦୯ରେ ସିପିଆଇ ମାଓବାଦୀ ସଂଗଠନରେ ସାମିଲ ହୋଇଥିଲେ। ପରେ ପ୍ରଶିକ୍ଷଣ ଶେଷ ହେବା ପରେ ମଡେମ ବାଲକ୍ରିଷ୍ଣା ଓରଫ୍ ମନୋଜଙ୍କ ସୁରକ୍ଷା ଟିମ୍ ଦାୟିତ୍ୱରେ ରହିଥିଲେ। ୨୦୧୪ରେ ବିଜୟ ମାଓବାଦୀଙ୍କ ଏସିଏମ୍ ର୍ୟାଙ୍କକୁ ପଦୋନ୍ନତି ପାଇ ମନୋଜଙ୍କ ଗନ୍‌ମ୍ୟାନ୍ ଭାବେ କାମ କରିଥିଲେ। ୨୦୨୩ରେ ତାଙ୍କୁ ବିଜିଏନ୍ ଡିଭିଜନକୁ ପଠାଯାଇଥିଲା। ସେବେଠାରୁ ସେ ଘୁମସୁର ଏସିରେ କାର୍ଯ୍ୟରତ ଥିଲେ। ଆତ୍ମସମର୍ପଣ କରିଥିବା ବିଜୟ କନ୍ଧମାଳ ଜିଲା କୋଟଗଡ଼ ଥାନାର ବଣ୍ଡିପାଙ୍ଗା ଗ୍ରାମର ମେଟଲା ରଇତଙ୍କ ହତ୍ୟା ମାମଲା, କୋଟଗଡ଼ ଥାନା ଅନ୍ତର୍ଗତ ମେରାଗୁଡି ଗ୍ରାମ ନିକଟସ୍ଥ ଜଙ୍ଗଲ ଏବଂ ତୁମୁଡିବନ୍ଧ ଥାନା ଅନ୍ତର୍ଗତ ସିରଲା ଗ୍ରାମ ନିକଟସ୍ଥ ଜଙ୍ଗଲ, ରାଇକିଆ ଥାନା ଅନ୍ତର୍ଗତ ଚଢ଼େଇପାଲି ଜଙ୍ଗଲ ଓ ଗୋଛାପଡା ଥାନା ଅନ୍ତର୍ଗତ କୋଡାଙ୍ଗ ଜଙ୍ଗଲରେ ସୁରକ୍ଷା କର୍ମୀ ଓ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟ ଘଟଣାରେ ସାମିଲ ଥିଲେ। ସେହିଭଳି ୨୦୨୨ରେ ଛତିଶଗଡ଼ର ଗାରିଆବନ୍ଧ ଜିଲାର ଜୋଡେଇପାଣି, ସିକସାର ଜଙ୍ଗଲରେ ହୋଇଥିବା ଗୁଳି ବିନିମୟରେ ସେ ସାମିଲ ଥିବା ଏସ୍‌ପି ସୂଚନା ଦେଇଛନ୍ତି। ତାଙ୍କ ନାଁରେ ବିଭିନ୍ନ ଥାନାରେ ୭ଟି ମାମଲା ରହିଛି। ସିପିଆଇ(ମାଓବାଦୀ) ସଙ୍ଗଠନର ଭୁଲ୍ ଚିନ୍ତାଧାରା, ନେତାଙ୍କ ଦୁର୍ବ୍ୟବହାର ଓ ଆଦର୍ଶ ବିହୀନ ସଙ୍ଗଠନ ଯୋଗୁ ସେ ମାଓବାଦୀ ସଂଗଠନ ଉପରେ ବିମୁଖ ହୋଇ ଆତ୍ମସମର୍ପଣ କରିଥିବା ବିଜୟ କହିଛନ୍ତି। ଆଗକୁ ତାଙ୍କ ସ୍ତ୍ରୀ ଓ ଅନେକ ସାଥୀ ଆତ୍ମସମର୍ପଣ କରିବେ ବୋଲି ମାଓବାଦୀ ବିଜୟ ସୂଚନା ଦେଇଛନ୍ତି। ତେବେ ୨୦୦୬ରୁ ୨୦୨୪ ଯାଏ ରାୟଗଡ଼ା ଜିଲାରେ ୨୯ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିବା ଏସ୍‌ପି ସ୍ୱାଥୀ କହିଛନ୍ତି।



ରାୟଗଡ଼ା ଏସ୍‌ପି ସ୍ୱାଥୀ ଏସ୍.କୁମାରଙ୍କ ନିକଟରେ ଆତ୍ମସପର୍ମଣ କରିଥିବା ମାଓବାଦୀ।

# ୪ ହାର୍ଡକୋର୍ ସମେତ ୧୮ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି, ୨୭।୫ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ଼ ସୁକ୍‌ମା ପୋଲିସ ନିକଟରେ ମଙ୍ଗଳବାର ୪ ପିଏଲ୍‌ଜିଏ ସଦସ୍ୟଙ୍କ ସମେତ ୧୮ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନଙ୍କ ମଧ୍ୟରୁ ୨ ଜଣଙ୍କ ନାମରେ ୧୬ ଲକ୍ଷ ଟଙ୍କା ପୁରସ୍କାର ରାଶି ଥିଲା। ୧୮ ଜଣଙ୍କ ନାମରେ ମୋଟ ୩୯ ଲକ୍ଷ ଟଙ୍କାର ପୁରସ୍କାର ରହିଛି। ଏମାନେ ଛତିଶଗଡ଼ ବିଜାପୁର, ସୁକ୍‌ମା ଜିଲାରେ ଅନେକ ବଡ଼ ବଡ଼ ହିଂସାରେ ଜଡ଼ିତ ଥିଲେ। ତେବେ ବର୍ତ୍ତମାନ ଯବାନଙ୍କ କୋମ୍ବିଂ, ବିଭିନ୍ନ ସ୍ଥାନରେ କ୍ୟାମ୍ପ ସ୍ଥାପନକୁ ଭୟକରି ଏମାନେ ଦଳ ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲହେବା କହିଛନ୍ତି। ଏମାନଙ୍କୁ ସରକାରଙ୍କ ପୁନଃ ଥଇଥାନ ନୀତିରେ ଥିବା ସମସ୍ତ ସୁବିଧା ଯୋଗାଇଦେବା ସହ ଅନ୍ୟ ମାଓବାଦୀଙ୍କୁ ମଧ୍ୟ ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ପୋଲିସ ପକ୍ଷରୁ ଆହ୍ୱାନ ଦିଆଯାଇଛି।




ଆତ୍ମସମର୍ପଣ କରିଥିବା ମାଓବାଦୀ।

# ପୁଣି ଭୁଶୁଡ଼ିଲା ନିର୍ମାଣାଧୀନ ଟନେଲ



ଟନେଲ ଭୁଶୁଡ଼ି ୩୦ ଫୁଟର ଗାତ ସୃଷ୍ଟି ହୋଇଛି।

**ବୌଦ୍ଧ/ହରଭଙ୍ଗା,୨୭।୫(ଅଜିତ କୁମାର ବାରିକ / ନରେନ୍ଦ୍ର କୁମାର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଆଡେଣିଗଡ଼ ନିକଟ କଖାରୁଫାଳଠାରେ ନିର୍ମାଣାଧୀନ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ୪ ନଂ. ଟନେଲ ଗତ ସୋମବାର ଭୁଶୁଡ଼ି ପଡ଼ିଥିଲା। ଏହି ଟନେଲ ଭୁଶୁଡ଼ିଯିବାରୁ ୩୦ ଫୁଟର ଏକ ଗାତ ସୃଷ୍ଟି ହୋଇଥିଲା। ମଙ୍ଗଳବାର ଅପରାହ୍ନରେ ଉକ୍ତ ଭୁଶୁଡ଼ିଥିବା ଟନେଲ ସ୍ଥାନଠାରୁ ପୁଣି ୫୦ ମିଟର ଦୂରତାରେ ଆଉ ଏକ ସ୍ଥାନରେ ୧୦ ଫୁଟର ଗୋଲେଇ ହେବା ସହ ୩୦ ଫୁଟର ଗାତ ସୃଷ୍ଟି ହୋଇଛି। ଫଳରେ ଦୁଇ ଦିନରେ ଦୁଇ ଥର ଭୁଶୁଡ଼ିଥିବାରୁ ରେଳ ପ୍ରକଳ୍ପ କାର୍ଯ୍ୟ ବିଳମ୍ବ ହେବ ବୋଲି ଅନୁମାନ କରାଯାଉଛି। ଭୁଶୁଡ଼ିଥିବା ସ୍ଥାନଗୁଡ଼ିକର ମାଟି ହାଲୁକା ଥିବାରୁ ସମାନ୍ୟ ବର୍ଷା ଯୋଗୁ ଭୁଶୁଡୁଥିବା କୁହାଯାଉଛି। ଆଗାକୁ ଜୋର ବର୍ଷା ହେଲେ ପୁଣି ଟନେଲ ଭୁଶୁଡ଼ିବା ଆଶଙ୍କା କରାଯାଉଛି।

# ଗତବର୍ଷ ତୁଳନାରେ ଏପ୍ରିଲ ସୁଦ୍ଧା ସାମଗ୍ରିକ ଖର୍ଚ୍ଚରେ ୩୫% ବୃଦ୍ଧି

**ଭୁବନେଶ୍ୱର, ୨୭।୫(ସୁନିତ୍ ମିଶ୍ର)**

ଗତବର୍ଷ ତୁଳନାରେ ଚଳିତ ବର୍ଷ ଏପ୍ରିଲ ସୁଦ୍ଧା ସାମଗ୍ରିକ ଖର୍ଚ୍ଚରେ ୩୫% ବୃଦ୍ଧି ଘଟିଛି। ଏହାସହ ବିଭିନ୍ନ କାର୍ଯ୍ୟକ୍ରମ ବାବଦରେ ଗତବର୍ଷ ତୁଳନାରେ ୬୬% ଖର୍ଚ୍ଚ ବୃଦ୍ଧି ହୋଇଛି। ବଜେଟ ପ୍ରାବଧାନ ଅନୁସାରେ ପ୍ରତ୍ୟେକ ବିଭାଗ ନିଜ ସ୍ତରରେ ପ୍ରତ୍ୟେକ ମାସରେ କାର୍ଯ୍ୟର ଅଗ୍ରଗତି ଓ ତଦନୁଯାୟୀ ଖର୍ଚ୍ଚର ସମୀକ୍ଷା କରିବାକୁ ମୁଖ୍ୟ ଶାସନ ସଚିବ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବିଭିନ୍ନ ମାଧ୍ୟମରୁ ସଂଗୃହିତ ନିଜସ୍ୱ କର ଓ ଅଣକର ଆଦାୟ ସ୍ଥିତି ଅନୁଧ୍ୟାନ କରାଯାଇଛି। ୨୦୨୫-୨୬ ବଜେଟରେ ରହିଥିବା ନୂଆ ଯୋଜନାର କାର୍ଯ୍ୟକାରିତା ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଛି। ମଙ୍ଗଳବାର ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ସଚିବସ୍ତରୀୟ ବୈଠକରେ ଏହା ଉପରେ ଆଲୋଚନା କରାଯାଇଛି। ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ପ୍ରାବଧାନ ଅନୁସାରେ ଚଳିତ ଏପ୍ରିଲ ସୁଦ୍ଧା ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ସମ୍ପର୍କରେ ଅର୍ଥ ବିଭାଗ ତରଫରୁ ସ୍ଥିତି ଉପସ୍ଥାପନ କରାଯାଇଛି। ବିଭିନ୍ନ ବିଭାଗରେ ଓସ୍ୱାସ୍ ବା କମ୍ପ୍ୟୁଟରୀକରଣ ବ୍ୟବସ୍ଥାରେ ସରକାରୀ ନଥି ପ୍ରୋସେସିଂ କାର୍ଯ୍ୟ ସାଧାରଣତଃ ସହକାରୀ ଉପବିଭାଗ ଅଧିକାରୀ, ଉପବିଭାଗ ଅଧିକାରୀ(ଏଏସ୍‌ଓ-ଏସ୍‌ଓଙ୍କ) ଠାରୁ ଆରମ୍ଭ ହୋଇ ବିଭିନ୍ନ ଉପରିସ୍ଥ ଅଧିକାରୀଙ୍କ ସ୍ତର ଦେଇ ପ୍ରାୟ ୫-୬ଟି ପର୍ଯ୍ୟାୟରେ ଶେଷରେ ବିଭାଗୀୟ ସଚିବଙ୍କ ନିକଟରେ ପରବର୍ତ୍ତୀ ନିଷ୍ପତ୍ତି ବା ଆଦେଶ ପାଇଁ ନଥି ପହଞ୍ଚୁଥିବାରୁ ସରକାରୀ କାର୍ଯ୍ୟ ବିଳମ୍ୱିତ ହେଉଥିବା ପରିଲକ୍ଷିତ ହେଉଛି। ଏହି ପ୍ରକ୍ରିୟାକୁ ସରଳ କରାଯାଇ ଯେପରି ସର୍ବାଧିକ ୩ଟି ସ୍ତର ଦେଇ ନିଷ୍ପତ୍ତି ପ୍ରଦାନକାରୀ କର୍ତ୍ତୃପକ୍ଷଙ୍କ ନିକଟରେ ନଥି ପହଞ୍ଚିବ ସେଥିପାଇଁ ଏହି ବିଭିନ୍ନ ସ୍ତରୀୟ ବ୍ୟବସ୍ଥାକୁ କମାଯାଇ (ଡିଲେୟାରିଂ) ପ୍ରକ୍ରିୟାରେ ଏହି ବ୍ୟବସ୍ଥାର ସରଳୀକରଣ କରାଯିବ। ସେହିପରି ଆଗାମୀ ଦିନରେ କେତେକ ବିଭାଗ ତରଫରୁ ଆଗତ ହେବାକୁ ଥିବା ବିଭିନ୍ନ ନୀତି ଓ ନିର୍ଦ୍ଦେଶାବଳୀ ସମ୍ପର୍କରେ ଚୂଡ଼ାନ୍ତ ପ୍ରସ୍ତାବ ପାଇଁ ବିଭାଗଗୁଡ଼ିକୁ ପରାମର୍ଶ ଦିଆଯାଇଛି।



ଏକଥା ସତ ଯେ, ସ୍ୱାର୍ଥପରତା ଆତ୍ମାକୁ ନଷ୍ଟ କରେ। ସ୍ୱାର୍ଥପର ପ୍ରବୃତ୍ତିକୁ ଧ୍ୱଂସ କର। କିନ୍ତୁ ତୁମକୁ ଅନ୍ୟ ଦିଗରେ ମଧ୍ୟ ସାବଧାନ ହେବାକୁ ପଡିବ। କାରଣ ତୁମର ବଦାନ୍ୟତା ମଧ୍ୟ ଯେପରି ଅନ୍ୟମାନଙ୍କ ଆତ୍ମାକୁ ନଷ୍ଟ ନ କରେ। -ଶ୍ରୀଅରବିନ୍ଦ

-ଚନ୍ଦ୍ର ଦର୍ଶନ,
ପୂଜା ଓ ଉପବାସ



# ଋଣ ମୃତ୍ୟୁ

ହରିୟାଣାର ପଞ୍ଚକୁଳାଠାରେ ୨୬ ମେ' ରାତିରେ ଘଟିଥିବା ଏକ ଅଘଟଣ ଏବେ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ଋଣ ଶୁଝି ନ ପାରିବାରୁ ବ୍ୟବସାୟୀ ପ୍ରବୀଣ ମିତ୍ତଲ ତାଙ୍କ ସ୍ତ୍ରୀ, ୩ ପିଲା ଏବଂ ମାତାପିତାଙ୍କୁ ବିଷ ଦେଇ ଆତ୍ମହତ୍ୟା କରାଇ ଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ପଞ୍ଚକୁଳା ରାସ୍ତାକଡ଼ରେ ଗୋଟେ କାର୍ ରାତିରେ ଥୁଆ ହୋଇଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ସେଥିରୁ ୬ ଜଣ ସଂଜ୍ଞାହୀନ ଥିଲେ ଓ ଆଉ ଜଣେ ଗାଡ଼ି ଭିତରୁ ବାନ୍ତି କରୁଥିବା ଦେଖାଯାଇଥିଲା। ବାନ୍ତି କରୁଥିବା ବ୍ୟକ୍ତି ଥିଲେ ପ୍ରବୀଣ ମିତ୍ତଲ। ସ୍ଥାନୀୟ ଲୋକଙ୍କୁ ସେ ନିଜ ଦୁଃଖଦ କାହାଣୀ ବର୍ଣ୍ଣନା କରି କହିଥିଲେ ଯେ ୬ ଜଣ ମରିସାରିଲେଣି ଓ ତାଙ୍କର ମଧ୍ୟ କିଛି ସମୟ ପରେ ମୃତ୍ୟୁ ଘଟିବ। ସଙ୍ଗେ ସଙ୍ଗେ ଲୋକେ ତାଙ୍କୁ ଡାକ୍ତରଖାନା ନେଉଥିବା ବେଳେ ତାଙ୍କ ପ୍ରାଣବାୟୁ ଉଡ଼ିଯାଇଥିଲା। ପରବର୍ତ୍ତୀ ସମୟରେ ପୋଲିସ ଗାଡ଼ି ଭିତରୁ ସୁଇସାଇଡ୍ ନୋଟ ଜବତ କରିଥିଲା। ସେଥିରେ ଉଲ୍ଲେଖ ଥିଲା ଯେ, ଋଣ ଶୁଝି ନ ପାରିବା ଯୋଗୁ ପରିବାର ଆତ୍ମହତ୍ୟା ପଥ ବାଛି ନେଇଛନ୍ତି।

ଋଣ ପରିଶୋଧ ସମ୍ଭବ ନ ହେବାରୁ ୭ ଜଣଙ୍କ ଆତ୍ମହତ୍ୟା ଘଟଣାରୁ ଏହା ବୁଝାପଡ଼ିଯାଉଛି ଯେ, ପରିବାର ଉପରେ କେଉଁ ଧରଣର ମାନସିକ ଚାପ ପଡ଼ିଥିବ। ଶୁଣିବାକୁ ମିଳୁଛି ପ୍ରବୀଣ ହିମାଚଳ ପ୍ରଦେଶରେ ସ୍କ୍ରାପ୍ ବ୍ୟବସାୟ କରୁଥିଲେ। ବ୍ୟବସାୟ ବଢ଼ାଇବା ପାଇଁ ପ୍ରାୟ ୨୦ କୋଟି ଟଙ୍କା ଲୋନ୍ କରିଥିଲେ। ଋଣ ଶୁଝି ନ ପାରିବାରୁ ତାଙ୍କ ୨ଟି ଫ୍ଲାଟ, ଗାଡ଼ି ଆଦି ସମ୍ପତ୍ତିକୁ ବ୍ୟାଙ୍କ ବାଜ୍ୟାପ୍ତି କରିଦେଇଥିଲା। ତାହା ଋଣ ମୂଲ୍ୟ ପାଇଁ ପର୍ଯ୍ୟାପ୍ତ ହୋଇ ନ ଥିବାରୁ ତାଙ୍କୁ ବାରମ୍ବାର ହତ୍ୟା ଧମକ ମଧ୍ୟ ମିଳୁଥିଲା। ସ୍କ୍ରାପ୍ ବ୍ୟବସାୟ ବନ୍ଦ କରି ପ୍ରବୀଣ ପଞ୍ଚକୁଳା ପଳାଇ ଆସି ନିଜେ ଟାକ୍ସି ଚଳାଇ ପରିବାର ପ୍ରତିପୋଷଣ କରୁଥିଲେ ମଧ୍ୟ ବ୍ୟାଙ୍କ ତାଙ୍କ ପିଛା ଛାଡ଼ି ନ ଥିଲା। ଫଳରେ ସେ ଚରମ ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

କେଉଁ ସ୍ଥିତିରେ ପ୍ରବୀଣ ଋଣ କରି ତାହାକୁ ପରିଶୋଧ କରିବାରେ ଅକ୍ଷମ ହେଲେ ସେ ସମ୍ପର୍କରେ ସବିଶେଷ ତଥ୍ୟ ମିଳିପାରି ନାହିଁ। ଓଡ଼ିଆରେ ଢଗ ଅଛି-'ଚୂନା ଦେଖି ପିଠା କରିବା ଦରକାର'। ଅର୍ଥାତ୍ ଋଣର ଆକାର କେତେ ହେଲେ ଜଣେ ଶୁଝିପାରିବେ ତାହା ପ୍ରଥମେ ଋଣ କରୁଥିବା ବ୍ୟକ୍ତି ସ୍ଥିର କରିବା କଥା। କିନ୍ତୁ ବହୁ ସମୟରେ ଦେଖାଯାଉଛି ବ୍ୟାଙ୍କ ଅଧିକାରୀଙ୍କୁ କହିବୋଲି ଅନେକେ ବହୁ ପରିମାଣର ଋଣ ନେଇଯାଉଛନ୍ତି। ବ୍ୟକ୍ତିଙ୍କ ଆର୍ଥିକ କ୍ଷମତା ବା ସ୍ଥଳବିଶେଷରେ ବ୍ୟବସାୟିକ ମୂଳଦୁଆକୁ ବ୍ୟାଙ୍କ ଅଧିକାରୀମାନେ ଠିକ୍ ଭାବେ ଯାଞ୍ଚ କରୁ ନ ଥିବାରୁ ଏଭଳି ଅସ୍ୱାଭାବିକ ଘଟଣା ଘଟୁଛି। ବହୁ ସମୟରେ ଜାଲ୍ ତଥ୍ୟ ଦେଇ ଅନେକେ ଋଣ ନେଇ ଯାଉଥିବା ବିଷୟ ପଦାକୁ ଆସୁଛି। ଆଉ ଗୋଟିଏ କଥା ହେଉଛି ପରିବାରର ଜଣେ ବ୍ୟକ୍ତି ରୋଜଗାରକ୍ଷମ ହୋଇଥିଲେ ତାଙ୍କ ଉପରେ ସମସ୍ତେ ନିର୍ଭର କରିଥାଆନ୍ତି। ବ୍ୟବସାୟ ଚଳାଇବାରେ ବାଧା ଥିଲେ ପରିବାର ଉପରେ ଆର୍ଥିକ ପ୍ରଭାବ ପଡ଼ିବା ସ୍ୱାଭାବିକ। ଏଭଳି କ୍ଷେତ୍ରରେ ଋଣ କିସ୍ତି ପରିଶୋଧ କରିବାରେ ହେଉଥିବା ଅନିୟମିତତାକୁ ବ୍ୟାଙ୍କ ଠିକ୍ ଭାବେ ମଧ୍ୟ ଯାଞ୍ଚ କରିବା କଥା। କିନ୍ତୁ ଦେଖାଯାଉଛି ଋଣ ନେଇଥିବା ବ୍ୟକ୍ତି ଡିଫଲ୍ଟର ନ ହେବା ଯାଏ ତାଙ୍କ ବିଷୟରେ ବ୍ୟାଙ୍କ ଆଗୁଆ ଯାଞ୍ଚ କରି ନ ଥାଏ। ମନେରଖିବାକୁ ହେବ ଯେ, ପୂର୍ବରୁ ଭାରତରେ ଋଣ ଆବେଦନକାରୀଙ୍କୁ ଅନେକ ପ୍ରକାରର ତଥ୍ୟ ଦେବା ସହିତ ତୃତୀୟ ପକ୍ଷ ଦ୍ୱାରା ବ୍ୟାଙ୍କ ଯାଞ୍ଚ କାର୍ଯ୍ୟ କରାଉଥିଲା। ଏବେ ତଥାକଥିତ ଖୋଲା ତଥା ଡିଜିଟାଲ ଅର୍ଥନୀତିରେ ଅଯୋଗ୍ୟଙ୍କୁ ସହଜରେ ଋଣ ମିଳିଯାଉଥିବା ବେଳେ ଯୋଗ୍ୟ ବଞ୍ଚିତ ହେଉଛନ୍ତି। ଏହା ହେଉଛି ଅର୍ଥନୈତିକ ଉଦାରୀକରଣର ଏବକାର ନମୁନା।

ଏ ଦେଶରେ ବ୍ୟାଙ୍କ ଋଣ ନେଇ ବହୁ ବଡ଼ବଡ଼ିଆ ଦେଶ ବାହାରକୁ ଚାଲିଯାଉଥିଲେ ମଧ୍ୟ ସେମାନଙ୍କଠାରୁ ଅର୍ଥ ଅସୁଲ ଠିକ୍ ସମୟରେ କରାଯାଇପାରୁ ନାହିଁ। କିନ୍ତୁ ସାଧାରଣ ବ୍ୟକ୍ତି, କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟୀଙ୍କ ଉପରେ ଅଧିକ ଜୁଲମ ହୋଇଥାଏ। ସେମାନେ କିଭଳି ସହଜରେ ଋଣ ପରିଶୋଧ କରିପାରିବେ ସେ ନେଇ ଉପାୟ ନ ଦେଖାଇ ଧମକଚମକ ଦିଆଯିବା ଯୋଗୁ ବହୁ ସମୟରେ ପ୍ରବୀଣଙ୍କ ଭଳି ବ୍ୟକ୍ତି ଆତ୍ମହତ୍ୟା ଭଳି ପଦକ୍ଷେପ ନେଇଯାଉଛନ୍ତି। ତେଣୁ ଏହି ଘଟଣାକୁ ଏକ କେସ୍ ଷ୍ଟଡି ଭାବେ ଗ୍ରହଣ କରି ବ୍ୟାଙ୍କ ଏବଂ ଭାରତୀୟ ଅର୍ଥ ପ୍ରଦାନକାରୀ ସଂସ୍ଥାଗୁଡ଼ିକ ଅଭିନବ ବାଟ ବାହାର କରିବାର ପ୍ରୟୋଜନ ଦେଖାଦେଲାଣି।

> **ଏ ଦେଶରେ ବ୍ୟାଙ୍କ ଋଣ ନେଇ ବହୁ ବଡ଼ବଡ଼ିଆ ଦେଶ ବାହାରକୁ ଚାଲିଯାଉଥିଲେ ମଧ୍ୟ ସେମାନଙ୍କଠାରୁ ଅର୍ଥ ଅସୁଲ ଠିକ୍ ସମୟରେ କରାଯାଇପାରୁ ନାହିଁ। କିନ୍ତୁ ସାଧାରଣ ବ୍ୟକ୍ତି, କ୍ଷୁଦ୍ର ଓ ମଧ୍ୟମ ଧରଣର ବ୍ୟବସାୟୀଙ୍କ ଉପରେ ଅଧିକ ଜୁଲମ ହୋଇଥାଏ। ସେମାନେ କିଭଳି ସହଜରେ ଋଣ ପରିଶୋଧ କରିପାରିବେ ସେ ନେଇ ଉପାୟ ନ ଦେଖାଇ ଧମକଚମକ ଦିଆଯିବା ଯୋଗୁ ବହୁ ସମୟରେ ପ୍ରବୀଣଙ୍କ ଭଳି ବ୍ୟକ୍ତି ଆତ୍ମହତ୍ୟା ଭଳି ପଦକ୍ଷେପ ନେଇଯାଉଛନ୍ତି।**

# ୧୪୦ କୋଟି ବନାମ ୧୨ କୋଟି



ଡ. ସନ୍ତୋଷ କୁମାର ମହାପାତ୍ର

ଭାରତ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥ ବ୍ୟବସ୍ଥା ବା ଅର୍ଥନୀତିରେ ପରିଣତ ହେବାକୁ ଯାଉଛି ବୋଲି ପ୍ରଚାର କରାଯାଉଛି। କେବଳ ଆମେରିକା, ଚାଇନା ଏବଂ ଜର୍ମାନୀ ଭାରତଠାରୁ ଆଗରେ ଅଛନ୍ତି। ନୀତି ଆୟୋଗର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ବି.ଭି.ଆର୍. ସୁବ୍ରମଣ୍ୟମ ଏହି କଥାକୁ ଦୋହରାଇଛନ୍ତି ଏବଂ ଆହୁରି ଦୁଇପାଦ ଆଗକୁ ଯାଇ କହିଛନ୍ତି, ଆଗାମୀ ୩୦ ରୁ ୩୬ ମାସ ମଧ୍ୟରେ ଭାରତ ଜର୍ମାନୀକୁ ପଛରେ ପକାଇ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ପାଲଟିଯିବ। କିନ୍ତୁ ସତ୍ୟ ହେଉଛି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଆକଳନ କରିଛି, ୨୦୨୫-୨୬ ଶେଷ ବେଳକୁ ନାମାଙ୍କନ ଜିଡିପି ଦୃଷ୍ଟିରୁ ଭାରତ ଜାପାନକୁ ଅତିକ୍ରମ କରିବ। ଅସଲ କଥା ହେଉଛି କ୍ରୟ ଶକ୍ତି ସମତାରେ ଆକଳିତ ଜିଡିପି ଅନୁସାରେ ଭାରତ ଉପା ସରକାର ଅମଳରେ ଜାପାନକୁ ପଛରେ ପକାଇ ୨୦୧୧ରୁ ତୃତୀୟ ବୃହତ୍ତମ ଅର୍ଥନୀତି ହୋଇସାରିଛି। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଆକଳନ ଅନୁସାରେ ୨୦୨୫- ୨୬ ଆର୍ଥିକ ବର୍ଷ ଶେଷ ବେଳକୁ ବିଶ୍ୱ ଜିଡିପି ୧୧୩. ୭୯୫ ଟ୍ରିଲିୟନ ଆମେରିକୀୟ ଡଲାର (୧ ଟ୍ରିଲିୟନ=୧୦୦୦୦୦ କୋଟି, ୧ ଆମେରିକୀୟ ଡଲାର ବର୍ତ୍ତମାନ ୮୫ଟଙ୍କା)ରେ ପହଞ୍ଚିଲା ବେଳେ ଆମେରିକାର ଜିଡିପି ୩୦.୫୦୭ ଟ୍ରିଲିୟନ, ଚାଇନାର ଜିଡିପି ୧୯.୨୩ ଟ୍ରିଲିୟନ, ଜର୍ମାନୀର ଜିଡିପି ୪.୭୪୪ ଟ୍ରିଲିୟନ ଆମେରିକୀୟ ଡଲାର ହେବ। ତା' ପଛକୁ ଭାରତ ୪.୧୮୭ ଟ୍ରିଲିୟନ ଡଲାର ସହ ୪ର୍ଥ ସ୍ଥାନରେ ରହିବ। ଜାପାନର ଅର୍ଥ ବ୍ୟବସ୍ଥା ସାମାନ୍ୟ କମ୍ ଅର୍ଥାତ୍ ୪.୧୮୬ ଟ୍ରିଲିୟନ ଡଲାର ହେବ। ଭବିଷ୍ୟତ ଆକଳନ ସର୍ବଦା ଅନିଶ୍ଚିତ। ଏହା ଭାରତର ଅଭିବୃଦ୍ଧି ହାର ୬.୩% ଏବଂ ଡଲାର ଅନୁସାରେ ଟଙ୍କାର ବିନିମୟ ମୂଲ୍ୟ ବୃଦ୍ଧି ଓ ହ୍ରାସ ଉପରେ ନିର୍ଭରକରେ , କାରଣ ଅନ୍ତର୍ଜାତୀୟ ସଂସ୍ଥା ଜିଡିପି ଡଲାରରେ ଆକଳନ କରନ୍ତି।

ଅବଶ୍ୟ ତୁଳନା କଲାବେଳେ ଯାହା ହାସଲ କରିଛେ ତାହା କହିବା ଉଚିତ, ଯାହା ହାସଲ କରିନେ ତାହା କହିବା ଅନୁଚିତ। ୨୦୨୪-୨୫ ଶେଷ ସୁଦ୍ଧା ଆମେରିକାର ଜିଡିପି ୨୯.୨ ଟ୍ରିଲିୟନ, ଚାଇନାର ଜିଡିପି ୧୮.୭୫ ଟ୍ରିଲିୟନ, ଜର୍ମାନୀର ଜିଡିପି ୪.୬୬ ଟ୍ରିଲିୟନ, ଜାପାନର ୪.୦୬ ଟ୍ରିଲିୟନ ଆମେରିକୀୟ ଡଲାର ହୋଇଥିଲାବେଳେ ଭାରତର ୩.୯ ଟ୍ରିଲିୟନ ଡଲାର। ଦେଶର ବିକାଶ ଆକଳନ କରିବା ପାଇଁ ବାସ୍ତବରେ ମୁଣ୍ଡ ପିଛା ଜିଡିପି ହିଁ ଅଧିକ ଗୁରୁତ୍ୱପୂର୍ଣ୍ଣ। କାରଣ ଯେଉଁ ଦେଶର ଲୋକ ସଂଖ୍ୟା ଅଧିକ ତାହାର ଜିଡିପି ଅଧିକ ହେବା ସ୍ୱାଭାବିକ। ୨୦୨୪-୨୫ ସୁଦ୍ଧା ଆମେରିକାରେ ଏହା ୮୫,୮୧୨, ଚାଇନାରେ ୧୩,୩୦୦, ଜର୍ମାନୀରେ ୫୪,୯୮୯, ଜାପାନରେ ୩୨,୫୦୦ ଆମେରିକୀୟ ଡଲାର ହୋଇଥିଲାବେଳେ ଭାରତରେ ମାତ୍ର ୨୭୧୧ ଡଲାର ଥିଲା। ୨୦୨୫-୨୬ ଶେଷରେ ଜାପାନରେ ଏହା ୩୩,୯୯୫ ହେଲା ବେଳେ ଭାରତରେ ମାତ୍ର ୨,୮୭୮ ଆମେରିକୀୟ ଡଲାର ହେବ। ୨୦୨୫-୨୬ରେ ମୁଣ୍ଡ ପିଛା ଆୟ ଦୃଷ୍ଟିରୁ ଜାପାନ ୩୪ ତମ ସ୍ଥାନରେ ରହିଲାବେଳେ ଭାରତ ପ୍ରାୟ ୧୩୬ ତମ ସ୍ଥାନରେ ଅଛି। ଅର୍ଥାତ୍ ୧୩୫ଟି ଦେଶ ତଳେ ରହିବ। ବିଭିନ୍ନ ଅନ୍ତର୍ଜାତୀୟ ସୂଚକାଙ୍କରେ ଭାରତ ଜାପାନଠାରୁ ବହୁ ପଛରେ ରହିଛି। ମାନବିକ ବିକାଶ ସୂଚକାଙ୍କ ଦୃଷ୍ଟିରୁ ଜାପାନ ୨୪ ସ୍ଥାନରେ ଥିଲାବେଳେ ଭାରତ ୧୩୦ ସ୍ଥାନରେ ଅଛି। ଦୁର୍ନୀତି ଧାରଣା ସୂଚକାଙ୍କ ଦୃଷ୍ଟିରୁ ୧୮୦ଟି ଦେଶ ମଧ୍ୟରୁ ଜାପାନ ୭୩ ସ୍ଥାନରେ ଥିଲାବେଳେ ଭାରତ ୯୬ ସ୍ଥାନରେ ରହିଛି। ଅର୍ଥାତ୍ ଭାରତରେ ଦୁର୍ନୀତି ବ୍ୟାପକ।



ଜାପାନୀ ନାଗରିକଙ୍କ ହାରାହାରି ରୋଜଗାର ଭାରତୀୟଙ୍କ ତୁଳନାରେ ପ୍ରାୟ ୧୨ ଗୁଣ ଅଧିକ। ସେହି ପାର୍ଥକ୍ୟ ଉତ୍ତମ ସ୍ୱାସ୍ଥ୍ୟସେବା, ଦକ୍ଷ ଭିତ୍ତିଭୂମି, ଉଚ୍ଚ-ଗୁଣବତ୍ତା ଶିକ୍ଷାର ଉପଲବ୍ଧତା ଏବଂ ଜୀବନର ଉଚ୍ଚ ସାମଗ୍ରିକ ଗୁଣବତ୍ତା ପ୍ରଦାନ କରେ। ଜାପାନର ଏକ ଅତ୍ୟନ୍ତ ଦକ୍ଷ ଏବଂ ସୁଦୃଢ଼ ସାମାଜିକ ସୁରକ୍ଷା ବ୍ୟବସ୍ଥା ଅଛି, ଯାହା ଜିଡିପିର ପ୍ରାୟ ୨୩.୫%। ପେନ୍‌ସନ ସାମାଜିକ ସୁରକ୍ଷା ବ୍ୟବସ୍ଥାର ସର୍ବବୃହତ ଅଂଶ ଥିଲା, ତା'ପରେ ଚିକିତ୍ସା ଯତ୍ନ। ଭାରତରେ ସାମାଜିକ କ୍ଷେତ୍ର ବ୍ୟୟ ବରାଦ ଜିଡିପିର ୩.୩% ଏବଂ ଆୟୁଷ୍ମାନ ଭାରତ ଓ ଅନ୍ୟ କିଛି ମନ୍ତ୍ରଣାଳୟ ବ୍ୟୟ ମିଶାଇଲେ ସାମାଜିକ ସେବାରେ ବିନିଯୋଗ ୨୦୨୩-୨୪ରେ ୭.୮% ଥିଲା। ଜାପାନରେ ବେକାରି ହାର ୨.୩% ହେଲାବେଳେ ଭାରତରେ ୫ରୁ ୧୦%ରହୁଛି। ଜାପାନରେ ଉଚ୍ଚ କୁଶଳୀ , ଗୁଣାତ୍ମକ ଚାକିରି ବେଶି ସୃଷ୍ଟି ହେଲାବେଳେ ଭାରତରେ ଓଲଟା। ବିଶ୍ୱରେ ଗବେଷଣା ଏବଂ ବିକାଶ ପାଇଁ ଖର୍ଚ୍ଚ ହାରାହାରି ଜିଡିପିର ପ୍ରାୟ ୧.୮% ହୋଇଥିଲାବେଳେ ଜାପାନରେ ୩.୭%। ଭାରତରେ ୨୦୨୦-୨୧ରେ ଏହା ୦.୬୪ %। ଜାପାନର ବୈଦେଶିକ ମୁଦ୍ରାଭଣ୍ଡାର ବିଶ୍ୱର ଦ୍ୱିତୀୟ ବୃହତ୍ତମ, ଯାହାର ମୂଲ୍ୟ ୧.୪ ଟ୍ରିଲିୟନ ଆମେରିକୀୟ ଡଲାର। ୧୬ ମେ' ୨୦୨୫ ସୁଦ୍ଧା ଭାରତରେ ଏହା ୬୮୫.୭ ବିଲିୟନ ଡଲାର ଥିଲା। ଜାପାନ ବିଶ୍ୱର ତୃତୀୟ ବୃହତ୍ତମ ଆର୍ଥିକ ସମ୍ପତ୍ତିର ଦେଶ, ଯାହାର ମୂଲ୍ୟ ୨୦୨୦ ସୁଦ୍ଧା ୧୨ ଟ୍ରିଲିୟନ ଡଲାର କିମ୍ବା ବିଶ୍ୱ ଜିଡିପିର ୮.୬%। ଡିସେମ୍ବର ୨୦୨୪ ସୁଦ୍ଧା ଭାରତର ମୋଟ ଆର୍ଥିକ ସମ୍ପତ୍ତି ୩୧୯ ଲକ୍ଷ କୋଟି ଟଙ୍କା (ପ୍ରାୟ ୩.୭ ଟ୍ରିଲିୟନ ଡଲାର)। ବର୍ତ୍ତମାନ ୨୦୨୫ ସୁଦ୍ଧା ବଜାର ପୁଞ୍ଜିକରଣ ଦ୍ୱାରା ଟୋକିଓ ଷ୍ଟକ୍ ଏକ୍ସଚେଞ୍ଜ ହେଉଛି ବିଶ୍ୱର ତୃତୀୟ ବୃହତ୍ତମ ଷ୍ଟକ୍ ଏକ୍ସଚେଞ୍ଜ। ଏହାର ବଜାର ମୂଲ୍ୟ ୬.୩୫ ଟ୍ରିଲିୟନ ଡଲାର ହୋଇଥିଲାବେଳେ ଭାରତରେ ଏହା ୫.୦୬୩ ଟ୍ରିଲିୟନ ଡଲାର। ୨୦୨୪ ସୁଦ୍ଧା ଫର୍ଚ୍ଚୁନ ଗ୍ଲୋବାଲ ୫୦୦ କମ୍ପାନୀ ମଧ୍ୟରୁ ୪୦ଟି ଜାପାନରେ ଅଛି।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ପରାଜୟ ପରେ ଜାପାନର ଅର୍ଥନୀତି ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା। କିନ୍ତୁ ପରେ ଦ୍ରୁତଗତିରେ ବିକଶିତ ହୋଇଥିଲା। ମୁଖ୍ୟତଃ ଏହାର ଲାଭଜନକ ଉତ୍ପାଦନଭିତ୍ତିକ ରପ୍ତାନି ଶିଳ୍ପ ଦ୍ୱାରା ଏହା ଚାଳିତ ହୋଇଥିଲା। ଏହା ୧୯୬୮ରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ୍ ଅର୍ଥନୀତି ହୋଇଗଲା ଏବଂ ୨୦୧୦ ପର୍ଯ୍ୟନ୍ତ ସେହିପରି ରହିଲା ଏବଂ ନାମାଙ୍କନ ମୁଣ୍ଡ ପିଛା ଜିଡିପି ଆଧାରରେ, ୧୯୮୦ ଏବଂ ୧୯୯୦ ଦଶକରେ ଜି-୭ ଦେଶଗୁଡ଼ିକ ମଧ୍ୟରେ ସର୍ବାଧିକ ଉଚ୍ଚ-ଆୟରାଷ୍ଟ୍ର ଭାବେ ଉଭା ହୋଇଥିଲା। ବିକଶିତ ଦେଶର ମାନ୍ୟତା ହାସଲ କରିବାରେ ଜାପାନ ଏସିଆର ପ୍ରଥମ ଦେଶ ଥିଲା। କିନ୍ତୁ ଭାରତ ୨୦୦୭ଠାରୁ ନିମ୍ନ ମଧ୍ୟମ ଆୟକାରୀ ରାଷ୍ଟ୍ର ଭାବେ ରହିଛି। ଆହୁରି ଉଚ୍ଚ ମଧ୍ୟମ ଆୟକାରୀ ଓ ଉଚ୍ଚ ଆୟକାରୀ ରାଷ୍ଟ୍ର ହେବାକୁ ବାକି ଅଛି। ଜାପାନ ଅର୍ଥନୀତି ଜନସଂଖ୍ୟା ହ୍ରାସ ବିଶେଷକରି କମ୍ ବୟସ୍କ ଜନସଂଖ୍ୟା ହ୍ରାସ ଯୋଗୁ ସମସ୍ୟାର ସମ୍ମୁଖୀନ ହେଉଛି। ଏଥିପାଇଁ ଜାପାନର ନାମାଙ୍କନ ଜିଡିପି ୧୯୯୫ ରୁ ୨୦୨୩ ମଧ୍ୟରେ ୫.୫ଟ୍ରିଲିୟନରୁ ୪.୨ଟ୍ରିଲିୟନ ଡଲାରକୁ ହ୍ରାସ ପାଇଛି। ଜାପାନର ଜନସଂଖ୍ୟା, ଯାହା ୨୦୧୦ରେ ୧୨.୮୫ କୋଟି ଥିଲା ତାହା ୨୦୨୪ରେ ଏହା ୧୨.୨୬ କୋଟିକୁ ହ୍ରାସ ପାଇଛି। ୨୦୨୨ରେ ଦେଶର କମ୍ ବୟସ୍କ ଜନସଂଖ୍ୟା ମୋଟ ଜନସଂଖ୍ୟାର ପ୍ରାୟ ୫୯.୪ % ଥିଲା, ଯାହା ସମସ୍ତ ଓଇସିଡି ଦେଶ ମଧ୍ୟରେ ସର୍ବନିମ୍ନ ହାର। ଜିଡିପି ଏକ ବର୍ଷର ଅର୍ଥନୈତିକ କାର୍ଯ୍ୟକଳାପର ପ୍ରତିଫଳନ। ଧନୀ ଅଧିକ ଧନୀ ହେଲେ ବା ବ୍ୟୟ କଲେ ଜିଡିପି ବୃଦ୍ଧି ପାଇବ। ସରକାର ଅଧିକ ଋଣକରି ବ୍ୟୟକଲେ ଜିଡିପି ବୃଦ୍ଧି ପାଇବ। ଯେତେବେଳେ ଭାରତ ପରି ଅର୍ଥବ୍ୟବସ୍ଥାରେ ୧୪୦ କୋଟି ଲୋକ ବ୍ୟୟ ବା ଉପଭୋଗ କରିବେ ତାହାର ଆକାର ଯେଉଁପରି ବୃଦ୍ଧି ପାଇବ ଜାପାନ ପରି ଅର୍ଥବ୍ୟବସ୍ଥାରେ ୧୨.୨୬ କୋଟି ଲୋକ ବ୍ୟୟ ବା ଉପଭୋଗ କଲେ ଏକ ଅର୍ଥବ୍ୟବସ୍ଥାର ଆକାର କ'ଣ ସେହି ଅନୁସାରେ ସବୁଦିନେ ବୃଦ୍ଧି ପାଇବ କି ?

ମୋ:୯୪୩୭୨୦୮୭୬୨

# ମହାପୁରୁଷଙ୍କ ଆଦର୍ଶ



ମୋହନ ଚରଣ ବିଷି

ବିଦ୍ୟାର୍ଥୀ ମହାପୁରୁଷଙ୍କୁ କାହିଁକି ପଢ଼ିବ? ମହାପୁରୁଷଙ୍କୁ କାହିଁକି ଅନୁକରଣ କରିବ? ଆମେ ପଢୁଥିବା ସମୟରେ ଷଷ୍ଠ ଓ ସପ୍ତମ ଶ୍ରେଣୀରେ ବଡ଼ ଲୋକଙ୍କ ଜୀବନୀ ବୋଲି ବହି ଥିଲା। ଏହି ବହିରେ ଓଡ଼ିଶା ଓ ଭାରତବର୍ଷର ବଡ଼ ଲୋକଙ୍କ ଜୀବନୀ ପଢ଼ିବାର ସୁଯୋଗ ବିଦ୍ୟାର୍ଥୀମାନେ ପାଉଥିଲେ। ସେମାନଙ୍କ ତ୍ୟାଗ, ଆଦର୍ଶ, ସଂଘର୍ଷ, ସଫଳତା କଥା ପଢ଼ି ପ୍ରେରିତ ହେଉଥିଲେ ବିଦ୍ୟାର୍ଥୀ। ଏବେ ମଧ୍ୟ ବିଭିନ୍ନ ବହିରେ, ଡିଜିଟାଲ ମାଧ୍ୟମରେ ମହାପୁରୁଷଙ୍କ ଜୀବନ ଚରିତ୍ରକୁ ପଢୁଛନ୍ତି, ଶୁଣୁଛନ୍ତି ଓ ଚଳମାନ ଚିତ୍ରରେ ଦେଖୁଛନ୍ତି। କିନ୍ତୁ ଏମାନଙ୍କ ସଂଖ୍ୟା ଅଳ୍ପ ସଂଖ୍ୟକ ହୋଇପାରେ। ପ୍ରତ୍ୟେକ ଶ୍ରେଣୀର ସିଲାବସ୍‌ରେ ମହାପୁରୁଷଙ୍କ ଜୀବନ ସମ୍ପର୍କରେ ପଢ଼ିବାର ସୁଯୋଗ ପାଇଲେ ବିଦ୍ୟାର୍ଥୀ ନିଜକୁ ଗଢି ତୋଳିବାକୁ ସହଜ ହେବ। ସେଥିପାଇଁ ସ୍ୱତନ୍ତ୍ର ଭାବରେ ମହାପୁରୁଷମାନଙ୍କର କଥା ଗାଥା ରହିବା ପ୍ରାସଙ୍ଗିକ ମନେହୁଏ। ପ୍ରତ୍ୟେକ ବିଦ୍ୟାର୍ଥୀ ସଫଳତା ପାଇବା ପାଇଁ ବଡ଼ ଲୋକଙ୍କୁ ପଢିବା ଦରକାର। ଯିଏ ଯେଉଁ କ୍ଷେତ୍ରରେ ଆଗକୁ ବଢିବାର ଅଛି ସେମାନେ ସେହି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରହିଥିବା ବ୍ୟକ୍ତିମାନଙ୍କୁ ପଢିବା ଉଚିତ।

ଜୀବନ ଚରିତ ଦୁଇ ପ୍ରକାରରେ ଲେଖାଯାଇଥାଏ। ନିଜ ଜୀବନ କାହାଣୀ ନିଜେ ଲେଖିଲେ ତାହା ହୁଏ ଆତ୍ମଜୀବନ ଚରିତ। କାହାର କାହାଣୀ ଅନ୍ୟ କେଉଁ ବ୍ୟକ୍ତିଦ୍ୱାରା ଲିଖିତ ହେଲେ, ତାହାକୁ କେବଳ 'ଜୀବନ ଚରିତ' ବୋଲି କୁହାଯାଇଥାଏ। ଗୋଟିଏ ଦୀପରୁ ଆଉ ଗୋଟିଏ ଦୀପ ପ୍ରଜ୍ୱଳିତ ହୋଇଉଠିଲା ପରି ଜଣେ ମହାପୁରୁଷଙ୍କର ଜୀବନୀ ଅନ୍ୟର ଜୀବନାୟନକୁ କରେ ପ୍ରଶସ୍ତ ଓ ଆଲୋକିତ। ଟଲଷ୍ଟୟଙ୍କ ଜୀବନ କାହାଣୀ ମହାତ୍ମା ଗାନ୍ଧୀଙ୍କୁ ବିଶେଷ ଭାବେ ପ୍ରଭାବିତ କରିଥିଲା ଏବଂ ଗାରିବାଲ୍‌ଡିଙ୍କ ତ୍ୟାଗ ଜବାହରଲାଲଙ୍କ ପ୍ରାଣରେ ସୃଷ୍ଟି କରିଥିଲା ଉଦ୍‌ବେଳନ। ହରିଶ୍ଚନ୍ଦ୍ର, ଦଧୀଚି ଆଦିଙ୍କ ତ୍ୟାଗ ଓ ତୀତୀକ୍ଷା, ସାଧନା ଓ ତପସ୍ୟା ଭାରତୀୟ ଜନଜୀବନକୁ କରିଥିଲା ସମୃଦ୍ଧ। ପ୍ରାଚୀନ ମହାତ୍ମାଗଣଙ୍କଠାରୁ ଆରମ୍ଭ କରି ଓ ଆଧୁନିକ ଯୁଗର ବହୁ ସ୍ୱାଧୀନତା ସଂଗ୍ରାମୀ ଓ ତ୍ୟାଗବୀରଙ୍କ ଜୀବନ କାହାଣୀରେ ଅନେକ ଶିଖିବାକୁ ମିଳିଛି।

ପ୍ରାଚୀନ ଋଷିମାନଙ୍କ ଜୀବନ ଚରିତ ସହିତ ଆଧୁନିକ ଯୁଗପୁରୁଷ ରାମକୃଷ୍ଣ ପରମହଂସ, ସ୍ୱାମୀ ବିବେକାନନ୍ଦ, ସ୍ୱାମୀ ଦୟାନନ୍ଦ ସରସ୍ୱତୀ, ଠାକୁର ନିଗମାନନ୍ଦ, ସ୍ୱାମୀ ସତ୍ୟାନନ୍ଦ ସରସ୍ୱତୀ, ଠାକୁର ଅନୁକୂଳ ଚନ୍ଦ୍ର, ଶ୍ରୀରାମ ଶର୍ମା, ସନ୍ଥ ଭୀମ ଭୋଇ ଆଦିଙ୍କ ଜୀବନ କାହାଣୀ ଆମକୁ ଧର୍ମଚେତନାରେ ଉଦ୍‌ବୁଦ୍ଧ କରେ। ଧର୍ମମାର୍ଗର ଅନୁବର୍ତ୍ତନ ଓ ଅନୁସରଣ କରିବା ପାଇଁ ଆମକୁ ଏହା ଦେଇଥାଏ ଅସୀମ ଇଚ୍ଛା ଓ ପ୍ରେରଣା। ଜାତୀୟ ବୀରମାନଙ୍କର ଜୀବନ ଚରିତ ଆମମାନଙ୍କ ଭିତରେ ସୃଷ୍ଟି କରିଥାଏ ଦେଶ ଓ ଜାତିପ୍ରେମ। ସେମାନଙ୍କର ଲେଖାବଳୀ ଆମକୁ ଜାତୀୟ ମନ୍ତ୍ରରେ ଅଭିମନ୍ତ୍ରିତ କରେ। ଉତ୍କଳମଣି ଗୋପବନ୍ଧୁଙ୍କର ଲେଖା 'ମିଶୁ ମୋର ଦେହ ଏ ଦେଶ ମାଟିରେ ଦେଶବାସୀ ଚାଲିଯାଆନ୍ତୁ ପିଠିରେ ସ୍ୱାଧୀନତା ପଥେ ଅଛି ଯେତେ ଗାଡ଼ ପୂରୁ ପଡ଼ି ତହିଁ ମୋର ମାଂସହାଡ଼। 'ଏପରି ଉକ୍ତି କାହାକୁ ବା ଜାତିପାଇଁ ପ୍ରାଣବଳି ଦେବାକୁ ଅନୁପ୍ରେରିତ ନ କରିବ ! ଏଭଳି ଲେଖା ସାଙ୍ଗକୁ ତାଙ୍କର ତ୍ୟାଗ ଓ ସଂଘର୍ଷପୂର୍ଣ୍ଣ ଜୀବନ ଚରିତ ପାଠକଙ୍କୁ ତାଙ୍କ ମହାନ୍ ବ୍ୟକ୍ତିତ୍ୱ ପାଖରେ ମଥା ନୁଆଇଁବାକୁ ବାଧ୍ୟକରେ। ଚରିତ୍ର ଗଠନ ପାଇଁ ବିଶେଷ ସହାୟକ ହୁଏ।

ସନ୍ଥକବି ଭୀମ ଭୋଇଙ୍କ ଉକ୍ତି- ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ। ମହାତ୍ମା ଗାନ୍ଧୀଙ୍କ ଅହିଂସା କିମ୍ବା ମଦର ଟେରେସାଙ୍କ ସେବା ଅନେକ ଜନ ଜୀବନକୁ ପ୍ରଭାବିତ କରିଛି । ଏପରି ଯେତେ ମହାପୁରୁଷଙ୍କ କାର୍ଯ୍ୟ ଓ କଥା ଅନେକଙ୍କୁ ପରିବର୍ତ୍ତନ କରିଥାଏ। ତାଙ୍କର ଜୀବନ ଚର୍ଯ୍ୟା, ବ୍ୟବହାର, କର୍ମ କୁଶଳତା, ଶିକ୍ଷାରେ ଅନୁପ୍ରାଣୀତ ହୋଇ ବିଦ୍ୟାର୍ଥୀମାନେ ସଫଳତା ପାଇଥାନ୍ତି। ପ୍ରତ୍ୟେକ ବିଦ୍ୟାର୍ଥୀ ମହାପୁରୁଷ ତଥା ନିଜ ମାତାପିତା, ଆତ୍ମୀୟ ସ୍ୱଜନ, ଶିକ୍ଷାଗୁରୁ, ସଦ୍‌ଗୁରୁଙ୍କୁ ଅନୁକରଣ କରିବା କଥା ଯେଉଁମାନଙ୍କର କାର୍ଯ୍ୟଧାର ସେମାନଙ୍କୁ ଭଲ ଲାଗିଥାଏ। ସେମାନେ ଯେତେବେଳେ ଭାବିବେ ଏହିମାନେ ହିଁ ଜୀବନରେ ସଫଳତା ପାଇଛନ୍ତି ସେତେବେଳେ ସେମାନଙ୍କୁ ହିଁ ଅନୁକରଣ, ଅବଲମ୍ବନ କରିବା ସହ ତାଙ୍କ ଆଦର୍ଶ, ବିଚାରଧାରା, କାର୍ଯ୍ୟଶୈଳୀରେ ପ୍ରଭାବିତ ହେବେ।



ଦୈନନ୍ଦିନ ଜୀବନରେ ଆମେ ବହୁ ସମସ୍ୟାରେ ଛନ୍ଦି ହୋଇପଡୁ ଏବଂ ସେଥିରୁ ମୁକୁଳିବା ପାଇଁ ଖୋଜିହେଉ ସମାଧାନର ପନ୍ଥା। ମହାପୁରୁଷଗଣ ସେହିସବୁ ସମସ୍ୟାର ସମାଧାନ କିପରି ଖୋଜି ପାଇଥିଲେ, ତାହା ସେମାନଙ୍କର ଜୀବନ ଚରିତ ପାଠକରି ଆମେ ଅବଗତ ହେଉ। ତେଣୁ ଆମକୁ ସମସ୍ୟା ସମାଧାନର ରାହା ମିଳିଯାଏ ଏବଂ ଆମେ ସମସ୍ୟାକୁ ଅତିକ୍ରମ କରି ପୁଣି ଜୀବନ ପଥରେ ଆଗେଇଚାଲୁ।

ଗଡ଼ରାମାଲ, କୋକସରା, କଳାହାଣ୍ଡି
ମୋ: ୯୭୭୭୪୬୮୮୪୧

## ଏଇ ଭାରତରେ

୪୦୦ଟି ଭାଷାରେ ପଢ଼ି ଓ ଲେଖି ପାରୁଛନ୍ତି ତାମିଲନାଡୁ ଚେନ୍ନାଇର ୧୯ ବର୍ଷୀୟ ମହମ୍ମଦ ଆକ୍ରାମ। ଏଭଳି ଦକ୍ଷତା ପାଇଁ ସେ ବିଶ୍ୱ ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ଆକ୍ରାମ ୪୬ଟି ଭାଷା ଅତି ପ୍ରାଞ୍ଜଳ ଭାବେ କହିପାରୁଛନ୍ତି। ଆକ୍ରାମଙ୍କ ପିତା ଶିଲ୍‌ବି ମୋଝିପ୍ରିୟାନ୍ ମଧ୍ୟ ୧୬ଟି ଭାଷା କହିପାରନ୍ତି ଏବଂ କଗ୍ନିଟିଭ୍ ସାଇକୋଲୋଜିରେ ପିଏଚ୍‌ଡି କରିଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ଆକ୍ରାମ ଏତେସବୁ ଭାଷ ଶିଖିପାରିଛନ୍ତି। ତାଙ୍କୁ ଯେତେବେଳେ ୪ ବର୍ଷ ହୋଇଥିଲା ସେତେବେଳେ ସେ ବିଭିନ୍ନ ଭାଷା ଶିଖିବା ଆରମ୍ଭ କରିଥିଲେ। ବୟସ ୬ରୁ ୮ ବର୍ଷ ମଧ୍ୟରେ ସେ ୫୦ଟି ଭାଷା ଜାଣିସାରିଥିଲେ। ଆକ୍ରାମ ୭୦ ଜଣ ଭାଷା ବିଶେଷଜ୍ଞଙ୍କ ସହ ପ୍ରତିଯୋଗିତା କରି ଜର୍ମାନୀ ୟଙ୍ଗ୍ ଟ୍ୟାଲେଣ୍ଟ ଆୱାର୍ଡ ହାସଲ କରିଛନ୍ତି। ସେ ଟ୍ୟାଲେଣ୍ଟ ଶୋ'ରେ ଭାଗନେବା ସହ ବିଭିନ୍ନ ଦେଶର ଏକାଧିକ ଡିଗ୍ରୀ କୋର୍ସ କରୁଛନ୍ତି। ତାଙ୍କ ପିତା ଚେନ୍ନାଇର ଶେନୟ ନଗରରେ 'ଆକ୍ରାମ ଗ୍ଲୋବାଲ ଲାଙ୍ଗୁଏଜ୍ ଇନ୍‌ଷ୍ଟିଚ୍ୟୁଟ୍' ପ୍ରତିଷ୍ଠା କରି ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ ଶିକ୍ଷା ଦେଉଛନ୍ତି । ଆକ୍ରାମ ସେଠାରେ ପିଲାମାନଙ୍କୁ ମଧ୍ୟ ପଢ଼ାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ମେ ୧୯୭୬

- ରୟତ ସ୍ୱତ୍ୱ ଓ ସିଲିଂ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଓଡ଼ିଶା ଭୂସଂସ୍କାର ଆଇନକୁ ବଳବତ୍ତର କରାଯାଇଛି।
- ଦିଲ୍ଲୀ ପ୍ରଦେଶ କଂଗ୍ରେସ ସଭାପତି ଅମରନାଥ ଛାୱାଲାଙ୍କୁ କୌଣସି ନିର୍ବାଚନ ଲଢ଼ିବା ନିମନ୍ତେ ୬ ବର୍ଷ ପାଇଁ ଅଯୋଗ୍ୟ ବିବେଚିତ କରି ସୁପ୍ରିମ୍‌କୋର୍ଟ ଦେଇଥିବା ରାୟକୁ ରାଷ୍ଟ୍ରପତି ଫକରୁଦ୍ଦିନ ଅଲ୍ଲୀ ଅହମ୍ମଦ ଉଠାଇ ଦେଇଛନ୍ତି।
- ତୈଳ ଦର ବୃଦ୍ଧି ମତପାର୍ଥକ୍ୟ କାରଣରୁ ଇଣ୍ଡୋନେସିଆର ବାଲିଠାରେ ପେଟ୍ରୋଲ ରପ୍ତାନୀକାରୀ ରାଷ୍ଟ୍ରସଂଘ ବୈଠକ ବିଫଳ।

## ସୁ-ଡୋ-କୁ

sudoku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 8 | | | | | 5 | | 9 |
| | | | | | 1 | 2 | 7 | |
| | | | | | | | | |
| | | 3 | | 8 | | | | |
| 2 | | | 9 | | 5 | 6 | | |
| 4 | 1 | 6 | | | 2 | | | |
| | 6 | 9 | | | 8 | 4 | | 1 |
| | | | | | | | 6 | |
| | 2 | | 3 | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 4 | 5 | 9 | 8 | 7 | 1 | 3 | 2 |
| 1 | 8 | 7 | 2 | 3 | 5 | 6 | 9 | 4 |
| 3 | 9 | 2 | 6 | 4 | 1 | 7 | 5 | 8 |
| 4 | 1 | 3 | 8 | 7 | 6 | 5 | 2 | 9 |
| 9 | 5 | 6 | 1 | 2 | 4 | 8 | 7 | 3 |
| 2 | 7 | 8 | 3 | 5 | 9 | 4 | 6 | 1 |
| 8 | 6 | 4 | 7 | 9 | 2 | 3 | 1 | 5 |
| 7 | 3 | 9 | 5 | 1 | 8 | 2 | 4 | 6 |
| 5 | 2 | 1 | 4 | 6 | 3 | 9 | 8 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନକ୍ସା ଅନୁଯାୟୀ ଜବରଦଖଲ ଉଚ୍ଛେଦ ହୋଇଛି କି

ମହାଶୟ,

ସମସ୍ତ ଉତ୍କଣ୍ଠାର ଅବସାନ ଘଟିଲା ଓ ୧୩ ମେ ୨୦୨୫ରେ ଚରମ୍ପା ଅଞ୍ଚଳ (ଜାତୀୟ ରାଜପଥ ୧୬ର ପୂର୍ବପାଖ)ରୁ ଜବରଦଖଲ ହଟାଗଲା। ବିଶେଷକରି ଚରମ୍ପା ସ୍କୁଲ ରୋଡ୍ ଓ କଣ୍ଡାପାଳ ଅଞ୍ଚଳରେ ଦୀର୍ଘ ୭୦/୮୦ ବର୍ଷ ଧରି ସରକାରୀ ଜାଗା ମାଡ଼ିବସି ଘରକରି ଭଡ଼ା ଦେଇ ଲକ୍ଷ ଲକ୍ଷ ଟଙ୍କା କମାଇଥିବା ଘର ମାଲିକମାନେ ଏବେ ହତାଶ। ସହରର ସୌନ୍ଦର୍ଯ୍ୟକରଣ ନିମନ୍ତେ ଗତ ଅଗଷ୍ଟ ୨୦୨୪ରୁ ଏହି ଉଚ୍ଛେଦ ପ୍ରକ୍ରିୟା ପ୍ରଥମେ ଆରମ୍ଭହୋଇ କଚେରି ବଜାର ଛକ ଧ୍ୱଂସସ୍ତୂପରେ ପରିଣତ ହୋଇଥିଲା। ଚରମ୍ପାରେ ଏହି ଉଚ୍ଛେଦ ପ୍ରକ୍ରିୟା କିନ୍ତୁ ପ୍ରକୃତ ନକ୍ସା ଓ ମାପ ଅନୁସାରେ ହୋଇ ନ ଥିବା କିଛି ଅବସରପ୍ରାପ୍ତ ରାଜସ୍ୱ କର୍ମଚାରୀଙ୍କଠାରୁ ଶୁଣିବାକୁ ମିଳୁଛି। ସେମାନଙ୍କ ମତରେ ଯଦି ପ୍ରକୃତ ନକ୍ସା ଓ ମାପ ଅନୁସାରେ ଏହା କରାଯାଏ ତେବେ ଆହୁରି ଅନେକେ ଉଚ୍ଛେଦ ହେବେ। ଏହି ଉଚ୍ଛେଦର ବହୁପୂର୍ବରୁ କୁଆଡ଼େ କିଛି ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀ ସରକାରୀ କର୍ତ୍ତୃପକ୍ଷଙ୍କୁ ହାତକରି ନିଜ ନିଜ ଅଧିକୃତ ସରକାରୀ ଜମିକୁ ସୁରକ୍ଷିତ ରଖିଥିବା ଶୁଣାଯାଉଛି। ମାପ ହେଲେ ଏହି ଦୁଇ ଅଞ୍ଚଳରେ ଆହୁରି ଅଧିକ ସରକାରୀ ଜମି ବାହାରିବ। ଏପରିକି ଗୋଚର ଜମିରେ ଘର ମଧ୍ୟ ନିର୍ମାଣ କରାଯାଇଛି। ପ୍ରକୃତ ନକ୍ସା ଓ ମାପ ଅନୁସାରେ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦିଆଯାଉ।

-ଗୌତମ ସେଠୀ, ସମାଜସେବୀ, ଚରମ୍ପା, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସକଳ ମମତା ତେଜି ନ
ଖୋଜଇଁ ମୁକତି ମାରଗ,
ସୁଖେ ନାହିଁ ପଛେ,
ନ ଲୋଡ଼ଇ ଅପର ସ୍ୱରଗ।
-(ପୁରୀ-ମନ୍ଦିର)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବିନା ଗ୍ଲୋଭ୍‌ସରେ ଡ୍ରେନ୍ ସଫେଇ

## ଅସୁରକ୍ଷିତ ଏନ୍‌ଏସି ସଫେଇ କର୍ମଚାରୀ

ଚମ୍ପୁଆ, ୨୭।୫ (ମହେଶ୍ୱର ଦାସ)

ସଫେଇ କାମରେ ଗୁରୁଦାୟିତ୍ୱ ବହନ କରୁଥିବା ସଫେଇ କର୍ମଚାରୀ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଯାହାର ଜ୍ୱଳନ୍ତ ଉଦାହରଣ ପାଲଟିଛି ଚମ୍ପୁଆ ଏନ୍‌ଏସି। ସହରକୁ ସଫା ସୁତରା ରଖିବା ପାଇଁ ୨ ଓଳି ସଫେଇ କାର୍ଯ୍ୟ କରାଯାଉଛି ସତ ମାତ୍ର ସଫେଇ ସମୟରେ ଆନୁସଙ୍ଗିକ ସୁରକ୍ଷା ଗ୍ରହଣ କରାଯାଉନାହିଁ। କର୍ମଚାରୀ ବିନା ବୁଟ୍, ଗ୍ଲୋଭ୍‌ସରେ ଅତି ଅପରିଷ୍କାର ସ୍ଥାନକୁ ଖାଲି ହାତରେ ସଫା କରୁଥିବା ଦେଖିବାକୁ ମିଳୁଛି।

ପ୍ରକାଶ ଯେ, ଚମ୍ପୁଆରେ ଲଘୁଚାପ ଜନିତ ବର୍ଷା ଲାଗି ରହିଛି। ଜଳ ନିଷ୍କାସନ ପାଇଁ ଦୀର୍ଘ ଦିନ ଧରି ଅପରିଷ୍କାର ଭାବେ ପଡ଼ିରହିଥିବା ଡ୍ରେନ୍‌ଗୁଡ଼ିକୁ ସଫେଇ କାର୍ଯ୍ୟ ଏନ୍‌ଏସି ପକ୍ଷରୁ କରାଯାଉଛି। ମାତ୍ର ସଫେଇ କର୍ମଚାରୀମାନେ ଖାଲି ହାତ ଓ ଚପଲ ପିନ୍ଧା ପାଦରେ ଘାସ ଉଠାଇବାଠାରୁ ଆରମ୍ଭ କରି ଡ୍ରେନ୍ ସଫା କରୁଛନ୍ତି। ଅନ୍ୟପକ୍ଷରେ ବଜାର ମଧ୍ୟରେ ରାସ୍ତା କଡ଼ରେ ଥିବା



ସଫେଇ କର୍ମଚାରୀ ବିନା ଜୋତା ଓ ଗ୍ଲୋଭ୍‌ସରେ କାର୍ଯ୍ୟ କରୁଛନ୍ତି।

ଉଠା ଜଳଖିଆ ଦୋକାନଗୁଡ଼ିକରୁ ଏନ୍‌ଏସି ପକ୍ଷରୁ ମାସୁଲ ଆଦାୟ କରାଯାଉଛି। ଏହି ଦୋକାନଗୁଡ଼ିକରୁ ବାହାରୁଥିବା ବର୍ଜ୍ୟବସ୍ତୁ କର୍ମଚାରୀଙ୍କ ଦ୍ୱାରା ଖାଲି ହାତରେ ସଫେଇ କରାଯାଉଥିବା ଦେଖିବାକୁ ମିଳିଛି। ସଫେଇ କାର୍ଯ୍ୟ ଟେଣ୍ଡରଧାରୀ ଟେଣ୍ଡର ପତ୍ରରେ ସଫେଇ କର୍ମଚାରୀଙ୍କୁ ଆନୁସାଙ୍ଗିକ ପୋଷାକ, ବୁଟ୍, ଗ୍ଲୋଭ୍‌ସ, ଝାଡୁ, ହେଲମେଟ୍, ବାସକେଟ୍ ଆଦି ପ୍ରଦାନ କରିବାର ନିୟମ ରହିଥିଲେ ମଧ୍ୟ ତାହାକୁ ଖୋଲାଖୋଲି ଉଲ୍ଲଘଂନ କରାଯାଉଛି। ସଫେଇ ବାବଦରେ ମାସିକ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ବ୍ୟୟ ଆଟକଳ କରାଯାଇଛି। ୬୦ରୁ ଊର୍ଦ୍ଧ୍ୱ ସଫେଇ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଏପରିକି ୩ ମାସରେ ଥରେ ଏହି କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା କରାଯାଉଛି। ମାତ୍ର ସଫେଇ ସମୟରେ ଆବଶ୍ୟକୀୟ ସୁରକ୍ଷା ଉପକରଣ ପ୍ରଦାନ କରାଯାଉନାହିଁ। ଏ ନେଇ ସଫେଇ କର୍ମଚାରୀମାନେ ମାସେରୁ ଊର୍ଦ୍ଧ୍ୱ ହେବ ଉପକରଣ ମିଳୁ ନ ଥିବା କହୁଛନ୍ତି। ସାନିଟେସନ ଅଧିକାରୀ ବିଜୟ ମିଶ୍ର କହିଛନ୍ତି, ଗ୍ଲୋଭସ୍ କିଛି କର୍ମଚାରୀଙ୍କ ଅଛି ଓ କିଛି କର୍ମଚାରୀଙ୍କ ସରି ଯାଇଛି। ଟେଣ୍ଡର ନେଇଥିବା ସଂସ୍ଥାକୁ ଏ ବିଷୟରେ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ଟେଣ୍ଡର ନେଇଥିବା ସଂସ୍ଥା ଗ୍ଲୋଭ୍‌ସ ଛିଣ୍ଡିଲେ ଗ୍ଲୋଭ୍‌ସ ଦିଆଯାଉଛି ଏବଂ ଗ୍ଲୋଭସ୍ ଷ୍ଟକ୍ ଅଛି ବୋଲି କହିଛି। ଏଥିରୁ ଅନୁମେୟ ଯେ, ବିଭାଗୀୟ ସମନ୍ୱୟର ଅଭାବ ଏହାର ପ୍ରମୁଖ କାରଣ ସାଜିଛି।



ବଡ଼ଘାଗରା ଡ୍ୟାମରୁ କେନ୍ଦୁଝର ସହରକୁ ଜଳଯୋଗାଣ ହେଉଥିବା ଏକ ପାଇପ୍ ଲିକ୍ ହୋଇ ଅନବରତ ପାଣି ବୋହୁଛି। ସ୍ଥାୟୀ ସମାଧାନ କରାଯାଉ ନ ଥିବାରୁ ଜଳ ନଷ୍ଟ ହେଉଛି। (ଫଟୋ- ନରେଶ ଚନ୍ଦ୍ର ପଟ୍ଟନାୟକ)

# ଦଧିବାମନଜୀଉଙ୍କ ଜମିରେ ଫଳଚାରା ରୋପଣ

ଚମ୍ପୁଆ, ୨୭।୫ (ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ବଡ଼ନଇ ପଞ୍ଚାୟତର ପଳଶା ଗ୍ରାମରେ ଦଧିବାବନଜୀଉଙ୍କ ୨୦ ଏକରରୁ ଊର୍ଦ୍ଧ୍ୱ ଜମିରେ ମେଗା ଫଳଚାରା ରୋପଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଦୀର୍ଘଦିନ ଧରି ପଡ଼ି ରହିଥିବା ଜମିକୁ ବେଉସଣ କରାଯାଇ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଚମ୍ପୁଆ ଉପଜିଲାପଳ ଉମାକାନ୍ତ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚାରାରୋପଣ କାର୍ଯ୍ୟକ୍ରମରେ ଏସିଏଫ୍ ଅକ୍ଷୟ ଛତ୍ରିୟା ବିଭିନ୍ନ ପଞ୍ଚାୟତର ସରପଞ୍ଚ, ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ପ୍ରଧାନ, ଗଣମାଧ୍ୟମ ପ୍ରତିନିଧି, ସମିତି ସଭ୍ୟ, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟ, ସହକାରୀ ଜିଲାପାଳ ଫୁଲଲାଇ ବେଶ୍ରା, ପ୍ରକୃତିବନ୍ଧୁ ରମାକାନ୍ତ ପ୍ରଧାନ, ଅଧ୍ୟାପକ ରାଜକିଶୋର ମହାନ୍ତ ପ୍ରମୁଖ ଯୋଗଦେଇ ଚାରାରୋପଣ କାର୍ଯ୍ୟକୁ ସଫଳ କରିଥିଲେ। ବିଭିନ୍ନ ପ୍ରଜାତିର ତଥା ଉନ୍ନତ କିଶମର ୨ ହଜାରରୁ ଊର୍ଦ୍ଧ୍ୱ ଆମ୍ବ ଚାରାରୋପଣ କରାଯାଇଛି। ସ୍ଥାନୀୟ ଅଧିବାସୀଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହିତ ଦଧିବାମନ ମନ୍ଦିରର ଆୟ ବୃଦ୍ଧି ଲକ୍ଷ ନେଇ ଚାରାରୋପଣ କରାଯାଇଥିଲା। ଏହାର ରକ୍ଷଣାବେକ୍ଷଣା ଦାୟିତ୍ୱ ସ୍ଥାନୀୟ ଲୋକଙ୍କ ହାତରେ ଅର୍ପଣ କରାଯିବ। ଦେବୋତ୍ତର ବିଭାଗ ପକ୍ଷରୁ ଏହାର ଦାୟିତ୍ୱ ନିଆଯିବ ବୋଲି ଜଣାଯାଇଛି। ସ୍ଥାନୀୟ ଉପଜିଲାପାଳଙ୍କ ଉଦ୍ୟମ କ୍ରମେ ପଳଶା ଗ୍ରାମର ଅପନ୍ତରା ଜମିର ରୂପରେଖ ପରିବର୍ତ୍ତନକୁ ନେଇ ସ୍ଥାନୀୟ ଅଧିବାସୀ ଉପଜିଲାପାଳଙ୍କୁ ସାଧୁବାଦ ପ୍ରଦାନ କରିଛନ୍ତି। ବନାଞ୍ଚଳ କର୍ମଚାରୀମାନେ ସହଯୋଗ କରିଥିଲେ।

# ଗୋପବନ୍ଧୁ ହାଇସ୍କୁଲ ୯୩ ରନ୍‌ରେ ଜିତିଲା

## ଆନ୍ତଃ ସ୍କୁଲ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

କେନ୍ଦୁଝର, ୨୭।୫ (ଦୀପକ ମିଶ୍ର)

ଓଡ଼ିଶା କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଏବଂ ଜିଲା କ୍ରୀଡ଼ା ସଂସ୍ଥା ସହଯୋଗରେ ସ୍ଥାନୀୟ ଷ୍ଟାଡ଼ିୟମ ପଡ଼ିଆଠାରେ ଅନୁଷ୍ଠିତ ଅଷ୍ଟମ ଦିବସର ଏକ ଲିଗ୍ ମ୍ୟାଚରେ ବଡ଼ବିଲର ଗୋପବନ୍ଧୁ ହାଇସ୍କୁଲ (ମିଳିତ) ବିଜୟୀ ହୋଇଛି। କେନ୍ଦୁଝରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର (ମିଳିତ)କୁ ୯୩ ରନ୍‌ରେ ପରାସ୍ତ କରିଛି। ଲିଗ୍‌ର ୩ ମ୍ୟାଚରୁ ସବୁଥିରେ ବିଜୟ ଲାଭ କରି ୬ ପଏଣ୍ଟ ହାସଲ କରି ଫାଇନାଲରେ ପ୍ରବେଶ କରିଛି। ଆସନ୍ତା ଗୁରୁବାର ଫାଇନାଲ ଖେଳରେ ଗୋପବନ୍ଧୁ ହାଇସ୍କୁଲ କେନ୍ଦୁଝରର ସେଣ୍ଟ ଜାଭିଆର ହାଇସ୍କୁଲକୁ ଭେଟିବ।

ଗୋପବନ୍ଧୁ ହାଇସ୍କୁଲ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୨୦.୫ ଓଭରରେ ୨୭୨ ରନ୍ କରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ଯୋଗେଶ୍ୱର ମହାନ୍ତ ୪୨ଟି ବଲର ସମ୍ମୁଖୀନ ହୋଇ ୧୦ଟି ଚୌକା ଏବଂ ୨ଟି ଛକା ସହାୟତାରେ ୧୭୧.୪୩ ଷ୍ଟ୍ରାଇକ ରେଟ୍ ସହ ୭୨ ରନ ସଂଗ୍ରହ କରିଥିଲେ। ଅଧିନାୟକ ଆଶୁତୋଷ ନାୟକ ୨୦ଟି ବଲର ସମ୍ମୁଖୀନ ହୋଇ ୬ଟି ଚୌକା ସହାୟତାରେ ୩୧ ରନ ସଂଗ୍ରହ କରିଥିଲେ। ଜବାବରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବ୍ୟାଟିଂ କରିବାକୁ ଆସି ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ନିୟମିତ ବ୍ୟବଧାନରେ ଉଇକେଟ୍‌ର ପତନ ଘଟି ୨୦.୧ ଓଭର ବ୍ୟାଟିଂ କରି ୭୯ ରନ୍‌ରେ ସମସ୍ତ ଉଇକେଟ୍ ହରାଇଥିଲେ। ପ୍ରତିପକ୍ଷ ଦଳର ଡାହାଣ ହାତୀ ଅଫ ସ୍ପିନର ଅଙ୍ଗଦ ଲୋଟିଆ ୪ ଓଭର ବୋଲିଂରେ ଗୋଟିଏ ମେଡନ ସହ ୮ ରନ ଦେଇ ୪ଟି ଉଇକେଟ ନେଇଥିଲେ। ଗୋପବନ୍ଧୁ ହାଇସ୍କୁଲର ଅଙ୍ଗଦ ଲୋଟିଆ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଖେଳକୁ ବିଶ୍ୱମ୍ବର ମହାକୁଡ଼, ଯଶୋବନ୍ତ ମହାପାତ୍ର (ଲୁନା) ପରିଚାଳନା କରିଥିଲେ। ଗିରୀଶ ଚନ୍ଦ୍ର ହୋତା ମ୍ୟାଚ ରେଫରୀ ଏବଂ ରାଜେନ୍ଦ୍ର ସାହୁ ସ୍କୋରର ଦାୟିତ୍ୱ ତୁଲାଇ ଥିଲେ।

# ଚୋରି ମାମଲାରେ ୨ ଗିରଫ

## ୧୦ ହଜାର, ମାରଣାସ୍ତ୍ର ଜବତ



ଗିରଫ ୨ ଅଭିଯୁକ୍ତ, ଜବତ ମାରଣାସ୍ତ୍ର।

ବଡ଼ବିଲ, ୨୭।୫ (ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ପୋଲିସ ଏକ ଚୋରି ମାମଲାରେ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଏସେଲ ହଟିଂ ଅଞ୍ଚଳର କୁନାଲ ପ୍ରସାଦ ଓ ଶ୍ରୀରାମ ନଗର ଅଞ୍ଚଳର ଦିପୁଲ ନାଏକ। ଅଭିଯୁକ୍ତ ଦ୍ୱୟଙ୍କଠାରୁ ପୋଲିସ ଏକ ବ୍ୟାଗ, ୨ ହାତୁଡ଼ି, ଏକ ଲୁହା କରତ ଓ ନଗଦ ୧୦ ହଜାର ଟଙ୍କା ଜବତ କରିଛି। ମାତ୍ର ଚୋରି ହୋଇଥିବା ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଜବତ କରିବାରେ ପୋଲିସ ସକ୍ଷମ ହୋଇନାହିଁ। ସୂଚନା ଥାଉକି, ଗତ ୧୨ ତାରିଖ ରାତିରେ ବଡ଼ବିଲ ୱାର୍ଡ ନଂ-୭ ସ୍ଥିତ ମାଦ୍ରାସା ନିକଟରେ ରହୁଥିବା ସୈଦ ଅବଦୁଲ କାଦିର ଓ ତାଙ୍କ ପରିବାରର ଅନୁପସ୍ଥିତିର ସୁଯୋଗ ନେଇ ତାଙ୍କ ଘରେ ପଶି ଦୁର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଓ ନଗଦ ୬୦ ହଜାର ଟଙ୍କା ଚୋରି କରିନେଇଥିଲେ। ଏନେଇ ଘର ମାଲିକ ୧୩ ତାରିଖରେ ବଡ଼ବିଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି ବଡ଼ବିଲ ପୋଲିସ ଏକ ମାମଲା(ନଂ. ୧୨୪/୨୦୨୫)ରୁଜୁ କରି ତଦନ୍ତ ଜାରି ରଖିଥିଲା। ଘଟଣାରେ ସମ୍ପୃକ୍ତ କୁନାଲ ଓ କାହ୍ନାଙ୍କୁ ଗିରଫ କରି ସୋମବାର ସନ୍ଧ୍ୟାରେ କୋର୍ଟଚାଲାଣ କରାଯାଇଥିବା ପୋଲିସ ପ୍ରେସ୍ ବିବୃତିରେ ଦର୍ଶାଇଛି। ତେବେ ଚୋରିଯାଇଥିବା କୌଣସି ସୁନା କିମ୍ବା ରୁପା ଅଳଙ୍କାର ଜବତ ହୋଇପାରି ନାହିଁ। ସବ୍ ଇନ୍ସପେକ୍ଟର ବରଦା ପ୍ରସନ୍ନ ସାହୁ କହିଛନ୍ତି, ଅନ୍ୟ ଜଣେ ଅଭିଯୁକ୍ତଙ୍କ ସମ୍ପୃକ୍ତି ନେଇ ସୁରାକ ମିଳିଛି। ଘଟଣାର ତଦନ୍ତ ଜାରି ରହିଛି, ଖୁବ୍‌ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ଅଳଙ୍କାର ଜବତ କରାଯିବ।

# ଶିବ ବିବାହ ଉତ୍ସବ ନିମନ୍ତେ ପ୍ରସ୍ତୁତି

କେନ୍ଦୁଝର, ୨୭।୫
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡକାପ ଗ୍ରାମରେ ଥିବା ଶିବ ଦୁର୍ଗା ମନ୍ଦିରରେ ଶ୍ରୀଶ୍ରୀ ବ୍ରହ୍ମେଶ୍ୱର ମହେଶଙ୍କର ଶିବ ବିବାହ ଉତ୍ସବ (ଶୀତଳଷଷ୍ଠୀ) ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକର ନିଷ୍ପତ୍ତି କ୍ରମେ ଚଳିତ ମାସ ୩୦ ତାରିଖଠାରୁ ଜୁନ୍ ୧ ପର୍ଯ୍ୟନ୍ତ ଉତ୍ସବ ଚାଲିବାକୁ ଥିବାବେଳେ କୋଇଲିବୁଡ଼, ବାରାନୁଗମନ, ଶୁଭବିବାହ, ପ୍ରୀତି ଭୋଜନ ଆଦି କାର୍ଯ୍ୟକ୍ରମ ମାନ ରହିଥିବା ଜଣାପଡ଼ିଛି। ଉତ୍ସବକୁ ସରସସୁନ୍ଦର ଆକର୍ଷଣ କରିବା ପାଇଁ କମିଟି ତରଫରୁ ସମସ୍ତ ଆୟୋଜନ କରାଯାଉଛି। ଶିବ ଦୁର୍ଗା କମିଟିର ମୁଖ୍ୟ ଉପଦେଷ୍ଟା ରସାନନ୍ଦ ଘଣା, ପୂଜକ ପ୍ରସନ୍ନ ମହାପାତ୍ର, ସଦସ୍ୟ ଭୀମସେନ ନାଏକ, ପବନା ନାଏକ, ବସନ୍ତ ନାଏକ, ଶଶିଭୂଷଣ ମହାନ୍ତ, ନୁଟା ନାଏକ, ଯଦୁମଣି ନାଏକ, ଇନ୍ଦ୍ର ନାଏକ, କୀର୍ତ୍ତନ ନାଏକ, ଧୁଶାସନ ନାଏକ, ବାଙ୍କୁ ନାଏକ, ଦେବ ପାତ୍ର, ବିଭିଷଣ ନାଏକ, ରଷିନାଥ ମହାନ୍ତ, ସାଇବ ନାଏକ ପ୍ରମୁଖ ଯୋଗଦେଇ ନିଜର ମତାମତ ପ୍ରଦାନ କରିଥିଲେ। ଉତ୍ସବକୁ କିପରି ଆଡ଼ମ୍ବର ସହକାରେ ପାଳନ କରାଯିବ ଆଲୋଚନା କରାଯିବା ସହ ଉକ୍ତ ଉତ୍ସବରେ ଭକ୍ତଗଣ ଯୋଗ ଦେଇ ବ୍ରହ୍ମାଣ୍ଡ ସୃଷ୍ଟି କର୍ତ୍ତା ବାବାଙ୍କ କୃପା ଲାଭ କରିବାକୁ ଶିବ ଦୁର୍ଗା ମନ୍ଦିର କମିଟି ଓ ଗ୍ରାମବାସୀ ତରଫରୁ ନିବେଦନ କରିଛନ୍ତି।



ଉପସ୍ଥିତ କମିଟି କର୍ମକର୍ତ୍ତାମାନେ।

# ଟ୍ରାନ୍ସଫର୍ମର ଚାରିପାଖରେ ସୁରକ୍ଷାବାଡ଼ ଦେବାକୁ ଦାବି



କେନ୍ଦୁଝର, ୨୭।୫ (ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ସଦର ବ୍ଲକ୍ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡକାପ ଗ୍ରାମର ବେହେରା ସାହିକୁ ପଳାଶପଙ୍ଗା ଫିଡ଼ରର ଝୁମ୍ପୁରା ସେକ୍ସନରୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଛି। ବେହେରା ସାହି ନିକଟ ଆମ୍ବ ତୋଟାରେ ଥିବା ୨୫କେଭି ଟ୍ରାନ୍ସଫର୍ମରରୁ ଗ୍ରାମର ବେହେରା ସାହି, ପାତ୍ର ସାହି ଓ ଶିବ ଦୁର୍ଗା ମନ୍ଦିର ସାହିର ପାଖାପାଖି ଏକ ଶହରୁ ଅଧିକ ଘରକୁ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଅଧିକାଂଶ ସମୟରେ ଏହାର ଫିୟୁଜ ଜଳିଯାଉଛି ବା ଏମ୍‌ସିବି ଟ୍ରିପ୍ ହୋଇ ଯାଉଛି ଯାହା ଫଳରେ ଲୋକମାନେ ସରବରାହରୁ ବଞ୍ଚିତ ହେଉଛନ୍ତି। ଟ୍ରାନ୍ସଫର୍ମର ଲାଗିଥିବା ସ୍ଥାନରେ ପ୍ରତିବର୍ଷ କେନ୍ଦୁଝର ଜିଲା ପ୍ରଶାସନ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ରଜ ମହୋତ୍ସବ ପାଳିତ ହୋଇଥାଏ। ମାତ୍ର ଟ୍ରାନ୍ସଫର୍ମର ଚାରିପଟେ ସୁରକ୍ଷା ବ୍ୟବସ୍ଥା ନ ଥିବାରୁ ଦୁର୍ଘଟଣାକୁ ନିମନ୍ତ୍ରିତ କରୁଛି। ଦୁର୍ଘଟଣା ରୋକିବା ଓ ଉପଯୁକ୍ତ ସେବା ଯୋଗାଇ ଦେବାପାଇଁ ତୁରନ୍ତ ୨୫କେଭି ଟ୍ରାନ୍ସଫର୍ମରକୁ ୧୦୦କେଭି ଟ୍ରାନ୍ସଫର୍ମରରେ ପରିଣତ ସହିତ ସୁରକ୍ଷା ବାଡ଼ ଦେବାକୁ ଯୁବ ଓ ଶ୍ରମ ବିକାଶ ମଞ୍ଚର ସାଧାରଣ ସମ୍ପାଦିକା ଶୈଳବାଳା ପରିଡା, ସଭାପତି ପୁଷ୍ପାଞ୍ଜଳି ବେହେରାଙ୍କ ସମେତ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

# କ୍ଷତିପୂରଣରୁ ବଞ୍ଚିତ କାନପୁର ବିସ୍ଥାପିତ

## ମିଳିତ ଜନଶୁଣାଣିରେ ଅଭିଯୋଗ

ଯୋଡ଼ା, ୨୭।୫ (ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍‌ରେ ସୋମବାର ମିଳିତ ଅଭିଯୋଗ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ ସଭାଗୃହରେ କେନ୍ଦୁଝର ଜିଲାପାଳ ବିଶାଲ ସିଂ, କେନ୍ଦୁଝର ଏସ୍‌ପି ନୀତିନ କୁଶଲକର, ଡିଏଫ୍‌ଓ ଏଚ୍‌ଡି ଧନ୍‌ରାଜ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କିଶୋର ପୃଷ୍ଟି, ଜିଲା ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣଙ୍କ ସମେତ ଅତିରିକ୍ତ ଜିଲାପାଳ ରବୀନ୍ଦ୍ର ପ୍ରଧାନ, ଚମ୍ପୁଆ ଉପ ଜିଲାପାଳ ଉମାକାନ୍ତ ପରିଡ଼ା, ଯୋଡ଼ା ବିଡ଼ିଓ ଦାନିସ ବେହେରା, ଯୋଡ଼ା ବ୍ଲକ୍ ଅଧ୍ୟକ୍ଷ କବିନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ରହି ଶୁଣାଣି କରିଥିଲେ।





ଜନଶୁଣାଣିରେ ଉପସ୍ଥିତ ଜିଲାପାଳ ବିଶାଲ ସିଂହ, ଏସ୍‌ପି ନୀତିନ କୁଶଲକର, ଡିଏଫଓ ଏଚ୍‌ଡି ଧନ୍‌ରାଜ ଓ ଅନ୍ୟ ଅଧିକାରୀମାନେ।

ଶୁଣାଣିରେ ଯୋଡ଼ା ବ୍ଲକ୍‌ର ୧୯ ପଞ୍ଚାୟତ ସମେତ ଯୋଡ଼ା ଓ ବଡବିଲ ପୌରପାଳିକାର ଜନସାଧାରଣ ସମୁଦାୟ ୮୭ ଗୋଟି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିଥିଲେ। କାନପୁର ବୃହତ ଜଳସେଚନ ପ୍ରକଳ୍ପର ବିସ୍ଥାପିତମାନେ ନିର୍ଦ୍ଧାରିତ ସମୟ ସୀମା ପରେ ମଧ୍ୟ କ୍ଷତିପୂରଣ ପାଇ ନ ଥିବା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନ ମିଳିବା ସମ୍ପର୍କରେ ଅଭିଯୋଗ କରିଥିଲେ। ସେହିପରି ଟାଟାଷ୍ଟିଲ ସ୍ପଞ୍ଜ ଆଇରନ କାରଖାନା ରେଳ ସାଇଡିଂରେ ସମ୍ପୂର୍ଣ୍ଣ ଯନ୍ତ୍ରପାତି ଦ୍ୱାରା କାର୍ଯ୍ୟ ହେଉଥିବାରୁ ୬ ଶହରୁ ୫୦୦ ଶ୍ରମିକ କାମ ହରାଇଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଥିଲେ। ସେହିପରି ଯୋଡ଼ା ପୌରପାଳିକା ୱାର୍ଡ ନମ୍ବର ୧ରେ ସୁନାନଦୀର ଉଭୟ ପାର୍ଶ୍ୱକୁ ପଥରପ୍ୟାକିଂ କରିବା ପାଇଁ କାଉନ୍‌ସିଲର ଭାନୁମତୀ ବାନା ଅଭିଯୋଗ କରିଛନ୍ତି। ୨୮ ନମ୍ବର ଜୋନ୍‌ର ଜିଲା ପରିଷଦ ସଦସ୍ୟ ଡମ୍ବରୁଧର କୁଦାଦା ଉଠା ଜଳସେଚନ ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକାରୀ କରାଯାଉ, ସେହିପରି କାନପୁର ଓ ଦାମପୁର ଗ୍ରାମରେ ହାତୀ ଉପଦ୍ରବରୁ ଚାଷର ସୁରକ୍ଷା ନିମନ୍ତେ ହାତୀ ନିରୀକ୍ଷଣ ଟାୱାର ସ୍ଥାପନ ପାଇଁ ଅଭିଯୋଗ ହୋଇଥିଲା। ଅଂଶେଇକଳା ପଞ୍ଚାୟତର ଦଣ୍ଡାଗୁଟୁ ସାହି, କଣ୍ଡରା ପଞ୍ଚାୟତର ଗଗଲଇ ସାହି, ଚମକପୁର ପଞ୍ଚାୟତର ଧଳଡିହି ସାହିରେ ବିଦ୍ୟୁତ୍ ସଂଯୋଗ ପାଇଁ ଅଭିଯୋଗ କରାଯାଇଥିଲା। ଏହି ଅବସରରେ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିଲା।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

WANTED
ACCOUNTANT & MARKETING EXECUTIVE for Furniture & Timber, Construction Organisation, Experience on above field preferable.
Salary starts now 10000/- to 15000/-.
Call: 7064170280, 9777251369

SKI Retail Capital Limited
A Leading distributor, Insurance & Financial Services
Require
DYNAMIC AREA MANAGER
for Motor Insurance in Rourkela, Sambalpur, Balasore, Cuttack, Angul.
Exp. in General Insurance Industry or Insurance broking 4-5 yrs experience.
CTC Rs. 6 to 7.2 lacs LPA
Mail CV: resume@skiretail.in
M: 9840335849

ଆବଶ୍ୟକ
ଡ୍ରାଇଭର ଓ ରୋଷେୟା ଆବଶ୍ୟକ।
ମଞ୍ଚେଶ୍ୱର, ଭୁବନେଶ୍ୱର
ଯୋଗାଯୋଗ
8249176583
9110572630

WANTED
Honest, Responsible Peon-cum-Caretaker for guest house, Salary as per experience, Free room, utilities. Must speak Hindi, English, Odia. Immediate joining in Bhubaneswar.
Send Biodata to 9438128790

ସହକାରୀ ଆବଶ୍ୟକ
ମହିଳା ବୟସ 35-50ବର୍ଷ, ଯୋଗ୍ୟତା-ଏକାଦଶ ବା +2, ପ୍ରଥମଶ୍ରେଣୀ ଓଡିଶା ଉତ୍ତମ ଦୃଷ୍ଟି ଶକ୍ତି ସମ୍ପର୍ଣ୍ଣ ସନ୍ତାନ ସନ୍ତତି 12 ବର୍ଷରୁ ଊର୍ଦ୍ଧ୍ୱ ସର୍ବାଧିକ ତିନି ଜାତି-ସାଧାରଣ ବର୍ଗ ସେବା କାମ୍ୟ ବ୍ୟକ୍ତି 89ବର୍ଷ ରହିବା ଘର ବ୍ୟବସ୍ଥା ଅଛି। ଆଧାର କାର୍ଡ, ସ୍ୱାସ୍ଥ୍ୟ ଓ ଜାତି ପରିଚୟ ପତ୍ର ଆବଶ୍ୟକ। ପାରିଶ୍ରମିକ ସାକ୍ଷାତରେ ଯାହା ନିଷ୍ପତି ହେବ। ପ୍ରତ୍ୟକ୍ଷରେ ଯୋଗାଯୋଗ କରନ୍ତୁ-9438572007, କର୍ତ୍ତା- ଲିଙ୍ଗରାଜ ପାଳ, (କଲୋନୀ), ଭଞ୍ଜନଗର

REQUIREMENT
Educated & Well behaved Candidate required for a Construction Site with good communication skill. Both Field & Office Work Bhubaneswar.
Mob. - 7381207777

ଅମ୍ବିକା ସର୍ଭିସେସ୍ (ଭୁଜ୍)
ଗୁଜରାଟ ବିପୁଳ ସଂଖ୍ୟକ ଅଣକୁଶଳୀ ଶ୍ରମିକଙ୍କୁ ନିଯୁକ୍ତି ଦେଉଛି। ଦରମା 24000+3200, ପିଏଫ୍ + ରହିବା ସୁବିଧା, 12 ଘଣ୍ଟା ଡ୍ୟୁଟି।
ଯୋଗାଯୋଗ : 9624019510, 9727054779, 7486050035, 9429927537, ନିଯୁକ୍ତି ମାଗଣା।

See Career Appointment on every Wednesday & Saturday

Display Line
WALK-IN INTERVIEW
A Bhubaneswar based leading Advertising Agency dealing in Print, Electronic & Outdoor Media requires
»» Accounting Asst. (M/F) ««
Qualification: Commerce Graduate with Knowledge in Tally.
Interested candidates may walk-in Interview at the following address with detail resumes & copies of testimonials on 29th & 31st May 2025 between 10.00 A.M. to 06.00 P.M.
Venue | Plot No.: A/173, Saheed Nagar, (Near Sparsh Hospital), Bhubaneswar-751007, Ph.: 0674-4041513

RECRUITMENT
ZENITH ENGINEERING & MANAGEMENT STUDIES
Approved by AICTE, New Delhi, Affiliated to BPUT, Odisha
1. Principal : (Ph.D with 5-10 Year's Experience)
2. Professor / Asso. Prof. / Asst. Prof : PhD / M.Tech in Civil, EE, Mech., CSE, Mining with (0-5 years experience)
3. Lab Assistant : Civil, EE, Mech, CSE, Mining (B.Tech with 0-3 years experience)
4. Administrative Officer : Graduate & above with 3 years minimum experience in Educational field.
5. Placement Officers / Librarian & Accountant : Minimum 0-3 years experience in respective field.
Eligible candidates are requested to send their updated resume through the E-mail ID : zemsbbsr@gmail.com within 7days from the date of publication of the advertisement. You can also send through whatsapp
NH-16, Pitapalli, Khordha, 752057
Contact / WhatsApp : 8908018083

# ବର୍ଷାପାଣିରେ ଭାସୁଛି ଆବର୍ଜନା

## ତିହିଡ଼ି ବଜାରରେ ନିର୍ମାଣ ହେଉନି ଡ୍ରେନ୍



ତିହିଡ଼ି ବଜାରରେ ଜମା ହୋଇଥିବା ଅଳିଆ ବର୍ଷାପାଣିରେ ଭାସୁଛି।

■ଥଇଥାନ ହୋଇନାହାନ୍ତି ଉଠାଦୋକାନୀ
■ପୁଣି ଅବରୋଧ ହେଲାଣି ଉଚ୍ଛେଦସ୍ଥଳ

ତିହିଡ଼ି,୨୭।୫(ସଞ୍ଜିତ ବଳ):

ଲଘୁଚାପଜନିତ ବର୍ଷା ମଙ୍ଗଳବାର ସକାଳଠାରୁ ଲାଗିରହିଛି। ତିହିଡ଼ି ବଜାରରେ ବର୍ଷାପାଣିର ସୁଅ ଚାଲିଥିବା ବେଳେ କୁଢ଼ କୁଢ଼ ହୋଇ ରହିଥିବା ଅଳିଆ ଆବର୍ଜନା ଭାସୁଛି। ଏଥିଯୋଗୁ ଦୁର୍ଗନ୍ଧ ବାହାରି ପରିବେଶ ପ୍ରଦୂଷିତ ହୋଇଥିବାରୁ ବଜାର ଯିବାକୁ ଲୋକେ ନାକ ଟେକୁଛନ୍ତି। ବଜାରରେ ଡ୍ରେନ୍ ନିର୍ମାଣ ହେଉ ନ ଥିବାରୁ ଏପରି ପରସ୍ଥିତି ଉପୁଜିଛି।

ତିହିଡ଼ି ବଜାରର ଉନ୍ନତୀକରଣ ଲକ୍ଷ୍ୟରେ ଭଦ୍ରକ-ଚାନ୍ଦବାଲି ରାସ୍ତା ପାର୍ଶ୍ୱରେ ଥିବା ୧୨୩ଟି ଦୋକାନକୁ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ପରେ ତିହିଡ଼ି ବଜାରର ମାନଚିତ୍ର ବଦଳିଯିବ ବୋଲି ପ୍ରଚାର କରାଯାଇଥିଲା। ହେଲେ ଉଚ୍ଛେଦକୁ ଏହାମଧ୍ୟରେ ୨ମାସ ବିତିଯାଇଥିଲେ ବି ଉନ୍ନୟନର ନାଁ ଗନ୍ଧ ନାହିଁ। ଖାଲି ଯାହା ଉଠାଦୋକାନୀମାନେ ବଳିପଡ଼ିବା ସାର ହୋଇଛି। ଜୀବିକା ହରାଇ ଉଠା ଦୋକାନୀମାନେ ଦୁର୍ଦ୍ଦିନରେ ଥିବାବେଳେ ସେମାନଙ୍କୁ ଥଇଥାନ ମଧ୍ୟ କରାଯାଇ ନାହିଁ। ତେବେ ଉଚ୍ଛେଦ ସ୍ଥଳ ପୁଣି ଅବରୋଧ ହେଲାଣି। ଗୁପ୍‌ଚୁପ୍, ଆଇସ୍‌କ୍ରିମ ବିକାଳିଙ୍କ ସମେତ ଅନ୍ୟ ଦୋକାନ ଖୋଲିଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ବଜାରରେ ଡ୍ରେନ୍, ବସ୍‌ଷ୍ଟାଣ୍ଡ ନିର୍ମାଣ ନେଇ ଯେଉଁ ଲକ୍ଷ୍ୟ ରଖାଯାଇଥିଲା, ତାହା ଏଯାଏ ପୂରଣ ହେବା ତ ଦୂରର କଥା, ନିର୍ମାଣ କାର୍ଯ୍ୟ ଆରମ୍ଭ ମଧ୍ୟ ହୋଇନାହିଁ। ଏହାର ପରିଣାମରେ ଲୋକେ ମହରଗରୁ ଯାଇ କାନ୍ତାରରେ ପଡ଼ିବା ସଦୃଶ ହୋଇଛି। ଦୋକାନୀମାନଙ୍କ ଅବରୋଧ ପାଇଁ ଟ୍ରାଫିକ ସମସ୍ୟା ଉପୁଜୁଥିବା ଅଭିଯୋଗ ହେଉଥିଲା। ଅବରୋଧ ହଟିବା ପରେ ମଧ୍ୟ ସମସ୍ୟା ସୁଧୁରି ପାରୁନି। ରାସ୍ତାର ଉଭୟ ପାର୍ଶ୍ୱରେ ବସି ରହି ଯାତ୍ରୀମାନଙ୍କୁ ନେବା ଆଣିବା କରିବା ସମୟରେ ହିଁ ମୁଖ୍ୟତଃ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ବସ୍‌ଷ୍ଟାଣ୍ଡ ଥିଲେ ଏହି ସମସ୍ୟାର ସମାଧାନ ହୋଇପାରନ୍ତା। ମାତ୍ର ଅଦ୍ୟାବଧି ବସ୍‌ଷ୍ଟାଣ୍ଡ ନିର୍ମାଣ ଦିଗରେ ବି କୋଣସି ପଦକ୍ଷେପ ନିଆଯାଇ ନାହିଁ। ତେବେ ଡାକବଙ୍ଗଳାଠାରୁ ବ୍ଲକ ଛକ ଯାଏ ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଅଳିଆ ଆବର୍ଜନା ସଫା କରାଯିବା ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ସ୍ଥାନୀୟ ଅଧିବାସୀଙ୍କ ସମେତ ଦୋକାନୀମାନଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଏଥିପ୍ରତି ଦୃଷ୍ଟି ଦେଇ ଅଳିଆ ସଫା କରାଯିବା ସହ ଡ୍ରେନ ନିର୍ମାଣ ଦିଗରେ ପଦକ୍ଷେପ ନିଆଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟଙ୍କୁ ପଚାରିବାରୁ ଡ୍ରେନ୍ ନିର୍ମାଣ ନିମନ୍ତେ ଟେଣ୍ଡର ହୋଇଥିବା କହିବା ସହ ଅଳିଆ ସଫା ପାଇଁ ସେ ସରପଞ୍ଚଙ୍କୁ ପରାମର୍ଶ ଦେବେ ବୋଲି କହିଛନ୍ତି।

## ସଂକ୍ଷେପରେ

### ନୂତନ ବିଡିଓଙ୍କୁ ଭେଟିଲେ ଭାଜପା ପ୍ରତିନିଧି

ବନ୍ତ,୨୭।୫(ହରିନାରାୟଣ ମହାନ୍ତି):

ଭାଜପାର ଏକ ପ୍ରତିନିଧି ଦଳ ମଙ୍ଗଳବାର ମଧ୍ୟାହ୍ନରେ ବନ୍ତର ନୂତନ ବିଡିଓ ସୀତାକାନ୍ତ ରାଉତଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଭଣ୍ଡାରିପୋଖରୀ ବିଧାନସଭା କ୍ଷେତ୍ର ନେତା ଡ.ସୁଧାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ବନ୍ତ ମଣ୍ଡଳ ସଭାପତି ସନ୍ତୋଷ ନାୟକ, ମହତାବ ମଣ୍ଡଳ ସଭାପତି ଅମୂଲ୍ୟରତ୍ନ ନନ୍ଦ, ବରଡ଼େଶ୍ୱର ମଣ୍ଡଳ ସଭାପତି ଇଂ. ପ୍ରମୋଦ ଜେନା, ବରିଷ୍ଠ କର୍ମୀ କମଳାକାନ୍ତ ସାହୁ, ସୁଧୀର ନାୟକ, ଆନନ୍ଦ ଚନ୍ଦ୍ର ଓଝା, ପୂର୍ବତନ ସରପଞ୍ଚ କୃପାସିନ୍ଧୁ ସେଠୀ, ମନୋଜ ବିଶ୍ୱାଳ, ଗୋପାଳକୃଷ୍ଣ ଦାଶ, ଶଙ୍କର୍ଷଣ ଜେନା, ଲକ୍ଷ୍ମୀଧର କର, ବସନ୍ତ ବିଶ୍ୱାଳ, ମଦନ କଟୁଆଳ, ହେମନ୍ତ ମଲ୍ଲିକ ପ୍ରମୁଖ ବିଡିଓଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଗତ କିଛିମାସ ଧରି ଏହି ବ୍ଲକରେ ବିଡିଓ ପଦବୀ ଖାଲି ପଡ଼ିଥିବାରୁ ଉନ୍ନୟନମୂଳକ କାର୍ଯ୍ୟ ଠପ୍ ହୋଇଯାଇଥିଲା। ଏହାକୁ ତ୍ୱରାନ୍ୱିତ କରି ଆଗେଇ ନେବାକୁ ଡ. ନାୟକ ଆଶାବ୍ୟକ୍ତ କରିଥିଲେ।

### ଆର୍‌ଏମ୍‌ଏସ୍ ସ୍ଥାନାନ୍ତର ପ୍ରସଙ୍ଗ
# ମହାଡାକପାଳଙ୍କୁ ଭେଟିଲେ ସର୍ବୋଦୟ ମଣ୍ଡଳ ନେତା



ସର୍ବୋଦୟ ମଣ୍ଡଳ ନେତା ମହାଡାକପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଭଦ୍ରକ,୨୭।୫(ସନାତନ ରାଉତ):

ଭଦ୍ରକ ଜିଲାରୁ ଆର୍‌ଏମ୍‌ଏସ୍ (ରେଲୱେ ମେଲ୍ ସର୍ଭିସ୍) ସ୍ଥାନାନ୍ତର ପ୍ରତିବାଦରେ ଜିଲା ସର୍ବୋଦୟ ମଣ୍ଡଳ ପକ୍ଷରୁ ଏକ ଟିମ୍ ମଙ୍ଗଳବାର ପୂର୍ବାହ୍ନରେ ଓଡ଼ିଶା ମହାଡାକପାଳ ନିର୍ମଳଜିତ୍ ସିଂହଙ୍କୁ ଭୁବନେଶ୍ୱର କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରିଛି। ସର୍ବୋଦୟ ମଣ୍ଡଳ ଜିଲା ସଭାପତି ଅମର କୁମାର ପାଣିଗ୍ରାହୀ, ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ, ସୌରୀ କିଶୋର ମହାନ୍ତି ଓ ବିଜୟ ଜେନା ମହାଡାକପାଳଙ୍କ ସହ ଆଲୋଚନା କରିଛନ୍ତି। ଭଦ୍ରକ ଜିଲାରେ ପୃଥକ୍ ଭାବେ ଆଇସିଏଚ୍ (ଇନ୍‌ଟ୍ରା ସେଣ୍ଟର ହବ୍) ପ୍ରତିଷ୍ଠା ପାଇଁ ସେମାନେ ଅନୁରୋଧ କରିଛନ୍ତି। ପ୍ରକାଶଥାଉ କି, ୧୯୮୦ରେ ଚରମ୍ପା ରେଳ ଷ୍ଟେଶନରେ ଆର୍‌ଏମ୍‌ଏସ୍ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା। ୨୦୧୮ରେ ପାର୍ସଲ ଯାଜପୁର ରୋଡ୍‌କୁ ସ୍ଥାନାନ୍ତର ହୋଇଥିଲା। ୨୦୧୯ରେ ସ୍ପିଡ୍‌ପୋଷ୍ଟ ବାଲେଶ୍ୱରକୁ ସ୍ଥାନାନ୍ତର ହୋଇଥିଲା। ଶେଷରେ ଆର୍‌ଏମ୍‌ଏସ୍‌କୁ ୨୦୨୪ ଡିସେମ୍ବର ଶେଷରେ ବାଲେଶ୍ୱରକୁ ସ୍ଥାନାନ୍ତର କରାଯାଇଛି। ପୂର୍ବ ଭଳି ଭଦ୍ରକରେ ଆର୍‌ଏମ୍‌ଏସ୍ ନ ଚାଲିଲେ ଏକ ବିରାଟ ଆନ୍ଦୋଳନ ହେବ ବୋଲି ସର୍ବୋଦୟ ମଣ୍ଡଳ ପକ୍ଷରୁ ଚେତାବନୀ ଦିଆଯାଇଛି।

### ମୁଖ୍ୟମନ୍ତ୍ରୀ କପ୍ ୧୫ ବର୍ଷରୁ କମ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ
# ଭଦ୍ରକ ଟିମ୍ ମନୋନୀତ

ଭଦ୍ରକ,୨୭।୫(ସନାତନ ରାଉତ/ ରବିନାରାୟଣ ଖିଲାର):

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶାର ମିଳିତ ଉଦ୍ୟମକ୍ରମେ ବୁଧବାରଠାରୁ କେନ୍ଦୁଝର ସମେତ ରାଜ୍ୟର ୪ଟି ସ୍ଥାନରେ ଆନ୍ତଃ ଜିଲା ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏହି ଟୁର୍ଣ୍ଣାମେଣ୍ଟ ପାଇଁ ଭଦ୍ରକ ଟିମ୍ ମନୋନୀତ ହୋଇଛି। ଭଦ୍ରକ ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ପକ୍ଷରୁ ଗତ ୧୭ରୁ ୨୬ ତାରିଖ ପର୍ଯ୍ୟନ୍ତ ରାନ୍ଦିଆସ୍ଥିତ ରାମେଶ୍ୱର କ୍ରୀଡ଼ାଙ୍ଗନରେ ୧୦ ଦିନିଆ ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଥିଲା। ଶିବିରରେ ଜିଲାର ବିଭିନ୍ନ ଅଞ୍ଚଳରୁ ୪୦ଜଣ କ୍ରୀଡ଼ାବିତ୍ ଯୋଗ ଦେଇଥିଲେ। ପୂର୍ବରୁ ଧାମନଗରଠାରେ ଅନୁଷ୍ଠିତ ହୋଇଥିବା ଆନ୍ତଃ କ୍ଲବ୍ ମୁଖ୍ୟମନ୍ତ୍ରୀ କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଓ ଏହି ଶିବିରରେ ପ୍ରଦର୍ଶନ ଭିତ୍ତିରେ ତାଲିମପ୍ରାପ୍ତ ଖେଳାଳି ଚୟନ କରାଯାଇଥିଲା। ମୁଖ୍ୟ ପ୍ରଶିକ୍ଷକ ଭାବେ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶାର ବିଶିଷ୍ଟ କୋଚ୍ ସାଇପ୍ରସାଦ, ଭଦ୍ରକ ଜିଲାର ୨ଜଣ ପୂର୍ବତନ ଫୁଟ୍‌ବଲ ଖେଳାଳି ରବିନାରାୟଣ ଓଝା ଏବଂ ଶେଖ୍ ସଲିମ ସହଯୋଗୀ ପ୍ରଶିକ୍ଷକ ରୂପେ ଯୋଗ ଦେଇଥିଲେ। ଆସୋସିଏଶନର ଯୁଗ୍ମ ସମ୍ପାଦକ ଆଇନଜୀବୀ ଅତିଶ କୁମାର ବେହେରା ଭଦ୍ରକ ଟିମ୍‌ରେ ସ୍ଥାନ ପାଇଥିବା ୨୨ ଖେଳାଳିଙ୍କ ନାମ ଘୋଷଣା କରିଥିଲେ। ଲାଲଟୁ ହାଁସଦାଙ୍କୁ ଅଧିନାୟକ ଦାୟିତ୍ୱ ଦିଆଯାଇଥିବା ବେଳେ ଶେଖ୍ ସଲିମ୍ ମ୍ୟାନେଜର ଦାୟିତ୍ୱ ତୁଲାଇବେ। ଟିମ୍‌ର ଉତ୍ତମ ପ୍ରଦର୍ଶନ ନିମନ୍ତେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଆସୋସିଏଶନର ସଭାପତି ଜିଲାପାଳ ଦିଲୀପ ରାଉତରାଏ, କାର୍ଯ୍ୟକାରୀ ସଭାପତି ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ, ଉପସଭାପତି ବିଜୟ କୁମାର ଜେନା, ସାଧାରଣ ସମ୍ପାଦକ ଧୀରେନ ପଲାଇ, ଯୁଗ୍ମ ସମ୍ପାଦକ ତଥା ଜିଲା କ୍ରୀଡ଼ା ଅଧିକାରୀ ରମେଶ କୁମାର ମହାନ୍ତି ଓ କୋଷାଧ୍ୟକ୍ଷ ବ୍ୟୋମକେଶ ସେନାପତିଙ୍କ ସମେତ ଆସୋସିଏଶନର ସଦସ୍ୟମାନେ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ଜିଲା ଆଥ୍‌ଲେଟିକ ଆସୋସିଏଶନର କର୍ମକର୍ତ୍ତାଙ୍କ ସହ ମନୋନୀତ ହୋଇଥିବା ଖେଳାଳି।

# ବ୍ଲକ୍ କାର୍ଯ୍ୟାଳୟ ପରିସର ଜଳମଗ୍ନ

## ପ୍ରବଳ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ

ବାସୁଦେବପୁର,୨୭।୫ (ନାରାୟଣ ପ୍ରସାଦ ବାରିକ୍):

ବାସୁଦେବପୁର ବ୍ଲକରେ ଲଘୁଚାପଜନିତ ବର୍ଷା ମଙ୍ଗଳବାର ସକାଳଠାରୁ ଆରମ୍ଭ ହୋଇଛି। ପ୍ରବଳ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଭିନ୍ନ ସ୍ଥାନରେ ବର୍ଷାଜଳ ନିଷ୍କାସନ ହୋଇ ନ ପାରି ଜମି ରହିଛି। ବର୍ଷାଦିନ ପୂର୍ବରୁ ପୌରପାଳିକା ପକ୍ଷରୁ ବିଭିନ୍ନ ନିର୍ମାଣାଧୀନ କାର୍ଯ୍ୟ ଶେଷ ହୋଇ ନ ଥିବାବେଳେ ଡ୍ରେନ୍‌ଗୁଡ଼ିକ ବିଭିନ୍ନ ସ୍ଥାନରେ ପୋତି ହୋଇପଡ଼ିଛି। ଏଥିସହ କେତେକ ସ୍ଥାନରେ ଡ୍ରେନ୍‌ର ଶେଷ ମୁହଁ ଖୋଲାଯାଇ ନ ଥିବାରୁ ବର୍ଷାପାଣି ନିଷ୍କାସନରେ ପ୍ରତିବନ୍ଧକ ସାଜିଛି। ବର୍ଷାପାଣି ନିଷ୍କାସନ ହୋଇ ନ ପାରି ବାଲିକଲୋନୀ ଲୋକଙ୍କ ଘରେ ପାଣି ପଶିଛି। ସେହିପରି ବାସୁଦେବପୁର ସହର ଦେଇ ଯାଇଥିବା ମୁଖ୍ୟ ଡ୍ରେନ୍ କାର୍ଯ୍ୟ ଅସମ୍ପୂର୍ଣ୍ଣ ଥିବାରୁ ବର୍ଷାଜଳ ନିଷ୍କାସନ ଠିକ୍ ଭାବେ ହୋଇପାରୁ ନାହିଁ। ଫଳରେ କେତେକ ଦୋକାନରେ ମଧ୍ୟ ବର୍ଷାପାଣି ପଶିଯାଇଛି। ବ୍ଲକରେ ବର୍ଷାଜଳ ଜମି ରହି କୃତ୍ରିମ ବନ୍ୟା ସୃଷ୍ଟି କରିଛି। ବ୍ଲକ କାର୍ଯ୍ୟାଳୟ ପରିସର ଜଳମଗ୍ନ ହୋଇଛି। ବ୍ଲକରେ ମାଳ ମାଳ ଯନ୍ତ୍ରୀ କାର୍ଯ୍ୟରତ ଥିବାବେଳେ ଡ୍ରେନେଜ ବ୍ୟବସ୍ଥା ଫେଲ୍ ମାରିଛି। ବ୍ଲକରେ ବର୍ଷାଜଳ ଲହଡ଼ି ମାରୁଥିବା ବେଳେ ସାଧାରଣ ଲୋକ ନାହିଁ ନ ଥିବା ଅସୁବିଧାରେ ପଡ଼ିଛନ୍ତି। ବାସୁଦେବପୁର ଡାକ୍ତରଖାନା ପରିସରକୁ ମଧ୍ୟ ବର୍ଷାଜଳ ପଶି ଯାଇଥିବାରୁ ରୋଗୀମାନେ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ଏହି ଡାକ୍ତରଖାନାକୁ ୫-ଟିରେ ରୂପାନ୍ତରିତ କରାଯାଇଥିବା ବେଳେ ଡ୍ରେନେଜ ବ୍ୟବସ୍ଥା ଠିକ୍‌ରେ କରାଯାଇ ନ ଥିବାରୁ ପାଣି ପଶିଛି। ରୋଗୀମାନେ ହଇରାଣ ହୋଇଥିବାରୁ ଜନ ଅସନ୍ତୋଷ ଦେଖାଦେଇଛି।



ବ୍ଲକ ଅଫିସ୍ ପରିସରରେ ବର୍ଷାପାଣି ଜମିରହିଛି।

# ଆସିଲା ୧୦୪ ଅଭିଯୋଗ

■ମିଳିତ ଜନ ଅଭିଯୋଗ ଶୁଣାଣି

ବନ୍ତ,୨୭।୫(ହରିନାରାୟଣ ମହାନ୍ତି):

ବନ୍ତ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ସକାଳ ୭ଟାରେ ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଭତ୍ତା, ଆବାସ, ଦିବ୍ୟାଙ୍ଗ ପ୍ରମାଣପତ୍ର, ଜଳ ନିଷ୍କାସନ, ରେଡ୍‌କ୍ରସ, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ସହାୟତା ଆଦି ସମ୍ପର୍କିତ ମୋଟ ୧୦୪ଟି ଅଭିଯୋଗ ଆସିଥିଲା। ବିଡିଓ ସୀତାକାନ୍ତ ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଜିଲାପାଳ ଦିଲୀପ ରାଉତରାଏ ଓ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା ଉପସ୍ଥିତ ରହି ଶୁଣାଣି କରିଥିଲେ। ୧୧ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ୨ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨୮ ହଜାର ଟଙ୍କା ଓ ୨ଜଣଙ୍କୁ ରେଡ୍‌କ୍ରସ୍‌ରୁ ୨୧ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ୩ ଦିବ୍ୟାଙ୍ଗଙ୍କୁ ଟ୍ରାଇସାଇକେଲ ବଣ୍ଟନ କରାଯାଇଥିଲା। ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଡେପୁଟି କଲେକ୍ଟର କରୁଣାକର ଜେନା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ, ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ, ତହସିଲଦାର ସାରା ହେମ୍ବ୍ରମ ଓ ସହକାରୀ ଯନ୍ତ୍ରୀ ଶ୍ରଦ୍ଧାସୁମନ ନାଥ ଶିବିରରେ ଯୋଗ ଦେଇଥିଲେ। ଜିଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ବିଦ୍ୟାଳୟ ଶ୍ରେଣୀଗୃହର ଭିତ୍ତିପ୍ରସ୍ତର

ଧାମନଗର,୨୭।୫(ସନ୍ତୋଷ କୁମାର ମହାପାତ୍ର):

ଧାମନଗର ବ୍ଲକ ଅଧୀନ ଭଗବାନପୁର ପଞ୍ଚାୟତର ପଳିକିରି ଭଗବାନପୁର ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଏକ ନୂତନ ଅତିରିକ୍ତ ଶ୍ରେଣୀଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ପ୍ରଧାନଶିକ୍ଷକ ଅରୁଣ କୁମାର ଯେନା ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ଉପସ୍ଥିତ ଥିବା ସହକାରୀ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ହେମ୍ବ୍ରମ ଏବଂ କନିଷ୍ଠ ଯନ୍ତ୍ରୀ ଦିଲୀପ କୁମାର ପଣ୍ଡା ଲେ ଆଉଟ ଦେଇଥିଲେ। ୧୧ ଲକ୍ଷ ୮୭ ହଜାର ୭୫୮ ଟଙ୍କା ଅଟକଳ ମୂଲ୍ୟରେ ୧୧.୬୫ ମିଟର ଲମ୍ବ ଓ ୭.୩ ମିଟର ପ୍ରସ୍ଥରେ ଏହି ଶ୍ରେଣୀଗୃହ ନିର୍ମାଣ କରାଯିବ। ଶ୍ରେଣୀଗୃହ ଅଭାବରୁ ବିଦ୍ୟାଳୟରେ ଛାତ୍ରୀଛାତ୍ର ପାଠ ପଢ଼ିବା ପାଇଁ ବିଭିନ୍ନ ସମସ୍ୟା ଉପୁଜିଥିଲା। ପ୍ରତିବର୍ଷ ମାଟ୍ରିକ ବୋର୍ଡ ପରୀକ୍ଷା ସମୟରେ ଏହି ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହେଉଥିବାରୁ ବିଭିନ୍ନ ସମସ୍ୟା ହେଉଥିଲା। ଶ୍ରେଣୀଗୃହ ପାଇଁ ଅନୁଦାନ ମିଳିଥିବାରୁ ଧାମନଗର ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଗ୍ରାମବାସୀ କୃତଜ୍ଞତା ଜଣାଇଛନ୍ତି। ବିଦ୍ୟାଳୟର ଆଲୁମନି କମିଟି ସଭାପତି ତ୍ରିଲୋଚନ ନାୟକ, ସରପଞ୍ଚଙ୍କ ପ୍ରତିନିଧି କପିଳେନ୍ଦ୍ର ବଳ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ପାତ୍ର, ସୁଦର୍ଶନ ମାଝୀ, ପୂର୍ବତନ ସେବା ସମବାୟ ସମିତି ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ଆଲୁମନି କମିଟି ସଦସ୍ୟ ରଞ୍ଜନ କୁମାର ଦାଶ, ତନ୍ମୟ କୁମାର ପ୍ରଧାନ, ଗଦାଧର ଖୁଣ୍ଟିଆ, ଦିବାକର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ଚରମ୍ପା ଓଭରବ୍ରିଜ୍-ଷ୍ଟେଶନ ରାସ୍ତାରୁ ଜବରଦଖଲ ଉଚ୍ଛେଦ ଦାବି

ଭଦ୍ରକ,୨୭।୫(ସନାତନ ରାଉତ):

୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଜିଲା ଚରମ୍ପା ଓଭରବ୍ରିଜ୍‌ଠାରୁ ଷ୍ଟେଶନ ପର୍ଯ୍ୟନ୍ତ ରାସ୍ତାରୁ ଜବରଦଖଲ ଉଚ୍ଛେଦ ପାଇଁ ଦାବି କରାଯାଇଛି। ରାସ୍ତାର ଉଭୟପାର୍ଶ୍ୱରେ ରହିଥିବା ଦୋକାନଗୁଡ଼ିକ ଉଚ୍ଛେଦ କରାଯିବାକୁ ଚରମ୍ପା, ଏରେଇଁ, କଣ୍ଟାପାଳ, ବରାଳପୋଖରୀ ଆଦି ଗ୍ରାମର ଅଧିବାସୀ ମଙ୍ଗଳବାର ମଧ୍ୟାହ୍ନ ୧୨ଟାରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଜନଗହଳି ରାସ୍ତାରେ ସିମେଣ୍ଟ, ସାର, ଗହମ ଆଦି ମାଲ ବୋଝେଇ ଗାଡ଼ିଗୁଡ଼ିକ ବହୁ ସମୟରେ ରହୁଥିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଥିବା ଦାବିପତ୍ରରେ ଦର୍ଶାଯାଇଛି। ବ୍ୟବସାୟୀମାନେ ପ୍ରତିବର୍ଷ କାଳୀ ପୂଜାକୁ ଆଖି ଆଗରେ ରଖି ସମୟ ନେଇଥାନ୍ତି। କାଳୀପୂଜା ପରେ ଦୋକାନ ଭାଙ୍ଗିଦେବେ ବୋଲି କହିଥାନ୍ତି। କିନ୍ତୁ ଏପର୍ଯ୍ୟନ୍ତ ତାହା ଦଖଲମୁକ୍ତ ହୋଇପାରୁ ନ ଥିବା ଶରତ ରାଉତ, ସୁଶାନ୍ତ ରାଉତ, ମାନସ ଗୁପ୍ତା, ତପନ ରାଉତଙ୍କ ସମେତ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

### 'ସତ୍ୟଭାମା ଥିଲେ ବୃକ୍ଷମାନବୀ'

ଭଦ୍ରକ,୨୭।୫(ସନାତନ ରାଉତ):

ଭଦ୍ରକ ବ୍ଲକ ବର୍ଣ୍ଣିଆଁ ଗ୍ରାମର ଦିବଂଗତ ସାମାଜିକ କର୍ମୀ ସତ୍ୟଭାମା ପାଢ଼ୀଙ୍କ ଜୀବନକାଳ ମଧ୍ୟରେ ନିଜ ଅଞ୍ଚଳରେ ଶତାଧିକ ଚାରାରୋପଣ କରି ବୃକ୍ଷମାନବୀ ଭାବେ ପରିଚିତ ଥିଲେ। ଶନିବାର ସନ୍ଧ୍ୟାରେ ତାଙ୍କ ଏକାଦଶାହ ଅବସରରେ ବକ୍ତାମାନେ ଏହା କହି ସ୍ମୃତିଚାରଣ କରିଥିଲେ। ବର୍ଣ୍ଣିଆଁଠାରେ ବରିଷ୍ଠ ନାଗରିକ ରାମଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଭଦ୍ରକ ପୌରାଧକ୍ଷା ଗୁଲୁମୁଙ୍କୀ ଦଲୱାଜି ହବିବ, ସିପିଏମ୍‌ର ବରିଷ୍ଠ ନେତା ଚନ୍ଦ୍ରଶେଖର ନାୟକ, ଜିଲା କମିଟି ସଭ୍ୟ ବିକାଶ ନାଥ, ଆଇନଜୀବୀ ଗିରିଧାରୀ ନାଥ, ପୂର୍ବତନ ବ୍ଲକ ଉପସଭାପତି ପ୍ରଫୁଲ୍ଲ ନାୟକ, ବିଜେଡି ଯୁବନେତା ନାସିରୁଦ୍ଦିନ ଖାନ୍ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଫେସର ପାର୍ଥସାରଥି ଦାଶ, ଶିକ୍ଷକ ନେତା ଚିତ୍ରଭାନୁ ଦାଶ, ଆଇନଜୀବୀ ବିନୋଦ ସାହୁ, ଉଜ୍ଜ୍ୱଳ ଜେନା, ସରପଞ୍ଚ ଅଜୟ ସାମଲ, କଂଗ୍ରେସ ନେତା ନରୋତ୍ତମ ରାଉତ, କୈଳାସ ନାୟକ, ମହେଶ୍ୱର ପାଢ଼ୀ, ଶଙ୍କର୍ଷଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ନଦୀଶଯ୍ୟାରୁ ବିରଳ ଭୂମି ସ୍ପର୍ଶ ବୁଦ୍ଧମୂର୍ତ୍ତି ଉଦ୍ଧାର

ଭଣ୍ଡାରୀପୋଖରୀ,୨୭।୫(ରାଜେନ୍ଦ୍ର ଶତପଥୀ):

ଭଣ୍ଡାରିପୋଖରୀ ବ୍ଲକ ଅଧୀନ ଷୋଳମପୁର ପଞ୍ଚାୟତ ମୁଢ଼ାପଦା ଗ୍ରାମ ନିକଟ ବୈତରଣୀ ନଦୀଶଯ୍ୟାରୁ ଏକ ବିରଳ ଶିଳାଲେଖଯୁକ୍ତ ଭୂମି ସ୍ପର୍ଶ ବୁଦ୍ଧଙ୍କ ମୂର୍ତ୍ତି ମଙ୍ଗଳବାର ଅପରାହ୍ନ ୨ଟା ବେଳେ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକେ ନଦୀଶଯ୍ୟାରେ ଆଂଶିକ ଦୃଶ୍ୟମାନ ଏକ କ୍ଲୋରାଇଟ ପ୍ରସ୍ତରରେ ମୂର୍ତ୍ତି ଖୋଦିତ ଏକ ପ୍ରସ୍ତର ଦେଖିବାକୁ ପାଇ ତାକୁ ଉଦ୍ଧାର କରିଥିଲେ। ଦେଢ଼ ଫୁଟ୍ ଲମ୍ବ, ୧ ଫୁଟ ଚଉଡ଼ା ବିଶିଷ୍ଟ କ୍ଲୋରାଇଟ୍ ପ୍ରସ୍ତରରେ ଖୋଦିତ ମୂର୍ତ୍ତିର ପ୍ରଚ୍ଛଦ ପାର୍ଶ୍ୱରେ ୩ ଧାଡ଼ିର ବିରଳ ଶିଳାଲେଖ ରହିଛି। ମୂର୍ତ୍ତିଟି ୮ମ/୯ମ ଶତାବ୍ଦୀର ପଦ୍ମାସନରେ ଉପବେଶିତ ବୋଲି ପ୍ରତ୍ନତତ୍ତ୍ୱବିତ୍ ଡ. ସୁନୀଲ ପଟ୍ଟନାୟକ ଚିହ୍ନଟ କରିଛନ୍ତି। ମୂର୍ତ୍ତିରେ ବୁଦ୍ଧଙ୍କ ମୁଖମଣ୍ଡଳ ସମ୍ମୁଖ ଭାଙ୍ଗି ଯାଇଥିବା ବେଳେ ଦୁଇପାର୍ଶ୍ୱରେ ଦୁଇ ଗନ୍ଧର୍ବ ପୁଷ୍ପମାଲ୍ୟ ଧରିଥିବା ଦେଖିବାକୁ ମିଳିଛି। ଇନ୍‌ଟାକ୍ ସଦସ୍ୟ ବିଶ୍ୱମ୍ବର ରାଉତଙ୍କ ଉଦ୍ୟମରେ ଏହି ବିରଳ ଶିଳାଲେଖ ମୂର୍ତ୍ତିକୁ ସ୍ଥାନୀୟ ଶିଶୁମନ୍ଦିର ଗୁରୁଜୀ ଶରତ ବେଉରିଆ, ସାମାଜିକ କର୍ମୀ ସରୋଜ ବେହେରା, ରାକେଶ ବେହେରାଙ୍କ ସହଯୋଗରେ ଟ୍ରଷ୍ଟି କମଳାକାନ୍ତ ନାୟକଙ୍କ ଉପସ୍ଥିତିରେ ବୌଦ୍ଧବିହାର ସଂଗ୍ରହାଳୟକୁ ପ୍ରଦାନ କରାଯାଇଛି।



ବୈତରଣୀ ନଦୀଶଯ୍ୟାରୁ ଉଦ୍ଧାର ହୋଇଥିବା ମୂର୍ତ୍ତି।

# ଆଗରପଡ଼ାର ୩ ସ୍ଥାନରେ ଜମିବ ରଜ ମହୋତ୍ସବ

ଆଗରପଡ଼ା,୨୭।୫(ସୁଶାନ୍ତ ଦାଶ):

ଭଦ୍ରକ ଜିଲା ବନ୍ତ ବ୍ଲକର ଆଗରପଡ଼ାରେ ଏଥର ୩ଟି ସ୍ଥାନରେ ରଜ ମହୋତ୍ସବ ଜମିବ। ପୂର୍ବରୁ ରାମଗଡ଼ ମେଳନ ପଡ଼ିଆ ବଣିଆସାହି ଏବଂ ସାଳନ୍ଦୀ ନଦୀକୂଳ ଟିକିରାରେ ରଜ ମହୋତ୍ସବ ହେଉଥିଲା। ଚଳିତବର୍ଷ ପୁରୁଷଣ୍ଡ ହନୁମାନ ପଡ଼ିଆ କୁଦମଛକିଠାରେ ପ୍ରଥମ କରି ଏହି ମହୋତ୍ସବ ଅନୁଷ୍ଠିତ ହେବ। ୨୧ବର୍ଷ ପୂର୍ବେ ସର୍ବପ୍ରଥମେ ପୁରଷଣ୍ଡ ବଣିଆସାହିର ଯୁବକମାନଙ୍କ ଦ୍ୱାରା ରାମଗଡ଼ ମେଳନ ପଡ଼ିଆରେ ରଜ ମହୋତ୍ସବ ଆରମ୍ଭ ହୋଇଥିଲା। କ୍ରମେ ଏହା ଲୋକପ୍ରିୟ ହେବା ସହ ବହୁ ସଂଖ୍ୟାରେ ଲୋକେ ରଜ ୩ ଦିନ ଏଠାକୁ ଆସିଥାନ୍ତି। ପରେ ଟିକିରାରେ ଉଦୟମାନ ଯୁବକମାନଙ୍କ ଦ୍ୱାରା ରଜ ମହୋତ୍ସବ ଆରମ୍ଭ ହୋଇଥିଲା।

ରାମଗଡ଼ ମେଳନ ପଡ଼ିଆରେ କମିଟି ସଭାପତି ପରେଶ ନାୟକଙ୍କ ଦ୍ୱାରା ଗତ ୨୨ ତାରିଖରେ ରଜପୂଜା କରାଯାଇ ଶିଳ୍ପୀ ପଦ୍ମନାଭ ସେଠୀଙ୍କ ଦ୍ୱାରା ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ସମ୍ପାଦକ ହିମାଂଶୁ ଶେଖର ସାହୁ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ସାହୁ, ଦୀପୁ ଗୁପ୍ତା, ଆଲୋକ ସାହୁ, ରମେଶ ବେହେରାଙ୍କ ସମେତ କମିଟି ସଭ୍ୟମାନେ ତୋରଣ, ମୂତ୍ତି ନିର୍ମାଣ, ମୀନାବଜାର, ବିଭିନ୍ନ ପ୍ରକାରର ଦୋଳି, ଫାଷ୍ଟଫୁଡ୍ ଦୋକାନ ଆଦିର ଦାୟିତ୍ୱ ନେଇଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମର ଦାୟିତ୍ୱ ସୁରେଶ କୁମାର ପୃଷ୍ଟିଙ୍କୁ ପ୍ରଦାନ କରାଯାଇଛି। ଜୁନ୍ ୧୩ରେ ପାଣିବୁହାଠାରୁ ଏହି ମହୋତ୍ସବ ଆରମ୍ଭ ହେବ। ୧୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ରଜ କୁଇନ୍ ଚୟନ ସହ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ ବୋଲି କମିଟି ଅଧ୍ୟକ୍ଷ ଅର୍ଜୁନ ଚରଣ ତିଆଡ଼ି ପ୍ରକାଶ କରିଛନ୍ତି। ସେହିପରି ଟିକିରା ରଜ ମହୋତ୍ସବ ୨୦ ବର୍ଷରେ ପଦାର୍ପଣ କରିଥିବା ବେଳେ କମିଟି ପକ୍ଷରୁ ଚଳିତବର୍ଷ ଧୁମ୍‌ଧାମ୍‌ରେ ପାଳନ କରାଯିବାକୁ ଲକ୍ଷ୍ୟ ରହିଛି ବୋଲି ସଭାପତି ମନ୍ମଥ କୁମାର ଦାଶ କହିଛନ୍ତି। ୪ଦିନ ଧରି ଏହି ମହୋତ୍ସବ ହେବାକୁ ଥିବାବେଳେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ପରିବେଷଣ, ନାମୀ କଳାକାରଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ସହ ତିନିଦିନ ଧରି ବର୍ଷିଆନ ନେତା ଓ ସୁନାମଧନ୍ୟ ବ୍ୟକ୍ତିତ୍ୱ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବିଭିନ୍ନ ପ୍ରକାର ଦୋଳି, ମୀନାବଜାର ସହ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ସମ୍ପାଦକ କାର୍ତ୍ତିକ ମଲ୍ଲିକ କହିଛନ୍ତି। ନୂତନ ଭାବେ କୁଦମଛକିର ଯୁବକମାନଙ୍କ ଦ୍ୱାରା ହନୁମାନ ପଡ଼ିଆରେ ୪ ଦିନ ଧରି ରଜ ମହୋତ୍ସବ ଅନୁଷ୍ଠିତ ହେବ ବୋଲି କମିଟି ସଭାପତି ପ୍ରଦ୍ୟୁମ୍ନ ପୁହାଣ ପ୍ରକାଶ କରିଛନ୍ତି। କବାଡ଼ି, ତାସ୍, ଗୃହଲକ୍ଷ୍ମୀ ଆଦି ବିଭିନ୍ନ ପ୍ରତିଯୋଗିତା ସହ ନୃତ୍ୟ, ସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଛି। ମନୋରଞ୍ଜନ ପାଇଁ ପ୍ରତି ସନ୍ଧ୍ୟାରେ ମେଲୋଡ଼ି କାର୍ଯ୍ୟକ୍ରମ ରଖାଯାଇଛି। କମିଟି ସମ୍ପାଦକ ନିର୍ମଳ ମହାକୁଡ଼, ଲିଙ୍କୁନ ପୁହାଣ, ମୁକ୍ତିକାନ୍ତ ପଣ୍ଡାଙ୍କ ସମେତ ସଦସ୍ୟମାନେ ମହୋତ୍ସବ ପରିଚାଳନା କରିବେ। ପୁରୁଷଣ୍ଡ ସରପଞ୍ଚ ପ୍ରକାଶ ବିଶ୍ୱାଳ, ଗ୍ରାମର ବରିଷ୍ଠ ସଭ୍ୟ ପ୍ରଭାତ କୁମାର ପଣ୍ଡା, ରବୀନ୍ଦ୍ର ପଣ୍ଡା, ଦିଲୀପ ପୁହାଣ, ଚିତ୍ତରଞ୍ଜନ ସାମନ୍ତରାୟ, ରଞ୍ଜନ ପୁହାଣ, ଭଗବାନ ସାହୁ, ପ୍ରଫୁଲ୍ଲ ବିଶ୍ୱାଳ, ବାଙ୍କ ବିହାରୀ ଯେନା, ବିଜୟ ଦାସ ପ୍ରମୁଖ ପରାମର୍ଶଦାତା ଭାବେ କାର୍ଯ୍ୟ ସମ୍ପାଦନ କରିବେ ବୋଲି ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ବସ୍ ଧକ୍କାରେ ବାଇକ୍ ଆରୋହୀ ମୃତ

ଉଦଳା,୨୭।୫(ସନ୍ତୋଷ କୁମାର ବାଛିନୀ)– କପ୍ତିପଦା ଥାନା ସିମିଳିଆ ଛକ ନିକଟରେ ମଙ୍ଗଳବାର ଅପରାହ୍ଣ ୪ଟାରେ ମୁଖ୍ୟମନ୍ତ୍ରୀ ଲକ୍ଷ୍ମୀ ବସ୍ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଉଲଖଲାଡ଼ି ଗ୍ରାମର ସନ୍ତୋଷ କୁମାର ଜେନା। ସେ ଘରୁ ବାଇକ୍ ଯୋଗେ କପ୍ତିପଦା ଅଭିମୁଖେ ଆସୁଥିବା ବେଳେ ସିମିଳିଆ ଛକ ନିକଟରେ ବିପରୀତ ଦିଗରୁ ନୁଦଡିହା ଅଭିମୁଖେ ଯାଉଥିବା ଲକ୍ଷ୍ମୀ ବସ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କପ୍ତିପଦା ମେଡିକାଲରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ବସ୍ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖି ତଦନ୍ତ ଜାରି ରଖିଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିବା ଦେଖିବାକୁ ମିଳିଥିଲା।

### ଶିବ ମନ୍ଦିରରୁ ଚୋରି

ରାଇରଙ୍ଗପୁର,୨୭।୫(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ମୁଣ୍ଡାଠାକୁରା ଗ୍ରାମସ୍ଥିତ ଶିବ ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ତାଲା ଭାଙ୍ଗି ଦାନବାକ୍ସ ସହ ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପିତ୍ତଳ ସାମଗ୍ରୀ ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ମନ୍ଦିର ଝାଡୁଦାର ପରେଶ ଚନ୍ଦ୍ର ନାଏକଙ୍କ ଲିଖିତ ଅଭିଯୋଗ କ୍ରମେ ମଙ୍ଗଳବାର ଥାନାରେ ଏକ ମାମଲା(ନଂ.୭୫/୨୫) ରୁଜୁ ହୋଇଛି। ଥାନା ଅଧିକାରିଣୀ ସରସ୍ୱତୀ ଟୁଡୁ ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଜାରି ରଖିଛନ୍ତି।

### ବାଲି ବୋଝେଇ ଟ୍ରାକ୍ଟର ଜବତ

ଝାରପୋଖରିଆ, ୨୭।୫ (ସୁଧିର କୁମାର ମହାନ୍ତ)– ଝାରପୋଖରିଆ ଥାନା ପୋଲିସ ସୋମବାର ଅପରାହ୍ନରେ ପାଟ୍ରୋଲିଂ କରୁଥିବାବେଳେ ଏକ ବାଲି ବୋଝେଇ ଟ୍ରାକ୍ଟର ଜବଦ କରିଛି। ଏନେଇ ଥାନାରେ ଏକ ମାମଲା(ନଂ. ୧୩୬/୨୫) ରୁଜୁ ହୋଇଛି।

### ଅବକାରୀ ଚଢ଼ାଉ,୩ ଗିରଫ

ମୋରଡ଼ା,୨୭।୫(ସ୍ମାରକ ମାଜୀ)– ମୟୂରଭଞ୍ଜ ଜିଲା ମୋରଡ଼ା ଅବକାରୀ ବିଭାଗ ମଙ୍ଗଳବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ୫୦ ଲିଟର ଦେଶୀ ମଦ ଜବତ କରିବା ସହିତ ୩ଜଣଙ୍କୁ ଗିରଫ କରିଛି। ଅବକାରୀ ଅଧିକାରୀ ଦୀପକ କୁମାର ରାଉତଙ୍କ ସୂଚନା ମୁତାବକ, ପୂର୍ବାହ୍ନ ୯ଟାରେ ଅବକାରୀ ବିଭାଗ ମାଜଣା ଗ୍ରାମରେ ଚଢ଼ାଉ କରି ୨୦ ଲିଟର ଦେଶୀ ମଦ ଜବତ କରିବା ସହିତ ଚୁରିଆ ମୁର୍ମୁ(୪୫)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଏନେଇ ଅବକାରୀ ଥାନାରେ ଏକ ମାମଲା(ନଂ. ୩୯/୨୫–୨୬) ରୁଜୁ ହୋଇଛି। ସେହିପରି ମାକୁନ୍ଦ ଏବଂ ସାନମୁଣ୍ଡାବଣି ଗ୍ରାମରେ ଚଢ଼ାଉ କରି ଉମାକାନ୍ତ ହାଁସଦା(୩୫) ଏବଂ ସରସ୍ୱତୀ ଟୁଡୁ(୩୨)ଙ୍କୁ କୋର୍ଟ ଚାଲାଣ କରାଯାଇଛି। ଉଭୟଙ୍କଠାରୁ ମୋଟ ୩୦ ଲିଟର ମଦ ଜବତ ହୋଇଛି। ଏନେଇ ଥାନାରେ (ନଂ.୪୦ ଓ ୪୧/୨୫–୨୬)ରେ ଦୁଇଟି ମାମଲା ରୁଜୁ ହୋଇଛି।

# ମୌଳିକ ଅଧିକାରରୁ ବଞ୍ଚିତ ମୂଳ ଆଦିବାସୀ

- ଦାବି ପୂରଣ ନ ହେଲେ ଆନ୍ଦୋଳନ
- ନିଖିଳ ଓଡ଼ିଶା ଆଦିବାସୀ ବିନ୍ଧାଣୀ,ଲୋହାର୍ସ ସମ୍ପ୍ରଦାୟ ଉନ୍ନୟନ ମହାସଂଘର ବୈଠକ

ବାରିପଦା,୨୭।୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)–



ବୈଠକରେ ଉପସ୍ଥିତ ମହାସଂଘର କାର୍ଯ୍ୟକର୍ତ୍ତାମାନେ।

ନିଖିଳ ଓଡ଼ିଶା ଆଦିବାସୀ ବିନ୍ଧାଣୀ/ଲୋହାର୍ସ ସମ୍ପ୍ରଦାୟ ଉନ୍ନୟନ ମହାସଂଘର ଜିଲା ବୈଠକ ବାରିପଦାଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଉପଦେଷ୍ଟା ହରିଶ ଚନ୍ଦ୍ର ବିନ୍ଧାଣୀଙ୍କ ସଭାପତିତ୍ୱରେ ଜିଲା ସଭାପତି ସଚିମ ମୁଣ୍ଡାଲୁହାରୀ, ଉପସଭାପତି ଗୁରୁଭା ମୁଣ୍ଡାଲୋହାରୀ, ଜିଲା ସଙ୍ଗଠକ ସୁନାରାମ ବିନ୍ଧାଣୀ ଓ ମୋରଡ଼ା ତହସିଲ ସଭାପତି ରାଜେନ୍ଦ୍ର ବିନ୍ଧାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ସମ୍ପ୍ରଦାୟର ବିଭିନ୍ନ ସମସ୍ୟାର ରୂପରେଖ ସମ୍ପର୍କରେ ଆଲୋଚନା କରାଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଦାବିଗୁଡ଼ିକ ଉପସ୍ଥାପନ କରାଯାଇଥିଲା। ସେଗୁଡିକ ମଧ୍ୟରେ ମୂଳ ଆଦିବାସୀ ହୋଇ ମଧ୍ୟ ତାଙ୍କୁ ମୌଳିକ ଅଧିକାରରୁ ବଞ୍ଚିତ କରାଯାଇଛି। ଏହି ସମ୍ପ୍ରଦାୟର ମୂଳ ଜାତି କୋଲ୍ହ ଓ ମୁଣ୍ଡା ହୋଇଥିବା ବେଳେ ତାଙ୍କର ଭାଷା, ସଂସ୍କୃତି, ପରମ୍ପରା ଓ ସାମାଜିକ ରୀତିନୀତି ଚଳଣି ସବୁ ଆଦିବାସୀମାନଙ୍କ ସହିତ ଓତଃପ୍ରୋତ ଭାବେ ଜଡିତ। ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ସାମାଜିକ କାର୍ଯ୍ୟକ୍ରମ ସାନ୍ତାଳ, କୋଲ୍ହ, ମୁଣ୍ଡା, ମାହାଲୀ ଓ ଅନ୍ୟ ଆଦିବାସୀମାନଙ୍କ ସହିତ ସମ୍ପାଦନ କରି ଏକାଠି ବସାବାସ କରିଥାନ୍ତି। ଜୀବାକାର୍ଜନ ପାଇଁ ଏମାନେ ଗାଁ ମୁଣ୍ଡରେ ଚାପୁଆ ଶାଳରେ ଲୁହା କାମ କରିଥାନ୍ତି। ଏମାନଙ୍କ ନିଜସ୍ୱ ଜମିଜମା ନ ଥିବାରୁ ଗାଁ ମୁଣ୍ଡରେ ଥିବା ଗୋଚର ତଥା ପତିତ ଜମିରେ କୁଡ଼ିଆ ଘର ନିର୍ମାଣ କରି ଦୟନୀୟ ଅବସ୍ଥାରେ ଜୀବନଯାପନ କରିଥାନ୍ତି। ସେଟେଲମେଣ୍ଟ ସମୟରେ ଏମାନଙ୍କର ଜାତିକୁ ଠିକ୍ ଭାବେ ଅନୁଧ୍ୟାନ ନ କରି ମନମୁଖି ଭାବେ ବୃତ୍ତିଗତ ସଂଜ୍ଞାକୁ ଆଧାର କରି କମାର ଏବଂ ବିନ୍ଧାଣୀ ଭୁଲ ଜାତି ଉଲ୍ଲେଖ କରାଯାଇ ଏମାନଙ୍କର ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରାଯାଇଛି।

ଓଡ଼ିଶା ଅନୁସୂଚୀତ ଜନଜାତି ଓ ଜାତିମାନଙ୍କ କ୍ଷେତ୍ରରେ ଚାକିରି ଓ ପଦବୀ ସଂରକ୍ଷଣ ମାନୁଆଲ ବହିରେ ୬୨ପ୍ରକାର ଆଦିବାସୀ ତାଲିକାରେ ଅର୍ନ୍ତଭୁକ୍ତ କରାଯାଇଛି। ଜାତିର କ୍ରମିକ ନଂ. ୩୪, ୫୦ ଓ ୬୨ ଅନୁଯାୟୀ କୋଲ, କୋହ୍ଲ ଲୋହାରସ, ମୁଣ୍ଡା ଲୋହାର ଓ ଠାରୁ ବିନ୍ଧାଣୀ ଭାବେ ସ୍ଥାନିତ ରହିଛି। ଏପରିକି ଜମି ପଟ୍ଟା ସଂଶୋଧନ ଓ ଜାତି ସାର୍ଟିଫିକେଟ ପାଇବା ପାଇଁ ସୁପ୍ରିମକୋର୍ଟ, ହାଇକୋର୍ଟ, ଓଡ଼ିଶା ସରକାରଙ୍କ ଆଦିବାସୀ ଉନ୍ନୟନ ବିଭାଗ, ରାଜସ୍ୱ ଏବଂ ଜାତୀୟ ମାନବାଧିକାର କମିଶନର ନିର୍ଦ୍ଦେଶନାମାରେ ଜମି ପଟ୍ଟାରେ ଲେଖା ହୋଇଥିବା ଜାତି ସମ୍ପୂର୍ଣ୍ଣ ଠିକ୍ ବୋଲି ଗ୍ରହଣ କରାଯାଇ ନ ପାରେ ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି। ଏଣୁ କୌଣସି ବ୍ୟକ୍ତି ନିଜ ଜାତି, ପଟ୍ଟାରେ ଭୁଲ ରହିଛି ବୋଲି ଅଭିଯୋଗ କରିବା ପରେ ସ୍ୱତନ୍ତ୍ର ସରଜମିନ ତଦନ୍ତ କରାଯାଇ ଜାତି ନିର୍ଦ୍ଧାରଣ କରି ତାର ମୌଳିକ ଅଧିକାର ଦିଆଯିବା ସହ ପଟ୍ଟାରେ ଥିବା ଭୁଲକୁ ସଂଶୋଧନ କରାଯାଇ ପାରିବ। ତେବେ ନିୟମକୁ ଅବମାନନା କରି ତହସିଲସ୍ତରୀୟ ଅଧିକାରୀମାନେ ଏହି ଜାତିକୁ ନ୍ୟାୟ ଦେବା ପ୍ରତିବଦଳରେ ଜୋର ଜବରଦସ୍ତ ଅଣ ଆଦିବାସୀର ପଟ୍ଟା ପ୍ରଦାନ କରିବାରେ ଲାଗିଛନ୍ତି। ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ଜାତି ପ୍ରତି ନ୍ୟାୟ ପ୍ରଦାନ କରିବାକୁ ସର୍ବସାଧାରଣରେ ଦାବି ଉପସ୍ଥାପନା କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାନ୍ଦ୍ରା ବିନ୍ଧାଣୀ, କାଲାଚାନ୍ଦ ବିନ୍ଧାଣୀଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଗର୍ଭବତୀ ସ୍ତ୍ରୀଙ୍କୁ ରାସ୍ତାରେ ଛାଡ଼ି ପଳାଇଲେ ସ୍ୱାମୀ

ଉଦଳା,୨୭।୫(ସନ୍ତୋଷ କୁମାର ବାଛିନୀ) –

ସାବିତ୍ରୀ ରାତିରେ ସ୍ୱାମୀ ଗର୍ଭବତୀ ସ୍ତ୍ରୀଙ୍କୁ ରାସ୍ତାରେ ଛାଡ଼ି ପଳାଇଯିବା ଆଲୋଡନ ସୃଷ୍ଟି କରିଛି। ଗୁରୁତର ଅବସ୍ଥାରେ ତାଙ୍କୁ ଜଣେ ମହିଳା ଉଦ୍ଧାର କରି ଉଦଳା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଏଭଳି ଘଟଣା ସାମ୍ନାକୁ ଆସିଛି ଉଦଳା ଥାନା ଦରିପାଳ ଗ୍ରାମରୁ। ବାଲେଶ୍ୱର ଜିଲା ତେନ୍ତୁଳିଆ ଅଞ୍ଚଳର ସୁବ୍ରତ ଦାସ ତାଙ୍କ ୫ ମାସର ଗର୍ଭବତୀ ସ୍ତ୍ରୀ କଳାବତୀଙ୍କୁ ସାଙ୍ଗରେ ଧରି ଶ୍ୱଶୁର ଘର ଉଦଳା ଥାନା କୁଟଲିଂ ଗ୍ରାମକୁ ଆସୁଥିଲେ। ହେଲେ ଅଧା ରାସ୍ତାରେ କୌଣସି କାରଣରୁ ଗର୍ଭବତୀ ସ୍ତ୍ରୀଙ୍କୁ ଦରିପାଳ ଗ୍ରାମ ନିକଟ ରାସ୍ତାରେ ରାତି ପ୍ରାୟ ୭ଟା ସମୟରେ ଏକୁଟିଆ କୁଆଡେ ପଳାଇଯାଇଥିଲେ। ତେବେ ଦୀର୍ଘ ସମୟ ଧରି ଅନ୍ଧାରରେ ରାସ୍ତାପାର୍ଶ୍ୱରେ ଗର୍ଭବତୀ କଳାବତୀ ପଡି ରହିଥିବା ବେଳେ ତାଙ୍କ ଅବସ୍ଥା ଗୁରୁତର ହୋଇ ପଡ଼ିଥିଲା। ଦରିପାଳ ଗ୍ରାମର ମହିଳା ସୁମିତ୍ରା ନାଏକ ପହଞ୍ଚି ଗୁରୁତର ଅବସ୍ଥାରେ ପଡ଼ିଥିବା କଳାବତୀଙ୍କୁ ଆଣି ନିଜ ଘରେ ରଖିବା ସହିତ ଆମ୍ବୁଲାନ୍ସକୁ ଡକାଇଥିଲେ। ଆମ୍ବୁଲାନ୍ସ ଡ୍ରାଇଭର ଏବଂ ସୁମିତ୍ରା ମିଶି କଳାବତୀଙ୍କୁ ଉଦଳା ମେଡିକାଲରେ ଭର୍ତ୍ତି କରିଥିବା ବେଳେ ତାଙ୍କ ଅବସ୍ଥା ସଂକଟାପନ୍ନ ଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଦରିପାଳ ଗ୍ରାମବାସୀ ମହିଳାଙ୍କ ସ୍ୱାମୀଙ୍କୁ ମଙ୍ଗଳବାର ଖୋଜି ଆଣି ଉଦଳା ମେଡିକାଲ ପହଞ୍ଚାଇଥିବା ଜଣାପଡ଼ିଛି।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜେଏମ୍ଏମ୍‌ର ଦାବିପତ୍ର




ମୋରଡ଼ାରେ ଜେଏମ୍ଏମ୍ କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

ମୋରଡ଼ା(ସ୍ମାରକ ମାଜୀ)/ ବୈଶିଙ୍ଗା (ରତନ ଦାଶ),୨୭।୫–

ଆଦିବାସୀଙ୍କ ସାର୍ନା ଧର୍ମକୁ ଏକ ସ୍ୱତନ୍ତ୍ର ଧର୍ମର ସରକାରୀ ମାନ୍ୟତା ଦାବିରେ ମଙ୍ଗଳବାର ସାରା ରାଜ୍ୟରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କ ମାଧ୍ୟମରେ ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କ୍ରମରେ ମଙ୍ଗଳବାର ମୋରଡ଼ା ଓ ବେତନଟୀ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମୋରଡ଼ା ବିଡିଓ ଅନୁପସ୍ଥିତ ଥିବାରୁ ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ନାଏକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଜେଏମ୍ଏମ୍ ମୋରଡ଼ା ବ୍ଲକ୍ ଯୁଗ୍ମ ସମ୍ପାଦକ ହେମନ୍ତ କୁମାର ମହାନ୍ତ,କୁଆଳିଭଙ୍ଗା ପଞ୍ଚାୟତ ସଭାପତି ଶ୍ରବଣ କୁମାର ମହାନ୍ତ, ଦାନ୍ତିଆମୁହାଁ ପଞ୍ଚାୟତ ସଭାପତି ବାଇରୁଙ୍ଗ ମହାନ୍ତ, ଉପସଭାପତି ତ୍ରିଲୋଚନ ମହାନ୍ତଙ୍କ ସହିତ ଅନ୍ୟ ଜେଏମ୍ଏମ୍ କର୍ମକର୍ତ୍ତା ଉପସ୍ଥିତ ଥିଲେ। ସେହିପରି ବେତନଟୀ ବିଡିଓ ସୁଶାନ୍ତ କୁମାର ସୁତାରଙ୍କୁ ଦାବିପତ୍ର ସମୟରେ ଜେଏମ୍ଏମ୍‌ର ଜିଲା କାର୍ଯକାରୀ ସଭାପତି କରନାଥ ହେମ୍ବ୍ରମଙ୍କ ନେତୃତ୍ୱରେ ଚନ୍ଦ୍ରକାନ୍ତ ହାଁସଦା, ବୈଦ୍ୟନାଥ ମାଝୀ, କୃଷ୍ଣଚନ୍ଦ୍ର ହେମ୍ବ୍ରମଙ୍କ ସହିତ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଆନ୍ତଃ ବିଦ୍ୟାଳୟ କ୍ରିକେଟ: ଟିମ୍–ଜି ବିଜୟୀ



ଅତିଥିଙ୍କ ଗହଣରେ ଖେଳାଳିମାନେ।

ବାରିପଦା,୨୭।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ):

ବାରିପଦା ଷ୍ଟାଡିୟମରେ ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସହଯୋଗରେ ଆୟୋଜିତ ଜିଲାସ୍ତରୀୟ ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୧୧ ଦିନର ଖେଳରେ ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ୍–ଜି ୧୧୯ ରନରେ ଟିମ୍–ଏଫକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ୍– ଜି ୨୨ ଓଭରରେ ସମସ୍ତ ଉଇକେଟ ହରାଇ ୧୫୭ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶୁଭମ ମହାନ୍ତି ୬୩ ଓ ପ୍ରିୟଙ୍କ ପଟ୍ଟନାୟକ ୨୭ ରନ କରିଥିବା ବେଳେ ବିପକ୍ଷ ଦଳର ସାଇ ଆୟୁଷ ଜେନା ୩ଟି ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଟିମ୍–ଏଫ୍ ୧୬.୨ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୩୮ ରନ ସଂଗ୍ରହ କରିଥିଲା। ବିପକ୍ଷ ଦଳର ଜୟଦେବ ବେହେରା ୪ଟି ଉଇକେଟ ଅକ୍ତିଆର କରିଥିବା ବେଳେ ପ୍ରିୟଙ୍କ ପଟ୍ଟନାୟକ ୫ଟି ଉଇକେଟ ହାସଲ କରି ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅତିଥି ଭାବେ ସୂଦୀପ ମନ୍ତ୍ରୀଙ୍କ ସମେତ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ବୈଦ୍ୟନାଥ ରଥ ଓ ଅଶୋକ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଯୁବ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଦିଲ୍ଲୀପ କୁମାର ଦାସ ଓ ସୁଶାନ୍ତ ମହାନ୍ତି ଖେଳ ପରିଚାଳନା କରିଥିବା ବେଳେ ସସ୍ମିତ କୁମାର ମହାରଣା ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ। ବୁଧବାର ମୟୂରଭଞ୍ଜ କମ୍ବାଇଣ୍ଡ ସ୍କୁଲ ଟିମ– ଜି ଏବଂ ଟିମ– ଡି ମଧ୍ୟରେ ଶେଷ ଲିଗ ମ୍ୟାଚ ଅନୁଷ୍ଠିତ ହେବ। ୨୯ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।

### ମାଙ୍କଡ଼ା ପଥର ବୋଝେଇ ଟ୍ରାକ୍ଟର ଜବତ

ଉଦଳା,୨୭।୫(ସନ୍ତୋଷ କୁମାର ବାଛିନୀ) – ଉଦଳା ବନାଞ୍ଚଳ ଅଧୀନ ନୂଆଗାଁ ଗ୍ରାମରୁ ବେଆଇନ ମାଙ୍କଡ଼ା ପଥର ବୋଝେଇ ଏକ ଟ୍ରାକ୍ଟର ଜବତ କରିଛି ବନ ବିଭାଗ। ଚାଲାଣକାରୀମାନେ ମାଙ୍କଡ଼ା ପଥର ଉତ୍ତୋଳନ କରି ଉଦଳା ଅଭିମୁଖେ ଆସୁଥିଲେ। ଖବର ପାଇ ଉଦଳା ବନ ବିଭାଗ ଚଢ଼ାଉ କରିଥିବା ବେଳେ ଟ୍ରାକ୍ଟର ଛାଡି ପଳାଇ ଯାଇଥିବା ସୂଚନା ମିଳିଛି।

### ମାମୁ ଟାଙ୍ଗି ମାଡ଼ରେ ଭଣଜା ଗୁରୁତର

ଠାକୁରମୁଣ୍ଡା, ୨୭।୫ (ତାରାକାନ୍ତ ପଟ୍ଟନାୟକ)– ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଥାନା ଅଧୀନ ହାତୀଗୋଡ଼ା ଗ୍ରାମରେ ସୋମବାର ସନ୍ଧ୍ୟାରେ ସମ୍ପର୍କୀୟ ମାମୁଙ୍କ ଟାଙ୍ଗି ମାଡ଼ରେ ଭଣଜା ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତ ଯୁବକ ଜଣକ ହେଲେ ବିଶ୍ରା ବଦ୍ରା। ଏନେଇ ପୋଲିସ ଏକ ମାମଲା (ନଂ.୫୦/୨୫) ରୁଜୁ କରି ତଦନ୍ତ ଜାରି ରଖିଛି। ଗିରଫ ଭୟରେ ଅଭିଯୁକ୍ତ ମାମୁ ରାଧେଶ୍ୟାମ ବାନ୍ଧିଆ (୬୫) ଫେରାର ଥିବା ପୋଲିସ କହିଛି।

### ବାଳିକା ହଷ୍ଟେଲରେ ପଶିଲା ହାତୀ

ମୋରଡ଼ା,୨୭।୫(ସ୍ମାରକ ମାଜୀ)– ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଞ୍ଚଳରେ ହାତୀ ଉପଦ୍ରବ ଚରମ ସୀମାରେ ପହଞ୍ଚିଛି। ସୋମବାର ବିଳମ୍ବିତ ରାତିରେ ବେତନଟୀ ରେଞ୍ଜ ଅଧୀନ ଭାଲିଆଡିହାସ୍ଥିତ କସ୍ତୁରବା ଗାନ୍ଧୀ ବାଳିକା ହଷ୍ଟେଲରେ ଏକ ଦନ୍ତା ହାତୀ ପଶି ଆଳୁ, ଡାଲି, ଚାଉଳ ଖାଇ ନଷ୍ଟ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ହରିପ୍ରିୟା ମହାନ୍ତ ସୂଚନା ଦେଇଛନ୍ତି।

# ୧ରୁ ଗ୍ରୀଷ୍ମକାଳୀନ ଛଉ ଶିବିର

ବାରିପଦା,୨୭।୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)–

ମୟୂରଭଞ୍ଜ ଜିଲାର ପ୍ରସିଦ୍ଧ ଛଉନୃତ୍ୟ ଶିବିର ଜୁନ ୧ରୁ ଆରମ୍ଭ ହେବ। ଉତ୍ତରସାହି ଛଉନୃତ୍ୟ ପ୍ରତିଷ୍ଠାନ ଆନୁକୂଲ୍ୟରେ ବାରିପଦାର ପ୍ରସିଦ୍ଧ ଛଉ ପଡ଼ିଆ ଓ ମୟୂରଭଞ୍ଜ ଛଉନୃତ୍ୟ ପ୍ରତିଷ୍ଠାନ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଏଥି ନିମନ୍ତେ ଛାତ୍ରୀଛାତ୍ରମାନେ ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ସହିତ ପରିଚିତ ହେବା ସହ ଛଉ ନୃତ୍ୟର ଅନନ୍ୟ ଶୈଳୀ ଓ ରୂପରେ ଦକ୍ଷତା ଅର୍ଜନ କରିପାରିବେ। ୫ମ ଶ୍ରେଣୀଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରମାନେ ଏଥିରେ ଅଂଶ ଗ୍ରହଣ କରିବାର ସୁଯୋଗ ପାଇବେ ବୋଲି ଛଉନୃତ୍ୟ ପ୍ରତିଷ୍ଠାନ ପକ୍ଷରୁ କୁହାଯାଇଛି। ଏହି ଶିବିରଟି ଜୁନ ୧ରୁ ଆରମ୍ଭ ହୋଇ ୧୫ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ଆଗ୍ରହୀ ଛାତ୍ରୀଛାତ୍ରମାନେ ଅଂଶ ଗ୍ରହଣ କରିବା ନିମନ୍ତେ ଉତ୍ତରସାହିଛଉ ଡଟ୍ ଓଆରଜି ମାଧ୍ୟମରେ ଅନଲାଇନରେ ପଞ୍ଜୀକରଣ କରିବାର ସୁବିଧା ରଖାଯାଇଛି। ଅନୁଭବୀ ଗୁରୁମାନେ ଛଉନୃତ୍ୟର ବିଭିନ୍ନ ଦିଗ ମଧ୍ୟରେ ପରିଖଣ୍ଡ, ଟପକା, ଉଫଳି ଓ ହାତିଆରା ଧୋରା ଆଦି ଶିକ୍ଷା ପ୍ରଦାନ କରିବେ। ୨ ଜୁନରୁ ୧୪ ତାରିଖ ପର୍ଯ୍ୟନ୍ତ ଜିଲାର ସାଂସ୍କୃତିକ, ଐତିହ୍ୟ, ଝୁମର ଗୀତ ଓ ଅନ୍ୟାନ୍ୟ ଲୋକକଳା ବିଷୟରେ ଆଲୋଚନା କରିବେ। ଏଭଳି ପ୍ରୟାସ ଜିଲାର କଳା, ସଂସ୍କୃତି ଐତିହ୍ୟ ଓ ପରମ୍ପରା ଉଦ୍‌ଜୀବିତ କରିବାରେ ସହାୟକ ହେବ ବୋଲି ପ୍ରତିଷ୍ଠାନର ସମ୍ପାଦକ ଓ କର୍ମକର୍ତ୍ତାମାନେ ଆଶା ପ୍ରକଟ କରିଛନ୍ତି।

# ଗୋହତ୍ୟା ଅଭିଯୋଗରେ ୪ ଗିରଫ

ଝାରପୋଖରିଆ,୨୭।୫ (ସୁଧିର କୁମାର ମହାନ୍ତ):

ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଧୀନ ବାଙ୍କିଶୋଳ ଗ୍ରାମରେ ସୋମବାର କେତେଜଣ ଲୋକ ଏକ ଗୋରୁ ମାରି ମାଂସ ଚାଲାଣ କରିବାକୁ ପ୍ରସ୍ତୁତ ହେଉଥିବାବେଳେ ଝାରପୋଖରିଆ ପୋଲିସ ପହଞ୍ଚି ୪ ଜଣଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା ରୁଜୁ ପରେ ଅଭିଯୁକ୍ତମାଦନଙ୍କୁ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତମାନେ ହେଲେ ବାଙ୍କିଶୋଳ ଗ୍ରାମର ଠେଲା ମୁର୍ମୁ (୬୫), ସାବନ ମୁର୍ମୁ (୩୫), କରୁଣାଶୋଳ ଗ୍ରାମର ସାମୁ ସୋରେନ (୫୦) ଓ ସୁନାମୁହଁ ଗ୍ରାମର କୁଶେନ କିସ୍କୁ (୩୭)।

# ଭାଜପା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା




ଭାଜପା ପକ୍ଷରୁ ଆୟୋଜିତ ଶୋଭାଯାତ୍ରା।

ଉଦଳା,୨୭।୫ (ସନ୍ତୋଷ କୁମାର ବାଛିନୀ)–

ଅପରେଶନ ସିନ୍ଦୁରରେ ଭାରତୀୟ ସେନାଙ୍କ ପରାକ୍ରମ ପାଇଁ ଉଦଳାରେ ଆୟୋଜିତ ହୋଇଯାଇଛି ତ୍ରିରଙ୍ଗା ଶୋଭାଯାତ୍ରା। ଉଦଳା ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରୁ ଏକ ବିଶାଳ ଶୋଭାଯାତ୍ରାରେ ମଙ୍ଗଳବାର ପୂର୍ବାହ୍ନ ୧୦ଟା ସମୟରେ ସ୍ଥାନୀୟ ଜନସାଧାରଣଙ୍କ ସହିତ ଉଦଳା ବିଧାୟକ ଭାସ୍କର ମଢେଇ ଏବଂ ଭାଜପା ନେତା ଓ କର୍ମୀମାନେ ବଜାର ପରିକ୍ରମା କରିଥିଲେ। ହାତରେ ତ୍ରିରଙ୍ଗା ଧରି ଭାରତୀୟ ସେନାଙ୍କ ଜୟଗାନ କରିଥିଲେ। ଏହି ଶୋଭାଯାତ୍ରାରେ ବିଧାୟକଙ୍କ ସମେତ ପୂର୍ବ ଜିଲା ସାଙ୍ଗଠନିକ ସଭାପତି ନିହାର ରଞ୍ଜନ ମୋଦୀ,ଉଦଳା ଏନ୍ଏସି ନଗରପାଳ ପ୍ରମିଳା ପଣ୍ଡା, ନିର୍ବାଚନ ମଣ୍ଡଳୀର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ମହିଳା ପୁରୁଷ କର୍ମୀ ଯୋଗ ଦେଇଥିଲେ।

# ୧୦୦ ଅଭିଯୋଗର ଶୁଣାଣିକଲେ ଜିଲାପାଳ

ଉଦଳା,୨୭।୫(ସନ୍ତୋଷ କୁମାର ବାଛିନି)–



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

କପ୍ତିପଦା ଉପଖଣ୍ଡ ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ମଙ୍ଗଳବାର ସକାଳ ୮ଟାରେ ଜିଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ ଏବଂ ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲି ଯୋଗଦେଇ ୧୦୦ଟି ଅଭିଯୋଗର ଶୁଣାଣି କରିଛନ୍ତ। ଉପଜିଲାପାଳ ସୁଶାନ୍ତ କୁମାର ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ମିସ. କଶିସ ବକ୍ସି (ପ୍ରୋବେସନ) ଭାରତୀୟ ପ୍ରଶାସନିକ ସେବା, ପ୍ରକଳ୍ପ ପ୍ରଶାସକ ଆଇ.ଟି.ଡ଼ି.ଏ ନରେନ୍ଦ୍ର ଖମାରୀ, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହୃଷିକେଶ ନାଏକ, ଉପଖଣ୍ଡ ଚିକିତ୍ସାଳୟ ଅଧୀକ୍ଷକ ଡ. ଲକ୍ଷ୍ମୀକାନ୍ତ ପତି ଯୋଗଦେବା ସହ ଉପଖଣ୍ଡର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାଙ୍କ ସମେତ ଜିଲା ଓ ଉପଖଣ୍ଡ ତଥା ବ୍ଲକ ସ୍ତରୀୟ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣି କାର୍ଯ୍ୟରେ ସହଯୋଗ କରିଥିଲେ। ସମସ୍ତ ଅଭିଯୋଗ ମଧ୍ୟରେ ୭୭ ଗୋଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିବା ସ୍ଥଳେ ୨୩ ଗୋଟି ସାମୂହିକ ସମସ୍ୟା ସମ୍ବଳିତ ବିଷୟ ଉପରେ ଆଧାରିତ ଥିଲା। ସେଥିମଧ୍ୟରୁ ୬ ଗୋଟି ସମସ୍ୟାର ତତ୍କାଳ ସମାଧାନ କରାଯାଇ ୫ ଜଣଙ୍କୁ ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ ହଜାର ଲେଖାଏଁ ୨୫ ହଜାର ଏବଂ ଜଣଙ୍କୁ ରେଡ଼କ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ମୋଟ ୩୦ ହଜାର ଟଙ୍କାର ଚେକ ପ୍ରଦାନ କରାଯାଇଥିଲା।

# ଭୁଲ୍ ଅଲଟ୍ରାସାଉଣ୍ଡ ରିପୋର୍ଟ ଯୋଗୁ ଶିଶୁ ମୃତ୍ୟୁ

## ଉତ୍ୟକ୍ତ ଲୋକଙ୍କ ରାସ୍ତାରୋକୋ

ଭଦ୍ରକ,୨୭।୫(ସନାତନ ରାଉତ/ରବିନାରାୟଣ ଖିଲାର)



ଭଦ୍ରକ ବାଇପାସଠାରେ ଟାୟାର ଜାଳି ରାସ୍ତାରୋକୋ କରାଯାଇଛି।

ଭୁଲ୍ ଅଲଟ୍ରାସାଉଣ୍ଡ ରିପୋର୍ଟ ଯୋଗୁ ଶିଶୁ ମୃତ ଓ ମା' ଗୁରୁତର ଘଟଣାକୁ ନେଇ ମଙ୍ଗଳବାର ଭଦ୍ରକରେ ଉତ୍ତେଜନା ଦେଖାଦେଇଛି। ଉତ୍ୟକ୍ତ ଲୋକେ ସକାଳ ୭ଟା ୩୦ରୁ ଭଦ୍ରକ ସହରର ବାଇପାସଠାରେ ରାସ୍ତାରୋକୋ କରିଥିଲେ। ଉତ୍ତେଜନାକୁ ଦେଖି ଟାଉନ ଥାନାଧିକାରୀ ପ୍ରଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ପୋଲିସ ମୁତୟନ ରହିଥିଲେ। ଅପରପକ୍ଷେ ଅଲଟ୍ରାସାଉଣ୍ଡ ସେଣ୍ଟରରେ ତାଲା ପଡ଼ିଥିବାବେଳେ କର୍ତ୍ତୃପକ୍ଷଙ୍କ ଦେଖା ମିଳି ନ ଥିଲା। ପ୍ରସୂତିଙ୍କ ସ୍ୱାମୀ ତିହିଡ଼ି ଥାନା ଅଧୀନ ଦୋଲସାହି, ରାଢ଼ଙ୍ଗ ଅଞ୍ଚଳର ପ୍ରଫୁଲ୍ଲ ଗିରିଙ୍କ କହିବା ଅନୁଯାୟୀ, ୨ ଦିନ ତଳେ ତାଙ୍କ ସ୍ତ୍ରୀ ବାସନ୍ତୀ ରାଉତଙ୍କ ଭଦ୍ରକ ଟାଉନ ଥାନା ଅଧୀନ ବାଇପାସସ୍ଥିତ ଏକ ଘରୋଇ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ରେ ଅଲଟ୍ରାସାଉଣ୍ଡ କରାଯାଇଥିଲା। ରିପୋର୍ଟ ଭଲ ଥିବା କୁହାଯାଇ ରିପୋର୍ଟ ଦିଆଯାଇଥିଲା। ସୋମବାର ପେଟରେ ଯନ୍ତ୍ରଣା ହେବାରୁ ବାସନ୍ତୀଙ୍କୁ ଭଦ୍ରକ ଶିଶୁ ଓ ମାତୃ ବିଭାଗ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ସନ୍ଧ୍ୟାରେ ଅପରେଶନ ପରେ ମୃତ ଶିଶୁପୁତ୍ର ଜନ୍ମ ହୋଇଥିଲା। ପ୍ରାୟ ୨/୩ ଦିନ ତଳେ ପିଲାଟିର ପେଟରେ ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ। ଅପରପକ୍ଷେ ମା' ଅବସ୍ଥା ଗୁରୁତର ଥିବାରୁ ସେ ଚିକିତ୍ସାଧୀନ ଅଛନ୍ତି। ଶିଶୁର ମୃତଦେହକୁ ଧରି ପ୍ରଫୁଲ୍ଲ ଓ ତାଙ୍କ ପରିବାର ଲୋକେ ରାତି ପ୍ରାୟ ୯ଟା ବେଳେ ଉକ୍ତ ଅଲଟ୍ରାସାଉଣ୍ଡ ସେଣ୍ଟର ସମ୍ମୁଖରେ ଧାରଣାରେ ବସିଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଧାରଣାରେ ବସିଥିଲେ ମଧ୍ୟ ଅଲଟ୍ରାସାଉଣ୍ଡ ସେଣ୍ଟର କର୍ତ୍ତୃପକ୍ଷ କିଛି ବୁଝି ନ ଥିଲେ। ଏଥିରେ ଅସନ୍ତୋଷ ପ୍ରକାଶ କରି ପରିବାର ସମେତ ତାଙ୍କ ସମ୍ପର୍କୀୟମାନେ ମଙ୍ଗଳବାର ସକାଳୁ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥର ବାଇପାସଠାରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଫଳରେ ଦୀର୍ଘ ସମୟ ଧରି ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଅତିରିକ୍ତ ଏସ୍‌ପି ସମ୍ବିତ ମାଝୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ ଓ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଘଟଣାସ୍ଥଳରେ ପହଞ୍ଚ ସେମାନଙ୍କ ସହ ଆଲୋଚନା କରିଥିଲେ। ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ସେମାନେ ଧାରଣାରୁ ଉଠିଥିଲେ। ବିଶେଷକରି ଭଦ୍ରକ ସହରରେ ବେଆଇନ ଭାବେ ଗଢ଼ି ଉଠୁଥିବା ନର୍ସିଂହୋମ ଓ ଅଲଟ୍ରାସାଉଣ୍ଡ ଉପରେ ଟିମ୍ ଗଠନ କରାଯାଇ ପଦକ୍ଷେପ ନିଆଯିବ ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି।

# ସଡୁଙ୍କ ଶୁଦ୍ଧିକ୍ରିୟାକୁ ଆସିଥିବା ଯୁବକଙ୍କୁ ତୀରମାଡ଼

ରାଉରକେଲା,୨୭।୫(ସଙ୍ଗୀତା ଜେନା)



ଆଇଜିଏଚ୍‌ରେ ଚିକିତ୍ସାଧୀନ ତୀରମାଡ଼ର ଶିକାର ଯୁବକ।

ରାଉରକେଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବିରକେରା ଗ୍ରାମକୁ ନିଜ ସଡୁଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଆସିଥିବା ଜଣେ ଯୁବକଙ୍କୁ ମଙ୍ଗଳବାର ତୀରମାଡ଼ ହୋଇଛି। ତୀରମାଡ଼ର ଶିକାର ହୋଇଥିବା ଯୁବକ ହେଲେ ସମ୍ବଲପୁରସ୍ଥିତ ବଡସିହାର ଗ୍ରାମର ନିତ୍ୟାନନ୍ଦ ଋଣବିରା(୨୫)। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଆଇଜିଏଚ୍ ଏବଂ ପରେ ଘୁର୍ଣ୍ଣୀ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଖବର ପାଇ ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଏ ନେଇ ବ୍ରାହ୍ମଣୀତରଙ୍ଗ ଥାନାଧିକାରୀ ଜି. ବି. ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ତୀରମାଡ଼ ହୋଇଥିବା ଯୁବକଙ୍କ ପରିବାର ଲୋକଙ୍କ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ଲିଖିତ ଅଭିଯୋଗ ହୋଇନାହିଁ। ଅଭିଯୋଗ ହେଲେ ଆମେ ତଦନ୍ତ କରିବୁ ବୋଲି ସେ କହିଥିଲେ। ତେବେ ରିପୋର୍ଟ ଲେଖାଯିବା ସୁଦ୍ଧା (ସନ୍ଧ୍ୟା ସାଢେ ୭ଟା) ଏହି ଘଟଣାରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାବେଳେ ଅଭିଯୁକ୍ତ ଫେରାର ଅଛନ୍ତି। ସୂଚନା ଅନୁଯାୟୀ, ସମ୍ବଲପୁରର ନିତ୍ୟାନନ୍ଦଙ୍କ ସଡୁ ଦୁର୍ଯ୍ୟୋଧନ ଲାକ୍ରାଙ୍କ ଶୁଦ୍ଧିକ୍ରିୟାରେ ଯୋଗଦେବାକୁ ଗତ ୨୫ ତାରିଖରେ ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବିରକେରା ଗ୍ରାମକୁ ଆସିଥିଲେ। ସଡୁଙ୍କ ମୃତ୍ୟୁ ପରେ ତାଙ୍କ ଦେଢ଼ଶାଶୁଙ୍କୁ ସେହି ଗ୍ରାମର କେହି ଜଣେ ବ୍ୟକ୍ତି ସ୍ତ୍ରୀ ଭାବେ ଗ୍ରହଣ କରିବାକୁ ପ୍ରସ୍ତାବ ଦେବାରୁ ଏହାକୁ ନିତ୍ୟାନନ୍ଦ ବିରୋଧ କରିଥିଲେ। ବର୍ତ୍ତମାନ ଦୁର୍ଯ୍ୟୋଧନଙ୍କ ମୃତ୍ୟୁ ହୋଇଥିବାବେଳେ ଏହି ପ୍ରସ୍ତାବ ଆଦୌ ଠିକ୍ ନୁହେଁ ବୋଲି ନିତ୍ୟାନନ୍ଦ କହିଥିଲେ। ଏହାକୁ ସେହି ବ୍ୟକ୍ତି ଜଣଙ୍କ ବିରୋଧ କରିଥିଲେ। ତେବେ ମଙ୍ଗଳବାର ନିତ୍ୟାନନ୍ଦ ନିଜ ଘରକୁ ଫେରୁଥିବା ବେଳେ ପୂର୍ବରୁ ଛକି ରହିଥିବା ଉକ୍ତ ବ୍ୟକ୍ତି ଏବଂ ତାଙ୍କ ୨ ସହଯୋଗୀ ଅତର୍କିତ ତୀରମାଡ଼ କରିଥିଲେ। ଫଳରେ ନିତ୍ୟାନନ୍ଦଙ୍କ ଡାହାଣ ପାର୍ଶ୍ୱ ପେଟରେ ତୀର ପଶିଯାଇଥିଲା।

# ଘରୁ ଡାକିନେଇ ଯୁବକଙ୍କୁ ହତ୍ୟା ଅଭିଯୋଗ

ଆନନ୍ଦପୁର,୨୭।୫
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ତାଳଗାଁର ଜଣେ ଯୁବକଙ୍କୁ ଘରୁ ଡାକିନେଇ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଉକ୍ତ ଗାଁର ସୁରେନ୍ଦ୍ର ମହାକୁଡଙ୍କ ପୁଅ ବିପିନ (୨୫)। ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ହରିଚନ୍ଦନପୁର ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

ଅଭିଯୋଗ ମୁତାବକ, ବିପିନଙ୍କୁ ତାଙ୍କର ୨ ସାଙ୍ଗ ରବିବାର ସନ୍ଧ୍ୟାରେ ଡାକି ନେଇଥିଲେ। ହରିଚନ୍ଦନପୁର ହାଟକୁ ଯାଇଥିବା ବେଳେ ବିପିନ ରାତିରେ ଘରକୁ ଫେରି ନ ଥିଲେ। ସୋମବାର ସକାଳେ ହରିଚନ୍ଦନପୁର ହାଟତୋଟା ନିକଟରେ ଥିବା ଟୁକ ବ୍ରହ୍ମଙ୍କ ସାଇକେଲ ଦୋକାନ ବାରଣ୍ଡାରେ ମୃତଦେହ ପଡ଼ିଥିଲା। ବ୍ୟବସାୟୀ ବ୍ରହ୍ମ ଦୋକାନ ଖୋଲିବାକୁ ଯାଇଥିବାବେଳେ ବାରଣ୍ଡାରେ ବିପିନଙ୍କ ମୃତଦେହ ଏବଂ ପାଖରେ ପ୍ଲାଷ୍ଟିକ ବ୍ୟାଗ, ଚଷମା, ଚପଲ ଅଲଗା ସ୍ଥାନରେ ପଡ଼ିଥିବା ଦେଖିଥିଲେ। ଏ ସମ୍ପର୍କରେ ସେ ହରିଚନ୍ଦନପୁର ଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରିବାର ଲୋକେ ଘସିପୁରା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଘସିପୁରା ଥାନା ଅଧିକାରୀ ମାନସ କୁମାର ବାରିକ କହିଛନ୍ତି, ସୋମବାର ସକାଳେ ହରିଚନ୍ଦନପୁର ପୋଲିସ ମୃତଦେହ ଜବତ କରିଛି। ଏ ନେଇ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପରିବାର ଲୋକେ ଘସିପୁରା ଥାନାକୁ ଅଭିଯୋଗ କରିବାକୁ ଆସିଥିବା ବେଳେ ତାଙ୍କୁ ହରିଚନ୍ଦନପୁର ପଠାଯାଇଛି। ହରିଚନ୍ଦନପୁର ଏସ୍‌ଆଇ କଳ୍ପତରୁ ନାୟକ କହିଛନ୍ତି, ଘଟଣାରେ ଏକ ମାମଲା(ନଂ. ୧୮।୨୫) ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ।

# ଅପରାଧ ଉଦ୍ୟମ ପଣ୍ଡ: ୫ ବନ୍ଧୁକ ଜବତ, ୯ ଗିରଫ



ଖବରଦାତା ସମ୍ମିଳନୀରେ ଏଏସପି ସୂଚନା ଦେଉଛନ୍ତି।

ଭଞ୍ଜନଗର,୨୭।୫
(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ପୋଲିସ କୌଣସି ଅପରାଧ ପାଇଁ ଏକାଠି ହୋଇଥିବା ଗୋଷ୍ଠୀକୁ ସୋମବାର କାବୁ କରିଛି। ସେମାନଙ୍କଠାରୁ ୫ଟି ବନ୍ଧୁକ, ୨ଟି ଖେଳଣା ବନ୍ଧୁକ, ଗୋଟିଏ ଖଣ୍ଡା, ୧୫ ରାଉଣ୍ଡ ଗୁଳି ଜବତ କରିଛି। ଉକ୍ତ ଗୋଷ୍ଠୀର ୯ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ଅନିଲ ବେହେରା, ଟୁକୁନା ପାତ୍ର, ବାଦଲ ସାହୁ, ସରୋଜ ଦାସ, ସୁନୀଲ କୁମାର ସାବତ, ସଂଗ୍ରାମ ଭୂୟାଁ, ସନାତନ ପ୍ରଧାନ, ବ୍ରଜ ମୋହନ ସାହୁ ଓ ଦିବ୍ୟ ଆରୁଖ । ସନାତନ, ବ୍ରଜ ଓ ଦିବ୍ୟଙ୍କ ବ୍ୟତୀତ ଅନ୍ୟ ଅଭିଯୁକ୍ତମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି। ଭଞ୍ଜନଗର ଏଏସ୍‌ପି ରଞ୍ଜନ କୁମାର ଦେ ମଙ୍ଗଳବାର ଭଞ୍ଜନଗର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହା ପ୍ରକାଶ କରିଛନ୍ତି। ଅନ୍ୟ ଯେଉଁମାନେ ଚୋରା ବନ୍ଧୁକ ରଖିଛନ୍ତି ସେମାନଙ୍କୁ ଖୋଜି ଗିରଫ କରାଯିବ। ବନ୍ଧୁକ କେଉଁଠାରୁ ଆସୁଥିଲା ତାହାର ସୁରାକ ମିଳିଛି। ଆଗାମୀ ଦିନରେ ପଦକ୍ଷେପ ନିଆଯିବ। ଗଞ୍ଜାମ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ପୋଲିସ ଜିଲାରେ ଚଢ଼ାଉ ଚାଲିଛି। ଗଞ୍ଜାମ ଜିଲା ସମେତ ଭଞ୍ଜନଗର ଅଞ୍ଚଳକୁ ଅପରାଧ ମୁକ୍ତ କରିବା ପାଇଁ ପୋଲିସ ପକ୍ଷରୁ ସମସ୍ତ ପଦକ୍ଷେପ ନିଆଯାଇଛି ବୋଲି ଏଏସ୍‌ପି ଦେ କହିଛନ୍ତି।

ସୋମବାର ୪ ଜଣ ଅଭିଯୁକ୍ତ ମଲାସପଦର ରାସ୍ତାରେ ଥିବା ଏକ ମନ୍ଦିରରେ ବସି କିଛି ଅପରାଧ ଘଟାଇବା ପାଇଁ ଯୋଜନା ଚଳାଇଥିଲେ। ରାତ୍ରି ପାଟ୍ରୋଲିଂ କରୁଥିବା ଏସ୍‌ଆଇ ସମୀର କୁମାର ସେଠୀ ଏହା ଜାଣିବା ପରେ ସେଠାରେ ଚଢ଼ାଉ କରି ୪ ଜଣଙ୍କୁ କାବୁ କରିଥିଲେ। ପରେ ଅନ୍ୟ ୫ ଜଣଙ୍କୁ ଗିରଫ କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଭଞ୍ଜନଗର ଏସଡିପିଓ ସୁଜିତ୍ କୁମାର ନାୟକ, ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ସମେତ ଏସଆଇ ଲକ୍ଷ୍ମୀଧର ମହାନ୍ତି, ଲିପିନା ବିଶ୍ୱାଳ, ଏଏସଆଇ ସତ୍ୟ ନାରାୟଣ ମଳିକ, ସୁଶାନ୍ତ କୁମାର ପଟ୍ଟନାୟକ, ହାବିଲଦାର ଦିଲୀପ ରାଉତ, କନଷ୍ଟେବଲ ସନ୍ତୋଷ ନାୟକ, କେ. ପି ରେଡ୍ଡୀ, ବିକ୍ରମ ମହାରଣା, ଅମିତ୍ ବିଶ୍ୱାଳ, ଜି. ସାଗର ପ୍ରଧାନ, ଗୃହରକ୍ଷୀ ଗଜେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ନକଲି ଡାକ୍ତର ଗିରଫ

**ଛତ୍ରପୁର,୨୭।୫(ସନ୍ତୋଷ ପାଢ଼ୀ):** ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଆର୍ଯ୍ୟପଲ୍ଲୀ ପଞ୍ଚାୟତ ବଡ଼ ଆର୍ଯ୍ୟପଲ୍ଲୀ ଗାଁରୁ ଜଣେ ନକଲି ଡାକ୍ତର (କ୍ୱାକ୍) ଗିରଫ ହୋଇଛନ୍ତି। ସେ ହେଲେ ପଶ୍ଚିମବଙ୍ଗର ପ୍ରସନ୍ନଜିତ ସରକାର। ତାଙ୍କୁ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ପୋଲିସ ଗିରଫ କରିବା ସହ ତାଙ୍କ କ୍ଲିନିକରୁ ବିଭିନ୍ନ ଔଷଧପତ୍ର ଜବତ କରିଛି। ନକଲି ଡାକ୍ତରଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ପ୍ରାୟ ଦେଢ ବର୍ଷ ହେଲା ସେ ବିନା ଲାଇସେନ୍ସରେ କ୍ଲିନିକ କରି ଲୋକଙ୍କୁ ଠକି ଚାଲିଥିଲେ ବୋଲି ପୋଲିସ କହିଛି।

# ବଗିଚାରେ ଗୋରୁ ପଶିଯିବାରୁ ସହାୟକଙ୍କୁ ହତ୍ୟା

## ମାଲିକ ଥାନାରେ ଅଟକ

ପାଟଣା/ଢେଙ୍କିକୋଟ୍,୨୭।୫ (ବୀର କିଶୋର ଦାଶ/ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚିନାମାଳିପୋଷି ଗ୍ରାମରେ ବାଇଗଣ ବାଡ଼ିରେ ଗୋରୁ ପଶିଯିବାରୁ ଜଣେ ଘର ସହାୟକଙ୍କୁ ମଙ୍ଗଳବାର ସକାଳ ୯ଟାରେ ଘର ମାଲିକ ହତ୍ୟା କରିଛନ୍ତି। ମୃତକ ହେଲେ ଚିନାମାଳିପୋଷି ମୁଣ୍ଡାସାହିର ଭସଲ ମୁଣ୍ଡାଙ୍କ ପୁଅ ଟୁନା(୫୦)। ଟୁନାଙ୍କ ପୁତୁରା ଶମ୍ଭୁନାଥ ମୁଣ୍ଡାଙ୍କ ଅଭିଯୋଗ ଆଧାରରେ ଘଟଗାଁ ପୋଲିସ ଅଭିଯୁକ୍ତ ଚିନାମାଳିପୋଷି ଗ୍ରାମର ଚତୁରା ମହାନ୍ତଙ୍କ ପୁଅ ସଞ୍ଜୟ କୁମାର ମହାନ୍ତ(୩୯)ଙ୍କୁ ଅଟକ ରଖି ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଟୁନା ଜନ୍ମରୁ ଦିବ୍ୟାଙ୍ଗ ହୋଇଥିବା ବେଳେ ସେ ପଡ଼ୋଶୀ ଚତୁରାଙ୍କ ଘରେ ସହାୟକ ଭାବେ କାର୍ଯ୍ୟ କରି ଆସୁଥିଲେ। ମଙ୍ଗଳବାର ସକାଳେ ବାଇଗଣ ବଗିଚାରେ ଗୋରୁ ପଶିଯିବାରୁ ସଞ୍ଜୟ ରାଗିଯାଇ ଟୁନାଙ୍କୁ ଗାଳିଗୁଲଜ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ସଞ୍ଜୟ ଉତ୍କ୍ଷିପ୍ତ ହୋଇ ଟୁନାଙ୍କ ବେକରେ ପଡ଼ିଥିବା ଗାମୁଛାକୁ ଧରି ଚିପିଦେବା ସହ ଠେଲି ଦେଇଥିଲେ। ଟୁନା ତଳେ କଂକ୍ରିଟ୍ ରାସ୍ତା ଉପରେ ପଡ଼ିଯାଇଥିଲେ। ତାଙ୍କ ମୁଣ୍ଡର ପଛପାର୍ଶ୍ୱ କଂକ୍ରିଟ୍‌ରେ ମାଡ଼ ହୋଇ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଘଟଗାଁ ଥାନାରେ ଏକ ମାମଲା(ନଂ. ୨୨୦/୨୫) ରୁଜୁ ହୋଇଛି। ଭାରତୀୟ ନ୍ୟାୟ ସଂହିତା ୧୦୩(୧) ଧାରାରେ ସଞ୍ଜୟଙ୍କୁ ପୋଲିସ ଅଟକ ରଖି ତଦନ୍ତ କରୁଥିବା ଘଟଗାଁ ଥାନା ଅଧିକାରୀ ପ୍ରଶାନ୍ତ ସାମଲ କହିଛନ୍ତି।

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ଏମ୍‌ଇସିଏଚ୍‌ସିକେପି-୨୫-୨୬-୦୮ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ), ଚକ୍ରଧରପୁର, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଝାରସୁଗୁଡ଼ାର ଷ୍ଟେଶନ ୟାର୍ଡଠାରେ ଦ୍ରୁତ ୱାଟରିଂ ବ୍ୟବସ୍ଥା ଯୋଗାଇବା । **ଟେଣ୍ଡର ମୂଲ୍ୟ:** ₹୪,୯୧,୧୮,୮୯୦.୧୪ । **ବିଡ୍ ଅମାନତ:** ₹୩,୯୫,୬୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ₹ ଶୂନ । **ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ଡିଏମ୍‌ଇ/ଚକ୍ରଧରପୁର, ଦ.ପୂ. ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୬।୦୬।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ **http://www.ireps.gov.in** ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ । (PR-207)

**OFFICE OF THE PRINCIPAL I/C**
**RUSHIMAL DEGREE MAHAVIDYALAYA, BAMUNIGAM (KANDHAMAL), ODISHA**

Tender Notice No: 16039301 / RM / 2025 / 001 Dated 27.05.2025

**TENDER CALL NOTICE**

Sealed quotations are invited from eligible firms/ suppliers for procurement of i3 and above Desktop, Multi-Functional Printers, UPS, LED TV and Wireless Mic & Camera for Virtual meeting along with the requisite documents. The quotation should reach the undersigned on or before 13.06.2025 by 05.00 P.M. through Registered post or Speed post. The interested firms may download the tender documents from the college website: **http://www.rmdmahavidyalaya.in.**

Sd./- Principal I/C-cum-Secretary

**कार्यालय, कार्यपालन अभियंता**
**जल संसाधन संभाग, कवर्धा, जिला: कबीरधाम (छ.ग.)**
**निविदा निरस्तीकरण सूचना**

आदेश क्रमांक 2329/वलेस/2024 कवर्धा, दिनांक 23.05.2024

इस कार्यालय द्वारा आमंत्रित निविदा सिस्टम क्रमांक - 165295 प्रथम निविदा सूचना क्रमांक 26/वलेस/2024-25/कवर्धा, दिनांक 05.03.2025 कबीरधाम जिले के विकासखंण्ड पंडरिया की ग्राम-मथानीखुर्द में हाफ नदी पर रिटर्निंगवाल का निर्माण कार्य हेतु प्रथम आमंत्रित निविदा में प्रतिभागी निविदाकार की संख्या एकल एवं प्रतिस्पर्धा का अभाव परिलक्षित होने के कारण निविदा निरस्त किया जाता है।

स्वा: /- कार्यपालन अभियंता
जल संसाधन संभाग, कवर्धा,
जिला - कबीरधाम (छ.ग.)

जी.नं.-242505794/3
G-252601135/3

**JHARKHAND BIJLI VITRAN NIGAM LIMITED**
**CIN No. U40108JH2013SGC001702**
**Regd. Office:- Engineering Building, HEC, Dhurwa, Ranchi–834004.**
**fax # 0651-2400483 e-mail : cesp.jseb@rediffmail.com/ gmsp.jbvnl@rediffmail.com**

**E-Auction Notice**

E-Auction No.-01 MSTC/RNC/Jharkhand Bijli Vitran Nigam Limited/1/HEC Dhurwa/25-26/9666 [506793]

Jharkhand Bijli Vitran Nigam Ltd. Invites all the interested bidder to participate in online e-auction being conducted for sale of scrap material (Scrap DPC Al winding wire & strips) which lying at different Central Stores & TRW, JBVNL.

**IMPORTANT SCHEDULE OF DATES**

| | | |
|---|---|---|
| 1. | Bid opening date and time | 11.06.2025 12:00 PM |
| 2. | Bid closing date and time | 11.06.2025 04:00 PM |
| 3. | Inspection date and time | From 22.05.2025 to 10.06.2025 |

Interested bidder may register their firm/ company online and refer the e-auction catalogue concealing terms & conditions, materials list, inspection date etc. available on website: www.mstcecommerce.com/ www.mstcindia.co.in

**Note :-** For any queries, please contact at MSTC Ltd. (A Govt. of India Enterprises) 4th Floor, Exploration Building, C.M.P.D.I Campus, Gondwana Place, Kanke Road, Ranchi-834008 Ph. 0651-2231333/ 9903248755 email:- rncopn1@mstcindia.in, mstcrnc@gmail.com & interested parties should also regularly visit above website to keep updated for corrigendum/ time extension/ amendments, if any.

स्वहित एवं राष्ट्रहित में ऊर्जा बचावें। कृपया अपनी शिकयतों को 18003456570(कॉल सेन्टर) पर दर्ज करायें।

Sd/-
General Manager (S&P)
JBVNL

PR 353618 Jharkhand Bijlee Vitran Nigam Ltd(25-26).D

**କର୍ମଚାରୀ ଭବିଷ୍ୟନିଧି ସଂଗଠନ**
(ଶ୍ରମ ଏବଂ ରୋଜଗାର ମନ୍ତ୍ରାଳୟ, ଭାରତ ସରକାର )
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭବିଷ୍ୟନିଧି ଭବନ, ପାନପୋଷ ରୋଡ଼, ରାଉରକେଲା- ୭୬୯୦୧୨, ଜିଲ୍ଲା - ସୁନ୍ଦରଗଡ଼

**ପ୍ରେସ୍ ବିଜ୍ଞପ୍ତି**

ଆଞ୍ଚଳିକ ଇ.ପି.ଏଫ୍. କାର୍ଯ୍ୟାଳୟ ପକ୍ଷରୁ ଆସନ୍ତା ଜୁନ ମାସ ପାଇଁ "ନିଧି ଆପ୍‌କେ ନିକଟ" ଏବଂ "ପେନସନ୍ ଅଦାଲତ" ତା.୧୦.୦୬.୨୦୨୫ରିଖ (ମଙ୍ଗଳବାର) ଦିନ ଆୟୋଜିତ ହେବାକୁ ଯାଉଛି । ଏହି ଅବସରରେ ପି.ଏଫ ଏବଂ ପେନ୍‌ସନ୍ ସଂପର୍କିତ ସମସ୍ୟାଗୁଡ଼ିକର ଶୁଣାଣି ଏବଂ ସମାଧାନ କରାଯିବ । ପୂର୍ବାହ୍ନ ୧୧ଟାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଭାଗନେବାପାଇଁ, ଆପତ୍ତି ଅଭିଯୋଗଥିବା ସମସ୍ତ ପେନସନଧାରୀ ତଥା ଇ.ପି.ଏଫ୍. ଅଂଶୀଦାରମାନେ ସେମାନଙ୍କ ସମସ୍ୟାର ପଞ୍ଜିକରଣ ନିଜର ଠିକଣା ଏବଂ ଫୋନ୍ ନମ୍ବର ସହ ଲିଖିତ ଭାବେ ପୋଷ୍ଟ ମାଧ୍ୟମରେ କିମ୍ବା ଅଫିସରେ ଥିବା ଡ୍ରପ୍ ବକ୍ସରେ ଦାଖଲ କରିବାକୁ ନିବେଦନ କରାଯାଉଛି । ଏଥିସହିତ ପ୍ରୋଭିଡେଣ୍ଟ ଫଣ୍ଡ ଆକାଉଣ୍ଟର ସବିଶେଷ ବିବରଣୀ କିମ୍ବା ପି.ପି.ଓ ନମ୍ବର ଇତ୍ୟାଦି ଆସନ୍ତା ୦୫.୦୬.୨୦୨୫ ତାରିଖ ପୂର୍ବରୁ ଦାଖଲ କରିବାକୁ ହେବ ବୋଲି ଆଞ୍ଚଳିକ ପି.ଏଫ୍. କମିଶନର୍ ଏକ ପ୍ରେସ୍ ବିବୃତ୍ତିରେ ଜଣାଇଛନ୍ତି ।

କ୍ଷେତ୍ରୀୟ ଭବିଷ୍ୟନିଧି ଆୟୁକ୍ତ
ଆଞ୍ଚଳିକ ଭବିଷ୍ୟନିଧି କାର୍ଯ୍ୟାଳୟ, ରାଉରକେଲା

SAI/RKL/0081/25

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2025021, ତା.21.05.2025ରିଖ

**କାର୍ଯ୍ୟର ନାମ :** ନୟାଗଡ଼ ଓ ଦୁବୁନା ମଧ୍ୟରେ ନୂଆ ଲାଇନ୍ : ସମ୍ପୃକ୍ତ ବିଭାଗ / ମନ୍ତ୍ରଣାଳୟର ପ୍ରଚଳିତ ଅଧିନିୟମ / ନିୟମାବଳୀ ଅନୁଯାୟୀ ବେସରକାରୀ / ସରକାରୀ / ଜଙ୍ଗଲ ଜମିର ଅଧିଗ୍ରହଣ / ହସ୍ତାନ୍ତରଣ / ପରିବର୍ତ୍ତନ ନିମନ୍ତେ ଜମି ଅଧିଗ୍ରହଣ ପ୍ରସ୍ତାବର ପ୍ରସ୍ତୁତି ଓ ଦାଖଲ, ଯେଉଁଥିରେ ଅବ୍ୟବହାର୍ଯ୍ୟ PSC ସ୍ଲିପର ଦ୍ୱାରା ଜମି ବାଉଣ୍ଡରୀ ପୋଷ୍ଟ ପ୍ରଦାନ କରିବା ଏବଂ ଅନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଅନ୍ତର୍ଭୁକ୍ତ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 36.82 ଲକ୍ଷ, EMD : ₹ 73,600/-, କାର୍ଯ୍ୟ ଶେଷ ହେବା ଅବଧି : 12 (ବାର) ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.12.06.2025.ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR- 35/CI/25-26

**TPCODL**
TP CENTRAL ODISHA DISTRIBUTION LIMITED
(A Joint Venture of Tata Power and Government of Odisha)

**TP CENTRAL ODISHA DISTRIBUTION LIMITED**
A Joint Venture of Tata Power and Govt. of Odisha, 1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007

**NOTICE INVITING TENDER: NIT No: TPCODL/2025-26/NIT/02**

Bids are invited from eligible bidders for the following tenders:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/CCG/2025-26/1000003054 | Rate Contract for Supply of 33 & 11 kV RMUs for TP Odisha DISCOMs for One Year. |
| 2 | TPCODL/P&S/2025-26/1000002910 | Rate contract for supply of IPC, Multiport connector for One Year |
| 3 | TPCODL/P&S/2025-26/1000002960 | Hiring of agency for providing Disconnection services for TPCODL. |
| 4 | TPCODL/P&S/2025-26/1000002871 | Supply of Testing Instruments for TPCODL. |
| 5 | TPCODL/CCG/2025-26/1000003088 | WIFI access points under TPCODL |
| 6 | TPCODL/CCG/2025-26/1000003089 | Rate Contract for Supply of KIT KAT Fuses of various ratings for TP Odisha DISCOMs. |
| 7 | TPCODL/CCG/2025-26/1000003090 | Rate Contract for Supply of MCCB of various ratings for TP Odisha DISCOMs. |
| 8 | TPCODL/P&S/2025-26/1000003056 | Rate Contract for Video Conferencing System with 5 Years Warranty at TPCODL |
| 9 | TPCODL/CCG/2025-26/1000003100 | Rate Contract for 11 kV & LT Network Maintenance & Allied Work, 33 KV Network Maintenance and Operational Assistance of 33/11 kV Sub-Stations for TP Odisha DISCOMs for 3 years |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section at TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **Dtd. 30.05.2025**. Future communication / corrigendum to tender documents, if any, shall be available on TPCODL website.

**GOVERNMENT OF ODISHA** No. A-214
**DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER**
**SUBARNAREKHA IRRIGATION CIRCLE, LAXMIPOSI**
At/P.O.: Laxmiposi, Dist.: Mayurbhanj, PIN - 757107
Mail id: acesic24@gmail.com

**Government of Odisha "e" PROCUREMENT NOTICE**
Bid Identification No. 02/2025-26 of Additional Chief Engineer, SIC, Laxmiposi

| | | |
|---|---|---|
| 1 | Name of Work | Construction of Retaining Wall at RD 360 M to RD 1020 M (LHS) of Palasbadha Minor Off-taking at RD 59894 M of Jambhira Left Main Canal |
| 2 | Estimated Cost | Rs.161.09 Lakh |
| 3 | Bid Security/E.M.D. | Rs.1,61,100/- |
| 4 | Period of Completion | 09 (Nine) Calendar Months |
| 5 | Class of Contractor | 'A' & 'B' Class |
| 6 | Date & Time of availability of bid document in the portal | 30.05.2025 at 10.00 A.M. |
| 7 | Last date/time for receipt of bid in the portal | 16.06.2025 upto 5.00 P.M. |
| 8 | Date of opening of bid | 17.06.2025 at 11.00 A.M. |
| 9 | Name & address of the O.I.T. | Additional Chief Engineer, Subarnarekha Irrigation Circle, Laxmiposi |

Further details can be seen from the e-Procurement Portal "https://tendersodisha.gov.in".

Sd./- Additional Chief Engineer
S.I.C., Laxmiposi

OIPR-32120/11/0006/2526

# କୁଲଡ଼ିହା ଅଭୟାରଣ୍ୟ
# ମୁହଁ ଫେରାଉଛନ୍ତି ପର୍ଯ୍ୟଟକ

**ନୀଳଗିରି, ୨୭।୫(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କୁଲଡିହା ଅଭୟାରଣ୍ୟର ଏକାଧିକ ସ୍ଥାନ ବନ୍ଦ ରହୁଥିବାରୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ମୁହଁ ଫେରାଇବା ଆରମ୍ଭ କଲେଣି। ଟଙ୍କା ଖର୍ଚ୍ଚ କରିଆସୁଥିବା ପର୍ଯ୍ୟଟକମାନେ ବିଭିନ୍ନ ସ୍ଥାନର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି।

ପ୍ରକାଶ ଯେ, ନୀଳଗିରି ଉପଖଣ୍ଡ ଅଧୀନ ବଣ ପାହାଡଘେରା ୨୭୨.୭୫ ବର୍ଗ କି.ମି. ପରିବ୍ୟାପ୍ତ କୁଲଡିହା ଅଭୟାରଣ୍ୟର ସବୁଜ ବନାନୀ ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକଙ୍କୁ ବିମୋହିତ କରିଥାଏ। କାରଣ ପର୍ଯ୍ୟଟକମାନେ ବୁଲିବା ସମୟରେ ୫ଟି କୃତ୍ରିମ ସଲ୍ଟପିଟ୍, ୫ଟି ୱାଚ୍ ଟାୱାର ଦ୍ୱାରା ବିଭିନ୍ନ ବନ୍ୟଜନ୍ତୁ ସମେତ ବିଭିନ୍ନ ଭିନ୍ନ ପ୍ରଜାତିର ରଙ୍ଗବେରଙ୍ଗର ଦେଶୀ, ବିଦେଶୀ ପକ୍ଷୀଙ୍କ ଅବାଧ ବିଚରଣ ରୋମାଞ୍ଚକର ଅନୁଭୂତି ଅତି ନିକଟରୁ ଦେଖି ଫେରିଥାନ୍ତି। ଏଥିସହ ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବନବିଭାଗ ପକ୍ଷରୁ ଗୋହିରାଭୋଲଠାରେ ରାତିରେ ରହଣି ନିମନ୍ତେ ଗତ ୨୦୧୬ରେ ନିର୍ମାଣ କରାଯାଇଥିଲା ନେଚର୍ସ ପାର୍କ (ପ୍ରକୃତି ନିବାସ)। ଏଠାରେ ଥିବା ୯ଟି ତମ୍ବୁଘର, ଶୌଚାଳୟ ଏବଂ ଆଲୋକ ବ୍ୟବସ୍ଥା ପର୍ଯ୍ୟଟକମାନଙ୍କୁ ଅଧିକ ଆକର୍ଷିତ କରୁଥିଲା। ଅଭୟାରଣ୍ୟ ଭିତରକୁ ପର୍ଯ୍ୟଟକଙ୍କ ପାଇଁ ପ୍ରବେଶ ସମୟ ସକାଳ ସାଢ଼େ ୯ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ରହିଥିଲା। ଭ୍ରମଣ ନିମନ୍ତେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସମୟ ନିର୍ଦ୍ଧାରିତ ହୋଇଥାଏ। ଏଠାରେ ଜଣେ ବ୍ୟକ୍ତି ପାଇଁ ୪୦ଟଙ୍କା, କ୍ୟାମେରା ପାଇଁ ୫୦ଟଙ୍କା, ଚାରିଚକିଆ



କୁଲଡ଼ିହା ଅଭୟାରଣ୍ୟ।

ଯାନ ପାଇଁ ୧୦୦ ଟଙ୍କା ଓ ନେଚର୍ସ କ୍ୟାମ୍ପରେ ରାତ୍ରିଯାପନ ପାଇଁ ୩୮୭୪ ଟଙ୍କା ଧାର୍ଯ୍ୟ ସହ ଅନ୍‌ଲାଇନରେ ବୁକିଂ ଓ ୱେବ୍‌ସାଇଟ୍ ଖୋଲାଯାଇଛି। ହେଲେ ଉକ୍ତ ରିଷିଆ ପ୍ରକୃତି ନିବାସ ଆଜକୁ ୫ ବର୍ଷ ହେବ ଅଧିକ କିଛି ନୂତନତା ଦେଖାଯାଉନାହିଁ। ସୋଲାର ଆଲୋକର ଅବସ୍ଥା ନ କହିବା ଭଲ। ଫଳରେ ପର୍ଯ୍ୟଟକ ଭିତରକୁ ପ୍ରବେଶ କରିବା ପରେ ରିଷିଆ ପ୍ରକୃତି ନିବାସର ସ୍ଥିତି ଦେଖି ଅସନ୍ତୋଷ ପ୍ରକାଶ କରୁଛନ୍ତି। ଏଥିସହିତ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବା ବେଳେ ଏବେ ପର୍ଯ୍ୟଟକଙ୍କୁ କୁଲଡ଼ିହା ଡାକବଙ୍ଗଳା ସମ୍ମୁଖ ପଟା ପୋଲଠାରୁ ଫେରାଇ ଦିଆଯାଉଥିବା ବେଳେ ପର୍ଯ୍ୟଟକଙ୍କୁ ଯୋଡ଼ାଚୁଆ, ମେଛକୁଣ୍ଡ, ଗଡ଼ ସିମୁଳିଆ, ତେଣ୍ଡା ରାସ୍ତା ଦେଇ ବନ୍ଦ କରିଦିଆଯିବା ସହ ନେଚର୍ସ କ୍ୟାମ୍ପ ବ୍ୟତୀତ ଭ୍ରମଣ ସମୟରେ ଅନ୍ୟ ସ୍ଥାନରେ ଗାଡ଼ିରୁ ଓହ୍ଲାଇବା ପାଇଁ ମନା କରାଯାଇଛି। ତେଣୁ ପର୍ଯ୍ୟଟକ ଏତେ ଟଙ୍କା ଖର୍ଚ୍ଚ କରି କୃତ୍ରିମ ସଲ୍ଟପିଟ ଓ ୱାଚ ଟାୱାର ଆଦିର ଅନୁଭୂତି ନେଇପାରୁନାହାନ୍ତି।

ଏନେଇ କୁଲଡ଼ିହା ରେଞ୍ଜର ଦାୟିତ୍ୱରେ ଥିବା ଏସିଏଫ୍ ସୁବ୍ରତ ବେହେରାଙ୍କୁ ପଚାରିବାରୁ ସେ ଏ କଥାକୁ ମାନିବା ସହ କୁଲଡିହା ଅଭୟାରଣ୍ୟର ହାତୀ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ଉକ୍ତ ସ୍ଥାନଗୁଡିକୁ ବନ୍ଦ ରଖାଯାଇଛି ବୋଲି କହିଥିଲେ। ବିଗତ ଦିନରେ ଏସବୁ ସ୍ଥାନକୁ ବୁଲିବାର ସୁବିଧା ଥିବା ବେଳେ ଗତକିଛି ମାସ ହେବ ଏଭଳି କିଛି ନିୟମକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

# ଯନ୍ତ୍ରୀ, ଠିକାଦାରଙ୍କ ମଧ୍ୟରେ ବଢୁଛି ବିବାଦ
## ବିଦ୍ୟାଧରପୁର କେନାଲ ଡିଭିଜନ

**ଖଇରା, ୨୭।୫(ଉତ୍କଳବନ୍ଧୁ ପଣ୍ଡା)**

ବିଦ୍ୟାଧରପୁର କେନାଲ ଡିଭିଜନ ଅଧୀନ ଖଇରା ସବ୍‌ଡିଭିଜନରେ ଜଣେ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ଚାଲିଥିବା ଶୀତଳଯୁଦ୍ଧ ଉଗ୍ରରୂପ ଧାରଣ କରିଛି। ଠିକାଦାରଜଣକ ବିଗତ ଦିନମାନଙ୍କରେ କରିଥିବା ଅତ୍ୟନ୍ତ ନିମ୍ନମାନର କାମର ପୁରା ବିଲ୍ କରିବାକୁ ଚାପ ପ୍ରୟୋଗ କରି ବିଫଳ ହେବା ପରେ ଏହି ବିବାଦର ସୂତ୍ରପାତ ହୋଇଥିବା କୁହାଯାଉଛି। ଗୋଟିଏ ପଟେ ଠିକାଦାର ଜଣକ ନିଜର ଜିଦ୍ ପୂରଣ ପାଇଁ କିଛି ସଙ୍ଗଠନ ଓ ଲୋକପ୍ରତିନିଧିଙ୍କୁ ଆୟୁଧ କରିଥିବା ବେଳେ ଯନ୍ତ୍ରୀମାନେ ମଧ୍ୟ ଏଭଳି ନିମ୍ନମାନର କାମର ବିଲ୍ ନ କରିବା ଜିଦ୍‌ରେ ଅଟଳ ଅଛନ୍ତି। ଏହି ଘଟଣା ବଢି ବଢି ଉଗ୍ରରୂପ ଧାରଣ କରିଛି।

ସାଳନ୍ଦୀ ବାମପାର୍ଶ୍ୱ ଆମ୍ବହତା କେନାଲର ୦ରୁ ୧୬କି.ମି. ପର୍ଯ୍ୟନ୍ତ ବିଦ୍ୟାଧରପୁର ସବ୍‌ଡିଭିଜନ ଅଧୀନରେ ରହିଥିବା ବେଳେ ୨୦୨୨-୨୩ରୁ କେନାଲ ପୁନରୁଦ୍ଧାର ମାଧ୍ୟମରେ ୮ହଜାର ହେକ୍ଟର ଚାଷଜମି ଜଳସେଚିତ ହେବା ସହ ଯାତାୟାତର ସୁବିଧା ପାଇଁ ମୁଖ୍ୟ କେନାଲ ଓ ଶାଖା କେନାଲର ୪୦କି.ମି. ରାସ୍ତାକୁ ପିଚୁ କରାଯାଇଛି । ଏହି କାର୍ଯ୍ୟ ଅନ୍ତର୍ଗତ ୨୦୨୩-୨୪ ମସିହାରେ ବାମପାର୍ଶ୍ୱ ଓ ଦକ୍ଷିଣ ପାର୍ଶ୍ୱ କେନାଲର ସର୍ଭିସ ରୋଡ ନିର୍ମାଣ କରିଥିବା ଜଣେ ଠିକାଦାର ଅତ୍ୟନ୍ତ ନିମ୍ନମାନର ରାସ୍ତା ନିର୍ମାଣ କରି ବିଲ୍ ଉଠାଇବାକୁ ଉଦ୍ୟମ କରିବା ଏବଂ ଉପରିସ୍ଥ ଅଧିକାରୀଙ୍କ ମାଧ୍ୟମରେ ଚାପ ପ୍ରୟୋଗ କରି ବିଲ ପାସ୍ କରାଇନେବା ନେଇ ଆଲୋଚନା ଜୋର ଧରିଥିଲା। ପେମେଣ୍ଟ ଅଟକି ରହିବା ପରେ ନିକଟରେ କିଛି ସଙ୍ଗଠନ ଡିଭିଜନରେ ହୋଇଥିବା କାର୍ଯ୍ୟ ଉପରେ ଅଭିଯୋଗ କରିବା ସହ ତଦନ୍ତ ଦାବି କରିଥିଲେ। ଠିକାଦାରଙ୍କ ଇଙ୍ଗିତରେ ଏହା କରାଯାଉଥିବା ଅଭିଯୋଗ ହୋଇଛି। ସେପଟେ ଡିଭିଜନର ସହକାରୀ ଓ ନିର୍ବାହୀଯନ୍ତ୍ରୀ ପେମେଣ୍ଟ ବନ୍ଦ କରି ରଖିବା ପରେ ବିବାଦ ଚରମ ସୀମାରେ ପହଞ୍ଚିଛି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ନରହରି ପ୍ରଧାନଙ୍କୁ ପଚାରିବାରେ ଡିଭିଜନରେ ହୋଇଥିବା କାର୍ଯ୍ୟ ଉପରେ ନିକଟରେ ଏକ ଟିମ୍ ତଦନ୍ତ କରି ଫେରିଛନ୍ତି । ରିପୋର୍ଟ ଆସିବା ପରେ ସବୁ କିଛି ପରିଷ୍କାର ହୋଇଯିବ ବୋଲି କହିଛନ୍ତି ।

## ୧୦ଟନ୍ ଲୁହା ସାମଗ୍ରୀ ସହ ପିକଅପ ଭ୍ୟାନ ଜବତ, ୨ କୋର୍ଟଚାଲାଣ

**ସିମୁଳିଆ, ୨୭।୫(ସନ୍ତୋଷ ନାୟକ)**

ସିମୁଳିଆ ପୋଲିସ କୁପୁରା ଅଞ୍ଚଳରୁ ରାଜପଥ ନିର୍ମାଣରେ ବ୍ୟବହୃତ ସାମଗ୍ରୀ ଜବତ କରିଛି। ଚୋରା ସାମଗ୍ରୀ ପରିବହନରେ ବ୍ୟବହୃତ ପିକଅପ ଭ୍ୟାନ(ନଂ. ଓଡି ୦୧ ଏଏଚ୍ ୮୯୫୮)କୁ ଜବତ କରାଯିବା ସହିତ ଏକ ମାମଲା(ନଂ. ୨୮୫/୨୫) କରାଯାଇଛି। ଚୋରା ସାମଗ୍ରୀ ରଖିଥିବା କୁପୁରା ଅଞ୍ଚଳର ନବୀବ ସାହାଜି ଓ ଜାତୀୟ ରାଜପଥ ନିର୍ମାଣ ପାଇଁ ଥିବା ଲେବର କଣ୍ଟ୍ରାକ୍ଟର ତଥା ଚୋରା ମାଲ ଯୋଗାଇଥିବା ଛୋଟୁଲାଲ ସାହୁଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଜବତ ସାମଗ୍ରୀ ସମ୍ପର୍କରେ ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଏସ୍‌ଡିପିଓ ଶୁଭ୍ରାଂଶୁ ନାୟକ ସୂଚନା ଦେଇଛନ୍ତି। ତେବେ ଜବତ ସାମଗ୍ରୀଗୁଡିକ ୧୦ଟନ୍‌ରୁ ଊର୍ଦ୍ଧ୍ୱ ହେବ।

## ଭୋଗରାଇରେ ୩ଜଣଙ୍କ ଅକାଳ ମୃତ୍ୟୁ

**ଭୋଗରାଇ(ପ୍ରଦୀପ ଦାସ)/ ବାଲିଆପାଳ (ଗୋପାଳଚନ୍ଦ୍ର ସାହୁ), ୨୭।୫**

ଭୋଗରାଇ ବ୍ଲକର ପୃଥକ୍ ସ୍ଥାନରେ ୩ ଜଣଙ୍କ ଅକାଳ ମୃତ୍ୟୁ ହୋଇଛି। ଜଣେ ପ୍ରଧାନ ଶିକ୍ଷକଙ୍କ କର୍କଟଜନିତ ରୋଗରେ ମୃତ୍ୟୁ ହୋଇଥିବା ବେଳେ ପାନ ବ୍ୟବସାୟୀଙ୍କ ହୃଦ୍‌ଘାତ ଓ ଅନ୍ୟଜଣେ ଜେସିବି ଡ୍ରାଇଭର ଆତ୍ମହତ୍ୟା କରିଛନ୍ତି। ନାଇଁଦୋଳି ନରେନ୍ଦ୍ରନାଥ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଚୌକି ଗ୍ରାମର ବଳରାମ ଜେନାଙ୍କ କର୍କଟ ଜନିତ ରୋଗରେ ସୋମବାର ରାତିରେ ମୃତ୍ୟୁ ହୋଇଥିଲା। ଏହି ଖବର ଶୁଣି ତାଙ୍କ ବନ୍ଧୁ ଗ୍ରାମର ପାନ ବ୍ୟବସାୟୀ ସୁବଳ କୁମାର ମହାନ୍ତି ହୃଦ୍‌ଘାତର ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ନେଉଥିବାବେଳେ ବାଟରେ ମୃତ୍ୟୁ ହୋଇଯାଇଥିଲା। ସୁବର୍ଣ୍ଣରେଖାର ୨ୟ ସେତୁ ନିର୍ମାଣରେ କାର୍ଯ୍ୟରତ ଜେସିବି ଡ୍ରାଇଭର ଅନୁଗୋଳ ଜିଲା ଜାରପଡା ଥାନା ବୁବେ ଗ୍ରାମର ସୁବ୍ରତ ସାହୁ କୁହ୍ଲା ଗ୍ରାମସ୍ଥିତ ଭଡ଼ା ଘରେ ରଶି ଲଗାଇ ଝୁଲି ପଡ଼ିଥିଲେ। ଭୋଗରାଇ ପୋଲିସ ଶବ ଜବତ କରି ଅପମୃତ୍ୟୁ ମାମଲା(ନଂ. ୧୭୭/୨୫) ରୁଜୁ କରିଛି।

# ରବି ଧାନ ବିକ୍ରି ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ବାହାନଗା, ୨୭।୫(ଅରୂପ୍ କୁମାର ଦାସ)**

ରବିଧାନ ବିକ୍ରି ଲାଗି ବାହାନଗା ବ୍ଲକର ୫ଟି ସମବାୟ ସମିତିର ଚାଷୀମାନେ ମଙ୍ଗଳବାର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରବିଧାନ ଚାଷ କରିଥିବା ଚାଷୀମାନଙ୍କ ନିକଟକୁ ସରକାର ଧାନ ବିକ୍ରି କରିବା ନିମନ୍ତେ ଟୋକେନ୍ ପ୍ରଦାନ କରିଛନ୍ତି। ଚାଷୀମାନଙ୍କ ନିକଟକୁ ଟୋକନ୍ ଆସିଛି ସତ, କିନ୍ତୁ ଧାନ ବିକ୍ରି କରିବା ଲାଗି ମଣ୍ଡିକୁ ଟାର୍ଗେଟ ଆସି ନ ଥିବାରୁ ସମିତି ଚାଷୀମାନଙ୍କଠାରୁ ଧାନ କିଣିପାରୁ ନାହାନ୍ତି। ମଙ୍ଗଳବାର ବାହାନଗା ବ୍ଲକରେ ହେଉଥିବା ମିଳିତ ଜନଶୁଣାଣି ଶିବିରରେ ଜିଲାପାଳଙ୍କୁ ବରିପଦା ସମବାୟ ସମିତିର ଚାଷୀମାନେ ସମିତିକୁ ଅଧିକ ଧାନ ବିକ୍ରି କରିବା ପାଇଁ ଟାର୍ଗେଟ୍ ଦେବା ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ବ୍ଲକରେ ରବିଧାନ ବିକ୍ରି ପାଇଁ ୫ଟି ସମିତି ରେ ଚାଷୀମାନେ ପଞ୍ଜିକରଣ କରିଥାନ୍ତି। ଚଳିତବର୍ଷ ଚାଷୀ ଧାନ ବିକ୍ରି ପାଇଁ ଯେତିକି ପଞ୍ଜିକରଣ କରିଛନ୍ତି, ତାଠାରୁ କମ୍ ଧାନ ବିକ୍ରି ପାଇଁ ୫ଟି ସମିତିକୁ ଟାର୍ଗେଟ ଆସିଥିବାରୁ ମଣ୍ଡିପକ୍ଷରୁ ଧାନ କିଣାଯାଉନାହିଁ। ଯେପରି ବରିପଦା ସମିତିରେ ୩୫୪


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଚାଷୀମାନେ।

ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ସରକାରଙ୍କଠାରେ ପଞ୍ଜିକରଣ କରିଥିଲେ। ସେହିସବୁ ଚାଷୀମାନଙ୍କ ଧାନ ଯଦି ସରକାର କିଣିବେ ତେବେ ତେବେ ନିହାତି ୧୨ ହଜାର କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ଦେଲେ ଯାଇ ସମସ୍ତ ଚାଷୀ ଧାନ ବିକ୍ରି କରିପାରିବେ। ସେହିପରି ଗୋପାଳପୁର ସମିତିରେ ୪୫୦ ଜଣ ଚାଷୀ ପଞ୍ଜିକୃତ କରିଥିବା ବେଳେ ଧାନ କିଣିବା ପାଇଁ ୬ଶହ କୁଇଣ୍ଟାଲ ଟାର୍ଗେଟ ଆସିଛି। ଯେତେବେଳେ କି ଆବଶ୍ୟକ ଥିଲା ୨୦ ହଜାର କୁଇଣ୍ଟାଲ ଟାର୍ଗେଟ। ସେହିପରି ସାଉଦ୍ଦୁ ସମିତିରେ ୪୭୦ ଚାଷୀ ପଞ୍ଜୀକୃତ କରିଛନ୍ତି। ମାତ୍ର ଧାନ ବିକ୍ରି ପାଇଁ ଟାର୍ଗେଟ ଆସିଛି ୪ଶହ ୩୪ କୁଇଣ୍ଟାଲ। ଟୋକନ୍ ଅନୁଯାୟୀ ଆବଶ୍ୟକ ୧୫ ହଜାର କୁଇଣ୍ଟାଲ ଧାନ ଟାର୍ଗେଟ। ସେହିପରି କଲ୍ୟାଣି ସମିତିରେ ୪୦୭ କୁଇଣ୍ଟାଲ ଧାନ ବିକ୍ରି ପାଇଁ ଟାଗେଟ ଆସିଛି, ଆବଶ୍ୟକ ୧୦ ହଜାର କୁଇଣ୍ଟାଲ। ପଞ୍ଜିକରଣ କରିଥିବା ଚାଷୀମାନଙ୍କ ନିକଟକୁ ଟୋକନରେ ଆସିଥିବା ଧାନର ପରିମାଣଠାରୁ କମ୍ ଧାନ କିଣିବା ପାଇଁ ସରକାର ସମିତି ନିକଟକୁ ନିର୍ଦ୍ଦେଶ ଆସିଥିବାରୁ ପ୍ରଥମେ ଅଳ୍ପ କିଛି ଚାଷୀ ଧାନ ବିକ୍ରି କରିବା ପରେ ଅନ୍ୟ ଚାଷୀ ଧାନ ବିକ୍ରି କରିପାରିବେ ନାହିଁ। ଫଳରେ ସମିତିରେ ଗଣ୍ଡଗୋଳ ପରିସ୍ଥିତ ଉପୁଜିବ। ତାହାକୁ ଆଖିଆଗରେ ରଖି ସମିତି ପକ୍ଷରୁ ଏପର୍ଯ୍ୟନ୍ତ ଧାନ କିଣାଯାଉନାହିଁ।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ବାଲେଶ୍ୱର, ୨୭।୫(ବାଞ୍ଛାନିଧି ଦେ)**

ବାଲେଶ୍ୱର ଶିଳ୍ପାଞ୍ଚଳ ଥାନା ରେମୁଣା ଫାଣ୍ଡି ଅଧୀନ ଦେବୀସାହି ଅଞ୍ଚଳର ଯୁବକ ସନ୍ତୋଷ ସିଂ (୪୦)ଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ତାଙ୍କ ଘର ଭିତରେ ମୃତଦେହ ପଡ଼ିଥିବା ଏବଂ ଦୁର୍ଗନ୍ଧ ହେଉଥିବା ଜାଣି ସ୍ଥାନୀୟ ଲୋକେ ମଙ୍ଗଳବାର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମୃତକଙ୍କ ସମ୍ପର୍କୀୟ ଓ ପଡ଼ୋଶୀ ମିଶି ଶେଷକୃତ୍ୟ ସମ୍ପନ୍ନ କରିଥିବା ଜଣାପଡ଼ିଛି। ସୂଚନା ଯେ, ସନ୍ତୋଷଙ୍କ ମା' ଓ ବାପା ଦୀର୍ଘଦିନରୁ ମୃତ୍ୟୁବରଣ କରିଛନ୍ତି। ସ୍ତ୍ରୀ ଛାଡ଼ପତ୍ର ଦେଇ ପିଲାଛୁଆଙ୍କୁ ନେଇ ଅନ୍ୟତ୍ର ରହୁଛନ୍ତି। ଦାରିଦ୍ର୍ୟତା କାରଣରୁ ସେ ଉପାସରେ ରହି ଦିନ ବିତାଉଥିବା ଗାଁ ଲୋକେ କହିଛନ୍ତି। ପ୍ରାୟ ୨ଦିନ ପୂର୍ବରୁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ଅନୁମାନ କରାଯାଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇଥିଲେ ସତ୍ୟାସତ୍ୟ ଜଣାପଡ଼ିଥାନ୍ତା। ପୋଲିସର ଏଭଳି ଦାୟିତ୍ୱହୀନତାକୁ ସାଧାରଣରେ ନାପସନ୍ଦ କରାଯାଇଛି।


## ୨୨୦ଗ୍ରାମ୍ ବ୍ରାଉନସୁଗାର ଜବତ,ଅଭିଯୁକ୍ତ ଗିରଫ

ବାଲେଶ୍ୱର,୨୭।୫(ବାଞ୍ଛାନିଧି ଦେ)- ବାଲେଶ୍ୱର ଅବକାରୀ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଖନ୍ତାପଡା ଥାନା ହିରାଟିକିରି ଗାଁରେ ମଙ୍ଗଳବାର ଚଢାଉ କରି ଜଣେ ବ୍ରାଉନସୁଗାର ବେପାରୀ ବିଜୟ କୁମାର ପଣ୍ଡାଙ୍କୁ ଗିରଫ କରିଛି। ତାଙ୍କଠାରୁ ୨୨୦ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି। ବ୍ୟବସାୟୀ ଜଣକ ବ୍ରାଉନସୁଗାର ଚାଲାଣ କରୁଥିବା ନେଇ ବିଭାଗ ପାଖରେ ଖବର ଥିଲା। ଜିଲା ଅବକାରୀ ଅଧୀକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ସଦର ରେଞ୍ଜ ଅବକାରୀ ଥାନା ଆଇଆଇସି ଦୀପ୍ତିମୟୀ ସାହୁ, ଓଆଇସି ପ୍ରଜ୍ଞା ପ୍ରିୟା ନାୟକ, ଓଆଇସି ଭବେଶ ଦାସ, ଏଏସ୍‌ଆଇ ଅନିକ କୁମାର ସାଠୁଆ ଓ କବିତା ସେନାପତି ପ୍ରମୁଖ ଉକ୍ତ ଅଞ୍ଚଳରେ ଚଢାଉ କରିଥିଲେ। ଏନେଇ ଏକ ମାମଲା (ନଂ.୩୦/୨୫-୨୬) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ଲୋକେ ପିଉଛନ୍ତି ଶିଉଳି ପାଣି
## ବିଛା ହେଉନି ନୂଆ ପାଇପ୍

**ଜଳେଶ୍ୱର, ୨୭।୫(ନବୀନ ସାହୁ)**

ଲୋକଙ୍କୁ ବିଶୁଦ୍ଧ ପାଣି ଯୋଗାଣ ପାଇଁ ସରକାରଙ୍କ ପକ୍ଷରୁ ବସୁଧା ଯୋଜନା କରାଯାଇଛି। ଏଥିପାଇଁ ଖର୍ଚ୍ଚ ହେଉଛି କୋଟି କୋଟି ଟଙ୍କା। ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଖୁଆଡ଼ ପଞ୍ଚାୟତରେ ୪ଟି ପ୍ରକଳ୍ପ ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ୪କୋଟି ୯୮ଲକ୍ଷ ୨୧ହଜାର ଟଙ୍କା ମଞ୍ଜୁର ହୋଇଥିଲା। ମହୁଡୁମା, କେନ୍ଦୁଖୁଣ୍ଟା, ମଥୁରଘେରା ଗ୍ରାମରେ ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ଖୁଆଡ଼ ଗ୍ରାମରେ ନୂତନ ପାଇପ ବିଛା କାର୍ଯ୍ୟ ହୋଇନାହିଁ। ଫଳରେ ଲୋକେ ଆଜି ବି ନଷ୍ଟ ହୋଇଯାଇଥିବା ଶିଉଳି ଲାଗିଥିବା ପ୍ଲାଷ୍ଟିକ ପାଇପ୍‌ରୁ ପାଣି ପିଉଛନ୍ତି। ଫଳରେ ବିଭିନ୍ନ ରୋଗରେ ପଡୁଛନ୍ତି। ତେଣୁ ଗ୍ରାମର ତପନ ସାହୁ, କମଳାକାନ୍ତ ପାତ୍ର, ସନତ ସାହୁ, ରାଜେନ୍ଦ୍ର ସାହୁ, ବ୍ରଜକିଶୋର ଗିରି, ଅଜିତ ଘୋଷ, ପଞ୍ଚାନନ ବେହେରା, ଜନ୍ମେଜୟ ସାହୁ ପ୍ରମୁଖ ଏନେଇ ଜେଇ ପ୍ରଦ୍ୟୁମ୍ନ ଦାସଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କାମ ସରି ନ ଥିବା ସେ କହିଛନ୍ତି। ଏପଟେ କାମ ସରିବାର ଅବଧି ୧ ବର୍ଷ ପାଇଁ ରହିଥିଲା, ଠିକାଦାର ସମୟ ଅବଧିରୁ କାମ ସାରି


ବସୁଧା ଯୋଜନାରେ ନିର୍ମାଣ ହୋଇଥିବା ଟାଙ୍କି।

ନ ପାରିବାରୁ ପୁଣି ୧ ବର୍ଷ ପାଇଁ ସମୟ ଅବଧି ବଢାଇ ଥିଲେ। କିନ୍ତୁ ତାହା ମଧ୍ୟ ସରିଯାଇଛି କିନ୍ତୁ ପ୍ରକଳ୍ପ ଆରମ୍ଭ ହୋଇନି। ବର୍ତ୍ତମାନ ସମୟରେ ଡହଡ଼ହ ଖରା ସାଙ୍ଗକୁ ପ୍ରବଳ ଗୁଳୁଗୁଳି। ତେଣୁ ତୁରନ୍ତ ନୂତନ ପାଇପ ଲାଇନ ବିଛାଇ ବିଶୁଦ୍ଧ ପାଣି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଏ ନେଇ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଶେଷନାଗ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରକଳ୍ପ ଆରମ୍ଭ ହୋଇନାହିଁ ବୋଲି ମୁଁ ଜାଣି ନ ଥିଲି। ଏନେଇ ପ୍ରକଳ୍ପ କରୁଥିବା ଠିକାଦାରଙ୍କ ବିରୋଧରେ ନୋଟିସ୍ କରାଯିବ ଏବଂ ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ।

# ରାସ୍ତା ଅବସ୍ଥା ଶୋଚନୀୟ

**ବାଲିଆପାଳ, ୨୭।୫(ଅମୂଲ୍ୟ କୁମାର ଦାସ)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ମୁଖ୍ୟରାସ୍ତାରୁ ଦେଭୋଗ ପଞ୍ଚାୟତ ଘାଣ୍ଟିଆଡି ଆଦିବାସୀ ସାହିକୁ ପାଖାପାଖି ୩ କି.ମି. ରାସ୍ତା ଦୟନୀୟ ଅବସ୍ଥାରେ ରହିଛି। ଗ୍ରାମରେ ୧୨୦ ପରିବାର ରହୁଥିବା ବେଳେ ଦୀର୍ଘବର୍ଷ ଧରି ରାସ୍ତାରେ ମାଟି କିମ୍ବା ମୋରମ୍ ନ ପଡ଼ିବାରୁ ରାସ୍ତାଟି ଖାଲଖମାରେ ପରିଣତ ହୋଇଛି। ଗ୍ରାମବାସୀ କୌଣସି ଜରୁରୀକାଳୀନ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଉକ୍ତ ଅଞ୍ଚଳ ବନ୍ୟା ଅଞ୍ଚଳ ହୋଇଥିବାରୁ ଗ୍ରାମବାସୀ ବାରମ୍ବାର ନେତୃମଣ୍ଡଳୀ, ପ୍ରଶାସନ ନିକଟରେ ଗୁହାରି କରି ନିରାଶ ହୋଇଛନ୍ତି।



ପ୍ରତିଥର ନିର୍ବାଚନ ଆସିଲେ ନେତୃମଣ୍ଡଳୀ ପ୍ରତିଶ୍ରୁତି ଦିଅନ୍ତି। ହେଲେ ନିର୍ବାଚନ ସରିଲେ ସବୁ ଭୁଲି ଯାଆନ୍ତି। ତେବେ ରାସ୍ତା ସମସ୍ୟାକୁ ଦୂର କରିବାକୁ ଅଣ୍ଟା ଭିଡ଼ିଛନ୍ତି ଗ୍ରାମବାସୀ। ୭ଦିନ ମଧ୍ୟରେ ରାସ୍ତା ସମସ୍ୟା ଦୂର ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ୍ୟ ହେବେ ବୋଲି ଗ୍ରାମର ବେଣୁଧର ଜେନା, ଅଜିତ କୁମାର ସି, ମୁନା ଧଳ, ନରୋତ୍ତମ ଜେନା, ନବ କୁମାର ଜେନା, ପିତାମ୍ବର ଦାସ, ଆସିକେତ ଦାଶମହାପାତ୍ର, ଜ୍ଞାନରଞ୍ଜନ ଜେନା ଓ ଶ୍ରୀହରି ଧଳ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ହାତଗୋଡ଼ ବାନ୍ଧି ଡକାୟତି ଘଟଣା: ଆଉ ୨ ଗିରଫ

**ସୋର, ୨୭।୫(ଜନ୍ମେଜୟ ମିଶ୍ର)**

ସୋର ଥାନା ଟେଣ୍ଟେଇ ପଞ୍ଚାୟତ ଦୟାନିଧିପୁର ଗ୍ରାମରେ ହାତଗୋଡ଼ ବାନ୍ଧି ଗୁଳି ଫୁଟାଇ ଡକାୟତି ଘଟଣାରେ ପୋଲିସ ଅନ୍ୟ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ୨୧ତାରିଖ ବିଳମ୍ବିତ ରାତିରେ ରବୀନ୍ଦ୍ର ନାୟକଙ୍କ ଘରେ ୮ ଜଣ ଦୁର୍ବୃତ୍ତ ପଶି ପରିବାର ଲୋକଙ୍କ ହାତ ଗୋଡ଼ ବାନ୍ଧି ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କାର ଗହଣା ସମେତ ନଗଦ ୫୦ ହଜାର ଟଙ୍କା ଲୁଟି ନେଇଥିଲେ। ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ଦୁଇ ପଡୋଶୀ ଗୁରୁତର ଆହତ ହୋଇଥିଲେ। ଏହି ଘଟଣା ପରେ ବାଲେଶ୍ୱର ଏସ୍‌ପି ରାଜ ପ୍ରସାଦ ଏକ ଟିମ୍ ଗଠନ କରି ମୁଖ୍ୟ ଅଭିଯୁକ୍ତ ଭଦ୍ରକ ଜିଲା ବାସୁଦେବପୁର ଥାନା ଆଳାବାଗ ଗ୍ରାମର ମନୋରଞ୍ଜନ ପାଣିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ପୋଲିସ ଅନ୍ୟ ୨ ଅଭିଯୁକ୍ତ କୁରୁଢ଼ା ଗ୍ରାମର ଅଜୟ କୁମାର ମହାନ୍ତି ଏବଂ ଚରମ୍ପା ଅଞ୍ଚଳର ବିଶ୍ୱନାଥ ଧଡ଼ାଙ୍କୁ ଗିରଫ କରି ମଙ୍ଗଳବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଛି।

# ଅଧିକାରୀ ଶୂନ୍ୟ ବାଲିଆପାଳ
## ବିଡିଓ, ତହସିଲଦାରଙ୍କ ସମେତ ବହୁ ପଦବୀ ଫାଙ୍କା

**କାଳିପଦା, ୨୭।୫(ରାଜଶ୍ରୀ ପାଣିଗ୍ରାହୀ)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଏବେ ଅଧିକାରୀ ଶୂନ୍ୟ ହୋଇପଡ଼ିଛି। ରାଜ୍ୟରେ ନୂଆ ସରକାର ଆସିବା ପରେ ଗ୍ରାମାଞ୍ଚଳରେ ତ୍ୱରିତ ବିକାଶ ଲାଗି ଗୁରୁତ୍ୱ ଦିଆଯାଉଥିବା ବେଳେ ବିଭିନ୍ନ ଅଧିକାରୀଙ୍କ ପଦବୀ ଖାଲି ପଡ଼ିବା ବିକାଶରେ ବାଧକ ସାଜିଛି। ଫଳରେ ଲୋକଙ୍କ ମୌଳିକ ସମସ୍ୟା ଦୂରୀକରଣରେ ସମସ୍ୟା ଉପୁଜିଛି।

୨୮ ଟି ପଞ୍ଚାୟତକୁ ନେଇ ବାଲିଆପାଳ ବ୍ଲକ ଗଠିତ। ଏହି ବ୍ଲକ ଉପରେ ପାଖାପାଖି ୨ ଲକ୍ଷରୁ ଅଧିକ ଲୋକ ନିର୍ଭର କରିଥାନ୍ତି। ମାତ୍ର ବାଲିଆପାଳ ବ୍ଲକରେ ଦୀର୍ଘ ତିନିମାସ ଧରି ସ୍ଥାୟୀ ବିଡିଓ ପଦବୀ ଫାଙ୍କା ପଡ଼ିଥିବାରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଆଗେଇ ପାରୁନି। ଗତ ଫେବୃଆରୀ ୨୮ରେ ବିଡିଓ ପୁନମ ରାଉତଙ୍କ ବଦଳି ପରେ ଫେବୃୟାରୀ ୨୯ରୁ ମାର୍ଚ୍ଚ ୨୧ପର୍ଯ୍ୟନ୍ତ ଭୋଗରାଇ ବିଡିଓ ପ୍ରଶାନ୍ତ ବେହେରାଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପରେ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ତହସିଲଦାର ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀଙ୍କୁ ମାର୍ଚ୍ଚ ୨୨ରୁ ଦାୟିତ୍ୱ ଦିଆଯାଇଥିଲା। ମାତ୍ର ସେଠୀଙ୍କୁ ବାଲେଶ୍ୱର ଜିଲାପାଳ ଚଳିତମାସ ୨୭ତାରିଖରେ ରିଲିଭ କରିଦେବାରୁ




ଏବେ ବାଲିଆପାଳ ବ୍ଲକ ଅଧିକାରୀ ଶୂନ୍ୟ ହୋଇପଡ଼ିଛି। ଇତିମଧ୍ୟରେ ଅତିରିକ୍ତ ତହସିଲଦାର ସୁବ୍ରତ କୁମାର ପାତ୍ର ମଧ୍ୟ ବଦଳି ହୋଇଯାଇଛନ୍ତି। ଏହାବ୍ୟତୀତ ସବ୍‌ରେଜିଷ୍ଟ୍ରାର ପଦବୀ ଦୀର୍ଘଦିନ ଧରି ଫାଙ୍କା ପଡ଼ିଛି। ତହସିଲଦାର, ବିଡିଓ, ଅତିରିକ୍ତ ତହସିଲଦାର ଏବଂ ସବରେଜିଷ୍ଟ୍ରାର ପଦବୀରେ କେବଳ ଜଣେ ଅଫିସର ଦାୟିତ୍ୱ ନିର୍ବାହ କରୁଥିବାରୁ ଲୋକେ ନାହିଁନ ଥିବା ହଇରାଣ ହେଉଛନ୍ତି। ବ୍ଲକର ଉପାନ୍ତ ଅଞ୍ଚଳ କୁସ୍ତୁଳି, ବୋଳଂ, ଜମ୍ବୀରାଇ, ଚଉମୁଖ ଅଞ୍ଚଳରୁ ହଜାର ହଜାର ସଂଖ୍ୟାର ଲୋକେ ବ୍ଲକକୁ ଆସି କାମ କରି ନ ପାରି ଅଧିକ ଖର୍ଚ୍ଚାନ୍ତ ହେବା ସହ ନିରାଶ ହୋଇ ଘରକୁ ଫେରୁଛନ୍ତି। ଭତ୍ତା, ରାଶନ, ଅନ୍ତ୍ୟୋଦୟ ଗୃହ, ପ୍ରଧାନମନ୍ତ୍ରୀ ଆବାସ, ବିବାହ ପ୍ରମାଣପତ୍ର, ମହାତ୍ମାଗାନ୍ଧୀ କର୍ମନିଯୁକ୍ତି ଯୋଜନା ଭଳି ପ୍ରମୁଖ ମୁଖ୍ୟ ମୌଳିକ ସମସ୍ୟା ସମାଧାନ ହେବାରେ ବାଧା ଉପୁଜୁଛି। ତେବେ ବାଲିଆପାଳ ବ୍ଲକରେ ବିଡିଓ , ଅତିରିକ୍ତ ତହସିଲଦାର, ସବରେଜିଷ୍ଟ୍ରାର ନିଯୁକ୍ତି ପାଇଁ ଭାରତୀୟ ପୂର୍ବତନ ସୈନିକ ସଙ୍ଗଠନ, ବାଲିଆପାଳ ସ୍ୱାଭିମାନ ମଞ୍ଚ, ସୂଚନା ଅଧିକାର, ବାଘାଯତୀନ ସ୍ମୃତି ପରିଷଦ, ବରିଷ୍ଠ ନାଗରିକ ମଞ୍ଚ, ଶ୍ରଦ୍ଧାକ୍ଷେତ୍ର ବାଣିଜ୍ୟ ସଙ୍ଗଠନ ସହିତ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି।

# 'ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ସଂସ୍କୃତକୁ ପ୍ରାଧାନ୍ୟ ଦିଆଯାଉ'
## ଏଫ୍‌ଏମ୍‌ୟୁରେ ପ୍ରାଚ୍ୟ ବିଦ୍ୟା ସମ୍ମିଳନୀ ଉଦ୍‌ଘାଟିତ

**ବାଲେଶ୍ୱର, ୨୭।୫(ବାଞ୍ଛାନିଧି ଦେ)**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ପୂର୍ବଭାରତୀୟ ପ୍ରାଚ୍ୟ ବିଦ୍ୟା ସମ୍ମିଳନୀର ପଞ୍ଚମ ସଂସ୍କରଣ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ, କେନ୍ଦ୍ରୀୟ ସଂସ୍କୃତ ବିଭାଗ ନୂଆଦିଲ୍ଲୀ ଓ ପୂର୍ବଭାରତୀୟ ପ୍ରାଚ୍ୟ ବିଦ୍ୟା ସମ୍ମିଳନୀର ମିଳିତ ସହଯୋଗରେ ଏହି ୩ଦିନିଆ ସମ୍ମିଳନୀ ଆୟୋଜିତ ହୋଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି ଉତ୍ସବରେ ଅଧ୍ୟକ୍ଷତା କରି ସଂସ୍କୃତର ସୁଦୂର ପ୍ରସାରୀ ଲକ୍ଷ୍ୟ ଓ ଏ ଦିଗରେ ବିଶ୍ୱବିଦ୍ୟାଳୟର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରାଚ୍ୟ ବିଦ୍ୟା ସମ୍ମିଳନୀର ସଭାପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଯୋଗଦେଇ ପ୍ରତ୍ୟେକ ଶିକ୍ଷାନୁଷ୍ଠାନରେ ସଂସ୍କୃତ



ଅତିଥିଙ୍କ ଦ୍ୱାରା ସ୍ମରଣିକା ଉନ୍ମୋଚନ କରାଯାଉଛି।

ବିଷୟକୁ ପ୍ରାଧାନ୍ୟ ଦିଆଯିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ହରେକୃଷ୍ଣ ଶତପଥୀ ଉତ୍କଳୀୟ ପରମ୍ପରାର ବିଶ୍ୱ-ଦର୍ଶନ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସ୍ୱାଗତଭାଷଣ, ପ୍ରଫେସର ଅରୁଣ ରଞ୍ଜନ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂସ୍କୃତ ବିଭାଗର ସଂଯୋଜକ ପ୍ରଫେସର ଦେବାଶିଷ ପାତ୍ର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସମ୍ମିଳନୀର ସମ୍ପାଦକ ପ୍ରଫେସର ହରେକୃଷ୍ଣ ମିଶ୍ର ଧନ୍ୟବାଦ ଦେଇଥିଲେ। ସେହିପରି ସମ୍ମିଳନୀର ବୈଷୟିକ ଅଧିବେଶନରେ ସମ୍ମାନନୀୟ ଅତିଥି ଭାବେ ପ୍ରଫେସର ବ୍ରଜକିଶୋର ସ୍ୱାଇଁ, ପ୍ରଫେସର ଅରୁଣ ରଞ୍ଜନ ମିଶ୍ର, ପ୍ରଫେସର କ୍ଷିତିଶ୍ୱର ଦାଶ, ପ୍ରଫେସର କରୁଣାକର ଦାସ, ଡ. କୁମାରଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ଶ୍ରୀଧରସ୍ୱାମୀ, ବଳଦେବ ବିଦ୍ୟାଭୂଷଣଙ୍କ ସାହିତ୍ୟ କୃତି ସମ୍ପର୍କରେ ଚର୍ଚ୍ଚା କରିଥିଲେ। ଅଧ୍ୟାପକ ଡ. ଦେବାଶିଷ ମିଶ୍ର ଓ ଅଧ୍ୟାପକ ପ୍ରୀତିରଞ୍ଜନ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶତାଧିକ ଗବେଷଣାରତ ଛାତ୍ରୀଛାତ୍ର ଏହି ସମ୍ମିଳନୀରେ ଅଂଶଗ୍ରହଣ କରିଛନ୍ତି।



# ତଳି ପଟାଳିରେ ସାର ପ୍ରୟୋଗ

ପନିପରିବା ତଳି ପଟାଳିରେ ସାର ପ୍ରୟୋଗ ପୂର୍ବରୁ ତଳିପଟିକୁ ସ୍ୱଚ୍ଛ ଜରି ଢାଙ୍କି ଚତୁଃପାର୍ଶ୍ୱ ନିବୁଜ କରି ଦୁଇ ଦିନ ଛାଡ଼ିଦେଲେ ସୂର୍ଯ୍ୟାଲୋକ ଦ୍ୱାରା ଏହା ବିଶୋଧିତ ହୋଇଯାଏ। ତଳି ପଟାଳିକୁ କାର୍ବେଣ୍ଡାଜିମ୍ ୨ଗ୍ରାମ୍‌କୁ ୧ ଲିଟର ଦ୍ରବଣରେ ବିଶୋଧନ କରିଦେବା ଭଲ କିମ୍ବା ୩-୫ ପ୍ରତିଶତ ଫର୍ମାଲିନ୍ ଦ୍ରବଣ ସିଞ୍ଚନ କରି ସ୍ୱଚ୍ଛ ଜରିରେ ଘୋଡ଼େଇବାର ୪-୫ ଦିନ ପରେ ବିହନ ବୁଣନ୍ତୁ । ଏହା ପରିବର୍ତ୍ତେ ତଳି ପଟାଳି ଉପରେ ଶୁଖିଲା ଘାସ ରଖି ପୋଡ଼ିଦେଲେ ମଧ୍ୟ ମାଟି ବିଶୋଧନ ହୋଇଥାଏ । ତଳିଘରାରୁ ପାଣି ନିଗିଡ଼ି ଯିବା ପାଇଁ ପଟାଳି ମଝିରେ ନାଳିର ବ୍ୟବସ୍ଥା କରନ୍ତୁ । ତଳିଘରା ପ୍ରସ୍ତୁତ ହୋଇଗଲା ପରେ ମାଟିରେ ୨ ଇଞ୍ଚ ବ୍ୟବଧାନରେ ଗାର ଟାଣି ମଞ୍ଜିକୁ ଗୋଟି ଗୋଟି କରି ଧାଡ଼ିରେ ବୁଣନ୍ତୁ । ତା' ଉପରେ ଶୁଖିଲା ଗୁଣ୍ଡମାଟି ଘୋଡ଼ାଇ ଦିଅନ୍ତୁ ଓ ନଡ଼ା କିମ୍ବା ଶୁଖିଲା ପାଳ ଘୋଡ଼ାଇ ଦେଲେ ଚଞ୍ଚଳ ଗଜା ହୋଇଥାଏ । ମଞ୍ଜି ଗୁଡ଼ିକ ଲଗାଇବା ପୂର୍ବରୁ କିଲୋପ୍ରତି ୨ ଗ୍ରାମ୍ ବାଭିଷ୍ଟିନ୍ ବା ୩ ଗ୍ରାମ୍ ଥିରାମ୍ ମିଶାଇ ବିଶୋଧନ କରି ଲଗାନ୍ତୁ । ଝରାରେ ପାଣି ଦିଅନ୍ତୁ । ଟାଣଖରା ଓ ବର୍ଷାଦାଉରୁ ଛୋଟ ଚାରାକୁ ରକ୍ଷା କରିବା ପାଇଁ ପଟାଳିକୁ ଜରି ଘର ମଧ୍ୟରେ କରନ୍ତୁ। ବାଇଗଣ, ବିଲାତି ବାଇଗଣ, ଲଙ୍କା ଇତ୍ୟାଦି ଫସଲର ଚାରା ଉତାରି ଲଗାଯାଉଥିବା ବେଳେ କଖାରୁ ଜାତୀୟ ଫସଲଗୁଡ଼ିକ ସିଧାସଳଖ ମୂଳ ଜମିରେ ଲଗାଯାଇଥାଏ। ପନିପରିବା ଚାଷ ସମୟରେ ତଳିଘରା ପ୍ରସ୍ତୁତ କରିବା ପାଇଁ ପ୍ରଥମେ ମାଟିକୁ ଗୁଣ୍ଡ ଚାଷ କରି ସେଥିରୁ ଘାସ ଲଟା ଆଦି ବାଛି ୧ ମି. ଓସାର, ୩ ମି. ଲମ୍ବ ଓ ୧୨-୧୫ ସେ.ମି. ଉଚ୍ଚତା ବିଶିଷ୍ଟ ତଳିଘରା ପ୍ରସ୍ତୁତ କରନ୍ତୁ । ପ୍ରତି ତଳିଘରାରେ ୫ ଝୁଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟକୁ ଗୁଣ୍ଡ କରି ମିଶାଇ ଦିଅନ୍ତୁ । ଏଥିସହିତ ୧୫୦ ଗ୍ରାମ୍ ସୁପର୍ ଫସ୍‌ଫେଟ୍ ମଧ୍ୟ ପ୍ରୟୋଗ କରନ୍ତୁ ।



# ସମନ୍ୱିତ ପୋକ ପରିଚାଳନା

ବାଇଗଣରେ ଫଳ ଓ କାଣ୍ଡବିନ୍ଧା ପୋକର ଦମନ ଲାଗି ସମନ୍ୱିତ ପୋକ ପରିଚାଳନା ପଦ୍ଧତି ଅନୁସାରେ ଏକର ପ୍ରତି ୨୦,୦୦୦ଟ୍ରାଇକୋଗ୍ରାମା ପରାଶ୍ରୟୀ କୀଟ ଛାଡ଼ନ୍ତୁ କିମ୍ବା ୩୦୦ପିପିଏମ୍ ନିମ୍ବଜାତ କୀଟନାଶକକୁ ଏକର ପ୍ରତି ୧ ଲିଟର ହିସାବରେ ପ୍ରୟୋଗ କରନ୍ତୁ ଅଥବା ପ୍ରତି ଲିଟର ପାଣିରେ ୫ ଗ୍ରାମ୍ କାର୍ବାରିଲ ମିଶାଇ ସିଞ୍ଚନ କରନ୍ତୁ। କଖାରୁ ଜାତୀୟ ଫସଲରେ ଲାଲ ଓ କଳା କଖାରୁ ଭୃଙ୍ଗ ଦମନ ପାଇଁ ଏକର ପ୍ରତି ୮୦୦ଗ୍ରାମ୍ ହିସାବରେ କାର୍ବାରିଲ ପ୍ରୟୋଗ କରନ୍ତୁ। ଲଙ୍କାମରିଚ ଫସଲରେ ପତ୍ରମୋଡା ଦେଖାଗଲେ ଏହାର ଦମନ ସକାଶେ ପ୍ରତି ଲିଟର ପାଣିରେ ୨ ମିଲି ଆବାମେକ୍ଟିନ୍(୧.୯%) କିମ୍ବା ୧.୫ରୁ ୨ ମିଲି ଇଥିଅନ୍ ମିଶାଇ ପତ୍ର ସିଞ୍ଚନ କରନ୍ତୁ। ଝୁଡଙ୍ଗ ଫସଲରେ ଜଉପୋକର ଆକ୍ରମଣ ଦେଖାଗଲେ ଏକର ପ୍ରତି ୫୦ମିଲି ଇମିଡାକ୍ଲୋପ୍ରିଡ୍ ୨୦୦ଲିଟର ପାଣିରେ ମିଶାଇ ପତ୍ର ସିଞ୍ଚନ କରନ୍ତୁ ଏବଂ ଏହାର ୭ଦିନ ପରେ ଫସଲ ଅମଳ କରନ୍ତୁ।

# ଅଧିକ ଅମଳକ୍ଷମ ଚିନାବାଦାମ ପାଇଁ...

ଚିନାବାଦାମ ଜମିରୁ ପାଣି କାଟି ଦିଅନ୍ତୁ । କାରଣ ଏହି ଜମିରେ ପାଣି ଜମି ରହିଲେ ଚେର ଯବକ୍ଷାରଜାନ ପାଏ ନାହିଁ । ଚେରର ଭାତୁଡ଼ିଗୁଡ଼ିକ ନଷ୍ଟ ହୋଇଯାଏ। ଭଲ ବାଦାମ ଧରେ ନାହିଁ। ତେଣୁ ଜମିରୁ ଜଳ ନିଷ୍କାସନ ନିହାତି କରିବା ଦରକାର। ଟିକାରୋଗ ପାଇଁ ମାଙ୍କୋଜେବ୍ (୩ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ) କିମ୍ବା କ୍ଲୋରୋଥାଲୋନିଲ୍ (୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ) ସିଞ୍ଚନ କରନ୍ତୁ। ମୂଳଶଢ଼ା ରୋଗ ଲାଗିଲେ ମେଟାଲାକ୍‌ସିଲ୍ ସହ ମାଙ୍କୋଜେବ୍‌କୁ ୨ ଗ୍ରାମ୍ ପ୍ରତି ୧ ଲିଟର ପାଣିରେ ମିଶାଇ ଚିନାବାଦାମ ଫସଲରେ ସିଞ୍ଚନ କରନ୍ତୁ । ବର୍ଷା କମ୍ ଥିବା ଅଞ୍ଚଳରେ ଉଇ ଲାଗିଥିଲେ ଏହାର ଦମନ ପାଇଁ ପ୍ରତି ଲିଟର ପାଣିରେ ୫ ମି.ଲି. ହିସାବରେ କ୍ଲୋରୋପାଇରିଫସ୍ ୨୦ ଇ.ସି. ମିଶାଇ ଗଛ ମୂଳରେ ସିଞ୍ଚନ କରନ୍ତୁ, ଯେପରି କି ମାଟି ଭଲ ଭାବରେ ଭିଜିପାରିବ।



# ମାଛ ଚାଷରେ ଖତ ସାର ପ୍ରୟୋଗ

"ଯାଆଁଳ ଛାଡ଼ିବାର ଏକଦିନ ପୂର୍ବରୁ କୀଟପତଙ୍ଗ ନିୟନ୍ତ୍ରଣ କରାଯାଇଥାଏ। ଏହି କାର୍ଯ୍ୟ ପାଇଁ ଏକର ପିଛା ୬ କିଗ୍ରା ସାବୁନ୍‌କୁ ୨୨ ଲିଟର ସୋରିଷ ତେଲ ସହିତ ଫେଣ୍ଟି ପୋଖରୀରେ ସ୍ପ୍ରେ କରାଯାଏ। ଏହା ବଦଳରେ ଏକର ପିଛା ୨୦ ଲିଟର କିରୋସିନ୍ ତେଲ ସ୍ପ୍ରେ କରାଯାଏ କିମ୍ବା ଏକର ପିଛା ୩୦ ଲିଟର ଡିଜେଲକୁ ୬୦୦ ମିଲି ତରଳ ସାବୁନ୍ ବା ତିନି କିଗ୍ରା ଡିଟରଜେଣ୍ଟ ପାଉଡର ସହିତ ମିଶାଇ ସ୍ପ୍ରେ କରାଯାଏ। କୀଟପତଙ୍ଗ ନିୟନ୍ତ୍ରକ ପ୍ରୟୋଗ କରାଯିବା ପରେ ପୋଖରୀକୁ ପରିଷ୍କାର କରିବା ପାଇଁ ଦୁଇ ଥର ଜାଲ ପକାଇ ମୃତ କୀଟପତଙ୍ଗଗୁଡ଼ିକୁ ବାହାର କରିଦିଆଯାଏ।"



ମାଛ ଚାଷ କରୁଥିବା ପୋଖରୀରେ ଚୂନ ପ୍ରୟୋଗ କରାଯିବାର ୫-୭ ଦିନ ପରେ ସାଧାରଣତଃ ଖତ ପ୍ରୟୋଗ କରାଯାଏ। ଖତ ପ୍ରୟୋଗ କରିବାର ପ୍ରକାରକୁ ନେଇ ତିନି ପ୍ରକାର ପଦ୍ଧତି ଲାଭଜନକ ସାବ୍ୟସ୍ତ ହୋଇଥାଏ। ତେବେ ଗଚ୍ଛିତ ରଖିଥିବା ଘନତ୍ୱ ଏବଂ ଯାଆଁଳ ଅମଳର ପରିମାଣ ଓ ଆୟ ଅଲଗା ଅଲଗା ହୋଇଥାଏ। ତେବେ ସେହି ତିନି ପ୍ରକାର ପଦ୍ଧତିଗୁଡ଼ିକ ହେଲା–

(୧) ପାରମ୍ପରିକ ପଦ୍ଧତି
(୨) ପର୍ଯ୍ୟାୟଭିତ୍ତିକ ଖତସାର ପ୍ରୟୋଗ ପଦ୍ଧତି
(୩) ତୁରନ୍ତ/ତତ୍କାଳ ଖତସାର ପ୍ରୟୋଗ ପଦ୍ଧତି।

**ପାରମ୍ପରିକ ପଦ୍ଧତି**

ଯାଆଁଳ ଛାଡ଼ିବାର ୧୫ଦିନ ପୂର୍ବରୁ ପ୍ରତି ଏକର ଜଳରାଶି ଏବଂ ଏକ ମିଟର ଗଭୀରତା ବିଶିଷ୍ଟ ପୋଖରୀ ପାଇଁ ୪ ଟନ୍ କଞ୍ଚା ଗୋବର ଏବଂ ଯାଆଁଳ ଛଡ଼ାଯିବାର ୭ ଦିନ ପରେ ସ୍ଥାୟୀ ପ୍ଲାଙ୍କଟନ୍ ଉତ୍ପାଦନ ପାଇଁ ଏକର ପିଛା ୨ ଟନ୍ ହିସାବରେ ପ୍ରୟୋଗ କରାଯାଏ। ମହୁଲ ପିଡିଆ ପ୍ରୟୋଗ କରାଯାଇଥିବା ପୋଖରୀ କ୍ଷେତ୍ରରେ ପ୍ରାରମ୍ଭିକ ପରିମାଣ ଏକର ପିଛା ୨ ଟନ୍‌କୁ କମାଇ ଦିଆଯାଏ। କଞ୍ଚା ଗୋବର ପରିବର୍ତ୍ତେ ଯଦି କୁକୁଡ଼ା ଖତ ପ୍ରୟୋଗ କରାଯିବ, ତେବେ ପରିମାଣକୁ କଞ୍ଚା ଗୋବରର ଅଧାକୁ କମାଇ ଦିଆଯାଏ।

**କୀଟପତଙ୍ଗ ନିୟନ୍ତ୍ରଣ**

ଯାଆଁଳ ଛାଡ଼ିବାର ଏକ ଦିନ ପୂର୍ବରୁ କୀଟପତଙ୍ଗ ନିୟନ୍ତ୍ରଣ କରାଯାଇଥାଏ। ଏହି କାର୍ଯ୍ୟ ପାଇଁ ଏକର ପିଛା ୬ କିଗ୍ରା ସାବୁନ୍‌କୁ ୨୨ ଲିଟର ସୋରିଷ ତେଲ ସହିତ ଫେଣ୍ଟି ପୋଖରୀରେ ସ୍ପ୍ରେ କରାଯାଏ। ଏହା ବଦଳରେ ଏକର ପିଛା ୨୦ ଲିଟର କିରୋସିନ୍ ତେଲ ସ୍ପ୍ରେ କରାଯାଏ କିମ୍ବା ଏକର ପିଛା ୩୦ ଲିଟର ଡିଜେଲକୁ ୬୦୦ ମିଲି ତରଳ ସାବୁନ୍ ବା ତିନି କିଗ୍ରା ଡିଟରଜେଣ୍ଟ ପାଉଡର ସହିତ ମିଶାଇ ସ୍ପ୍ରେ କରାଯାଏ। କୀଟପତଙ୍ଗ ନିୟନ୍ତ୍ରକ ପ୍ରୟୋଗ କରାଯିବା ପରେ ପୋଖରୀକୁ ପରିଷ୍କାର କରିବା ପାଇଁ ଦୁଇ ଥର ଜାଲ ପକାଇ ମୃତ କୀଟପତଙ୍ଗଗୁଡ଼ିକୁ ବାହାର କରିଦିଆଯାଏ।

**ଯାଆଁଳ ଛାଡ଼ିବା କାର୍ଯ୍ୟ**

ପୋଖରୀରେ ତାପମାତ୍ରା କମ୍ ଥିବା ସମୟରେ ଯାଆଁଳ ଛଡ଼ାଯିବା ଦରକାର। ବିଶେଷକରି ସକାଳ ବେଳା ଥଣ୍ଡା ପାଗରେ ଏହା କଲେ ଭଲ। ଏକର ପିଛା ୨୦-୩୦ ଲକ୍ଷ ପର୍ଯ୍ୟନ୍ତ ଯାଆଁଳ ଛଡ଼ାଯାଇଥାଏ। ବିକ୍ରୟ କରିବା ଦୃଷ୍ଟିରୁ ଗୋଟିଏ ପୋଖରୀରେ ବହୁବିଧ ପ୍ରଜାତିର ଯାଆଁଳ ଛାଡ଼ିବା ଅପେକ୍ଷା ଗୋଟିଏ ପ୍ରଜାତିର ଚାଷ ଅତ୍ୟନ୍ତ ଭଲ।

**ଖାଦ୍ୟ**

ଯାଆଁଳମାନଙ୍କ ପାଇଁ ୧:୧ ଅନୁପାତରେ ଗୁଣ୍ଡ ବାଦାମ ପିଡ଼ିଆ ଏବଂ କାଣ୍ଡିଆକୁଣ୍ଡା କିମ୍ବା ଧାନଗୁଣ୍ଡ ପ୍ରୟୋଗ କରାଯିବା ଆବଶ୍ୟକ।

**ପରିମାଣ**

ଯାଆଁଳଙ୍କ ପାଇଁ ଖାଦ୍ୟ ପକାଉଥିଲେ ପ୍ରଥମ ପାଞ୍ଚ ଦିନ ଶରୀର ଓଜନ ଅନୁଯାୟୀ ୪ ଗୁଣ ବା ୬୦୦ ଗ୍ରାମ/ଏକ ଲକ୍ଷ/ପ୍ରତିଦିନ (ଯାଆଁଳ ଓଜନ ୧.୪-୧.୬ ଏମ୍‌ଜି ହୋଇଥିଲେ) ଏବଂ ପରବର୍ତ୍ତୀ ୧୦ ଦିନ ପର୍ଯ୍ୟନ୍ତ ପ୍ରାରମ୍ଭିକ ଓଜନର ଆଠ ଗୁଣ ଅର୍ଥାତ୍ ୧୨୦୦ ଗ୍ରାମ/ଏକଲକ୍ଷ/ପ୍ରତିଦିନ ଭାବରେ ଦିଆଯିବା ଉଚିତ।

**ଯାଆଁଳଙ୍କୁ ଖାଦ୍ୟ ଦେବା ସମୟ**

ସାଧାରଣତଃ ଯାଆଁଳମାନଙ୍କୁ ସକାଳେ ଏବଂ ସନ୍ଧ୍ୟାରେ ଖାଦ୍ୟ ଦିଆଯାଇଥାଏ। ପୋଖରୀରେ ଶିଉଳି ଦେଖାଦେଲେ ଖାଦ୍ୟ ଖାଇବାକୁ ଦିଆଯିବ ନାହିଁ।

**ଅମଳ**

ଯାଆଁଳ ଛାଡ଼ିବାର ୧୫ ଦିନ ପରେ ସେଗୁଡ଼ିକ ପ୍ରାୟ ୨୦-୩୦ ମିଲିମିଟର ଆକାରର ହୋଇଯାଆନ୍ତି। ସେହି ସମୟରେ ସେମାନଙ୍କର ଓଜନ ୦.୧୫ଗ୍ରାମରୁ ୦.୨୦ ଗ୍ରାମ ହୋଇଥାଏ। ସେମାନଙ୍କୁ ୧/୮ ଇଞ୍ଚ ଫାଳ ବିଶିଷ୍ଟ ଯାଆଁଳ ଧରା ଭିଡ଼ା ଜାଲ ସାହାଯ୍ୟରେ ପ୍ରତିପାଳନ (ନର୍ସରୀ ପୋଖରୀ) ପୋଖରୀରେ ପାଳନ ପାଇଁ ରଖାଯାଏ। ସ୍ୱନ୍‌ରୁ ଯାଆଁଳ ବଞ୍ଚିବାର ହାର ୨୫ ପ୍ରତିଶତରୁ ୩୦ ପ୍ରତିଶତ ପର୍ଯ୍ୟନ୍ତ ହୋଇଥାଏ। ତେଣୁ ୨୦-୩୦ ଲକ୍ଷ ଯାଆଁଳ ଗଚ୍ଛିତ ରଖାଗଲେ ୧୫ ଦିନ ପରେ ୬-୯ ଲକ୍ଷ ପର୍ଯ୍ୟନ୍ତ ଯାଆଁଳ ଅମଳ କରାଯାଇପାରିବ।

**ପର୍ଯ୍ୟାୟଭିତ୍ତିକ ଖତସାର ପ୍ରୟୋଗ ପଦ୍ଧତି**

ପାରମ୍ପରିକ ପଦ୍ଧତିରେ ଠିକ୍ ସମୟରେ ମାଛ ବିହନ (ସ୍ୱନ୍) ମିଳିବା ଏକ ପ୍ରମୁଖ ସମସ୍ୟା ରୂପେ ଦେଖାଦେଇଥାଏ। ଏପରି ଅସୁବିଧାକୁ ଏଡାଇବା ପାଇଁ ଓ ଭଲ ଅମଳ ପାଇବା ନିମନ୍ତେ ନିମ୍ନଲିଖିତ ପଦ୍ଧତି ଅନୁସରଣ କରାଯାଇପାରେ। (କ୍ରମଶଃ...)

–ଡା. ମାନସ ରଞ୍ଜନ ପଟ୍ଟନାୟକ, ଅଧକ୍ଷ, ଓୟୁଏଟି, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର
–ଦିଲୀପ କୁମାର ସାହୁ, ଅଧ୍ୟାପକ, ବହୁବୃତ୍ତି କୃଷି ବୈଷୟିକ କେନ୍ଦ୍ର (ମତ୍ସ୍ୟବିଜ୍ଞାନ), ଓୟୁଏଟି, ରଙ୍ଗେଇଲୁଣ୍ଡା, ବ୍ରହ୍ମପୁର

# ମୁଗ ଫସଲରେ ପତ୍ରକଟା ପୋକ ଲାଗିଥିଲେ...




ମୁଗ, ବିରି, ହରଡ଼ ଆଦି ଫସଲରେ ପତ୍ରକଟା ପୋକ ଦମନ ପାଇଁ ହେକ୍ଟର ପ୍ରତି ୨୫ରୁ ୩୦ କି.ଗ୍ରା. କ୍ଲୋରୋପାଇରିଫସ୍ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ୧ ଲିଟର ପ୍ରୋଫେନୋଫସ୍ କିମ୍ବା ୧ ଲିଟର କ୍ୱିନାଲଫସ୍ ବା ୫୦୦ ମି.ଲି. ଇଣ୍ଡାକ୍ସାକାର୍ବ ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ସଅଳ ବୁଣାଯାଇଥିବା ମୁଗ, ବିରି ଫସଲରେ ଛୁଇଁ ପାକଳ ହେବା ମାତ୍ରେ ତୋଳି ଦିଅନ୍ତୁ । ଧାନ ବିଲ ହିଡ଼ମାନଙ୍କରେ ବିରି ଓ ହରଡ଼ ଆଦି ଧାଡ଼ିରେ ବୁଣନ୍ତୁ। ମୁଗ, ବିରି, ହରଡ଼ ବୁଣା ହେବାର ୩ ସପ୍ତାହ ବେଳକୁ କୋଡ଼ାଖୁସା କରି ଘାସ ବାଛି ଦିଅନ୍ତୁ କିମ୍ବା କୁଇଜାଲୋଫପ୍ ଇଥାଇଲ୍ (ହେକ୍ଟର ପ୍ରତି ୧୦୦୦ ମିଲି ଟାର୍ଗାସୁପର ୫% ତରଳ) ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରି ଘାସ ଦମନ କରନ୍ତୁ। ଜମିକୁ ନିଗିଡ଼ା ରଖନ୍ତୁ । ପତ୍ରଦାଗ ଓ ପତ୍ରପୋଡ଼ା ରୋଗ ପାଇଁ ମାଙ୍କୋଜେବ୍ x କାର୍ବେଣ୍ଡାଜିମ୍ (୧.୫ ଗ୍ରାମ୍ ୧ ଲିଟର ପାଣିରେ ମିଶାଇ) ସିଞ୍ଚନ କରନ୍ତୁ । ଜଉପୋକ ଓ ସାହେବି ରୋଗ ପାଇଁ ହେକ୍ଟର ପ୍ରତି ୧ ଲିଟର ରୋଗର କିମ୍ବା ୧୨୫ ମି.ଲି. ଇମିଡାକ୍ଲୋପ୍ରିଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

## ଆଖୁ ଚାଷରେ କାଣ୍ଡବିନ୍ଧା ପୋକ ଦମନ



ଆଖୁ ଚାଷ କରାଯାଇଥିବା ଜମିରେ ଜଳ ନିଷ୍କାସନର ସୁବିଧା କରନ୍ତୁ । ଫସଲ ୩-୪ ମାସର ହୋଇଥିଲେ ଭେଳାବନ୍ଧା କାର୍ଯ୍ୟ ଶେଷ କରନ୍ତୁ । ସଅଳ କାଣ୍ଡବିନ୍ଧା ପୋକର ଦମନ ଲାଗି ଅଗ୍ରାଧିକାରରେ ଜୈବ ନିୟନ୍ତ୍ରଣ ପଦ୍ଧତି (ଏକର ପିଛା ୪୦,୦୦୦ ଟ୍ରାଇକୋଡର୍ମା ଜାପୋକମ୍) ଅବଲମ୍ବନ କରନ୍ତୁ କିମ୍ବା ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଅଗବିନ୍ଧା ପୋକ ଦେଖାଯାଉଥିଲେ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ପ୍ରୋଫେନୋଫସ୍ କିମ୍ବା ୫୦୦ ଲିଟର ପାଣିରେ ୫୦୦ ଗ୍ରାମ୍ ଏସିଫେଟ୍ ମିଶାଇ ସିଞ୍ଚନ କରନ୍ତୁ। ସୁବିଧା ଥିଲେ, ପତ୍ର କନ୍ଦାରେ ଦାନାଦାର ଔଷଧ ପ୍ରୟୋଗ କରାଯାଇପାରେ।

## ଜାଣି ରଖନ୍ତୁ



- ଗୁହାଳ ତଳ ଓଦା ରଖନ୍ତୁ ନାହିଁ । ଓଦା ରହିଲେ ବିଭିନ୍ନ ରୋଗର ଆଶଙ୍କା ଥାଏ । ଗୁହାଳ ତଳକୁ ଶୁଖିଲା ରଖିବା ପାଇଁ ପାଉଁଶ ବା ବାଲି ବିଛାନ୍ତୁ । ଗୋ-ମହିଷି ଓ ବାଛୁରିଙ୍କୁ ସାହାଣ ଓ ବଜବଜିଆ ରୋଗ ହେବାର ଆଶଙ୍କା ଥାଏ । ଏହି ସଂକ୍ରାମକ ରୋଗ ନ ହେବା ପାଇଁ ପୂର୍ବରୁ ପ୍ରତିଷେଧକ ଟିକା ଦିଅନ୍ତୁ । ରୋଗ ଦେଖାଗଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ।
- ଗୋ-ମହିଷିଙ୍କୁ ଅଢ଼େଇ ଦିନିଆ ଜ୍ୱର ହେଲେ ସେମାନଙ୍କ ଦେହରେ ଅଧିକ ତାତି ରହେ ଓ ଆକ୍ରାନ୍ତ ପ୍ରାଣୀ ଗୋଟିଏ ଗୋଡ଼ ଟେକି ରଖେ । ଏହି ଜ୍ୱରର ଉପଶମ ପାଇଁ ଡାକ୍ତରଙ୍କ ପରାମର୍ଶରେ ଔଷଧ ଖୁଆନ୍ତୁ ।
- ଗୁହାଳସବୁବେଳେପରିଷ୍କାରଓଶୁଖିଲାରଖନ୍ତୁ।ଏହାରଚାରିପାଖ ଉଚ୍ଚା ଓ ନିଗିଡ଼ା କରନ୍ତୁ, ନଚେତ୍ ପାଣି ଜମି ସନ୍ତସନ୍ତିଆ ହେଲେ ଗୋରୁଙ୍କୁ ବିଭିନ୍ନ ସଂକ୍ରାମକ ରୋଗ ହେବାର ଆଶଙ୍କା ଥାଏ।
- ଗୁହାଳର ତଳକୁ ଦିନରେ ଅନ୍ତତଃ ଥରେ ବା ଦୁଇଥର ଫିନାଇଲ ପ୍ରଭୃତି ବିଶୋଧକ ପଦାର୍ଥରେ ସଫା କରନ୍ତୁ ।
- ଗୋରୁଙ୍କୁ କଦାପି ଫିମ୍ପି ହୋଇଥିବା ଦାନା ଖୁଆନ୍ତୁ ନାହିଁ ।

# ମଧ୍ୟମ କିସମ ଧାନ ଚାଷ

ମଧ୍ୟମ କିସମ ଧାନର ୫୦-୬୦ଦିନିଆ ତଳି ରୁଆଯାଇପାରିବ। ବୁଦାପ୍ରତି ୪ରୁ ୫ଟି ତଳି ଓ ବର୍ଗମିଟର ପ୍ରତି ୫୦ଟି ବୁଦା ଧାଡିରେ ରୁଅନ୍ତୁ। ବିଳମ୍ବ କିସମ ଧାନର ୬୦-୭୦ଦିନିଆ ଧାନ ତଳି ରୁଆଯାଇପାରିବ। ବୁଦା ପ୍ରତି ୫ରୁ ୬ଟି ତଳି ଓ ବର୍ଗମିଟର ପ୍ରତି ୬୫ଟି ବୁଦା ଧାଡିରେ ରୁଅନ୍ତୁ। ଏକର ପ୍ରତି ଅଧିକ ୧୦କି.ଗ୍ରା ଯବକ୍ଷାରଜାନ ପ୍ରୟୋଗ କରନ୍ତୁ। ଯେଉଁ ସ୍ଥାନରେ ଅତ୍ୟଧିକ ବର୍ଷା ହେତୁ ଫସଲ ଧୋଇ ହୋଇଯାଇଛି ସେଠି ଅନ୍ୟ ସ୍ଥାନରୁ ତଳି ସଂଗ୍ରହ କରି ରୁଆ କାମ କରନ୍ତୁ। ତଳି ନ ମିଳିଲେ ରୁଆ ତଳି ପକାନ୍ତୁ। ଓଡ଼ିଶାରେ ଅଗଷ୍ଟମାସ ଶେଷ ପର୍ଯ୍ୟନ୍ତ ଧାନ ଲଗାଯାଇପାରିବ ଏବଂ ଦକ୍ଷିଣ ଓଡ଼ିଶାରେ ଏହା ସେପ୍ଟେମ୍ବର ୧୫ପର୍ଯ୍ୟନ୍ତ ଲଗାଯାଇପାରିବ। ତେଣୁ ମଧ୍ୟମ କିସମ ଜମିପାଇଁ ୧୦୦ଦିନିଆ କିସମ ଯଥା ଅନ୍ନଦା,ଖଣ୍ଡଗିରି,ପାରିଜାତ ଏବଂ ବିଳମ୍ବ କିସମ ଜମି ପାଇଁ ୧୨୦ ଏବଂ -୧୩୦ଦିନିଆ କିସମ ଯଥା-ଲଲାଟ,ସୁରେନ୍ଦ୍ର ଆଦି କିସମ ସଂଗ୍ରହ କରି କାଦୁଆ ତଳି ଘରାରେ ଧାନ ଗଜା କରି ତଳି ପକାନ୍ତୁ ଏବଂ ୧୫ଦିନ ପରେ ତଳି ରୁଅନ୍ତୁ। ତଳି ବଢ଼ିବା ପାଇଁ ତଳିଘରାରେ ଯଥେଷ୍ଟ ଯବକ୍ଷାରଜାନ ସାର ଦିଅନ୍ତୁ।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବିଶ୍ୱ ଚାମ୍ପିୟନ ଗୁକେଶଙ୍କୁ ହରାଇଲେ କାର୍ଲସେନ

**ଷ୍ଟାଭାଙ୍ଗର, ୨୭।୫(ପି.ଟି.):** ୱାର୍ଲ୍ଡ ନଂ.୧ ମାଗ୍‌ନସ କାର୍ଲସେନ ନରୱେ ଚେସ୍ ଟୁର୍ନାମେଣ୍ଟର ପ୍ରଥମ ରାଉଣ୍ଡରେ ବିଶ୍ୱ ଚାମ୍ପିୟନ ଡି ଗୁକେଶଙ୍କୁ ପରାସ୍ତ କରିଛନ୍ତି। ୫ ଥରର ବିଶ୍ୱ ଚାମ୍ପିୟନ କାର୍ଲସେନଙ୍କୁ ତାଙ୍କ ଅଧା ବୟସର ଖେଳାଳି ଗୁକେଶ ଏକ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଚାଲିଥିବା କ୍ଲାସିକ୍ ଚେସ୍ ମ୍ୟାଚ୍‌ରେ ପ୍ରାୟତଃ ଚାପରେ ରଖିଥିଲେ। ହେଲେ ଗୁକେଶ ନିଜ ତ୍ରୁଟି କାରଣରୁ ୫୫ତମ ମୁଭ୍‌ରେ ପରାଜିତ ହୋଇଥିଲେ। ଏହି ବିଜୟ ସହ କାର୍ଲସେନ ୩ ପଏଣ୍ଟ ହାସଲ କରିଛନ୍ତି।

# ମର୍ସି ରାଫା' ଟି-ଶାର୍ଟ ମୂଲ୍ୟ ୫୪୦ ଡଲାର

**ପ୍ୟାରିସ୍, ୨୭।୫(ଏପି)**

ଫ୍ରେଞ୍ଚ୍ ଓପନ୍ ଦ୍ୱାରା ରାଫେଲ ନାଡାଲଙ୍କୁ ସମ୍ମାନିତ କରାଯିବାର ଦିନକ ପରେ କିଛି ପ୍ରଶଂସକ କ୍ଲେ ରଙ୍ଗର 'ମର୍ସି ରାଫା' ଟି-ଶାର୍ଟକୁ ବିକିବା ଆରମ୍ଭ କରିଛନ୍ତି। ଏପରିକି କିଛି ପ୍ରଶଂସକ ଏହି ସ୍ୱତନ୍ତ୍ର ଟି-ଶାର୍ଟ ଲାଗି ୫୦୦ ୟୁରୋ (୫୪୦ ଆମେରିକୀୟ ଡଲାର) ଦାବି କରୁଛନ୍ତି। ଏହି ଟି-ଶାର୍ଟ ଫ୍ରେଞ୍ଚରେ 'ଥାଙ୍କ୍ ୟୁ ରାଫା' ଓ '୨୫।୫।୨୦୨୫' ଉଲ୍ଲେଖ ରହିଛି। ଗତ ରବିବାର ୧୪ ଥରର ଫ୍ରେଞ୍ଚ୍ ଓପନ୍ ଚାମ୍ପିୟନ ନାଡାଲଙ୍କ ଲାଗି ଆୟୋଜନ କରାଯାଇଥିବା ଫେୟାରୱେଲ ଉତ୍ସବରେ କୋର୍ଟ ଫିଲିପ-ଚାଟରିଅର




ଯୋଗ ଦେଇଥିବା ଦର୍ଶକଙ୍କ ମଧ୍ୟରେ ଏହି ଶାର୍ଟକୁ ବଣ୍ଟାଯାଇଥିଲା। ଦର୍ଶକଙ୍କ ମଧ୍ୟରେ ବିଭିନ୍ନ କ୍ଲେ ରଙ୍ଗର ଟି-ଶାର୍ଟ ବଣ୍ଟନ କରାଯାଇଥିଲା। ଏହି ଇଭେଣ୍ଟ ଶେଷହେବାର କିଛି ମିନିଟ୍ ପରେ ଉକ୍ତ ଟି-ଶାର୍ଟ ପୁନଃ ବିକ୍ରି ଲାଗି ବ୍ୟବହୃତ ହେଉଥିବା ପ୍ଲାଟଫର୍ମରେ ନଜର ଆସିଥିଲା। ସୋମବାର ୩୦ଟି ଶାର୍ଟ ବିକ୍ରି ଲାଗି ଲିଷ୍ଟେଡ୍ ହୋଇଥିବା ବେଳେ ମାକ୍ସିମ ବର୍ଥୁଇସ ନାମକ ଜଣେ ବିକ୍ରେତା ୫୦୦ ୟୁରୋରେ ତାଙ୍କ ଶାର୍ଟ ଲିଷ୍ଟ କରିଛନ୍ତି। ଏ ସଂକ୍ରାନ୍ତରେ ଫ୍ରେଞ୍ଚ୍ ଟେନିସ୍ ଫେଡେରେଶନ ସଭାପତି ଗାଇଲ୍ସ ମୋରଟନ କହିଛନ୍ତି, ଟି-ଶାର୍ଟକୁ ପୁନଃ ବିକ୍ରି କରାଯିବା ମୋତେ ଆଶ୍ଚର୍ଯ୍ୟ କରିଛି। ଦୁଃଖର ବିଷୟ ଯେ, କିଛି ଲୋକ ଲାଭ ପାଇଁ ମର୍ସି ରାଫା ଶାର୍ଟ ବିକ୍ରି କରୁଛନ୍ତି। ଆମେ କିଛି ସ୍ୱତନ୍ତ୍ର କରିଥିଲୁ। ଏଭଳି ପରିସ୍ଥିତି ପଛରେ ଏହି ସ୍ୱତନ୍ତ୍ରତା ହିଁ କାରଣ ହୋଇଥାଇପାରେ।

# ମେଡ୍‌ଭେଡେଭ୍‌ଙ୍କୁ ହରାଇଲେ ନୋରି



ମେଡଭେଡେଭଙ୍କୁ ହରାଇବାପରେ ଉଲ୍ଲସିତ କାମେରନ ନୋରି।

**ପ୍ୟାରିସ୍, ୨୭।୫**

ଚଳିତ ଫ୍ରେଞ୍ଚ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ୍ ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି ୧୧ଶ ସିଡ୍ ରୁଷିଆର ଡାନିଲ ମେଡ୍‌ଭେଡେଭ୍। ବ୍ରିଟେନ୍‌ର ଅଣସିଡେଡ୍ ଖେଳାଳି କାମେରନ ନୋରି ୭-୫, ୬-୩, ୪-୬, ୧-୬, ୭-୫ ସେଟ୍‌ରେ ମେଡ୍‌ଭେଡେଭ୍‌ଙ୍କୁ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ତେବେ ଟପ୍ ସିଡ୍ ଜାନିକ ସିନର, ୩ୟ ସିଡ୍ ଆଲେକ୍‌ଜାଣ୍ଡର ଜେଭରେଭ୍, ୯ମ ସିଡ୍ ଆଲେକ୍ସ ଡି ମିନାଉର ପ୍ରମୁଖ ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସିନର ୬-୪, ୬-୩, ୭-୫ରେ ଆର୍ଥର ରିଣ୍ଡେର୍କନେଚ୍‌ଙ୍କୁ, ଜେଭରେଭ୍ ୬-୩, ୬-୩, ୬-୪ରେ ଲର୍ନର ଟିଏନଙ୍କୁ ଏବଂ ମିନାଉର ୬-୩, ୬-୪, ୭-୬ (୮/୬) ସେଟ୍‌ରେ ଲାସ୍‌ଲୋ ଡିଜେରେଙ୍କୁ ହରାଇ ଦେଇଛନ୍ତି। ୧୬ଶ ସିଡ୍ ଗ୍ରିଗୋର ଡିମିଟ୍ରୋଭ ୬-୨, ୬-୩, ୨-୬ରେ ଅଗ୍ରଣୀ ରହିଥିଲେ ହେଁ ଆହତ ସମସ୍ୟା ଯୋଗୁ ଓହରିଯିବାରୁ ଇଥାନ କ୍ୱିନ୍ ୱାକ୍‌ଓଭର ପାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଲେକ୍‌ଜାଣ୍ଡର ଶେଭଚେଙ୍କୋ, ଫେଡେରିକୋ ଅଗଷ୍ଟିନ ଗୋମେଜ, ଆଲେକ୍‌ଜାଣ୍ଡର ବୁବ୍‌ଲିକ୍ ପ୍ରମୁଖ ବିଜୟୀ ହୋଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

**ଫ୍ରେଞ୍ଚ୍ ଓପନ୍ ଗ୍ରାଣ୍ଡସ୍ଲାମ ଟେନିସ୍**

## ସିନର, ଜେଭରେଭ୍ ଦ୍ୱିତୀୟ ରାଉଣ୍ଡରେ

### ଗଫ୍, ଆଜାରେଙ୍କା ବିଜୟୀ

ମହିଳା ସିଙ୍ଗଲ୍ସରେ ଦ୍ୱିତୀୟ ସିଡ୍ କୋକୋ ଗଫ୍ ୬-୨, ୬-୨ ସେଟ୍‌ରେ ଓଲିଭିଆ ଗଡେକିଙ୍କୁ ହରାଇ ୨ୟ ରାଉଣ୍ଡରେ ପହଞ୍ଚିଛନ୍ତି। ସେହିପରି ସୋଫିଆ କେନିନ ୬-୩, ୬-୧ରେ ବାର୍ବରା ଗ୍ରାଚେଭାଙ୍କୁ, ଭିକ୍ଟୋରିଆ ଆଜାରେଙ୍କା ୬-୦, ୬-୦ରେ ୟାନିନା ୱିକମେୟରଙ୍କୁ, ୬ଷ୍ଠ ସିଡ୍ ମୀରା ଆନ୍ଦ୍ରେଭା ୬-୪, ୬-୩ରେ କ୍ରିଷ୍ଟିନା ବୁକ୍‌ସାଙ୍କୁ, ମାର୍କେଟା ଭେଣ୍ଡ୍ରୋସୋଭା ୬-୪, ୬-୪ରେ ଓକସାନା ସେଲେଖମେଟେଭାଙ୍କୁ ହରାଇଥିବାବେଳେ ୨୩ତମ ସିଡ୍ ବିଟ୍ରିଜ ହାଡାଡ ମାଇଆ ୬-୪, ୩-୬, ୧-୬ରେ ହିଲି ବାପ୍ଟିଷ୍ଟେଙ୍କଠାରୁ ହାରି ବିଦାୟ ନେଇଛନ୍ତି। ତୃତୀୟ ସିଡ୍ ଜେସିକା ପେଗୁଲା ସିଧାସଳଖ ୬-୨, ୬-୪ ସେଟ୍‌ରେ ଆନ୍‌କା ଟୋଡୋନିଙ୍କୁ ହରାଇ ପ୍ରଥମ ରାଉଣ୍ଡ ଅତିକ୍ରମ କରିଛନ୍ତି।

# ସିନ୍ଧୁ, ପ୍ରଣୟ ଦ୍ୱିତୀୟ ରାଉଣ୍ଡରେ

**ସିଙ୍ଗାପୁର, ୨୭।୫(ପି.ଟି.)**

ଦୁଇଥର ଅଲିମ୍ପିକ ପଦକ ବିଜେତା ପି.ଭି. ସିନ୍ଧୁ ଓ ଏଚ୍.ଏସ୍. ପ୍ରଣୟ ଏଠାରେ ଚାଲିଥିବା ସିଙ୍ଗାପୁର ଓପନ ସୁପର ୭୫୦ ଟୁର୍ନାମେଣ୍ଟର ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସିନ୍ଧୁ କାନାଡ଼ାର ୱେନ୍ ୟୁ ଝାଙ୍ଗ୍‌ଙ୍କ ବିପକ୍ଷ ମ୍ୟାଚ୍‌କୁ ମାତ୍ର ୩୧ ମିନିଟ୍‌ରେ ୨୧-୧୪, ୨୧-୯ ସିଧାସଳଖ ଗେମ୍‌ରେ ଜିତିନେଇଛନ୍ତି। ଏହି ପୂର୍ବତନ ବିଶ୍ୱ ଚାମ୍ପିୟନଙ୍କୁ କିନ୍ତୁ ପରବର୍ତ୍ତୀ ରାଉଣ୍ଡ ଜିତିବା କଷ୍ଟସାଧ ହେବ। ଏହି ରାଉଣ୍ଡରେ ସେ ଟୋକିଓ ଅଲିମ୍ପିକ ସ୍ୱର୍ଣ୍ଣ ବିଜେତା ଏବଂ ବର୍ତ୍ତମାନ ବିଶ୍ୱର ୫ ନମ୍ବର ଚାଇନାର ଚେନ୍ ୟୁ ଫେଇଙ୍କୁ ଭେଟିବେ। ଅନ୍ୟପକ୍ଷେ ବିଶ୍ୱର ୩୪ ନମ୍ବର ଖେଳାଳି ପ୍ରଣୟ କିନ୍ତୁ କଷ୍ଟସାଧ ବିଜୟ ହାସଲ କରିଛନ୍ତି। ୩୨ ବର୍ଷୀୟ ଏହି ଖେଳାଳି ପ୍ରଥମ ଗେମ୍ ୧୯-୨୧ରେ ପରାଜିତ ହେବା ପରେ ଦୃଢ଼ ପ୍ରତ୍ୟାବର୍ତ୍ତନ ସହ ଅବଶିଷ୍ଟ ଦୁଇଟି ଗେମ୍ ୨୧-୧୬, ୨୧-୧୪ରେ ଜିତି ନେଇଥିଲେ। ପ୍ରି-କ୍ୱାର୍ଟରରେ ସେ ଫ୍ରାନ୍ସର ଖ୍ରୀଷ୍ଟୋଭ ପୋପୋଭଙ୍କ ସହ ମୁକାବିଲା କରିବେ। ତେବେ ଭାରତର ଅନ୍ୟ ଖେଳାଳି ମାଳବିକା ବନ୍‌ସୋଡ୍, ଅନ୍‌ମୋଲ ଖରବ, ପ୍ରିୟାଂଶୁ ରାଜୱତ ଓ କରଣ ଜର୍ଜ ପ୍ରମୁଖ ସେମାନଙ୍କ ପ୍ରଥମ ରାଉଣ୍ଡ ସିଙ୍ଗଲ୍ସ ମ୍ୟାଚ ହାରିଯାଇଛନ୍ତି। ମାଳବିକା ଓ ପ୍ରିୟାଂଶୁ ଉଭୟ ସେମାନଙ୍କ ପ୍ରଥମ ଗେମ୍‌ରେ ଅଗ୍ରଣୀ ଲାଭକରି ମଧ୍ୟ ପରାଜିତ ହୋଇଥିଲେ। ମାଳବିକା ୮ମ ସିଡ୍ ଥାଇଲାଣ୍ଡର ସୁପାନିଦା କେଟ୍‌ଥଙ୍ଗ୍‌ଙ୍କଠାରୁ ୨୧-୧୪, ୧୮-୨୧, ୧୧-୨୧ରେ ହାରିଯାଇଥିବା ବେଳେ ପ୍ରିୟାଂଶୁ ୭ମ ସିଡ୍ ଜାପାନର କୋଦାଇ ନାରାଓକାଙ୍କଠାରୁ ୨୧-୧୪, ୧୦-୨୧, ୧୪-୨୧ରେ ପରାସ୍ତ ହୋଇଛନ୍ତି।


## ମନେ ପଡ଼ନ୍ତି

### ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଂବିକେ ମୀରା ପାତ୍ର**
(ଂଶ୍ୟାମସୁନ୍ଦର ପାତ୍ରଙ୍କ ଧର୍ମପତ୍ନୀ)
ସ୍ଥାନ: ଭିଆଇପି ପ୍ରେଷ୍ଟିଜ୍ ଆପାର୍ଟମେଣ୍ଟ, ରମାବଲ୍ଲଭ ରୋଡ୍, ପୁରୀ
ଆବିର୍ଭାବ: ମେ, ୧୯୩୦
ତିରୋଧାନ: ୧୯।୦୫।୨୦୨୫
ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ
ତସ୍ମାଦ୍‌ପରିହାର୍ଯ୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ।
ତୁମର କର୍ମମୟ ଜୀବନ, ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଧର୍ମପରାୟଣତା ଆମ୍ଭମାନଙ୍କ ପାଇଁ ଅବିସ୍ମରଣୀୟ । ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କର ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକସନ୍ତପ୍ତ: ପୁତ୍ର-ପୁତ୍ରବଧୂ, କନ୍ୟା-ଜାମାତା, ନାତି-ନାତୁଣୀ ଏବଂ ପରିବାରବର୍ଗ
ଧ-୭୬୦୫୯

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଂଶ୍ରୀଯୁକ୍ତ କରୁଣାକର ମଲ୍ଲିକ**
Vijay Vihar, Bhubaneswar-2
ଆବିର୍ଭାବ: ୧୩।୧୦।୧୯୪୫
ତିରୋଧାନ: ୧୮।୦୫।୨୦୨୫
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:- ଜମ୍ବୁବତୀ, ନିରୁ, ଅଶୋକ, ବାବୁଲି, ଟୁନା, ବିଦ୍ଦୁ, ରିଙ୍କି, ଗୀତା, ଧୀରେନ୍ଦ୍ର, ଜୁଲି, ବାବୁ, ରନି, ମାମା, ପପୁ, ଗୁଡ଼ି, ସୋନା, ମୋନା ଓ ବନ୍ଧୁମାନେ ।
ଧ-୬୫୫

### ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



**ଂ ସତ୍ୟଭାମା ତ୍ରିପାଠୀ**
୫୬୨-ଏକାମ୍ରବିହାର, ଭୁବନେଶ୍ୱର
ଆବିର୍ଭାବ-୧୪.୦୭.୧୯୪୫
ତିରୋଧାନ-୧୧.୦୬.୨୦୨୧
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମର ସର୍ବଦା ପାଥେୟ ହେଉ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
ଶୋକ ସନ୍ତପ୍ତ :
ପୁତ୍ର, ପୁତ୍ରବଧୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ, ପରିବାର ବର୍ଗ, ଆତ୍ମୀୟସ୍ୱଜନ ଏବଂ କର୍ମଚାରୀବୃନ୍ଦ
ସୌଜନ୍ୟ - ଗଣେଶ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି (ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍ସ)
ଧ-୭୧୦



# Classified Everyday
0674-2580101, 9692975378


MATRIMONIAL

**BRIDE WANTED**

Bride wanted Brahmin 32 network Engineer (HFCL). 7008123336. D-694

Handsome Khandayat Boy 1990, 5'9", B.Tech, Serving Data Scientist MNC Bangalore. "SUNASANSAR". 9937512659. D-76271



REAL ESTATE

**SALE**

ନଖରାଛକରୁ 6K.M. ବ୍ରାହ୍ମଣଝରିଲୋରେ ଘରବାରି **boundary plot sale, 1500sqft. 30,00,000/-. 7978947520.** D-76272

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

**Stithiban plot sale near IIT Argul, Khurdha, Bhubaneswar. Immediate registration/ possession sqft.- 350/-. 8328868883.** D-76270


CONSTRUCTION

Do you want to construct a building on your own plot please contact K.K. Construction. 7008268129, 9439143273. D-71397




Newly open Jyoti SPA positively health benefits (Expert therapist). 8458067955. D-76914

**Relax, Refresh your body, Mind at Saikrupa Spa with best therapies. 7848011468.** D-568

Newly open health benefits SPA by expert therapist. Contact- 8280961126. D-76915

**AFFIDAVIT**

By virtue of an affidavit sworn before Executive Magistrate, Bhadrak, dtd. 15.05.2025, I, Malatilata Sethy, W/o- Late Parshuram Sethi, Vill- Baudpur, P.O.- Madhabnagar, P.S./Dist.- Bhadrak, PIN- 756181 declare that I have changed my name from Malati Sethi to Malatilata Sethy. Henceforth, I shall be known as Malatilata Sethy for all purposes. D-722

I, Sandeep Sahoo, S/o- Ganeswar Sahoo, Resident of At- Baniasahi, P.O.- Buxibazar, Cuttack Sadar, Town/District.- Cuttack, PIN-753001, Odisha declare by this affidavit No.-4091, dt.20.03.2025. That now onwards I shall be known as Sandeep Kumar Sahoo for all future purposes. D-719

I, Jayant Kumar Moharana, S/o-Late Ajoy Moharana, At- Buxibazar, Baniasahi, P.S.- Mangalabag, Town/District-Cuttack, Odisha declare by this affidavit No,-4558, dt.27.05.2025. That now onwards I shall be known as Jayant Moharana for all future purposes. D-718

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Rinita Sahoo, W/o- Sandeep Kumar Sahoo, Resident of At- Baniasahi, P.O.- Buxibazar, P.S.- Mangalabag, Town/ District-Cuttack, Odisha declare by this affidavit No.-4076, dt.06.05.2025. That now onwards I shall be known as Rinita Moharana for all future purposes. D-720

By virtue of an affidavit sworn before Executive Magistrate Sadar, Cuttack Sl. No.- 4554, dated 27.05.2025, I Aparna Dei, Address: At- Kendujhar Bazar, P.O.- Old Town, P.S.- Kendujhar, Dist.- Kendujhar, PIN-758001 declare that I have changed my name from Aparna Rout to Aparna Dei. Henceforth, I shall be known as Aparna Dei for all purposes.
Aparna Dei
D-715

By virtue of an affidavit sworn before the Executive Magistrate, Bolangir, dated 22.05.2025, I, Susanta Rana, Address: At- Kutumdola, P.O.- Jhankarpali, P.S.- Bolangir Sadar, Dist.- Bolangir declare that I have changed my son's name from Sushanta Rana to Aditya Rana. Henceforth, he shall be known as Aditya Rana for all purposes.
Susanta Rana
D-721

I, Vijayalaxmi Sahoo, D/o-Hrusikesh Sahoo, Vill/P.O.-Santrabandha, P.S.-Chhendipada, Dist.- Angul, Odisha. affidavit No.-782, dated 27.05.2025 sworn before the Executive Magistrate, Chhendipada, I have changed my Old name Bijaylaxmi Sahoo to Vijayalaxmi Sahoo. Bijaylaxmi Sahoo & Vijayalaxmi Sahoo is one & same person. Henceforth, she shall be known as Vijayalaxmi Sahoo for all future purposes. D-716

I, Sri Nalla Lokanath Das declared that as per affidavit No.-41, dtd. 27.5.2025 before the Executive Magistrate, Nandapur my son's Old name N Barun Das has been changed to Nalla Barun Das. Henceforth, he will be known as Nalla Barun Das, Son of Nalla Lokanath Das, At/P.O.- Nandapur, Dist.- Koraput for all purposes . D-714

By virtue of an affidavit sworn before Executive Magistrate, Jajpur Road, Sl No.- 2345, dated 27.05.2025 my son's correct name is Sriyansh Ghadei, Son of Smruti Ranjan Ghadai instead of Suryansha Ghadai, Village Chhotaraypur, Post.- Sankhachilla, Dist.- Jajpur. Henceforth, my son shall be known as Sriyansh Ghadei for all purpose. D-713

By virtue of an affidavit before the Executive Magistrate, Bhubaneswar, Khurdha, affidavit No.-24 on dated 09.02.2022, I, Rajendra Kumar Patanaik, S/o- Late Ramesh Chandra Patanaik of Plot No.- 222/ 223, Unit-III, Bhubaneswar, Odisha. My minor son Sangrila Pattnaik vide Lease Deed No.-209, dated 11.10.1999. That the Birth Certificate and all Educational Certificate has been mentioned Biswajeet Pattanayak. That Biswajeet Pattanayak and Sangrila Pattnaik is one and same person. D-711

By virtue of an affidavit before the Executive Magistrate, Bhubaneswar, Khurdha, affidavit No.-120 on dated 23.05.2025, I, Rajendra Kumar Patanaik, S/o- Late Ramesh Chandra Patanaik of Plot No.- 222/223, Unit-III, Bhubaneswar, Odisha. My minor son Sangrila Pattnaik vide Lease Deed No.-209 dated 11.10.1999. That the Birth Certificate and all Educational Certificate has been mentioned Biswajeet Pattanayak. That Biswajeet Pattanayak and Sangrila Pattnaik is one and same person. D-712

By virtue of an affidavit vide No.-54 sworn in the Court of Executive Magistrate, Panposh, I, Mukesh Ranjan Sahoo, S/o- Maheswar Sahoo, resident of Qrs. No.- EM 85, Basanti Colony, P.O.- Rourkela- 769012, P.S.- Uditnagar, Dist.- Sundargarh changed my Son's name from Shivam Sahoo to Akshat Kumar Sahoo in LIC Policy bearing No.- 866605911. Henceforth, he shall be known as Akshat Kumar Sahoo for all purposes. D-723

By virtue of an affidavit No.-913 sworn before Executive Magistrate, Bonth, dtd.23.05.2025, I, Snehalata Palei (28yrs), D/o- Maheswar Palei, Vill- Padakana, P.O.- Padhanpada, P.S.- Bonth, Dist.- Bhadrak, PIN- 756114 declare that I have changed my name from Premalata Palei to Snehalata Palei. Henceforth, I shall be known as Snehalata Palei for all purposes. D-724

Your Classified Advertisement published in Dharitri will be listed free in Dharitri Online Edition: **dharitriepaper.in**

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ‘ଆର୍ଥିକ ସଶକ୍ତୀକରଣକୁ ନୂଆ ଆକାର ଦେବ’

ମୁମ୍ବାଇ,୨୭।୫(ଅଭୟ ଦାଶ)

ଜିଓ ବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍‌କୁ ଭାରତରେ ମ୍ୟୁଚୁଆଲ୍ ଫଣ୍ଡ ବ୍ୟବସାୟ କରିବା ପାଇଁ ସେବିର ଅନୁମୋଦନ ଲାଭ କରିଛି। ଏପରିକି ଏହି କମ୍ପାନୀ ଜିଓ ଫାଇନାନ୍ସ ସର୍ଭିସେସ୍ ଲିମିଟେଡ୍ (ଜେଏଫ୍ଏସ୍ଏଲ୍) ଏବଂ ବ୍ଲାକରକ୍ କମ୍ପାନୀର ଏକ ମିଳିତ ଉଦ୍ୟୋଗ ବୋଲି କୁହାଯାଉଛି। ଅପରପକ୍ଷରେ ଆଶା କରାଯାଉଛି ଯେ, କମ୍ପାନୀଟି ଖୁବ୍‌ଶୀଘ୍ର ଭାରତୀୟ ମ୍ୟୁଚୁଆଲ୍ ଫଣ୍ଡ ବଜାରରେ ପ୍ରବେଶ କରିବ। ଜିଓ ବ୍ଲାକରକ୍ ଦ୍ୱାରା ସିଡ୍ ସ୍ୱାମୀନାଥନଙ୍କୁ କମ୍ପାନୀର ଏମ୍‌ଡି ତଥା ସିଇଓ ଭାବେ ନିଯୁକ୍ତ କରାଯାଇଛି।

ଏ ସମ୍ପର୍କରେ ଜେଏଫ୍ଏସ୍ଏଲ୍‌ର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଈଶା ଅମ୍ବାନୀ କହିଛନ୍ତି, ବ୍ଲାକରକର୍ ବିଶ୍ୱସ୍ତରୀୟ


ଈଶା ଅମ୍ବାନୀ

ନିବେଶ ବିଶେଷଜ୍ଞତା ଏବଂ ଜିଓର ଡିଜିଟାଲ୍-ପ୍ରଥମ ନବସୃଜନ ଅଭିଜ୍ଞତା ରହିଛି, ଯାହା ବ୍ଲାକରକ୍ ସହିତ ଆମର ଏହି ସହଭାଗିତାକୁ ସଶକ୍ତ କରୁଛି। ଆମେ ଏକାଠି ପ୍ରତ୍ୟେକ ଭାରତୀୟଙ୍କ ପାଇଁ ନିବେଶକୁ ସରଳ, ସୁଲଭ ଏବଂ ସମାବେଶୀ କରିବା ପାଇଁ ପ୍ରତିବଦ୍ଧ ରହିଛୁ। ମୁଁ ନିଶ୍ଚିତ ଯେ ଜିଓ ବ୍ଲାକରକ ଆସେଟ୍ ମ୍ୟାନେଜମେଣ୍ଟ ଭାରତରେ ଆର୍ଥିକ ସଶକ୍ତୀକରଣର ଭବିଷ୍ୟତକୁ ଆକାର ଦେବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। ସେହିଭଳି ବ୍ଲାକରକ୍ ଅନ୍ତର୍ଜାତୀୟ ମୁଖ୍ୟ ରାଚେଲ ଲର୍ଡ କହିଛନ୍ତି, ଭାରତରେ ଆସେଟ୍ ମ୍ୟାନେଜମେଣ୍ଟ ବା ସମ୍ପତ୍ତି ପରିଚାଳନା ଆଜି ଏକ ଅନନ୍ୟ ମୋଡ଼ରେ ରହିଛି। ଜିଓ ବ୍ଲାକରକ୍ ନିବେଶକମାନଙ୍କୁ ସିଧାସଳଖ କମ୍ ମୂଲ୍ୟରେ ସଂସ୍ଥାଗତ ଗୁଣାତ୍ମକ ଉତ୍ପାଦ ପ୍ରଦାନ କରି ଭାରତରେ ଅଧିକ ଲୋକଙ୍କୁ ପୁଞ୍ଜି ବଜାରରେ ପ୍ରବେଶ କରିବାରେ ସାହାଯ୍ୟ କରିବ। ଏପରିକି ଆମର ସହଭାଗୀ ଜେଏଫ୍ଏସ୍ଏଲ୍ ସହିତ ମିଶି ଆମେ ଭାରତକୁ ସଞ୍ଚୟକାରୀଙ୍କ ଦେଶରୁ ନିବେଶକଙ୍କ ଦେଶ ଭାବେ ପରିବର୍ତ୍ତିତ ହେବା ଦିଗରେ ଯୋଗଦାନ ପାଇଁ ପ୍ରସ୍ତୁତ ରହିଛୁ।

ସେହିପରି ବ୍ଲାକରକ ଅନ୍ତର୍ଜାତୀୟ ଇଣ୍ଡେକ୍ସ ଇକ୍ୱିଟିର ପୂର୍ବତନ ମୁଖ୍ୟ ସିଡ୍ ସ୍ୱାମୀନାଥନଙ୍କୁ ବର୍ତ୍ତମାନ ଜିଓ ବ୍ଲାକରକ୍ ଦାୟିତ୍ୱ ମିଳିଛି। ସେ ବର୍ତ୍ତମାନ ପର୍ଯ୍ୟନ୍ତ ୧.୨୫ ଟ୍ରିଲିୟନ ଡଲାର ମୂଲ୍ୟର ସମ୍ପତ୍ତି ପରିଚାଳନା କରିଛନ୍ତି। ଏ ନେଇ ସେ କହିଛନ୍ତି, ମୋତେ ଜିଓ ବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟର ନେତୃତ୍ୱ ନେବା ଏବଂ ନିବେଶକମାନଙ୍କ ନିବେଶ କ୍ଷମତା ବୃଦ୍ଧି କରି ଭାରତରେ ଆସେଟ୍ ମ୍ୟାନେଜମେଣ୍ଟ ବା ସମ୍ପତ୍ତି ପରିଚାଳନାକୁ ନୂଆ ରୂପ ଦେବାର ସମ୍ମାନ ମିଳିଛି। ଜିଓ ବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟର ଲକ୍ଷ୍ୟ ହେଉଛି, ସାରା ଭାରତରେ ନିବେଶକମାନଙ୍କୁ ସଂସ୍ଥାଗତ ଗୁଣାତ୍ମକ ନିବେଶ ଉତ୍ପାଦ ପ୍ରଦାନ କରିବା।

## ଶେୟାର ବଜାରରେ ହ୍ରାସ

ମୁମ୍ବାଇ,୨୭।୫

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଦ୍ୱିତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ମଙ୍ଗଳବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୬୨୪.୮୨ ପଏଣ୍ଟ ହ୍ରାସ ଘଟି ୮୧,୫୫୧.୬୩ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ରେ ମଧ୍ୟ ୧୭୪.୯୫ ପଏଣ୍ଟ କମି ୨୪,୮୨୬.୨୦ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

## କ୍ୟାମ୍ପସ ଚୟନରେ ଓ୍ରିମ୍ସ ପଲିଟେକ୍‌ନିକର ବାଜିମାତ

ଭୁବନେଶ୍ୱର,୨୭।୫

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଓ୍ରିମ୍ସ ଗ୍ରୁପର ବୈଷୟିକ କଲେଜ ଓ୍ରିମ୍ସ ପଲିଟେକ୍‌ନିକ କ୍ୟାମ୍ପସ ଚୟନରେ ବାଜିମାତ କରିଛି। ଏପରିକି ଓ୍ରିମ୍ସ ପଲିଟେକନିକ୍ ୨୦୨୫ ବ୍ୟାଚ୍‌ର ୪୭୯ ଛାତ୍ରୀଛାତ୍ରଙ୍କୁ ଦେଶର ବିଭିନ୍ନ ପ୍ରତିଷ୍ଠିତ ଉଦ୍ୟୋଗରେ ନିଯୁକ୍ତି ସୁଯୋଗ ମିଳିଛି। ଏମାନଙ୍କ ମଧ୍ୟରେ ୩୩ ଜଣ ଛାତ୍ରୀ ଏବଂ ୪୪୬ ଜଣ ଛାତ୍ର ସାମିଲ ଅଛନ୍ତି। ଅପରପକ୍ଷରେ କଲେଜର ମେକାନିକାଲ, ଇଲେକ୍ଟ୍ରିକାଲ, ଇଲେକ୍ଟ୍ରୋନିକ୍ସ ଆଣ୍ଡ ଟେଲିକମ୍ୟୁନିକେଶନ, ସିଭିଲ୍ ଓ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ ବିଭାଗର ଏହି କୃତୀ ଛାତ୍ରୀଛାତ୍ରଙ୍କୁ ଉଇପ୍ରୋ, ଭୋଲଟାସ୍, ସେନଟମ୍ ଇଲେକ୍ଟ୍ରୋନିକ୍ସ, କୁମିନ୍ସ ଇଣ୍ଡିଆ ଲିମିଟେଡ୍, ଏଲ୍ ଆଣ୍ଡ ଟି, ସିପ୍‌ଲା ଲିମିଟେଡ୍, ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍, ଏଟିସି ଟାୟାର, ଆର୍ସେଲର ମିତ୍ତଲ, ଥର୍ମାକ୍ସ ଲିମିଟେଡ୍ ଭଳି କମ୍ପାନୀରେ ନିଯୁକ୍ତି ମିଳିଛି। ଓ୍ରିମ୍ସ ପଲିଟେକ୍‌ନିକର ପ୍ଲେସମେଣ୍ଟ ଅଧିକାରୀ ବୈଦ୍ୟନାଥ ସାମଲଙ୍କ ତତ୍ତ୍ୱାବଧାନରେ ଏହି ନିଯୁକ୍ତି ମନୋନୟନ ଆୟୋଜିତ ହୋଇଥିଲା। ଛାତ୍ରୀଛାତ୍ରଙ୍କ ଏହି ଉଲ୍ଲେଖନୀୟ ସଫଳତା ନିମନ୍ତେ



ଓ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, ସହ ଅଧ୍ୟକ୍ଷ ଇଂ. ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପଲିଟେକ୍‌ନିକର ଏକାଡେମିକ୍ ନିର୍ଦ୍ଦେଶକ ଇଂ. ପ୍ରଦୀପ୍ତ ରଞ୍ଜନ ମହାନ୍ତି ଓ ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ ପ୍ରମୁଖ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମସ୍ତଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

ଉଲ୍ଲେଖଯୋଗ୍ୟ, ରାଜ୍ୟର ଘରୋଇ ଶିକ୍ଷାନୁଷ୍ଠାନଗୁଡ଼ିକ ମଧ୍ୟରେ ଓ୍ରିମ୍ସ ପଲିଟେକନିକ୍ ଶ୍ରେଷ୍ଠ ୨ୟ ସ୍ଥାନରେ ରହିଥିବାବେଳେ ଶିକ୍ଷାନୁଷ୍ଠାନର ‘ଇନୋଭେଶନ୍ ସେଲ୍’ (ଆଇଆଇସି) ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଦ୍ୱାରା ଥ୍ରୀ-ଷ୍ଟାର ର୍ୟାଙ୍କ୍ ପାଇବାର ଗୌରବ ହାସଲ କରିଛି।

## ବ୍ୟବସାୟରେ ଆର୍ଥିକ ସାକ୍ଷରତାକୁ ଗୁରୁତ୍ୱ

ଭୁବନେଶ୍ୱର,୨୭।୫

ବର୍ତ୍ତମାନ ସମୟରେ ଡିଜିଟାଲ ଜ୍ଞାନକୌଶଳ ସାଙ୍ଗକୁ ଆର୍ଥିକ ସାକ୍ଷରତାର ଚାହିଦା ଦିନକୁ ଦିନ ବୃଦ୍ଧି ପାଇଚାଲିଛି। ବିଶେଷକରି ବ୍ୟବସାୟ କ୍ଷେତ୍ରରେ ଆର୍ଥିକ ସାକ୍ଷରତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି ବୋଲି ଜିଆର୍ଏସ୍‌ଇର ନିର୍ଦ୍ଦେଶକ(ଅର୍ଥ) ଆର୍.କେ. ଦାଶ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଏପରିକି ସେ ଜଣେ ଅଭିଜ୍ଞ ଆର୍ଥିକ ପେସାଦାର ଏବଂ ବିଭିନ୍ନ ଶିଳ୍ପରେ ୩୫ ବର୍ଷରୁ ଅଧିକ ଅଭିଜ୍ଞତା ରହିଛି। ନିଜର ଅଭିନବ ଚିନ୍ତାଧାରା ଏବଂ ପରିବର୍ତ୍ତନଶୀଳ ଆର୍ଥିକ ରଣନୀତି ପାଇଁ ସେ ବେଶ୍ ଜଣାଶୁଣା ଓ ଅନେକ ସଂଗଠନର ଆର୍ଥିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବାରେ ଦାଶ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ଅପରପକ୍ଷରେ ଏକ ଗଭୀର ବାର୍ତ୍ତାଳାପରେ ଦାଶ କେବଳ କର୍ପୋରେଟ୍‌ମାନଙ୍କ ପାଇଁ ନୁହେଁ, ବ୍ୟକ୍ତିବିଶେଷ ଏବଂ କ୍ଷୁଦ୍ର ବ୍ୟବସାୟ ପାଇଁ ମଧ୍ୟ ଆର୍ଥିକ ସାକ୍ଷରତାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ତାଙ୍କ ମତରେ ଆମର ଶିକ୍ଷାଗତ ପାଠ୍ୟକ୍ରମରେ ଇତିହାସ, ଭୂଗୋଳ, ବିଜ୍ଞାନ ଏବଂ ଗଣିତ ଭଳି ବିଷୟକୁ ଅନ୍ତର୍ଭୁକ୍ତ କରାଯାଇଥିଲେ ମଧ୍ୟ ଏହା ପ୍ରାୟତଃ ଏକ ଦକ୍ଷତାକୁ ଅବହେଳା କରିଥାଏ, ଯାହା ଦୈନନ୍ଦିନ ଜୀବନର ପ୍ରତ୍ୟେକ ଦିଗକୁ ପ୍ରଭାବିତ କରିଥାଏ- ବ୍ୟକ୍ତିଗତ ଆର୍ଥିକ ପରିଚାଳନା ଓ ଆର୍ଥିକ ଜ୍ଞାନର ଅଭାବ ଅନେକ ସମୟରେ ଆର୍ଥିକ ସମସ୍ୟା ସୃଷ୍ଟି କରିଥାଏ, ଯାହା ଖାଦ୍ୟ, ଆଶ୍ରୟ, ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଭଳି ମୌଳିକ ଆବଶ୍ୟକତାକୁ ସିଧାସଳଖ ପ୍ରଭାବିତ କରିଥାଏ। ଆର୍ଥିକ ସାକ୍ଷରତା ବିଳାସ ନୁହେଁ, ଏହା ଏକ ଆବଶ୍ୟକତା ବୋଲି କୁହାଯାଉଛି। ଏହି ଧାରଣାକୁ ସରଳ ଶବ୍ଦରେ ବର୍ଣ୍ଣନା କରି ଦାଶ ଆର୍ଥିକ ସାକ୍ଷରତାକୁ ସାଧାରଣ ସାକ୍ଷରତା ସହ ତୁଳନା କରିଥିଲେ।

## ମଣିପାଲ ହସ୍ପିଟାଲରେ ବିଶ୍ୱ ଜରୁରିକାଳୀନ ଚିକିତ୍ସା ଦିବସ ପାଳିତ

ଭୁବନେଶ୍ୱର,୨୭।୫

ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଭୁବନେଶ୍ୱରର ମଣିପାଲ ହସ୍ପିଟାଲରେ ବିଶ୍ୱ ଜରୁରିକାଳୀନ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମଣିପାଲ ହସ୍ପିଟାଲ ଭୁବନେଶ୍ୱର ପକ୍ଷରୁ ଏକ ସ୍ୱତନ୍ତ୍ର ଆଲୋଚନାଚକ୍ର ‘ଜରୁରିକାଳୀନ ଚିକିତ୍ସାର ଭବିଷ୍ୟତ : ରୋଗୀ ସେବାରେ ନୂତନ ପ୍ରଦର୍ଶନ’ ର ଆୟୋଜନ କରାଯାଇଥିଲା।



ଏହି ଅବସରରେ ରାଜ୍ୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲାବେଳେ ମଣିପାଲ ହସ୍ପିଟାଲର ହସ୍ପିଟାଲ ଡାଇରେକ୍ଟର ଡା. ଶକ୍ତିମୟ ମହାପାତ୍ର, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ସିଦ୍ଧାର୍ଥ ମିଶ୍ରଙ୍କ ସମେତ ରାଜ୍ୟର ବିଭିନ୍ନ ହସ୍ପିଟାଲରେ ଜରୁରିକାଳୀନ ବିଭାଗରେ କାମ କରୁଥିବା ୮୦ରୁ ଉର୍ଦ୍ଧ୍ୱ ଡାକ୍ତର ଯୋଗଦାନ କରିଥିଲେ। ସେହିଭଳି ଡା. ନୀଳକଣ୍ଠ ମିଶ୍ର ଜରୁରିକାଳୀନ ଚିକିତ୍ସାରେ ପ୍ରସ୍ତୁତି ଏବଂ ଅବିରତ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଏ ନେଇ ସେ କହିଥିଲେ, ଜରୁରିକାଳୀନ ଚିକିତ୍ସା ଜୀବନ ରକ୍ଷା ପାଇଁ ଅତ୍ୟନ୍ତ ଜରୁରୀ ହୋଇଥିଲାବେଳେ ଏଭଳି କାର୍ଯ୍ୟକ୍ରମଗୁଡିକ ଡାକ୍ତରଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଏ ନେଇ ମଣିପାଲ ହସ୍ପିଟାଲର ହସ୍ପିଟାଲ ଡାଇରେକ୍ଟର ଡା. ମହାପାତ୍ର କହିଥିଲେ, ଆମେ ଦୃଢ଼ଭାବେ ବିଶ୍ୱାସ କରୁଛୁ ଯେ ଜରୁରିକାଳୀନ ଚିକିତ୍ସା ହେଉଛି ଆଧୁନିକ ସ୍ୱାସ୍ଥ୍ୟସେବାର ମୂଳାଧାର। ଏହି ଆଲୋଚନାଚକ୍ର ହେଉଛି ଆମର ଏହି ପ୍ରତିବଦ୍ଧତାର ପ୍ରମାଣ, ଯାହା ଆଗାମୀ ଦିନର ଜରୁରିକାଳୀନ ଚିକିତ୍ସା ପ୍ରଣାଳୀକୁ ଅଧିକ କାର୍ଯ୍ୟକ୍ଷମ, ସହଯୋଗମୂଳକ ଓ ନବପରିଚାଳିତ କରିବା ଲକ୍ଷ୍ୟରେ ଚିକିତ୍ସାର ଉତ୍ତମତାକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବ।

## ଆଇଟିଆର ଦାଖଲ ସମୟସୀମା ବୃଦ୍ଧି

ଭୁବନେଶ୍ୱର,୨୭।୫
(ଅନୁରାଧା ମହାରଣା)

ଆୟକର ବିଭାଗ ପକ୍ଷରୁ ଆୟକରଦାତାଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିଛି। ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ଆୟକର ରିଟର୍ନ (ଆଇଟିଆର) ଦାଖଲ ସମୟସୀମା ବୃଦ୍ଧି କରାଯାଇଛି। ଆଇଟିଆର୍ ଦାଖଲ କରିବାର ଶେଷ ତାରିଖ ଜୁଲାଇ ୩୧ରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଆଇଟିଆର ଫର୍ମରେ ବଡ଼ ପରିବର୍ତ୍ତନ, ସିଷ୍ଟମ ଅପଗ୍ରେଡ ଏବଂ ଟିଡିଏସ କ୍ରେଡିଟରେ ଥିବା ଅସଙ୍ଗତି ଯୋଗୁଁ ଆୟକର ରିଟର୍ନ ଦାଖଲ ସମୟସୀମା ବୃଦ୍ଧି କରିବାର ନିଷ୍ପତ୍ତି ନିଆଯାଇଛି। କରଦାତାମାନେ ସୁବିଧାରେ ସଠିକ ଭାବେ ସେମାନଙ୍କର ରିଟର୍ନ ଫାଇଲ ପାଇଁ ସମୟସୀମା ବୃଦ୍ଧି କରିବାକୁ ନିଷ୍ପତ୍ତି ନିଆଯାଇଛି। ଫର୍ମରେ ପରିବର୍ତ୍ତନ ସହିତ, ଆୟକର ଫାଇଲିଂ ପୋର୍ଟାଲରେ ସିଷ୍ଟମ ଅପଗ୍ରେଡ କାମ ମଧ୍ୟ ଚାଲିଛି। ଏହି ବୃଦ୍ଧି ପରେ ସେପ୍ଟେମ୍ବର୧୫ ସୁଦ୍ଧା ଆଇଟିଆର ଫାଇଲ କଲେ କରଦାତାକୁ କୌଣସି ପ୍ରକାରର ଜରିମାନା ଦେବାକୁ ପଡ଼ିବ ନାହିଁ। ଯେଉଁ କରଦାତା ଏବଂ ଛୋଟ ବ୍ୟବସାୟୀଙ୍କର ଆକାଉଣ୍ଟଗୁଡ଼ିକର ଅଡିଟ କରିବା ବାଧ୍ୟତାମୂଳକ ନୁହେଁ ଏହି ନିଷ୍ପତ୍ତି ସେମାନଙ୍କ ପାଇଁ ଲାଭ ଦାୟକ ହେବ।




# ପନ୍ତଙ୍କ ଶତକ, ଲକ୍ଷ୍ନୌର ବୃହତ୍ ସ୍କୋର



ଶତକୀୟ ଭାଗୀଦାରି ଅବସରରେ ରିଷଭ ପନ୍ତ ଓ ମିଚେଲ ମାର୍ଶ ।

**ଲକ୍ଷ୍ନୌ, ୨୭।୫**

ଚଳିତ ସିଜନରେ ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ୍)ର ଶେଷ ଲିଗ୍ ମ୍ୟାଚ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ମଧ୍ୟରେ ମଙ୍ଗଳବାର ଅନୁଷ୍ଠିତ ହେଉଛି। ଅଧିନାୟକ ରିଷଭ ପନ୍ତଙ୍କ ଶତକ ଓ ମିଚେଲ ମାର୍ଶଙ୍କ ସହ ଶତକୀୟ ଭାଗୀଦାରି ବଳରେ ଲକ୍ଷ୍ନୌ ୨୦ ଓଭରରେ ୩ ଉଇକେଟ ହରାଇ ୨୨୭ ରନ ସଂଗ୍ରହ କରିଛି। ପନ୍ତ ୬୧ ବଲ୍‌ରୁ ୧୧ ଚୌକା ଓ ୮ ଛକା ସହାୟତାରେ ୧୧୮ରନକରି ଅପରାଜିତ ରହିଛନ୍ତି। ଏହି ମ୍ୟାଚ ପରେ ପ୍ଲେ-ଅଫ୍ ଲାଇନ୍‌ଅପ୍ ଚୂଡ଼ାନ୍ତ ହୋଇଯିବ। କେଉଁ ଦୁଇ ଦଳ ଶୀର୍ଷରେ ରହି କ୍ୱାଲିଫାୟର-୧ ଖେଳିବେ ଏବଂ କେଉଁ ଅନ୍ୟ ୨ ଦଳ ଏଲିମିନେଟରକୁ ଯିବେ ତାହା ସ୍ପଷ୍ଟ ହୋଇଯିବ।

ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଆରସିବିର କାମଚଳା ଅଧିନାୟକ ଜୀତେଶ ଶର୍ମା। ଦଳର ଆରମ୍ଭ ଭଲ ହୋଇଥିଲା। ଲକ୍ଷ୍ନୌ ସ୍କୋର ୨୫ ଥିବାବେଳେ ୩ୟ ଓଭରର ୪ର୍ଥ ବଲ୍‌ରେ ମାଥ୍ୟୁ ବ୍ରିଜ୍‌କେଙ୍କୁ ଆଉଟ କରିଥିଲେ ଥୁଶରା। ବ୍ରିଜ୍‌କେ ୧୨ ବଲ୍‌ରୁ ୧୪ ରନ କରିଥିଲେ। ମାତ୍ର ଏଥିରୁ ଆରସିବି ବିଶେଷ ଫାଇଦା ଉଠାଇପାରି ନ ଥିଲା। ଓପନର ମିଚେଲ ମାର୍ଶଙ୍କ ସହ ଅଧିନାୟକ ରିଷଭ ପନ୍ତ ଯୋଗଦେଇ ଦ୍ରୁତ ହାରରେ ରନ ସଂଗ୍ରହ ସହ ଇନିଂସକୁ ଆଗେଇ ନେଇଥିଲେ। ଆଉ କୌଣସି କ୍ଷତି ହେବାକୁ ନ ଦେଇ ମାର୍ଶ ଓ ପନ୍ତ ଦଳର ସ୍କୋରକୁ ୫.୪ ଓଭରରେ ୫୦ ଓ ୯.୫ ଓଭରରେ ୧୦୦ ଟପାଇଥିଲେ। ପନ୍ତ ଏଠାରେ ମାତ୍ର ୫୪ ବଲ୍‌ରୁ ୧୦ ଚୌକା ଓ ୬ ଛକା ସହାୟତାରେ ଶତକ ପୂରଣ କରିଥିଲେ। ଚଳିତ ସିଜନରେ ଏହାଥିଲା ତାଙ୍କର ପ୍ରଥମ ଶତକ। ଏହା ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷ ଏକ ମ୍ୟାଚରେ କରିଥିବା ୬୩ ରନ ସର୍ବାଧିକ ଥିଲା। ଆଇପିଏଲ୍‌ରେ ପନ୍ତଙ୍କର ଏହା ଦ୍ୱିତୀୟ ଶତକ। ୨୦୧୮ରେ ସେ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ୬୩ ବଲ୍‌ରୁ ୧୨୮ ରନକରି ଅପରାଜିତ ରହିଥିଲେ। ମାର୍ଶ ଏଠାରେ ୩୭ ବଲ୍‌ରୁ ୬୭ ରନ କରି ଆଉଟ ହୋଇଥିଲେ। ତାଙ୍କ ଇନିଂସ ମଧ୍ୟରେ ୪ ଚୌକା ଓ ୫ ଛକା ସାମିଲ ଥିଲା। ପନ୍ତ ଓ ମାର୍ଶ ଦ୍ୱିତୀୟ ଉଇକେଟରେ ୭୮ ବଲ୍‌ରୁ ୧୫୨ ରନ ସଂଗ୍ରହ କରିଥିଲେ। ଆରସିବି ପକ୍ଷରୁ ନୂଆନ ଥୁଶରା, ଭୁବନେଶ୍ୱର କୁମାର ଓ ରୋମାରିଓ ଶେଫର୍ଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ୨୦ ଓଭରରେ ୨୨୭/୩ (ରିଷଭ ପନ୍ତ-୧୧୮*, ମିଚେଲ ମାର୍ଶ-୬୭, ନୂଆନ ଥୁଶରା-୧/୨୬, ଭୁବନେଶ୍ୱର କୁମାର-୧/୪୬, ରୋମାରିଓ ଶେଫର୍ଡ-୧/୫୧)।

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୧୪ | ୯ | ୪ | ୧ | ୧୯ | +୦.୩୭୨ |
| ଗୁଜରାଟ ଟାଇଟନ୍ସ | ୧୪ | ୯ | ୫ | ୦ | ୧୮ | +୦.୨୫୪ |
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୩ | ୮ | ୪ | ୧ | ୧୭ | +୦.୨୫୫ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୪ | ୮ | ୬ | ୦ | ୧୬ | +୧.୧୪୨ |
| ଦିଲ୍ଲୀ କ୍ୟାପିଟାଲ୍ସ | ୧୪ | ୭ | ୬ | ୧ | ୧୫ | +୦.୦୧୧ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୧୪ | ୬ | ୭ | ୧ | ୧୩ | -୦.୨୪୧ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୩ | ୬ | ୭ | ୦ | ୧୨ | -୦.୩୩୭ |
| କୋଲକାତା ନାଇଟ ରାଇଡର୍ସ | ୧୪ | ୫ | ୭ | ୨ | ୧୨ | -୦.୩୦୫ |
| ରାଜସ୍ଥାନ ରୟାଲ୍ସ | ୧୪ | ୪ | ୧୦ | ୦ | ୮ | -୦.୫୪୯ |
| ଚେନ୍ନାଇ ସୁପର କିଙ୍ଗ୍ସ | ୧୪ | ୪ | ୧୦ | ୦ | ୮ | -୦.୬୪୭ |

# ୩ ସେନା ମୁଖ୍ୟଙ୍କୁ ଆମନ୍ତ୍ରଣ

**ଆଇପିଏଲ୍ ଫାଇନାଲ**

**ନୂଆଦିଲ୍ଲୀ, ୨୭।୫(ପି.ଟି.)**

ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ଉଦ୍‌ଯାପନୀ ଉତ୍ସବ ଜୁନ୍ ୩ରେ ଅହମଦାବାଦରେ ଆୟୋଜନ ହେବ। ଏଥିରେ ଯୋଗଦାନ କରିବା ଲାଗି ଦେଶର ୩ ସେନା ମୁଖ୍ୟଙ୍କୁ ଆମନ୍ତ୍ରଣ କରିଛି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)। ନିକଟରେ ଅପରେଶନ ସିନ୍ଦୂରରେ ବୀରତ୍ୱର ପରାକାଷ୍ଠା ଦେଖାଇଥିବାରୁ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବ। ବିସିସିଆଇ ସମ୍ପାଦକ ଦେବଜିତ୍ ସାଇକିଆ ଏକ ଗଣମାଧ୍ୟମରେ ଏ ସମ୍ପର୍କରେ ଘୋଷଣା କରିଛନ୍ତି। କେବଳ ୩ ସେନା ମୁଖ୍ୟ ନୁହନ୍ତି, ବିଭାଗର କେତେଜଣ ଉଚ୍ଚପଦସ୍ଥ ଅଧିକାରୀ ଓ ସୈନିକଙ୍କୁ ମଧ୍ୟ ଆମନ୍ତ୍ରଣ କରାଯାଇଛି। ସାଇକିଆ କହିଛନ୍ତି, ନିଃସ୍ୱାର୍ଥପର ସେବା ଓ ଅଦମ୍ୟ ସାହସ ପାଇଁ ଦେଶର ସଶସ୍ତ୍ର ବଳକୁ ବିସିସିଆଇ ସଲାମ କରୁଛି। ଶ୍ରଦ୍ଧାଞ୍ଜଳି ଲାଗି ଆଇପିଏଲ୍‌ର ଉଦ୍‌ଯାପନୀ ଉତ୍ସବକୁ ସେମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରାଯିବ।

# ପ୍ରତିଷ୍ଠା ସର୍ବଶ୍ରେଷ୍ଠ ଶକ୍ତି ଉତ୍ତୋଳିକା

**ଜାତୀୟ ଜୁନିୟର ଶକ୍ତି ଉତ୍ତୋଳନ**

**ସୋମେନଙ୍କ ଜାତୀୟ ରେକର୍ଡ ସହ ଓଡ଼ିଶାକୁ ୧୨ ପଦକ**

**ଭୁବନେଶ୍ୱର, ୨୭।୫(ତପନ ସ୍ୱାଇଁ)**

ଗତ ୨୦ରୁ ୨୫ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରର କୋହ୍ଲାପୁରଠାରେ ଅନୁଷ୍ଠିତ ଜାତୀୟ ଜୁନିୟର ଓ ସବ୍‌ଜୁନିୟର ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ପ୍ରତିଯୋଗୀମାନେ ଭଲ ପ୍ରଦର୍ଶନ କରିଛନ୍ତି। ମହିଳା ଜୁନିୟର ୬୯ କେଜି ବର୍ଗରେ ପ୍ରତିଷ୍ଠା ସିଂ ସ୍ୱର୍ଣ୍ଣ ପଦକ ହାସଲ ସହ ବେଞ୍ଚ୍‌ପ୍ରେସ୍‌ରେ ଜାତୀୟ ରେକର୍ଡ କରିଛନ୍ତି। ଫଳରେ ସେ ସର୍ବଶ୍ରେଷ୍ଠ ଶକ୍ତି ଉତ୍ତୋଳିକା ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ପ୍ରତିଷ୍ଠା ସ୍କ୍ୱାଟ୍‌ରେ ରୌପ୍ୟ, ବେଞ୍ଚ୍‌ପ୍ରେସ୍‌ରେ ସ୍ୱର୍ଣ୍ଣ, ଡେଡ୍‌ଲିଫ୍ଟରେ ରୌପ୍ୟ ପଦକ ଜିତି ରାଜ୍ୟକୁ ଗର୍ବିତ କରିଛନ୍ତି। ଜୁନିୟର ୫୭ କେଜି ବର୍ଗ ଡେଡ୍‌ଲିଫ୍ଟରେ ଜ୍ୟୋତି ଖୋରା ଓ ଅନନ୍ୟା ଅନନ୍ଦିତା ଗିରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।

ସେହିଭଳି ପୁରୁଷ ବିଭାଗରେ ସୋମେନ ସେନାପତି ୬୬ କେଜି ଜୁନିୟର ବର୍ଗରେ ବ୍ରୋଞ୍ଜ ପଦକ ହାସଲ ସହ ବେଞ୍ଚ୍‌ପ୍ରେସ୍‌ରେ ଜାତୀୟ ରେକର୍ଡ କରିଛନ୍ତି। ବ୍ୟକ୍ତିଗତ ଲିଫ୍ଟରେ ସୋମେନ ବେଞ୍ଚ୍‌ପ୍ରେସ, ଡେଡ୍‌ଲିଫ୍ଟରେ ସ୍ୱର୍ଣ୍ଣ ଏବଂ ବ୍ରୋଞ୍ଜ, ପ୍ରିୟାଂଶୁ ପଟ୍ଟନାୟକ ୮୩ କେଜି ଜୁନିୟର ବର୍ଗର ସ୍କ୍ୱାଟ୍‌ରେ ବ୍ରୋଞ୍ଜ, ପ୍ରଜ୍ଞାନ ପ୍ରଧାନ ସବ୍‌ଜୁନିୟର ୧୦୫ କେଜି ବର୍ଗର ସ୍କ୍ୱାଟ୍ ଓ ଡେଡ୍‌ଲିଫ୍ଟରେ ରୌପ୍ୟ ଏବଂ ବ୍ରୋଞ୍ଜ ପଦକ ଜିତିଛନ୍ତି। ପଦକବିଜୟୀ ପ୍ରତିଯୋଗୀମାନଙ୍କୁ ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘର ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ଏବଂ ଅଧ୍ୟକ୍ଷ ଚିତ୍ତରଞ୍ଜନ ସ୍ୱାଇଁ ଅଭିନନ୍ଦନ ଜଣାଇଛନ୍ତି।



ଟ୍ରଫି ଓ ପଦକ ସହ ପ୍ରତିଷ୍ଠା ସିଂ।

# ୧୦,୦୦୦ ମିଟରରେ ଗୁଲ୍‌ବୀରଙ୍କୁ ସ୍ୱର୍ଣ୍ଣ



ଗୁଲ୍‌ବୀର ସିଂ

**ଏସିଆନ୍ ଆଥ୍‌ଲେଟିକ୍ସ**

**ଗୁମି, ୨୭।୫(ପି.ଟି.)**

ଜାତୀୟ ରେକର୍ଡଧାରୀ ଗୁଲ୍‌ବୀର ସିଂ ଏଠାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ୨୬ତମ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ପୁରୁଷ ୧୦,୦୦୦ ମିଟର ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ଦେଶ ପାଇଁ ପ୍ରଥମ ସ୍ୱର୍ଣ୍ଣ ଆଣିଦେଇଥିବା ବେଳେ ସର୍ଭିନ ସେବାଷ୍ଟିଆନ ୨୦ କି.ମି. ୱାକ୍ ରେସ୍‌ରେ ଏକ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ୨୬ ବର୍ଷୀୟ ଗୁଲ୍‌ବୀର ହେଉଛନ୍ତି ୨୦୨୩ ହାଙ୍ଗ୍‌ଝୋ ଏସିଆନ ଗେମ୍ସ ବ୍ରୋଞ୍ଜ ବିଜେତା। ଏଠାରେ ସେ ପ୍ରି-ରେସ୍ ଫେଭରିଟ୍ ଥିଲେ। ସେ ୨୮ ମିନିଟ୍ ୩୮.୬୩ ସେକେଣ୍ଡ ଟାଇମିଂ ସହ ତାଙ୍କର ପ୍ରଥମ ଏସିଆନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ଜିତି ପାରିଛନ୍ତି। ଜାପାନର ମିବୁକି ସୁଜୁକି(୨୮:୪୩.୮୪) ରୌପ୍ୟ ଓ ବାହାରିନ୍‌ର ଆଲବର୍ଟ କିବିଚି ରପ୍(୨୮:୪୬.୮୨)ଙ୍କୁ ବ୍ରୋଞ୍ଜ ମିଳିଛି। ପ୍ରତିଯୋଗିତାରେ ସାମିଲ ଥିବା ଅନ୍ୟ ଜଣେ ଭାରତୀୟ ସାୱ୍ ବାର୍‌ୱାଲ ୨୮:୫୦.୫୩ ଟାଇମିଂ ସହ ଚତୁର୍ଥ ସ୍ଥାନରେ ରହିଥିଲେ। ପ୍ରଥମ ଦିବସ ଶେଷସୁଦ୍ଧା ଭାରତ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ସହ ପଦକ ତାଲିକାରେ ଚାଇନା(୫ସ୍ୱର୍ଣ୍ଣ, ୨ରୌପ୍ୟ) ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଜାପାନ (୩ ରୌପ୍ୟ,୨ବ୍ରୋଞ୍ଜ) ୩ୟ ସ୍ଥାନରେ ରହିଛି। ଗୁଲ୍‌ବୀର କହିଛନ୍ତି, ସେ ତାଙ୍କ ପ୍ରଦର୍ଶନ ନେଇ ଖୁସି ଅଛନ୍ତି। ସ୍ୱର୍ଣ୍ଣ ପଦକ ହାସଲ କରିବା ଦ୍ୱାରା ବିଶ୍ୱ ର୍‍ୟାଙ୍କିଂ ତାଲିକାରେ ତାଙ୍କର ଉନ୍ନତି ଘଟିବ। ସେପ୍ଟେମ୍ବରରେ ହେବାକୁଥିବା ଟୋକିଓ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ ପାଇଁ ଏକ ଟିକେଟ ସୁଯୋଗ ଉଜ୍ଜ୍ୱଳ ହୋଇଛି। ପୁରୁଷ ୧୦,୦୦୦ ମିଟର ପାଇଁ ସ୍ୱାଭାବିକ କ୍ୱାଲିଫିକେଶନ ୨୭ ମିନିଟ୍ ରହିଛି। ତେବେ ଗରମ ପାଗ ଯୋଗୁ ସ୍ଥାନୀୟ ଆୟୋଜକ କମିଟି ତରଫରୁ ୧୦,୦୦୦ ମିଟର ଟ୍ରାକ୍ ରେସ୍‌ରେ ଏକ ୱାଟର ଷ୍ଟେଶନ ସ୍ଥାପନ କରାଯାଇଥିଲା।

# ଭାରତୀୟ ଗେଟ୍‌ବଲ ୟୁନିୟନ ଦଳକୁ ସ୍ୱର୍ଣ୍ଣ

**ୱାର୍ଲ୍ଡ ମାଷ୍ଟର୍ସ ଗେମ୍**

**ଭୁବନେଶ୍ୱର, ୨୭।୫(ତପନ ସ୍ୱାଇଁ)**

ତାଇୱାନ୍‌ର ତାଇପେଠାରେ ଗତ ୨୨ରୁ ୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ୱାର୍ଲ୍ଡ ମାଷ୍ଟର୍ସ ଗେମ୍‌ରେ ଭାରତୀୟ ଗେଟ୍‌ବଲ ୟୁନିୟନ(ଆଇଜିୟୁ) ଦଳ ସ୍ୱର୍ଣ୍ଣ ପଦକ ହାସଲକରି ଇତିହାସ ରଚିଛି। ଓଡ଼ିଶାର ୪ ଖେଳାଳି ଭାରତୀୟ ଦଳର ସଦସ୍ୟ ଥିଲେ। ସେମାନେ ହେଲେ ଦୈପାୟନ ପଟ୍ଟନାୟକ, ଉମାକାନ୍ତ ପାଣି, ସର୍ବେଶ୍ୱର ବ୍ରହ୍ମାନନ୍ଦ ମହାପାତ୍ର ଓ ଦିଲୀପ କୁମାର ଷଡ଼ଙ୍ଗୀ। ଭାରତୀୟ ଦଳ ପ୍ରତିଦ୍ୱନ୍ଦ୍ୱୀ ଅନ୍ୟ ସମସ୍ତ ଦଳ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ କରି ଅପରାଜେୟ ରହିଥିଲା। ସ୍ୱର୍ଣ୍ଣ ବିଜୟୀ ଭାରତୀୟ ଦଳ ମଙ୍ଗଳବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବା ପରେ ଭବ୍ୟ ସ୍ୱାଗତ କରାଯାଇଛି। ବିମାନବନ୍ଦରରେ ସାମାଜିକ କର୍ମୀ ଦଣ୍ଡଧର ପାଣିଙ୍କ ସମେତ ଆଇଜିୟୁ ପକ୍ଷରୁ ଉପସଭାପତି ସଞ୍ଜୀବ ପରିଡ଼ା, କୋଷାଧ୍ୟକ୍ଷ ଶରତ ପାତ୍ର, ଗିରଜା ଏଜାଜ, ବିଷ୍ଣୁପ୍ରିୟା ବେହେରା, ରଞ୍ଜିତାରାଣୀ ବେହେରା ଏବଂ ଆଇକନିକ୍ ପ୍ରତିଷ୍ଠାତା ସଞ୍ଜୟ ଚୌଧୁରୀ ଏବଂ କ୍ରାଫ୍ଟସର ଟ୍ରଷ୍ଟି ଇତିଶ୍ରୀ ଦାଶ ପ୍ରମୁଖ ଉପସ୍ଥିତ ରହି ଆଇଜିୟୁ ଦଳକୁ ସ୍ୱାଗତ ସହ ସମ୍ବର୍ଦ୍ଧନା ଜଣାଇଥିଲେ।

ପ୍ରକାଶଯୋଗ୍ୟ, ବିଶ୍ୱ ମାଷ୍ଟର୍ସ ଗେମ୍-୨୦୨୫ରେ ଗେଟ୍‌ବଲ ସହ ମୋଟ ୩୫ଟି ଇଭେଣ୍ଟରେ ପ୍ରତିଯୋଗିତା ହୋଇଥିଲା। ତାଇୱାନ୍‌ର ୬୧ଟି କ୍ରୀଡ଼ାଙ୍ଗନରେ ୧୦୮ ଦେଶର ପାଖାପାଖି ୨୫,୦୪୯ ପ୍ରତିଯୋଗୀ ବିଭିନ୍ନ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ।



ୱାର୍ଲ୍ଡ ମାଷ୍ଟର୍ସ ଗେମ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ଆଇଜିୟୁ ଦଳ।

# ମାଡ଼ିଗଲା କାର୍: ୪୭ ଆହତ, ୪ ଗୁରୁତର

**ଲିଭରପୁଲ ବିଜୟ ଉତ୍ସବ**

**ଲିଭରପୁଲ,୨୭।୫(ଏପି)**

ଇଂଲିଶ ପ୍ରିମିୟର ଲିଗ୍ ଚାମ୍ପିୟନ ଲିଭରପୁଲ କ୍ଲବର ବିଜୟ ଉତ୍ସବ ଚାଲିଥିବା ବେଳେ ସୋମବାର ଏକ ମିନି ଭ୍ୟାନ ପ୍ରଶଂସକଙ୍କ ଉପରେ ମାଡ଼ି ଯାଇଥିଲା। ଏହି ଘଟଣାରେ ୪୭ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି। କିନ୍ତୁ ଏହା ଆତଙ୍କବାଦ ସମ୍ପର୍କୀତ ଘଟଣା ନୁହେଁ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ୫୩ ବର୍ଷୀୟ ବ୍ରିଟିଶ ନାଗରିକଙ୍କୁ ଲିଭରପୁଲ ଅଞ୍ଚଳରୁ ଗିରଫ କରାଯାଇଛି। ପୋଲିସ କହିବା ଅନୁଯାୟୀ, ଉକ୍ତ ବ୍ୟକ୍ତି ହିଁ ପ୍ରଶଂସକଙ୍କ ଏକ ବଡ଼ ଗୋଷ୍ଠୀକୁ ଧକ୍କା ଦେଇଥିବା କାର ଚଳାଉଥିଲେ। ତେବେ ଚାଳକଙ୍କ ପରିଚୟ ପ୍ରକାଶ କରାଯାଇନାହିଁ। ବ୍ରିଟେନରେ ଦୋଷ ପ୍ରମାଣ ନହେଲା ପର୍ଯ୍ୟନ୍ତ ସନ୍ଦିଗ୍ଧଙ୍କ ନାମ ପ୍ରଘଟ କରାଯାଏ ନାହିଁ। ଲିଭରପୁଲ ଦଳର ଖେଳାଳିମାନେ ଏକ ଖୋଲା ବସ୍‌ରେ ପ୍ରିମିୟର ଲିଗ୍ ଚାମ୍ପିୟନଶିପ୍ ବିଜୟ ଉତ୍ସବ ପାଳନ କରିବା ପରେ ପ୍ରଶଂସକଙ୍କ ଭିଡ ଉପରେ ମିନି ଭ୍ୟାନ ମାଡ଼ି ଯାଇଥିଲା। ଆହତଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତରଥିବା ଲିଭରପୁଲ ସହର ମେଟ୍ରୋ ମେୟର ଷ୍ଟିଭ ରୋଥରଆମ କହିଛନ୍ତି। ନର୍ଥ ୱେଷ୍ଟ ଆମ୍ବୁଲାନ୍ସ ସର୍ଭିସ ପକ୍ଷରୁ କୁହାଯାଇଛି ଯେ, ମୋଟ ଉପରେ ୪୭ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୭ ଜଣଙ୍କୁ ସ୍ଥାନୀୟ ହସ୍ପିଟାଲ ନିଆଯାଇଥିଲା। ୨୦ ଜଣଙ୍କର ଘଟଣାସ୍ଥଳରେ ଚିକିତ୍ସା କରାଯାଇଥିଲା। ଏହି ଘଟଣାରେ କାହାରି ମୃତ୍ୟୁ ହୋଇ ନାହିଁ। ୪ ଛୁଆ ଗୁରୁତର ଆହତ ହୋଇଛନ୍ତି। ସେମାନେ ଭ୍ୟାନ ତଳେ ଚାପି ହୋଇ ରହିଯାଇଥିଲେ। ଅଗ୍ନିଶମ କର୍ମଚାରୀ ସେମାନଙ୍କୁ ଉଦ୍ଧାର କରିଥିଲେ।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ